
ଋତମ-3

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


❀ ପ୍ରଥମ ପୁଷ୍ପ ❀ ତୃତୀୟ ପାଖୁଡ଼ା ❀ କେଶବାବ୍ଦ : ଊନଚତ୍ୱାରିଂଶ ❀

ସଂପାଦକ : କେଶବଦାସ ॥

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ॥

ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, କଟକ ॥

ଗ୍ରାଫିକ୍ସ : ରସଦ୍ ଏଡ୍ ଏଜେନ୍ସି, ମହତାବ ରୋଡ୍, କଟକ, ଫୋନ୍ - 2311431

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ : ୭୫୪୨୦୬
ଫୋନ୍: (୦୬୭୧) ୨୭୬୭୧୦୧

ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଜଗନ୍ନାଥ ପ୍ରୋସେସ୍, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥

❀ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❀ ବାର୍ଷିକ ଗ୍ରାହକ ଦେୟ : ନବେ ମୁଦ୍ରାଞ୍ଜଳି ❀

✻ କେଶବାବ୍ଦ : ଏକପଞ୍ଚାଶିଂଶତ୍ ✻ ଆବିର୍ଭାବ ମାସ ✻ ଇନ୍ଦୁ ପୂର୍ଣ୍ଣିମା ✻

# ପ୍ରବେଶ ପରିଚିତି


✻ ପ୍ରଥମ ପୁଷ୍ପ ✻
ଦ୍ୱିତୀୟ ପାଖୁଡ଼ା
ତୃତୀୟ ସଂଖ୍ୟା

ମହକ ମୁଦ୍ରଣ : କେଶବାବ୍ଦ ୫୧ ଇନ୍ଦୁ ପୂର୍ଣ୍ଣିମା ତା୧୮.୯.୨୦୦୫ରିଖ


✻ ବୈଦିକ ପ୍ରାର୍ଥନା ✻

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳା ଚରଣ | ୧ |
| ଗୁରୁ ବନ୍ଦନା | ୧ |
| ପ୍ରାର୍ଥନା | ୨ |
| **ସିଂହଦ୍ୱାର** | |
| ଅଥ ଶ୍ରୀ କେଶବାଷ୍ଟକମ୍ | ୩ |
| କରୁଛି ସମର୍ପଣ କର ଗ୍ରହଣ | ୪ |
| ଉଦ୍‌ବୋଧନୀ ସଂଗୀତ | ୫ |
| **ମୁଖଶାଳା** | |
| ସଂପାଦକୀୟ | ୬ |
| ଚରମର ପ୍ରଚ୍ଛଦପଟ ସଂପର୍କରେ | ୮ |
| ଆମର ଲକ୍ଷ୍ୟ : ''ଚରମ ପ୍ରାପ୍ତି'' | ୧୨ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ ! | ୧୫ |
| ପୁରାଣ ପୃଷ୍ଠାରୁ : ଗନ୍ଧାଂଶ ଓ ମୀମାଂସା | ୧୬ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : 'ମୋହ' | ୨୨ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୨୮ |
| ଉତ୍ତିଷ୍ଠତ ! ଜାଗ୍ରତ !! | ୩୧ |
| ଆଧ୍ୟାତ୍ମିକ ପ୍ରବନ୍ଧ | ୩୪ |
| ଜିଜ୍ଞାସା : ଜିଜ୍ଞାସୁ : | ୩୮ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୪୨ |
| କେଶବ କୈବଲ୍ୟ କଳିକା | ୪୬ |
| ଶ୍ରୀଠାକୁରଙ୍କ ଦର୍ଶନତତ୍ତ୍ୱରୁ ଚେତାଏ | ୪୭ |
| କଲ୍ୟାଣ ଦେଖି ହୋଇବ | ୪୮ |
| ଭବିଷ୍ୟତବାଣୀର ବ୍ୟାଖ୍ୟା | ୫୨ |
| **ନୀଳଚକ୍ର** | |
| ଆଶ୍ରମ ସନ୍ଦେଶ | ୫୬ |


## -ପତ୍ରିକାର ବ୍ୟବହାର ବିଧି-

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନୀ ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. 'ଚରମ'ର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

—ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ

## ମଙ୍ଗଳାଚରଣ





ଦୀନାଧରା ଦୁଷ୍କୃତି-ଭାର-ଘୂର୍ଣ୍ଣ୍ୟ
ଚିତ୍ତଦ୍ରୁତା ବାଷ୍ପ-ନିରୁଦ୍ଧ-ନେତ୍ରା ।
ଆତ୍ମୟନ୍ତଂ ଯୁଗପୁରୁଷମାଦ୍ୟଂ
ଶ୍ରୀକେଶବ ତ୍ୱଂ କରୁଣା ପ୍ରପଦେ ॥

## ଗୁରୁ ବନ୍ଦନା

ବନ୍ଦେ ଗୁରୁ ପଦାମ୍ବୁଜ ବନ୍ଦେ ଗୁରୁସ୍ୱାମୀ, ଭାବଗ୍ରାହୀ ଭକ୍ତବନ୍ଧୁ ଦେବ ଅନ୍ତର୍ଯ୍ୟାମୀ ॥୦୧॥
ତୁମ କୃପା ତୁମ ଦୟା ବିନା ସବୁ ତୁଚ୍ଛ, ତୁମ ବିନା ଏ ଜୀବନ ହୋଇଥାଏ ମିଛ ॥୦୨॥
ଦୟାମୟ କୃପାମୟ ସର୍ବ ଘଟେ ଥାଇ, ପ୍ରତିକ୍ଷଣ ଡାକୁଛନ୍ତି ଆସ ସର୍ବେ ଧାଇଁ ॥୦୩॥
ଜୀବନର ଜନ୍ମ ଜନ୍ମାନ୍ତର ଯେତେ ପାପ, ସବୁ ପୋଛି ଦେଇ ସେ ଯେ କରିବେ ନିଷ୍ପାପ ॥୦୪॥
ତାଙ୍କରି ଭିଆଣ ମାୟା ଘେରିଛି ସଂସାର, ତାଙ୍କ ନାମ ସ୍ମରି ପୁତ୍ର ହୋଇଯିବ ପାର ॥୦୫॥
ଆପଣା ବଚନେ ପ୍ରଭୁ କରିବାକୁ ମୁକ୍ତ, ଆପଣା ମାୟାରେ ଆପେ ହୋଇଲ ସମ୍ଭୃତ ॥୦୬॥
ତ୍ୟାଗ କରି ରାସକ୍ଷେତ୍ର ସେ ଗୋଲୋକ ଧାମ, ପ୍ରକୃତି ପୁରୁଷ ଦୁଇ କଲ ଏକ ବ୍ରହ୍ମ ॥୦୭॥
ଯୁଗଲୀଳା ରଚିବାକୁ କେତେ କଷ୍ଟ ସହି ସନ୍ତାନବତ୍ସଳ ହରି ସୁଖ ତେଜି ଦେଇ ॥୦୮॥
ଅନନ୍ତର ତୁଳିତଳ୍ପ ଶଯ୍ୟା ତ୍ୟାଗ କରି, କ୍ଷୀରାବ୍ଧୀ ସାଗର ସୁତା ମୋହ ତୁଚ୍ଛ କରି ॥୦୯॥
ସରଗ ରାଇଜ କରି ମାୟାର ସାଗର, ଓହ୍ଲାଇ ଆସିଛ ସ୍ୱାମୀ ଏହି ମର୍ତ୍ତ୍ୟପୁର ॥୧୦॥
''କାହିଁଗଲେ କାହିଁଗଲେ'' ପଡ଼ିଛି ଚହଳ, ଏ ଠାବେ ଲଗାଇ ଅଛ ଭଗତ ଗହଳ ॥୧୧॥
ବାନ୍ଧି ମାୟାର ପଟଳ ସର୍ବ ନୟନରେ, ଗୁପତେ ଖେଳୁଛ ରହି ଜରିଆ କୂଳରେ ॥୧୨॥
ଧରିଅଛ ମାୟାରୂପ ମାନବ ଶରୀର, ସ୍ୱଭାବେ କରୁଛ ସବୁ ମାନବ ବେଭାର ॥୧୩॥
ତ୍ୟାଗକରି ପରମ ବ୍ରହ୍ମ କୈବଲ୍ୟର ଅଙ୍ଗ, ଗୁରୁଅଙ୍ଗେ କରୁଅଛ କେତେ ଲୀଳାରଙ୍ଗ ॥୧୪॥
କଳିଯୁଗେ କଳିକାଳେ କୈବଲ୍ୟ ମହାତ୍ମ୍ୟ, କେ ବୁଝିବ ନରନାରାୟଣର ମାହାତ୍ମ୍ୟ ॥୧୫॥
ସେଥିଯୋଗୁଁ ଗୁରୁଅଙ୍ଗ କରିଛ ଧାରଣ, ଗୁରୁ ଯେଣୁ ସତ୍ୟ ସନାତନ ପରଂବ୍ରହ୍ମ ॥୧୬॥
ଅରୂପ ସ୍ୱରୂପ, ନିରାକାର ଆକାରରେ, ପରଂଭାବ ମହେଶ୍ୱର ନରଶରୀରରେ ॥୧୭॥
ଧରାପୃଷ୍ଠେ ଅବତରି ଗୋପନରେ ରହି, ଲୀଳାପ୍ରସଙ୍ଗ ପ୍ରେମରେ ନେଇଅଛ ବାହି ॥୧୮॥
ଗୋପନୀୟ ତତ୍ତ୍ୱ ଭରି ନାମକୁ ବହିଲ, 'କେଶବ' 'କେଶବ' ବୋଲି ଭାଷା ଫୁଟାଇଲ ॥୧୯॥
ଧନ୍ୟ ସେ ଜରିଆ ଧନ୍ୟ ବଗାର, ମାହାଙ୍ଗା, ଧନ୍ୟ ପିତା ମାତା ଧନ୍ୟ ସେହି ଗୁପ୍ତ ଗଙ୍ଗା ॥୨୦॥

❑❑❑

# ପ୍ରାର୍ଥନା

*ଏହି ପ୍ରାର୍ଥନା ସ୍ୱର୍ଣ୍ଣକ୍ଷେତ୍ରରେ, ବିଭିନ୍ନ ଶାଖାରେ, ସତ୍ସଙ୍ଗରେ ତଥା ପ୍ରତ୍ୟେକ ଗୃହରେ ଧାରାଧାରୀ ଭାଇ ଭଉଣୀମାନେ ସଂଜେ ସକାଳେ ଗୁରୁବନ୍ଦନା ପରେ ବୋଲନ୍ତି ଏବଂ ପ୍ରାର୍ଥନା ପରେ ଧ୍ୟାନ କରନ୍ତି । ଭାଇ ଭଉଣୀମାନଙ୍କର ଆଗ୍ରହ ହେତୁ ଓ ଅବଗତି ନିମନ୍ତେ ଏହା ତୃତୀୟ ପାଖୁଡ଼ାରେ ପତ୍ରସ୍ଥ ହେଲା । ଯେ କୌଣସି ବ୍ୟକ୍ତି ଏହା ସଂଜେ ସକାଳେ ବୋଲି ପାରିବେ । ପ୍ରାର୍ଥନା ବୋଲିବାରେ କୌଣସି ବାରଣ ନାହିଁ । ସ୍ଥାନ, କାଳ ବିବେଚନା କରି ଶୁଦ୍ଧ ଚିତ୍ତରେ ବୋଲିବାକୁ ଅନୁରୋଧ ॥*

ସେହିପଥେ ମୋତେ ନେଇ ଯାଅ ପ୍ରଭୁ ।
ଯେଉଁଠି କଲ୍ୟାଣ ହେବ ॥
ସେହି ବୁଦ୍ଧି ମୋତେ ଦେଉଥାଅ ପ୍ରଭୁ ।
ଯହିଁରେ ମଙ୍ଗଳ ହେବ ॥
ସେହି ପଥେ ମୋତେ ନେଉଥାଅ ପ୍ରଭୁ ।
ସେହି ପଥେ ମୋତେ ନିଅ ॥୦॥

ସେହି ଭାଷା ମୋର କଣ୍ଠରେ ଦିଅ ହେ
ଯେଉଁଟି ମଧୁରତମ,
ସେହି କର୍ମଧାରା ମନରେ ଦିଅ ମୋ
ଯେଉଁଟି ପରମତମ;
ସେହିପଥେ ମୋତେ ନେଇ ଯାଅ ପ୍ରଭୁ ।
ସେଇ ପଥେ ମୋତେ ନିଅ ॥୧॥

ସେହି ରୂପ ମୋତେ ଦର୍ଶନ କରାଅ
ଯେଉଁଟି ସୁନ୍ଦର ତମ,
ସେହି ପଦ ଯୁଗ୍ମ ଦର୍ଶନ କରାଅ
ଯେଉଁଠି ପରମ ଧାମ;
ସେହି ପଥେ ମୋତେ ନେଇଯାଅ ପ୍ରଭୁ
ସେଇ ପଥେ ମୋତେ ନିଅ ॥୨॥

ସେହି ବୁଦ୍ଧି ମୋତେ ଦେଉଥାଅ ପ୍ରଭୁ
ଯହିଁରେ ମଙ୍ଗଳ ହେବ ।
ସେହି ପଥେ ମୋତେ ନେଉ ଥାଅ ପ୍ରଭୁ
ସେହି ପଥେ ମୋତେ ନିଅ ॥୦॥

❑❑❑




## ଅଥ ଶ୍ରୀ କେଶବାଷ୍ଟକମ୍

ନବ ଶ୍ୟାମ ଦୁର୍ବାଦଳ କାନ୍ତିନିଭମ୍
ପୀତ ଅମ୍ବର ବେଷ୍ଟିତ ମନୋହରମ୍
ପାଦ ପଦ୍ମ ଛନ୍ଦାଙ୍କିତ ସୁରୁଚିରମ୍
ଯଦୁନନ୍ଦନ କେଶବ ବ୍ରହ୍ମରୂପମ୍ ॥୧॥

ଜୟକୃଷ୍ଣ କେଶବ ସୁକାନ୍ତି ସୁତମ୍
ଜୟ ଭାବଗ୍ରାହୀ ଭକ୍ତ କଳ୍ପତରୁମ୍
ଜୟ କରୁଣା ସାଗର କାରୁଣିକମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୨॥

ରକ୍ତ ଅଧର ଶୋଭିତ ସ୍ମିତ ହାସମ୍
ନୀଳ ନୟନ ରଞ୍ଜିତ ପ୍ରେମ ଧାରମ୍
କମଳଦଳ କୋମଳ ଦିବ୍ୟ ତନୁମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୩॥

ସୂକ୍ଷ୍ମ ଅବ୍ୟକ୍ତ କାରଣ ପରାତ୍ପରମ୍
ସ୍ଥୂଳବ୍ୟକ୍ତ ନାରାୟଣ ନରତନୁମ୍
ଦାଶରଥି ବାସୁଦେବ ଯଦୁସୁତମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୪॥

ଆଜାନୁତଳ ଲମ୍ବିତ ମହାବାହୁମ୍
ଶଙ୍ଖ, ଚକ୍ର, ଗଦା, ପଦ୍ମ ବିଭୂଷଣମ୍
ଦୟା ବିଗଳିତ ହୃଦ କାରୁଣିକମ୍
ଯଦୁନନ୍ଦନ କେଶବ ବ୍ରହ୍ମରୂପମ୍ ॥୫॥

ଭକ୍ତଜନ ବନ୍ଦନୀୟ ପାଦପୀଠମ୍
ସ୍ୱର୍ଣ୍ଣ ନୂପୁର ଚିହ୍ନିତ ଛନ୍ଦାପଦମ୍
ସୂକ୍ଷ୍ମ ଭାବ ବିନିମୟ ସୁକୌଶଳମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୬॥

ନିତ୍ୟସତ୍ୟ ସନାତନ ସୁପୁରୁଷମ୍
ସଦା ଯୁଗଳ ଶରୀର ନରଦେହମ୍
ଜୟ ପ୍ରକୃତି ପୁରୁଷ ଦିବ୍ୟତନୁମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୭॥

ବନ୍ଦେ ଭକ୍ତ ବନ୍ଧୁ ଭକ୍ତ ପରାୟଣମ୍
ବନ୍ଦେ ଶ୍ରୀକୃଷ୍ଣ କେଶବ ନାରାୟଣମ୍
ବନ୍ଦେ ସୁକାନ୍ତି ତନୟ ପଦଯୁଗମ୍
ଯଦୁ ନନ୍ଦନ କେଶବ ବ୍ରହ୍ମରୂପମ୍ ॥୮॥

# କରୁଛି ସମର୍ପଣ କର ଗ୍ରହଣ

ଛନ୍ଦାଚରଣେ ଛନ୍ଦି ଜୀବନ ମୋର,
ତୋପୂଜା ଉପଚାର ସାଜି ସତ୍ୱର,
ତୋର ଅର୍ଚ୍ଚନା ପାଇଁ ଏ ମୋ ଜୀବନ;
କରୁଛି ସମର୍ପଣ କର ଗ୍ରହଣ ॥୧॥

ଜଳିବି ପାଦପୀଠେ ସଳିତା ହୋଇ,
ନିଶ୍ଚିନ୍ତେ ପାଦପଦ୍ମେ ଲୟରେ ରହି,
ଧୂପ ହୋଇ ଜଳିବି ପଦ ପ୍ରାନ୍ତରେ;
ନୀରବେ ବୀଜମନ୍ତ୍ର ଜପି ଅନ୍ତରେ ॥୨॥

ସଞ୍ଜ ସକାଳେ ପାଦେ ଯିବି ମୁଁ ଝରି
ଫୁଲ ହୋଇ ଅଞ୍ଜଳି ଦେବି ମୁଁ ଭରି,
ନୟନୁ ନୀର ହୋଇ ପଡ଼ି ମୁଁ ଖସି;
ଧୋଇବି ତମ ପଦ ସୁଖରେ ହସି ॥୩॥

ରସାଳ ଫଳ ହୋଇ ହୋଇବି ଭୋଜ୍ୟ,
ପୂଜା ମୁଁ କରୁଥିବି ନୋହି କା' ପୂଜ୍ୟ,
ପାଦେ ପାଦୁକା ହୋଇ କାଟିବି ଦିନ;
ଶ୍ରୀ ପାଦପଦ୍ମ ସେବି ହୋଇ ମୁଁ ଦୀନ ॥୪॥

ଚନ୍ଦନ ହୋଇ ତିଳ ତିଳ ସରିବି,
ତୋ ପୂଜା ଉପଚାର ମୁଁ ଯେ ହୋଇବି,
ତୁଳସୀଦଳ ହୋଇ ପୂଜାରେ ଲାଗି;
ତୋ ତନୁ ସୁଖଲାଭେ ହୋଇବି ଭାଗୀ ॥୫॥

ଆସନ ପଦାସନ ହୋଇବି ମୁହିଁ,
ପରଶ ତୋର ପାଇ ତୋ ପଦ ଚାହିଁ,
ତୋ ପୂଜା ଅରଚନା ନୈବେଦ୍ୟ ହୋଇ;
ରହି ଦେହ-କାରାରେ ଦେହୀକୁ ବୋହି ॥୬॥

ବକୁଳ ମାଳାହୋଇ ଗଳାରେ ତୋର,
ଲମ୍ବିଯିବି ମୁଁ ତୋତେ କରି ସୁନ୍ଦର,
ପୀତ ବସନ ହୋଇ କଟୀରେ ଶୋଭି;
ଭକତ ଜନ ଗଣେ କରିବି ଲୋଭୀ ॥୭॥

ତୋ ଆଚମନ ଅର୍ଥେ ହୋଇ ମୁଁ ଜଳ,
ଭୋଗିବି ଲେଖା ଯାହା କରମ ଫଳ,
ମୁଖ ଶୁଦ୍ଧି ନିମନ୍ତେ ନାଗବଲ୍ଲରୀ,
ହୋଇ ତୋଷିବି ସିନା ମନ ତୋହରି ॥୮॥

ଶଯ୍ୟା ମୁଁ ହୋଇ ତୋତେ ଧରିବି କୋଳେ,
ଶୟନ କରିବୁ ତୁ ଆନନ୍ଦ ଭୋଳେ ।
ତୋ ସେବା ପାଇଁ ମୋର ଦୀନ ଜୀବନ;
କରୁଛି ସମର୍ପଣ କର ଗ୍ରହଣ ॥୯॥

❑ ❑ ❑

ଉଦ୍‌ବୋଧନୀ ସଙ୍ଗୀତ :

## ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ଃଃଃ

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ (୨) ।।୦।।

ଘୋର କଳିକାଳଶେଷେ ଘୋଟିଅଛି ଦୁର୍ବିପାକ,
ନୀତିହୀନ ଭ୍ରଷ୍ଟାଚାରୀ ହୋଇଛନ୍ତି ପୃଥ୍ୱୀଯାକ;
ନାହିଁ ନ୍ୟାୟ ନାହିଁ ଧର୍ମ ନାହିଁ ନୀତି ମୁକତି ନାହିଁ,
ମାୟାପାଶ ବନ୍ଧନରେ ବାନ୍ଧିହେଲେ ଶାନ୍ତି କାହିଁ ?
ଅଶାନ୍ତିରେ ସଢ଼ି ସଢ଼ି ଦୁଃଖକଷ୍ଟ ନରଭୋଗେ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୧।।

ସତସଙ୍ଗ ଛାଡ଼ି ଦୂରେ ଅସତରେ ସଙ୍ଗ କରି,
ମାୟା ବିଜଡ଼ିତ ଜୀବ ସୁଖ ଖୋଜେ ତନୁ ଧରି;
ଦେହ ଅଭିମାନୀ ନର ସ୍ଥୂଳ ଦେହେ ବାନ୍ଧିହୋଇ,
ଦିବାନିଶି ଚକ୍ଷୁନୀରେ ଦୁଃଖେ ହେଉଅଛି ଧୋଇ;
ନିଜ କରଣୀ ଫଳରୁ ଏ ମାନବ ଦୁଃଖ ଭୋଗେ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୨।।

ନରଦେହେ ଅସୁରର ଗୁଣରାଜି ଉଠେ ଫୁଟି,
ଧୀରେ ଧୀରେ ସଂସାରରୁ ସତ୍ୟଧର୍ମ ଯାଏ ତୁଟି;
ଅଧର୍ମର ପ୍ରଭାବରୁ ସାଧୁସନ୍ଥ ଡାକେ ତ୍ରାହି,
ଅନ୍ଧକାର ଛିନ୍ନ କରି ତେଜରାଶି ଆସେ ବହି;
ତେଜପୁଞ୍ଜ ଦର୍ଶନରେ ସାଧୁଆତ୍ମା ସୁଖ ଭୋଗେ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୩।।

ଦୁଷ୍କୃତର ପୀଡ଼ନରେ ଧରା ହୁଏ ବିଚଳିତ,
ଅଧର୍ମର ସ୍ରୋତ ଛୁଟେ ଧରାବୁକେ ଅବିରତ;
ଗୁରୁ ଲଘୁ ଜ୍ଞାନଶୂନ୍ୟ ଅମୃତର ପୁତ୍ର ଆଜି,
ସମାଜର ନିୟମକୁ ଅନାଚାରେ ଦିଏ ଭାଜି;
ଅଗଣିତ ନରନାରୀ ଏ ଫଳରୁ ସଢ଼େ ରୋଗେ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୪।।

କଳିଶେଷେ ଆସିଛନ୍ତି ଅବତରି ଶ୍ରୀକେଶବ,
ବ୍ରହ୍ମ ଅବତାର ସେ ଯେ ଯଦୁନନ୍ଦନ ମାଧବ;
ଦୁଷ୍ଟନାଶି ଶିଷ୍ଟପାଳି ଧର୍ମସଂସ୍ଥାପନ କରି,
ଧରାଧାମୁ ଅଧର୍ମର ମୂଳ କାରଣରୁ ମାରି;
ଡାକୁଛନ୍ତି: ଆସପାଶେ ଆସକିଏ ଦୁଃଖ ଭୋଗେ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୫।।

❑❑❑

# ମୁଖଶାଳା

## ସମ୍ପାଦକୀୟ

ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

**କ**ଠୋର ପରୀକ୍ଷାର ସମୟ ଉପନୀତ । କେତେ ଆସିବେ, କେତେ ଯିବେ, ମାତ୍ର ନିତ୍ୟ-ସତ୍ୟ-ସନାତନ-ଧର୍ମଧ୍ୱଜା ଗଗନ ମଣ୍ଡଳରେ ଉଡୁଥିବ, ଓଁକାର ଧ୍ୱନିରେ ଗଗନ ପବନ ମୁଖରିତ ହେଉଥିବ, ସତ୍ୟ ସନ୍ଧାନୀ ମାନଙ୍କର ସକଳ ଭକ୍ତାଞ୍ଛାର ପୂର୍ତ୍ତି ହେବ, ଏହା ଧ୍ରୁବ ସତ୍ୟ । ଇଚ୍ଛାମୟ ପ୍ରଭୁଙ୍କର ଜଗତ କଲ୍ୟାଣ ଓ ଜୀବୋଦ୍ଧାର କାର୍ଯ୍ୟକ୍ରମର ଅନ୍ତ ନାହିଁ । କେବଳ ସେହି ମହତ୍ ଇଚ୍ଛାରେ ଆମ୍ଭେମାନେ ଆପଣା ଆପଣାର ଇଚ୍ଛାକୁ ମିଳେଇ ପାରିଲେ ସକଳ ସମସ୍ୟାର ଆଶୁ ସମାଧାନ ହୋଇଯିବ; ନତୁବା ଯାହା ହେବାର ଅଛି, ତାହା ବିଳମ୍ବରେ ହେଲେ ମଧ ହେବାି ସୁନିଶ୍ଚିତ ।

**ଖ**ଣ୍ଡିତ କର୍ମଧାରା ନେଇ ଅନେକେ ଅହଂକାରୀ । ଯୁଗୋପଯୋଗୀ କର୍ମଧରା ଆଜି ଧର୍ମ, ଅଧ୍ୟାତ୍ମର ପରମାର୍ଥ ଜଗତରେ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ପ୍ରବର୍ତ୍ତନ କରି ସାଧନା ମାର୍ଗର ସହଜ ସରଳ ପଦ୍ଧତି ମନୁଷ୍ୟ ସମାଜକୁ ଦେଇଅଛନ୍ତି । ତଦ୍‌ବିଧି ପାଳନ ଓ ପ୍ରଣିପାତ ସୂତ୍ରରେ ଈଶ୍ୱରୋପଲବ୍ଧି ଓ ଜଗତକଲ୍ୟାଣର ପଥ କିପରି ସୁଗମ ତାହା ପ୍ରତି ପ୍ରତ୍ୟେକଙ୍କର ଗୁଣ ପିଣ୍ଡ ଓ ଗୁଣସୂତ୍ରଂ, ଧାରଣ-ସାମର୍ଥ୍ୟ ଓ ବୋଧଶକ୍ତି ପରିମାପ କରି ନିର୍ଦ୍ଦିଷ୍ଟ କରିଦେଉଛନ୍ତି । ଫଳତଃ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ମନ୍ତ୍ର, ଆସନ, ମୁଦ୍ରା, ବୀଜ ଇତ୍ୟାଦି ଲାଭ କରି କୃତାର୍ଥ ହେଉଛନ୍ତି ।

**ଗ**ହନ ବିଷୟ-ବଣରେ ଜୀବ ସର୍ବଦା ଅସ୍ତବ୍ୟସ୍ତ ଏବଂ ଭୀତତ୍ରସ୍ତ । ସାମାଜିକ ଜୀବନର ପ୍ରତିଟି ବିଭବ ଓ ବିଭାଗ ଆଜି କୂଟକପଟ ଆଚରଣରେ ବିପର୍ଯ୍ୟସ୍ତ । ବ୍ୟକ୍ତି, ଦମ୍ପତ୍ତି, ସମାଜ, ରାଷ୍ଟ୍ର ତଥା ବିଶ୍ୱ କୁଟିଳ ସ୍ୱଭାବସମ୍ପନ୍ନ । ଚିନ୍ତନ, ବଚନ ଏବଂ କରଣ (ଚିନ୍ତା, ବାକ୍ୟ, କର୍ମ) ପରସ୍ପର ବିରୋଧୀ । ଏତାଦୃଶ ବିରୁଦ୍ଧାଚରଣ ସହଜ, ସରଳ, ଜୀବନଯାତ୍ରାର ବିପର୍ଯ୍ୟୟ ଆଣି ଦେଇଛି । ଅବିଶ୍ୱାସ, କୃତଘ୍ନତା, ଘୃଣା, ଈର୍ଷା ଏବଂ ହିଂସାର ଦାନବ, ମୁଖ ବ୍ୟାଦାନ କରି ଅମୃତ ପୁତ୍ର ମନୁଷ୍ୟକୁ ଗ୍ରାସ କରିବାକୁ ବସିଲାଣି ।

**ଘ**ଟଣ ଅଘଟଣ ପଟୟାନ୍ ଚରମପାଦ ପରମପୁରୁଷଙ୍କ ପାଦପୀଠ ଆଜି ଅଗଣିତ ବିଷୟାସକ୍ତ, ଅସ୍ତବ୍ୟସ୍ତ, ଭୀତତ୍ରସ୍ତ ଜୀବମାନଙ୍କୁ ବରାଭୟ ପ୍ରଦାନ କରି ଅନ୍ତଃସ୍ଥଳରେ ବିଶ୍ୱାସ, ଭକ୍ତି, ପ୍ରେମ କୃତଜ୍ଞତା ସ୍ନେହ ମମତାଦୀ ସ୍ୱର୍ଗୀୟ ଗୁଣାବଳୀର ସୂକ୍ଷ୍ମବୀଜ ବପନ କରିଛି । ଧ୍ୟାନ, ସତ୍‌ସଙ୍ଗ ଓ କୃତାଞ୍ଜଳି ଅର୍ଘ୍ୟର ତ୍ରିବେଣୀ ତଟ ପରମପାଦ ଯୁଗଳ ହିଁ ପରମ ଧାମ । ଏହା ଆମ୍ଭମାନଙ୍କର ତୀର୍ଥରାଜ । 'ପ୍ରଭୁଙ୍କର ସୁନ୍ଦରତମ ସୁଦର୍ଶନ, ମଧୁରତମ ଉପଦେଶ ବଚନ ଏବଂ ଛନ୍ଦାଚରଣ ପରମତମ ସାଧନାପୀଠ । ଆସନ୍ତୁ ଏକତ୍ର ହୋଇ ମାୟାପଥରୁ ତରିଯିବା ।

**ଚ**କ୍ଷୁ ସମକ୍ଷରେ ଆନନ୍ଦଘନ ବିଗ୍ରହ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କୁ ପାଇ ଅନେକ ତରିଯାଉଛନ୍ତି; ଅନେକ ଅବିଶ୍ୱାସ, ସନ୍ଦେହ, ମୂଢ଼ତା ବଶତଃ ଅଥବା ସାମାଜିକ ନିକୃଷ୍ଟ ପରମ୍ପରା, ଅହଂକାର, ଲଜ୍ଜା, ସଙ୍କୋଚ ପାଶରେ ଆବଦ୍ଧ ହୋଇ ଏଯାବତ୍ ଦୂରେଇ ରହିଛନ୍ତି । ଅଭିମାନ, ଆଭିଜାତ୍ୟ, ପଦମର୍ଯ୍ୟାଦା, ପଦବୀଗର୍ବର ଶୃଙ୍ଖଳକୁ ଛିନ୍ନକରି ଥରେ ଶ୍ରୀଗୁରୁସ୍ୱାମୀଙ୍କର କୃପାପ୍ରାର୍ଥୀ ହେଲେ ପରମ କାରୁଣିକ ଭାବଗ୍ରାହୀ ଭକ୍ତ ବନ୍ଧୁ ହୃଦୟ କାନନରେ ଋତୁରାଜ ବସନ୍ତର ମଳୟ ପରଶ ଦେଇ ସବୁ ଦୁଃଖ, ସବୁଶୋକ, ସକଳ ତାପ, ସକଳ ଆସକ୍ତି, ସର୍ବମୋହ, ସର୍ବ କୋହ ପୋଛିଦେବାକୁ ଆଜି ଦୁଇବାହୁ ପ୍ରସାରଣ କରି ଅପେକ୍ଷମାଣ ।

**ଛ**ଳ ଛଳନାକୁ ପଦଦଳିତ କରି ସରଳ ଉଦାର ବିନୟୀ ହୋଇ ଜିଜ୍ଞାସୁମାନେ ଆଜି ଶ୍ରୀ ଗୁରୁସ୍ୱାମୀଙ୍କ ପାଦପୀଠରୂପକ ପରମଧାମରେ ଠୁଳ ହୋଇଛନ୍ତି । ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ ସକଳ ଶ୍ରେଣୀର ଭକ୍ତମାନଙ୍କ ସମାବେଶରେ ଆଶ୍ରମ ପରିସର ଆଜି ପ୍ରତିନିୟତ ଭରପୂର । କେତେ ଯୋଗୀ କେତେ ଭୋଗୀ, କେତେ ସାଧକ କେତେ ବୈଷ୍ଣବ, କେତେ କେତେ ସାଧୁ, ସନ୍ଥ, ହରିଜନ ଶ୍ରୀହରି ଠାକୁରଙ୍କ ପରିଜନ ହୋଇ ଯାଉଛନ୍ତି । ପ୍ରତିଟି ମୁହୂର୍ତ୍ତର ମହତ୍ତ୍ୱ ଅଛି; ଏହାକୁ ଅସ୍ୱୀକାର କରି ଅହଂକାରରେ ମଦମତ୍ତ ହୋଇ ଦୁର୍ଲ୍ଲଭ ମାନବଜନ୍ମ ଓ ଜୀବନକୁ ବ୍ୟର୍ଥତାରେ ପର୍ଯ୍ୟବସିତ କରିବା ଶୁଦ୍ଧବୁଦ୍ଧିର ପ୍ରତୀକ କି ? ?

**ଜ**ଡ଼ ଜୀବ ଜଡ଼ତା ଗର୍ଭରେ ନିଶ୍ଚେଷ୍ଟ ହୋଇ ଶୋଇରହି ଅଳୀକ ସ୍ୱପ୍ନରେ ସୁଖବତ୍ ପ୍ରତୀୟମାନ ଅଶେଷ ଦୁଃଖକୁ ବିଷ ସଦୃଶ ପାନକରି ଆତ୍ମଘାତୀ ସାଜି ପରଂବ୍ରହ୍ମ ପରମେଶ୍ୱରଙ୍କ ଆରାଧନା ନ କରି, କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗର ମୂଳସୂତ୍ର ଏ ଯୁଗର ଉପଯୋଗୀ ଧର୍ମଧାରା ଗ୍ରହଣ ନ କଲେ, ମାୟା ଜଞ୍ଜିରରୁ ମୁକ୍ତି ପାଇବ କିପରି ? ଏ ଜୀବର ଜୀବନ ଦୁଃଖ ଝଞ୍ଜାକୁଳ । ଦୁଃଖର ଆବର୍ତ୍ତରେ ମୁହ୍ୟମାନ ଜୀବନକୁ ତାରିବାର ଏକମାତ୍ର ନାବର ଠାବ ଆଜି ମିଳିଛି । ଭାବ ଅନୁଯାୟୀ ନାବ ସେ ଦେବେ ହିଁ ଦେବେ । ଲୋଡ଼ା ମାତ୍ର ଦୃଢ଼ ବିଶ୍ୱାସ ଓ ଶରଣାଗତି ।

**ଝ**ଡ଼ଝଞ୍ଜା ଝଟିକାକୁ ଅତିକ୍ରମ କରିବାର କୌଶଳ ଆଜହୁଁ, ଏହି ମୁହୂର୍ତ୍ତରୁ ଶ୍ରୀଗୁରୁଙ୍କ ଶ୍ରୀମୁଖରୁ ଶିକ୍ଷାକରି ଅଭ୍ୟାସ ଯୋଗ ଦ୍ୱାରା ତହିଁରେ ଅଭ୍ୟସ୍ତ ହେବାର ଶୁଭଲଗ୍ନ ଉପନୀତ । ଶ୍ରୀ ଗୁରୁସ୍ୱାମୀ ପରବର୍ତ୍ତୀ କାର୍ଯ୍ୟକ୍ରମର ସୂଚୀ ପ୍ରସ୍ତୁତ କରି ସାରିଲେଣି । ସେ ସମସ୍ତ କାର୍ଯ୍ୟକ୍ରମ ନିର୍ବାହ ନିମନ୍ତେ ଆଧ୍ୟାତ୍ମିକ ଭାବ ସମନ୍ୱିତ ବ୍ୟକ୍ତିମାନେ ମଧ୍ୟ ତତ୍ପର ହୋଇ ଉଠିଲେଣି । ପ୍ରସ୍ତୁତି ପର୍ବ ଶେଷ ପ୍ରାୟ । ଏଣିକି ଲୀଳାର ଚରମ ପର୍ଯ୍ୟାୟ । କାଳବିଳମ୍ବ ନ କରି ଆସନ୍ତୁ, ମୁଖ୍ୟ ସ୍ରୋତରେ ମିଶିଯିବା, ଆପଣା ଆପଣାର ପରିଚୟ ସତ୍ତା ହରେଇଦେବା ।

**ଟ**ଙ୍କିଳ ପଥ, ଗହନ ବନ ତୋଫାନ ରାତିରେ ସାବଧାନତାର ସହିତ ପାହୁଲ ପକାଇ ପାଦେ ପାଦେ ଆଗେଇ ଯିବାର ସାମର୍ଥ୍ୟ ଲାଭ କରିବା ପାଇଁ ବେଳ ଆଖର ହେଲାଣି । ଏପରି ସନ୍ଧିକ୍ଷଣରେ ସୃଷ୍ଟି ଆଜି ଉପଗତ । ସ୍ରଷ୍ଟା ପୁରୁଷ ସୃଷ୍ଟିର ଏତାଦୃଶ୍ୟ ଅବସ୍ଥାରେ କିଂକର୍ତ୍ତବ୍ୟବିମୂଢ଼ ନ ହୋଇ ସ୍ଥିର, ନିଶ୍ଚିତ କାର୍ଯ୍ୟପନ୍ଥା ସ୍ଥିର କରି ସାରିଲେଣି । କେବଳ ଅପେକ୍ଷା, ଆମେ ତାଙ୍କର ଯୋଗ୍ୟତମ ସନ୍ତାନ ସନ୍ତତି ହୋଇ ପରମପିତାଙ୍କର ମହତୀ ଇଚ୍ଛା ପୂର୍ଣ୍ଣ କରୁଛୁ କି ଅଯୋଗ୍ୟ ପ୍ରତିପାଦିତ ହୋଇ ନିଜସ୍ୱ ଇଚ୍ଛା ତାଙ୍କ ଉପରେ ଲଦି ଦେଉଛୁ; ଦେଖିବା ପାଇଁ ।

**ଠ**ଉର କରିବା ବେଳେ ଗଡ଼ି ଗଲାଣି ଭାଇ ! ଠକାମି ଆଉ ଚଳିବ ନାହିଁ । ଅପରକୁ ଠକାଇବାକୁ ଚେଷ୍ଟା କଲେ, ବ୍ୟର୍ଥ ମନୋରଥ ହେବ । ନିଜେ ଠକିଯିବ ଶେଷକୁ, ତେଣୁ ସେ ଦୁର୍ବୁଦ୍ଧି ଛାଡ଼ି, ଶୁଦ୍ଧ ବୁଦ୍ଧି ବିବେକ ଦ୍ୱାରା ମନକୁ ପରିଚାଳନା କର । ପାଦେ ଆଗେଇ ଆସ; ପାଦେ ଆଗେଇଯିବାପାଇଁ ସାହସ ସଞ୍ଚୟ କର; ଦେଖ, ପ୍ରଭୁ ତୁମକୁ କୋଳାଗ୍ରତ କରିବା ପାଇଁ ଦଶ ପାଦ ଆଗେଇ ଯାଉଛନ୍ତି । ପ୍ରତ୍ୟକ୍ଷ ଗୁରୁଙ୍କର ଶରଣାପନ୍ନ ହୁଅ । ଆଜିର ଏହି ଶୁଭ ଲଗ୍ନରେ **'ଚରମ'** ପୃଷ୍ଠାରେ ଏହାହିଁ ଆକୁଳ ଆକୂତି ॥

❑❑❑

ପରଶିରୀ ଦେଖି ନ ପାରେ ଯେହୁ,
ଈର୍ଷାରେ କାତର ହୁଅଇ ସେହୁ;
ଈର୍ଷା ଅନଳରେ ଜଳି ପୋଡ଼ଇ,
ବିବେକ ତାହାର ତଳେ ଗଡ଼ଇ ॥

ଗୁରୁ ଦରବରେ ପକାଇ ଆଖି,
ଲୋଭ କଜଳ ତୋ' ନୟନେ ମାଖି;
ଭୋଗ ଦରବକୁ ଦେଉଛୁ ଚାଖି,
ମନ ତୋ' ଯାଇଛି ତହିଁରେ ଲାଖି ॥

ଆଶ୍ରମରେ ଶ୍ରମ ଯେତେ କରିଛ । ଭାବ ବନ୍ଧନକୁ ସେତେ ଡରିଛ ॥

ଚରମର ପ୍ରଚ୍ଛଦପଟ ସମ୍ପର୍କରେ :

# ଚରାଚରବ୍ୟପାଶ୍ରୟସ୍ତୁ ଃଃଃ

*'ଚରମ' ପ୍ରଥମ ସଂଖ୍ୟାରେ 'ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ - ଶୀର୍ଷକରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଭାବଗମ୍ଭୀର ଲେଖା ସୀମିତ ପରିସର ମଧ୍ୟରେ ରହସ୍ୟଘନାବୃତ୍ତ ଓ ଦୁର୍ବୋଧ୍ୟବୋଧ ହେବାରୁ ଦ୍ୱିତୀୟ ପାଖୁଡ଼ାରେ ତାହାର ସରଳିକୃତ ବ୍ୟାଖ୍ୟା- ଏବଂ ସର୍ବମିଦଂ ଜଗଦଣ୍ଡଭ୍ୟଃ ସମ୍ଭବତି' ଶୀର୍ଷକରେ ପ୍ରବନ୍ଧ ହେଲା । 'ଚରମ'ର ପାଠକ ପାଠିକାମଣ୍ଡଳୀ ତହିଁରୁ 'ଚରମ' ପ୍ରଚ୍ଛଦପଟର ମର୍ମାର୍ଥ ବୁଝିଥିବେ ବୋଲି ବିଶ୍ୱାସ କରୁଁ । ପରବର୍ତ୍ତୀ ପାଖୁଡ଼ା ମାନଙ୍କରେ ପ୍ରଚ୍ଛଦପଟରେ ଅନ୍ୟାନ୍ୟ ବହୁଦିଗ ଉପରେ ଆଲୋକପାତ କରିବା ନିମିତ୍ତ ପ୍ରତିଶ୍ରୁତି ଦେଇଥିଲୁଁ । ସେହି ପ୍ରତିଶ୍ରୁତିର ଫଳଶ୍ରୁତି: 'ଚରାଚରବ୍ୟପାଶ୍ରୟସ୍ତୁ' ।*

ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ପ୍ରଦତ୍ତ ସାଙ୍କେତିକ ପ୍ରତୀକ ହିଁ 'ଚରମ'ର ପ୍ରଚ୍ଛଦପଟ । ଏହି ସାଙ୍କେତିକ ପ୍ରତୀକ କାଗଜ ଉପରେ ଦିଆଯାଇଛି; ତେଣୁ ଏହାର ଚତୁପାର୍ଶ୍ୱ ଦେଖାଇବା ସମ୍ଭବ ହୋଇପାରିନି । ତଥାପି ଏହାକୁ ସ୍ଥୂଳ ରୂପରେ ମାନସପଟରେ ରଖି କଳ୍ପନାଚକ୍ଷୁରେ ଏହାର ଚଉଦିଗ ଦେଖିବା ଦର୍ଶକ, ଭାବୁକ, ସାଧକ, ପାଠକ-ପାଠିକାଙ୍କର ଆୟାସସାଧ୍ୟ । ସାମାନ୍ୟତମ ପ୍ରଚେଷ୍ଟାରେ ଏହା ସମ୍ଭବ ।

ବହିଃ ଇନ୍ଦ୍ରିୟର ସାକ୍ଷ୍ୟରେ ଏହି ରହସ୍ୟର ସତ୍ୟତା ପ୍ରମାଣିତ ହୁଏ ନାହିଁ । ଏହାହିଁ ଆମର ଅନୁଭୂତି, ଏହାହିଁ ଆମର ଦର୍ଶନ : ଏହା ଆମେ ସ୍ପଷ୍ଟ ସ୍ୱୀକାର କରୁଛୁ । 'ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ' (ତୈତ୍ତିରୀୟ ଉପନିଷଦ) ଅର୍ଥାତ୍ : ମନ ସହିତ ବାକ୍ୟ ଯାହା ନ ପାଇ ଯେଉଁଠୁ ଫେରିଆସେ । ପୁଣି, **'ନତତ୍ର ଚକ୍ଷୁର୍ଗଚ୍ଛତି ନ ବାଗ୍ ଗଚ୍ଛତି ନୋ ମନଃ'** ॥ (କେନୋପନିଷଦ୍ : ୧/୩) ଅର୍ଥାତ୍ : ଯେଉଁଠାକୁ ଚକ୍ଷୁ ଯାଇପାରେନାହିଁ, ବାକ୍ୟ ମଧ୍ୟ ଯାଇପାରେ ନାହିଁ, ମନ ମଧ୍ୟ ଯାଇପାରେ ନାହିଁ । ଏହିଭଳି ଯାହା ଅବାଂଙ୍ମାନସଗୋଚର ତାହା ଆମକୁ ପରମକାରୁଣିକ ଶ୍ରୀଶ୍ରୀଶ୍ରୀ ଠାକୁର ଅସୀମ କୃପାବହି ଜଣାଇବାର ବ୍ୟବସ୍ଥା କହି ସାରିଛନ୍ତି, ଏଣିକି ଆମର ଦାୟିତ୍ୱ, ଆମର କର୍ତ୍ତବ୍ୟ । **'ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତାହାର ବେଭାର ।'**

ବାରୁଣିଭୃଗୁ ନିଜ ପିତା ନିକଟକୁ ଯାଇ ପ୍ରାର୍ଥନା କଲେ: ହେ ଭଗବାନ୍, ମୋତେ ବ୍ରହ୍ମ ପଢ଼ାଅ । ବରୁଣ କହିଲେ: ଯାହାଠାରୁ ସମସ୍ତ ଭୂତଭୌତିକ ଉତ୍ପନ୍ନ ହୋଇଛନ୍ତି ଓ ହେଉଛନ୍ତି, ଯାହାଦ୍ୱାରା ଜୀବନ ଲାଭ କରୁଛନ୍ତି, ପୁଣି ଯାହାଠାରେ ଲୟ ରଖି ଲୀନ ହୋଇ ପ୍ରବେଶ କରନ୍ତି ଓ କରୁଛନ୍ତି, ତାହାହିଁ ବ୍ରହ୍ମ ।

ଏହି ବ୍ରହ୍ମ କାଳ ରହିତ, ଅବୟବ ରହିତ, ନିଷ୍କ୍ରିୟ, ଶାନ୍ତ, ରୋଗଶୋକାଦି ଦୋଷରହିତ, ନିର୍ଲେପ, ପାପାରହିତ, ଅମୃତର ଉତ୍କୃଷ୍ଟ ସେତୁ, ଯାହାର ଇନ୍ଧନ ଜଳ, ସେ ଆତ୍ମା : ବିରାଟ ଆତ୍ମା । ଏହା ସ୍ଥୂଳ ନୁହେଁ କି ସୂକ୍ଷ୍ମ ନୁହେଁ । କେତେଗୁଡ଼ିଏ ଗୁଣ ବିଶେଷ ଦ୍ୱାରା ବିଶିଷ୍ଟ ପରମାତ୍ମାର ଉପାସନା ହୁଏ, ସେହି ସେହି ଗୁଣର ଉପାସନା ଦ୍ୱାରା ତଦନୁରୂପ ଫଳ ମିଳେ । ଯିଏ ଯେଉଁ ରୂପରେ ପରମାତ୍ମାର ଉପାସନାକରେ, ସେ ସେହି ରୂପରେ ପାଏ । ମନୁଷ୍ୟ ଯାହାର ଭାବକୁ ସ୍ମରଣ କରେ, ସେ ଅନ୍ତକାଳରେ ଶରୀର ତ୍ୟାଗ କଲେ ମଧ୍ଧ ଭାବୁକ ସେହି ପୁରୁଷର ଭାବକୁ ପାଏ । ଏକ ଆତ୍ମା ଜଡ଼ ଚେତନ ସମସ୍ତଙ୍କ ପାଖରେ ଲିପ୍ତ ଆକାରରେ ରହିଅଛି, ତଥାପି ଚିତ୍ତରୂପୀ ଉପାଧି ବିଶେଷର ତାରତମ୍ୟ ଦ୍ୱାରା ଉତ୍ତରୋତ୍ତର ଅଭିବ୍ୟକ୍ତ, କୂଟସ୍ଥ, ନିତ୍ୟ । ଏକରୂପ ଆତ୍ମାର ଐଶ୍ୱର୍ଯ୍ୟ ଶକ୍ତି ବିଶେଷ ଦ୍ୱାରା ତାରତମ୍ୟ ହୁଏ ।

ଆଦିତ୍ୟମଣ୍ଡଳରେ ହିରଣ୍ମୟ ପୁରୁଷ ରୂପରେ ଯାହାର ବର୍ଣ୍ଣନା କରାଯାଇଛି, ସେ ସକଳ କଳୁଷ ରହିତ, ସେ ହିଁ ପରମାତ୍ମା, ଆନନ୍ଦମୟ ଆତ୍ମା ହିଁ ବ୍ରହ୍ମ । ଆନନ୍ଦ ହିଁ ବ୍ରହ୍ମ । ବ୍ରହ୍ମ ହିଁ ଆନନ୍ଦ । ପରମାତ୍ମା ଆନନ୍ଦମୟ । ବ୍ରହ୍ମବିଦ୍ ପରଂବ୍ରହ୍ମକୁ ଜାଣେ । ସତ୍ୟ, ଜ୍ଞାନ, ଅନନ୍ତ ହିଁ ବ୍ରହ୍ମ । ଏହାଙ୍କ ଦ୍ୱାରା ଆକାଶାଦି କ୍ରମରେ ସ୍ଥାବର ଓ ଜଙ୍ଗମାଦି ଉତ୍ପତ୍ତି ହୋଇଛନ୍ତି ।

ଅବ୍ୟକ୍ତ ମଣ୍ଡଳ ବା ଅନାଦିକାରଣ ଜଗତ ଜୀବର ସ୍ଥୂଳବୁଦ୍ଧି, ଚିନ୍ତା, ବାକ୍ୟ, ମନର ଅଗୋଚର । ଏହା ସ୍ଥୂଳ ଦର୍ଶନର ବହୁ ଊର୍ଦ୍ଧ୍ୱରେ । ତାହା ଅବ୍ୟକ୍ତ, ଅବାଂଙ୍‌ମାନସଗୋଚର । ତାହା ବ୍ୟକ୍ତ କରିବା ସମ୍ଭବ ନୁହେଁ । ବେଦ, ବେଦାନ୍ତ, ଉପନିଷଦ୍, ବ୍ରହ୍ମସୂତ୍ର, ଗୀତା, ଭାଗବତ ଇତ୍ୟାଦି ଶାସ୍ତ୍ରରେ ଏ ତତ୍ତ୍ୱ ସମ୍ବନ୍ଧରେ ବହୁ ଯୁକ୍ତି, ବହୁ ତର୍କ, ବହୁ ବାଦ, ବହୁ ବିବାଦ ରହିଛି । ତହିଁରୁ ବ୍ରହ୍ମର ଉପଲବ୍ଧି ଜୀବ ପକ୍ଷରେ କରିବା ଦୁରୂହ ।

ଅବ୍ୟକ୍ତ ମଣ୍ଡଳରୁ ଓଁକାରମଣ୍ଡଳ ବା ସୂକ୍ଷ୍ମ ଜଗତର ଉଦ୍ଭବ । ଏହିଠାରୁ ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମାୟା ମଣ୍ଡଳର ଭିତ୍ତି ପଡ଼ିଲା । ତ୍ରିଗୁଣର ବିଭାଗ ହେଲା । ଶକଟକ ମଣ୍ଡଳ ବା ସ୍ଥୂଳବ୍ୟକ୍ତ ଜଗତର ପରିକଳ୍ପନା ହେଲା । ତହୁଁ ବିଶ୍ୱବ୍ରହ୍ମାଣ୍ଡ ସୃଜନ ପ୍ରକ୍ରିୟା ଆରମ୍ଭ ହୋଇଗଲା । ଆକାଶ, ପବନ, ଅଗ୍ନି, ଜଳ ଓ କ୍ଷିତିର ସୃଷ୍ଟି ହେଲା । ଅବ୍ୟକ୍ତ ମଣ୍ଡଳର କେନ୍ଦ୍ରବିନ୍ଦୁଠାରୁ ଆରମ୍ଭ କରି ଶକଟକ ମଣ୍ଡଳର ଜଡ଼ପିଣ୍ଡ ପର୍ଯ୍ୟନ୍ତ ପ୍ରତି ଅଣୁ ପରମାଣୁରେ ସେହି ଅବ୍ୟକ୍ତ ବ୍ରହ୍ମସତ୍ତା ପରିବ୍ୟାପ୍ତ ହୋଇ ରହିଲା ଓ ରହିଅଛି ମଧ୍ୟ । ଏହା ଅନୁଭବ ସାପେକ୍ଷ । ସୂକ୍ଷ୍ମ ଅନୁଭୂତିରେ ଏହି ଅନୁଭବକୁ ଧରିହେବ ।

ପ୍ରାଣ ବା ଇନ୍ଦ୍ରିୟ ଅଣୁମାତ୍ର ସୂକ୍ଷ୍ମ ଅଟେ । ଇନ୍ଦ୍ରିୟ ଗୁଡ଼ିକ ପ୍ରକୃତ ପ୍ରାଣ ଅଣୁ । ଏହି ପ୍ରାଣଗୁଡ଼ିକର ସୂକ୍ଷ୍ମତା ଓ ପରିଚ୍ଛିନ୍ନତା ଅଛି । ଶରୀରରେ ଜୀବାତ୍ମା ପ୍ରତିସନ୍ଧାନାଦି ସମ୍ବନ୍ଧରୁ ଭୋକ୍ତା ରୂପରେ ଅବଗତ । ଏହିଭଳି ଭାବରେ ଜୀବ ସ୍ଥୂଳଜଗତରେ ବୃତ୍ତି ପ୍ରବୃତ୍ତି ଦ୍ୱାରା ନିୟନ୍ତ୍ରିତ ହୁଏ ।

ଜୀବର ଉତ୍ପତ୍ତି ଓ ପ୍ରଳୟ ହୁଏ । ଜୀବ ଜନ୍ମ ହେଲା ଓ ମରିଗଲା । ଏହା ଏକ ଲୌକିକ ବ୍ୟବହାର । ଏହି ଲୌକିକ ବ୍ୟବହାରରୁ ଜନ୍ମ ପରେ ଜାତ କର୍ମ ପ୍ରଭୃତି ସଂସ୍କାର ବିଧାନ ହୁଏ । କିନ୍ତୁ ଲୌକିକ ଜନ୍ମମରଣର ଛଳନା ହିଁ ଭୌତିକ ଜଗତରେ ଦୃଶ୍ୟମାନ । ଏହା ଯେପରି ସତ୍ୟ, ସେହିପରି ମାୟା ପରିପୂର୍ଣ୍ଣ । ଜୀବ ଶରୀରରେ ଆରୂଢ଼ ପ୍ରାଣର ମୃତ୍ୟୁ ନାହିଁ, କାରଣ ତା'ର ଜନ୍ମ ମଧ୍ୟ ନ ଥିଲା । ଶରୀରର ଆବିର୍ଭାବ ଓ ତିରୋଭାବକୁ ସଚରାଚର ଜନ୍ମ ମରଣ କୁହାଯାଏ । ତା ନ ହେଲେ ପ୍ରକୃତରେ ଜନ୍ମ ମରଣ ହୁଏ ନାହିଁ । ଶରୀର ସମ୍ବନ୍ଧ ବ୍ୟତୀତ ଅନ୍ୟତ୍ର ଜୀବ ଜନ୍ମ ହୋଇ ମରେ ଏହା କେହି କେବେ ଦେଖି ନଥିବେ । 'ସ ବା ଅୟଂ' ଅର୍ଥାତ୍ ; ସେ ଏହି ପୁରୁଷ ଜନ୍ମ ନେବା ସମୟରେ ଶରୀରକୁ ଆତ୍ମା ଭାବରେ ପ୍ରାପ୍ତ ହୁଏ, ସେ ଶରୀରରୁ ବାହାରି ଯାଉଛି । ଶରୀରର ସଂଯୋଗ ଓ ବିଯୋଗ ନିମିତ୍ତ ଜନ୍ମ ମରଣ ଶବ୍ଦ ସ୍ଥୂଳଜଗତରେ ପ୍ରଚଳିତ । ଜାତକର୍ମାଦି ସଂସ୍କାର ବିଧାନ ଶରୀରର ଆବିର୍ଭାବକୁ ଅପେକ୍ଷା କରେ । ଦେହାଶ୍ରୟ ସ୍ଥୂଳ ଉତ୍ପତ୍ତି ଓ ପ୍ରଳୟ ଜୀବର ହୁଏ ନାହିଁ । ଜୀବର ଉତ୍ପତ୍ତି ବା ବିନାଶ ନାହିଁ । ଜନ୍ମ ମୃତ୍ୟୁ କେବଳ ଉପାଧିର ହୁଏ ।

ବହୁ ଅନୁସନ୍ଧାନ, ପରୀକ୍ଷା ନିରୀକ୍ଷା, ସାଧ ସାଧନା ଇତ୍ୟାଦିରୁ ଗୋଟିଏ ମାତ୍ର ସତ୍ୟରେ ଉପନୀତ ହେବାକୁ ହୁଏ: ସ୍ଥିତିହୀନ ଗୋଟିଏ ଅବ୍ୟକ୍ତ ବିନ୍ଦୁ ସ୍ୱେଚ୍ଛାରେ ଓ ବିନା କାରଣରେ କ୍ରମଶଃ ପ୍ରସାରଣଶୀଳ ହେଲା । ଏହି ପ୍ରସାରଣର ପରିବ୍ୟାପ୍ତିରୁ ଅବ୍ୟକ୍ତ ବ୍ରହ୍ମ ଅନାଦି ମଣ୍ଡଳ ବା କାରଣ ଜଗତରେ ବ୍ୟକ୍ତ ବିନ୍ଦୁ ସ୍ୱରୂପ ଗ୍ରହଣ କଲା । କ୍ରମଶଃ ଏହି ବିନ୍ଦୁର ପ୍ରସାରଣରୁ ଅଣୁ, ପରମାଣୁ ରୂପରେ ସୂକ୍ଷ୍ମାତିସୂକ୍ଷ୍ମ କଣିକା ବା କ୍ଷୁଦ୍ରାଦପି କ୍ଷୁଦ୍ର ରେଣୁ ଗୈରିକ ବର୍ଣ୍ଣରେ ଚତୁଃପାର୍ଶ୍ୱକୁ ବର୍ଣ୍ଣାଢ୍ୟ କରି ତୋଳିଲା । ତେଣୁ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ 'ତରଙ୍ଗ'ର ପ୍ରଚ୍ଛଦପଟକୁ ଗୈରିକ ବର୍ଣ୍ଣ ବିଭୂଷିତ କରାଯାଉଛି । ଆଦ୍ୟରୁ ଏଯାବତ୍ ଏହି ତତ୍ତ୍ୱ ଓ ତଥ୍ୟ ଉପରେ ସର୍ବଦା ଯଥେଷ୍ଟ ଗୁରୁତ୍ୱ ଦିଆହୋଇ ଆସୁଛି । ବିଭିନ୍ନ ବର୍ଗର ପାଠକ ପାଠିକା ଏହା ଉପରେ ଗଭୀର ଓ ଏକାଗ୍ର ମନୋନିବେଶ କରିବା ନିମନ୍ତେ ବିନମ୍ର ଅନୁରୋଧ ॥

ତଥାପି ସତର୍କ କରି ଦିଆଯାଉଛି : ସତ୍ୟ ହିଁ ସର୍ବଦା ଓ ସର୍ବଥା ସତ୍ୟ । ମିଥ୍ୟାକୁ ପ୍ରଲେପ ଦେଇ ମିଥ୍ୟାରେ ସାମୟିକ ଭାବେ ପର୍ଯ୍ୟବସିତ କରାଯାଇପାରେ:ମାତ୍ର ସତ୍ୟ ଚିରନ୍ତନ ମୂଲ୍ୟବୋଧ ବହନ କରେ । ଯଥା କାଳରେ ସତ୍ୟ ସତ୍ୟ ରୂପରେ ହିଁ ପୁର୍ଣ୍ଣପ୍ରତିଷ୍ଠା ଲାଭକରେ; ଅତୀତରେ କରିଛି ଓ ଭବିଷ୍ୟତରେ କରିବ ମଧ୍ୟ । ଏହା ସନ୍ଦେହ ଓ ଆଶଙ୍କାର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ॥

ବିଶ୍ୱ ସୃଷ୍ଟିର ଅନ୍ତରାଳରେ ନିହିତ ତତ୍ତ୍ୱ ଓ ତଥ୍ୟ ଅନୁଯାୟୀ ଆଜିର ବିଶ୍ୱ ମଧ୍ୟ କ୍ରମଶଃ ପ୍ରସାରିତ ହୋଇଯାଉଛି । ଏହି ପ୍ରସାରଣର ଏକ ବେଗ ମଧ୍ୟ ଅଛି । ଏହି ବେଗ ଅନୁଯାୟୀ ବିଶ୍ୱ ପ୍ରସାରଣ ଗତିଶୀଳ । ପ୍ରସାରଣର ଅନ୍ତ ନାହିଁ ।

ତେଣୁ ବ୍ରହ୍ମାଣ୍ଡ ଅନନ୍ତ ଏବଂ ଅସୀମ । ଯେଉଁଦିନ ଏହି ପ୍ରସାରଣର ଅନ୍ତ ହେବ; ସେଦିନ ବ୍ରହ୍ମାଣ୍ଡର ସୀମା ବା ଅନ୍ତ ଅଛି ବୋଲି ଧରାଯିବ । ଯେଉଁଦିନ ପ୍ରସାରଣ ଶେଷ ହେବ, ସେଦିନଠାରୁ ଏହାହିଁ ଭୌତିକ ପ୍ରଳୟର ଅୟମାରମ୍ଭ । ଜଡ଼ ବା ଚେତନ ପ୍ରତ୍ୟେକ ବସ୍ତୁରେ ବ୍ରହ୍ମ ବିଦ୍ୟମାନ ଥାଇ ଆଲୋକ ରଶ୍ମି ବିକିରଣ କରନ୍ତି ବୋଲି ଆମ୍ଭେମାନେ ସେ ସକଳ ବସ୍ତୁକୁ ସ୍ୱଚକ୍ଷୁରେ ଦେଖି ପାରୁଛୁ । ବସ୍ତୁ ମଧ୍ୟରୁ ରଶ୍ମି ଉଦ୍‌ଗତ ହେଉ ନଥିଲେ, ତାହା ଦୃଶ୍ୟମାନ ହୁଅନ୍ତା ନାହିଁ ।

ଆମ୍ଭେମାନେ ବାସ କରୁଥିବା ସୌର ପରିବାର ପରି କୋଟି କୋଟି ସୌର ପରିବାର ଅନନ୍ତ ମହାଶୂନ୍ୟ ବକ୍ଷରେ ଆତଯାତ । ପ୍ରତ୍ୟେକ ସୌର ପରିବାରର ଗ୍ରହ, ଉପଗ୍ରହ, ନକ୍ଷତ୍ର ଇତ୍ୟାଦିରେ ଅଣୁରେ ଅଣୁରେ ବ୍ରହ୍ମସତ୍ତା ବିଦ୍ୟମାନ । ତେଣୁ ଭାଗବତ ବାଣୀ *''ବ୍ରହ୍ମାଣ୍ଡ ମାଳମାଳ ହୋଇ ତୋ ଲୋମକୂପେ ବିରାଜଇ ।''* ବୋଲି ସ୍ରଷ୍ଟାପୁରୁଷ ଆଦିଶକ୍ତି ପରଂବ୍ରହ୍ମଙ୍କୁ ଲକ୍ଷ୍ୟକରି ସିଦ୍ଧ ସାଧକ ଜଗନ୍ନାଥ ଦାସ ବ୍ୟକ୍ତ କରିଯାଇଅଛନ୍ତି । ସୃଷ୍ଟି ରହସ୍ୟ ଭେଦ କରିବା ସାଧାରଣ କଥା ନୁହେଁ । ସ୍ୱୟଂ ପରଂବ୍ରହ୍ମଙ୍କର କୃପାପ୍ରାପ୍ତ କତିପୟ ସାଧକ, ସିଦ୍ଧ ପୁରୁଷ, ତତ୍ତ୍ୱଦ୍ରଷ୍ଟା, ବୈଜ୍ଞାନିକ ଓ ଶୁଦ୍ଧାତ୍ମା ହିଁ ଏହି ନିଗୂଢ଼ ତତ୍ତ୍ୱକୁ ଏଯାବତ୍ ଉପଲବ୍ଧି କରିଯାଇଅଛନ୍ତି । ସେହି ଉପଲବ୍ଧି ବହୁଭାବରେ ଅତୀନ୍ଦ୍ରିୟ ଜଗତର ଅନୁଭୂତି ହୋଇଥିବାରୁ; ତାହା ସ୍ଥୂଳ ଭାଷାରେ ପ୍ରକାଶ କରିବା ଆଦୌ ସମ୍ଭବପର ହୋଇପାରୁନାହିଁ । ସେ ସମ୍ବନ୍ଧରେ ଯେତେ ଲେଖିଲେ ମଧ୍ୟ ତାହା ଅସଂପୂର୍ଣ୍ଣ ହୋଇ ରହିଯାଉଛି; ସଂପୂର୍ଣ୍ଣ ବ୍ୟକ୍ତ ହେଉନାହିଁ; ହୋଇପାରେ ନାହିଁ ॥

ସ୍ଥାବର ଓ ଜଙ୍ଗମ ଦେହ ବିଷୟରେ ସେ ମୁଖ୍ୟ ଅଟନ୍ତି । : **(ଚରାଚରବ୍ୟପାଶ୍ରୟସ୍ତୁ ସ୍ୟାତ୍ତଦ୍‌ବ୍ୟପଦେଶୋ ଭାକ୍ତ ସ୍ତଦ୍‌ଭାବ ଭାବିତ୍ୱାତ୍ ॥)** ବ୍ରହ୍ମ ଏକ ଚୈତନ୍ୟମୟ ସୂକ୍ଷ୍ମ ଶକ୍ତି ସତ୍ତା । ତାଙ୍କୁ ମଧ୍ୟ ଭଗବାନ କୁହାଯାଏ । ସେହି ଆଦ୍ୟାଶକ୍ତି ଭଗବତୀ ମଧ୍ୟ । ବ୍ରହ୍ମ ମଧ୍ୟରେ ମାୟା ଅଧିଷ୍ଠିତା । ସାପ ଦେହରେ ବିଷଥିଲେ ହେଁ, ତାହା ଯେପରି ସାପର କ୍ଷତି କରେ ନାହିଁ, ଠିକ୍ ସେହିଭଳି ବ୍ରହ୍ମ ମଧରେ ମାୟାଥିଲେ ହେଁ ବା ସେ ମାୟାଧର ବୋଲି ଲୋକ ମୁଖରେ ଖ୍ୟାତ ହେଲେ ହେଁ; ମାୟା ତାଙ୍କୁ ଆବଦ୍ଧ କରିପାରେ ନାହିଁ । ସର୍ପ ଅନ୍ୟକୁ ଦଂଶନ କଲେ, ସର୍ପ ବିଷରେ ଜର୍ଜରିତ ହୋଇ ଦ୍ରଂଷ୍ଟୀଜବ ହୁଏତ ଯନ୍ତ୍ରଣା ଲଭେ, ଏପରିକି ମୃତ୍ୟୁ ମଧ୍ୟ ବରଣ କରେ । ସେହିପରି ବ୍ରହ୍ମରୁ ଉଦ୍ଭବ ସକଳ ସ୍ଥାବର ଅସ୍ଥାବର ବା ଜୀବ ମାୟା ଦ୍ୱାରା ଆବଦ୍ଧ ହୋଇ ପଡ଼ନ୍ତି ଓ ଆପଣା ଉସକୁ ବିସ୍ମରି ଯାଆନ୍ତି । ବ୍ରହ୍ମ ଅନନ୍ତ ଅସୀମ ହେଲେ ହେଁ ତାହା ଚୈତନ୍ୟମୟ ସୂକ୍ଷ୍ମସତ୍ତା ହୋଇଥିବାରୁ ଓ କସ୍ମିନ୍ କାଳେ ସ୍ଥୂଳ ଜଡ଼ ପିଣ୍ଡ ହୋଇ ନଥିବାରୁ (କାରଣ ସ୍ଥୂଳ ଜଡ଼ ପିଣ୍ଡ ହେଲେ ତାହା ଯେତେ ବୃହତ୍ ହେଉ ନା କାହିଁକି ତା ସୀମିତ ଓ ଶାନ୍ତ, ଅସୀମ, ଅନନ୍ତ ହୋଇପାରେ ନା) କ୍ଷୁଦ୍ରାବୟବ ମାନୁଷୀ ତନୁରେ ଆବିର୍ଭୂତ ହେବା ସର୍ବାଦୌ ଅସମ୍ଭବ ନୁହେଁ । ଆମେ ଆମର ଅହଂ ପ୍ରାବଲ୍ୟରୁ ଜଡ଼ବୁଦ୍ଧି ସମ୍ପନ୍ନ ହୋଇଥିବାରୁ ଏହାକୁ ଅସମ୍ଭବ ମନେ ଜ୍ଞାନ କରି ଅବିଶ୍ୱାସ କରୁ । କାରଣ, ବ୍ରହ୍ମ ସମ୍ବନ୍ଧରେ ଆମ୍ଭମାନଙ୍କର ଅନୁଭୂତି ସିଦ୍ଧ ଜ୍ଞାନ ଲେଶମାତ୍ର ହିଁ ନାହିଁ । ଯେଉଁମାନେ ବିଭୁକୃପା ବଳରୁ ଏତାଦୃଶ ସୂକ୍ଷ୍ମାତିସୂକ୍ଷ୍ମ କାରଣ ସତ୍ତାକୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି ଏବଂ ଆପଣାର ଅତୀନ୍ଦ୍ରିୟ ଅନୁଭୂତିରେ ଅନୁଭବ କରିଛନ୍ତି; ସେମାନେ ଯତ୍ ସାମାନ୍ୟ ଅନୁଭୂତି ଆମ୍ଭମାନଙ୍କ ପାଇଁ ରଖି ଯାଇଛନ୍ତି ତାହକୁ ସର୍ବାନ୍ତକରଣରେ ଗଭୀର ବିଶ୍ୱାସର ସହିତ ଗ୍ରହଣ କରି ନେବାହିଁ ଆମ୍ଭମାନଙ୍କ ପରି ବିଷୟା ପାଶରେ ଆବଦ୍ଧ ଜୀବମାନଙ୍କ ପାଇଁ ଶ୍ରେୟସ୍କର ପନ୍ଥା ଅଟେ । ଅବିଶ୍ୱାସ ଓ ଘୃଣାରେ ହେଉ, ଅଥବା ଈର୍ଷା ଓ ପରଶ୍ରୀକାରତା ଯୋଗୁଁ ଜାତ ଅନାସ୍ଥା ଓ ଅବିଶ୍ୱାସ ବଶତଃ ପ୍ରକାଶ କଲେ, ଆମ୍ଭମାନଙ୍କର ହିଁ କ୍ଷତି ହେବ । ଈଶ୍ୱରୋପଲବ୍ଧି ସମ୍ଭବ ହେବନାହିଁ । ସକଳ ତ୍ୟାଗ, ନିଷ୍ଠା, ସେବା, ସାଧନା ଇତ୍ୟାଦି ମୁହୂର୍ତ୍ତକ ମଧ୍ୟରେ ବ୍ୟର୍ଥ ହେବ । ଦୃଢ଼ ବିଶ୍ୱାସ ଓ ଆତ୍ମ ପ୍ରତ୍ୟୟ ଟିକକ ହରାଇ ବସିଲେ ସାଧନାରେ ସିଦ୍ଧି ମିଳିବ ନାହିଁ । **ଜୀବନ ସଫଳ ହେବ କିପରି ? ଚରମ ପ୍ରାପ୍ତି ହେବ କିପରି ? ଏହା ଆଜି ପ୍ରତ୍ୟେକଙ୍କର ଅନୁଶୀଳନ, ଅନୁକରଣ ଓ ଅନୁସନ୍ଧିତ୍ସା କରିବାର ବସ୍ତୁ ।**

ବିଶ୍ୱାତ୍ମା, ବ୍ରହ୍ମ ସତ୍ତାରୁ ଆରମ୍ଭ କରି ଅଣୁଦପି ଅଣୁ ପରମାଣୁ ସତ୍ତା ରୂପେ ପ୍ରତ୍ୟେକ ବସ୍ତୁରେ ନିହିତ; କାରଣ ସେ ହିଁ ପ୍ରାଣସତ୍ତା, ସେ ହିଁ ସୃଷ୍ଟିସତ୍ତା, ତେଣୁ ତାଙ୍କୁ ସ୍ରଷ୍ଟା ପୁରୁଷ ଆଖ୍ୟା ଦିଆଯାଇଛି । ସକଳ ଜୀବ, ସକଳ ବସ୍ତୁ ସେହି ବ୍ରହ୍ମସତ୍ତାରୁ ସୃଷ୍ଟ ପୁନଶ୍ଚ ସକଳ ବସ୍ତୁ ସେହି ସତ୍ତାରେ ନିଜର ଅସ୍ତିତ୍ୱ ହରାଇ ବସନ୍ତି । ତେଣୁ, ଓଁକାର ମଣ୍ଡଳର ସୃଷ୍ଟ ଜଗତରେ ରଜଗୁଣ ସମ୍ପନ୍ନ ବ୍ରହ୍ମା ଓ ସାବିତ୍ରୀ ସକଳ ସୃଷ୍ଟିକ୍ରିୟାର ମୂଳ ଉସହୋଇଥିବାରୁ ତାଙ୍କଠାରୁ ଆରମ୍ଭ କରି ଶକଟକ

ମଣ୍ଡଳର ସ୍ଥୂଳଜଗତରେ ମାଳ ମାଳ ବ୍ରହ୍ମାଣ୍ଡ ସୃଷ୍ଟିର କାରଣ ସ୍ୱରୂପ ବ୍ରହ୍ମ ସର୍ବତ୍ର ସର୍ବଦା ବିଦ୍ୟମାନ । ତେଣୁ, ଭାଗବତ ପୃଷ୍ଠାରେ ଅତିବଡ଼ୀ ଜଗନ୍ନାଥ ଦାସ ଗାଇ ଯାଇଛନ୍ତି ; **''ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ତୋ ଲୋମକୂପେ ବିରାଜଇ ।।''** ଶାସ୍ତ୍ରତତ୍ତ୍ୱ ମଧ୍ୟ କହେ : **''ବିଶ୍ୱାନିଯସ୍ୟଲୋମସ୍ଥୁ, ତସ୍ୟଦେବଃ ପରଂବ୍ରହ୍ମଃ ।।''** ଅର୍ଥାତ୍ : ଯହାଙ୍କର ପ୍ରତିଲୋମ ମୂଳରେ ଅସଂଖ୍ୟ ବିଶ୍ୱ ବିଦ୍ୟମାନ, ସେହି ପରମଦେବ ପରଂବ୍ରହ୍ମ ଅଟନ୍ତି । ସେ ଆପଣା ସତ୍ତା ସ୍ୱରୂପ ବିଶ୍ୱ ବ୍ରହ୍ମାଣ୍ଡର ରେଣୁ ରେଣୁ ଭେଦି ଅବସ୍ଥିତ । ସେ ସୂକ୍ଷ୍ମାତିସୂକ୍ଷ୍ମ ଭାବ ଓ ରୂପରେ ଅବସ୍ଥିତ ଅଟନ୍ତି । ଉପଲବ୍ଧି ବା ଅନୁଭୂତି ବିନା, ବିନା ଅତୀନ୍ଦ୍ରିୟ ଅନୁଭବରେ, ସ୍ଥୂଳ ରୂପରେ ସ୍ଥୂଳ ଭାବରେ ସ୍ଥୂଳ ଇନ୍ଦ୍ରିୟ ସକଳର ସହାୟତାରେ ବ୍ରହ୍ମ ଦର୍ଶନ ସମ୍ଭବ ହୋଇପାରେନା । କେବଳ ବାଗାଡ଼ମ୍ବର ବା ଭାଷା ପ୍ରୟୋଗର କଳା ବା କୌଶଳରେ ତାହା ଲାଭ କରାଯାଇ ପାରେନା । **''ନାୟଂ ଆତ୍ମା ପ୍ରବଚନେନ ଲଭ୍ଯ ।''**

ଦୃଢ଼ ବିଶ୍ୱାସ, ଅପ୍ରତ୍ୟାଶୀ ତ୍ୟାଗ, ପ୍ରଚୁର ଐକାନ୍ତିକ ବିଭୁପ୍ରେମ, ଆନ୍ତରିକ ନିଷ୍ଠା, ଅକୁଣ୍ଠିତ ସେବା, ଅନନ୍ୟା ଭକ୍ତି ବଳରେ ସାଧକ କଠୋର ସାଧନା ମାର୍ଗରେ ଗତି କରୁ କରୁ ଗୋଟିଏ ସଫଳ ମୁହୂର୍ତ୍ତରେ ବିଭୁକୃପା ଲାଭକରେ । ଏହି କୃପା ମହିମାରୁ ତା'ର ସକଳ ବିଷୟା ବନ୍ଧନ ତୁଟି ଯାଏ । ବଦ୍ଧ ଅବସ୍ଥାରୁ ସେ ମୁକ୍ତ ହୁଏ । ମୁକ୍ତ ଅବସ୍ଥାରେ ସେ ଭକ୍ତ ପଦବାଚ୍ୟ ହୁଏ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ସକଳ ଅନୁଭୂତିରେ ବିଭୁକୃପା ପ୍ରାଣେ ପ୍ରାଣେ ଅନୁଭବ କରେ । ସେତେବେଳେ ଏହି ଅନୁଭୂତି ସମ୍ପନ୍ନ ଜ୍ଞାନ ତାର ହୃଦୟ ତଟରେ ଉଦୟ ହୁଏ । ସେତେବେଳେ ଭାଗବତ ବାଣୀ : **''ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।।''** ଏବଂ **''ମୁଁ ଯା'କୁ ହୁଅଇ ସଦୟ । ଜ୍ଞାନ ତା' ହୃଦରୁ ଉଦୟ ।''** ସତ୍ୟହୁଏ, ସାର୍ଥକ ହୁଏ ।। ଏହା କେବଳ କଥାର କଥା ନୁହେଁ । ପ୍ରତ୍ୟେକ ଦିବ୍ୟାତ୍ମା ଏହା ଉପଲବ୍ଧି କରିବେ ହିଁ କରିବେ । କେବଳ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ନିର୍ଦ୍ଦେଶିତ କର୍ମଧାରାରେ ପୁରୁଷାର୍ଥ ପ୍ରୟୋଗ କରିବା ହିଁ ଆମ୍ଭମାନଙ୍କର ଏକମାତ୍ର ସାଧନା, ଏକମାତ୍ର ସିଦ୍ଧିର ପଥ । ପଥହୁଡ଼ିଲେ କିଏ କାହିଁକି ଆମର ସହାୟକ ହେବ ? ପୁରୁଷାର୍ଥ ଉପରେ ଆମର ଅଧିକାର ଅଛି । ଦୈବୀକୃପା ଉପରେ ଅଧିକାର ଆଦୌ ନାହିଁ । ତେଣୁ ଗୀତାର ବାଣୀ ; **''କର୍ମଣ୍ୟେବାଧିକାରେସ୍ତୁ, ମା ଫଳେଷୁ କଦାଚନ ।''** ଏହି କର୍ମାଧିକାର ହିଁ ପୁରୁଷାର୍ଥ ଏବଂ ଫଳପ୍ରାପ୍ତି ହିଁ ଦୈବୀକୃପା ।

ପରଂବ୍ରହ୍ମ ହିଁ ସକଳ କଳାର ନିଧାନ । ସୃଷ୍ଟି ଜଗତରେ ଗଚ୍ଛିତ ସତ୍ତ୍ୱ, ରଜ, ତମ ଗୁଣର ସୂତ୍ରଧରି ଆପଣା କଳାରୁ ଏକ ବା ଏକାଧିକ କଳାର ସୂତ୍ରଧରି ସେ ଜଗତରେ ଲୀଳା ରଚନା କରନ୍ତି । ତ୍ରିଗୁଣର ବୈଷମ୍ୟରୁ ଜୀବ ପାଶରେ ଆବଦ୍ଧ ହୁଏ । କଳାର ସୂତ୍ରଧରି ସେ ଜୀବ ସହିତ ସଂପର୍କ ସ୍ଥାପନ କରନ୍ତି । ଏହି ଗୁଣ ଓ କଳାର ସୂକ୍ଷ୍ମବୀଜ ଜୀବ ଦେହରେ ଗୁଣସୂତ୍ର ବା ଜିନ୍ (Gene) ଭାବରେ ବିଦ୍ୟମାନ । ଜିନ୍‌ର ତାରତମ୍ୟ ହେତୁ ଜୀବମାନଙ୍କ ମଧ୍ୟରେ, ସ୍ୱଭାବ, ରୁଚି, ଅଭ୍ୟାସ ଇତ୍ୟାଦି ଦୃଷ୍ଟିରୁ ପାର୍ଥକ୍ୟ ପରିଲକ୍ଷିତ । ଏକ କୋଷୀ ପ୍ରାଣୀ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ଜୀବଜଗତ, ବୃକ୍ଷ ଜଗତ୍ ଇତ୍ୟାଦି ମଧ୍ୟରେ ଏହି ଜିନ୍ ହିଁ ନିୟାମକ । ବ୍ରହ୍ମ ଏହି ଜିନ୍ ରୂପରେ, ପ୍ରାଣ ସତ୍ତାରୂପରେ ପ୍ରତି ଜୀବ ଦେହରେ ଖେଳୁଛନ୍ତି, ଲୀଳା କରୁଛନ୍ତି । ତେଣୁ ଆମ୍ଭମାନଙ୍କ ମଧ୍ୟରେ ମନାନ୍ତର, ମତପାର୍ଥକ୍ୟ, ରୁଚିର ବିଭିନ୍ନତା ଇତ୍ୟାଦି ସଚରାଚର ସ୍ଥୂଳରେ ପ୍ରକାଶ ପାଉଛି । ଏଥିରେ ଆମ୍ଭେମାନେ ବିଚଳିତ ନହୋଇ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କ ପ୍ରଦତ୍ତ କର୍ମଧାରାରେ ଗଭୀର ଆସ୍ଥା ସ୍ଥାପନ କରି ପ୍ରଭୁଙ୍କର ଆଜ୍ଞା ଓ ଆଦେଶକୁ ଲଙ୍ଘନ ନ କରି ଗଭୀର ନିଷ୍ଠାର ସହିତ କର୍ମପଥରେ ଆଗେଇ ଚାଲିଲେ ତାଙ୍କରି ଇଚ୍ଛାରୁ, ତାଙ୍କରି କୃପାରୁ ଆମ୍ଭେମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଅବଶ୍ୟ ଉପନୀତ ହେବା ।। ଏ ମୀମାଂସା ପ୍ରମାଦଶୂନ୍ୟ ।

'ଚରମ'ର ପ୍ରଚ୍ଛଦପଟରେ ଆମ୍ଭମାନଙ୍କର ସୃଷ୍ଟିର ଉତ୍ସ, ଆମ୍ଭମାନଙ୍କର ଲୀଳାଖେଳା, ଆମ୍ଭମାନଙ୍କର ଗନ୍ତବ୍ୟ ପଥ ଓ ଆମ୍ଭମାନଙ୍କର ଚରମ ଲକ୍ଷ୍ୟ ଅତି ସୁନ୍ଦର, ସରଳ ଓ ବୋଧଗମ୍ୟ ସାଙ୍କେତିକ ପ୍ରତୀକ ମାଧ୍ୟମରେ ପରମ ପ୍ରେମମୟ ଶ୍ରୀଶ୍ରୀଶ୍ରୀ ଠାକୁର ଆମ୍ଭମାନଙ୍କର ଅବଗତି ଓ ଆଧ୍ୟାତ୍ମିକ ଅଗ୍ରଗତି ନିମନ୍ତେ ସ୍ପଷ୍ଟ କରିଦେଇ ଅଶେଷ କରୁଣାଧାରା ବର୍ଷି ଦେଇ ଅଛନ୍ତି ।।

❑ ❑ ❑

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ଜୀବ ଭଗ୍ଦ-ପୁରୁଷ ଠାରୁ ପ୍ରାଣଶକ୍ତି ଧରି ଧରାପୃଷ୍ଠକୁ ଆସୁଛି । ଧରାଧାମକୁ ସେ ଜୀବଧର୍ମ ପାଳନ କରୁ କରୁ ବୟଃବୃଦ୍ଧି ସହିତ ପ୍ରକୃତିରମାୟା ପାଶରେ ବଦ୍ଧ ହୋଇ ଭଗ୍ଦ-ପୁରୁଷଙ୍କୁ ପାଶୋରି ଯାଉଛି । ଫଳତଃ ଦୁଃଖଶୋକ, ରୋଗ, ଜରା, ମୃତ୍ୟୁ କବଳରେ ପଡ଼ି ହାହାକାରକରି ଦୀର୍ଘଶ୍ୱାସ ତ୍ୟାଗ କରୁଛି । ଆପଣା ଭଗ୍ଦଙ୍କୁ ଫେରି ଯିବା ପାଇଁ ବାହୁଡ଼ା ବିଜୟ ନିମନ୍ତେ ଆତ୍ମା ସର୍ବଦା ବିକଳ ହେଉଛି । ପଞ୍ଜୁରୀରେ ଆବଦ୍ଧ ଶୁଆ ଖୋଜୁଛି ଅନନ୍ତ ଆକାଶରେ ପ୍ରଶାନ୍ତ କୋମଳକୋଳ । ପଞ୍ଜୁରୀର ଦ୍ୱାର ଉନ୍ମୁକ୍ତ ନୁହେଁ । ତାହା ଉନ୍ମୁକ୍ତ କରିବ କିଏ ?*

*ଭଗ୍ଦପୁରୁଷ ଆଜି ଆବିର୍ଭୂତ ନରନାରାୟଣ ରୂପରେ । ପଞ୍ଜୁରୀର ଦ୍ୱାର ଖୋଲିଦେବାକୁ ସେ ହିଁ ସମର୍ଥ ପୁରୁଷ । ପୁରୁଷାର୍ଥ ବଳରେ ଦୈବୀକୃପା ଯଥା ମୁହୂର୍ତ୍ତରେ ପ୍ରାପ୍ତ ହେବା ଜୀବର କର୍ତ୍ତବ୍ୟ । ତାହାହିଁ ଆମର ଲକ୍ଷ୍ୟ । ଆମର ଲକ୍ଷ୍ୟ ତେଣୁ ଚରମ ପ୍ରାପ୍ତି । ଏହି ସ୍ତମ୍ଭରେ ଧାରାବାହିକ ଭାବରେ ଆମ ସମସ୍ତଙ୍କୁ ସେହି ସ୍ଥିର ଲକ୍ଷ୍ୟରେ ଆଗେଇ ନେବା ନିମନ୍ତେ ତତ୍ତ୍ୱ ସମ୍ବଳିତ ପ୍ରବନ୍ଧମାନ 'ଚରମ' ପୃଷ୍ଠାରେ ପ୍ରକାଶ ହୋଇ ଆସୁଛି ।*

## ''ବ୍ରହ୍ମାଣ୍ଡ ମାଳମାଳ ହୋଇ । ତୋ ଲୋମ କୂପେ ବିରାଜଇ ।।''

ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା ମଧ୍ୟରୁ ଅନ୍ୟତମ ସାଧକ କବି ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାବ୍ୟକୃତି ମଧ୍ୟରେ 'ଶ୍ରୀମଦ୍ ଭାଗବତ' ସର୍ବଜନବିଦିତ ଏବଂ ସର୍ବଜନ ଆଦୃତ । କେବଳ ଓଡ଼ିଶାର ଘରେ ଘରେ ପୁରପଲ୍ଲୀରେ ନୁହେଁ, ଓଡ଼ିଶା ବାହାରେ ବିହାରର ସରେଇକଳା ଖରସୁଆଁ ଅଞ୍ଚଳରେ ଏବଂ ପଶ୍ଚିମ ବଙ୍ଗଳାର ମେଦିନୀପୁର ଅଞ୍ଚଳରେ ଓଡିଆ ଭାଷାର ଏହି ଭାଗବତ ହିନ୍ଦୀ ଏବଂ ବଙ୍ଗଳା ଅକ୍ଷରରେ ଲେଖାହୋଇ ତାଳପତ୍ର ପୋଥି ଆକାରରେ ପୂଜା ପାଉଛି ଓ ପଢ଼ା ହେଉଛି । ଲେଖକ ନିଜେ ମେଦିନୀପୁରର ତାମର୍ଲୁକ୍, ମହିଷାଦଳ ଅଞ୍ଚଳ ଏବଂ ସରେଇକଳା ଅଞ୍ଚଳ ଭ୍ରମଣକାଳରେ ଅନେକ ପଲ୍ଲୀଗ୍ରାମରେ ରାତ୍ରିଯାପନ କରିଛି ଏବଂ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ନିୟମିତ ପାଠ କରାଯିବାର ଶୁଣିଛି ।

ଅଲୌକିକ ପ୍ରତିଭାଧର କବି ଜଗନ୍ନାଥଙ୍କର ଭାଗବତ କେବଳ ଏକ ଧର୍ମଗ୍ରନ୍ଥ ନୁହେଁ । ଏହା ଏକ ଅନବଦ୍ୟ ସାହିତ୍ୟ ଗ୍ରନ୍ଥରେ ସନ୍ନିବେଶିତ ହୋଇଛି । ଆଡ଼ମ୍ବରଶୂନ୍ୟ ସରଳଭାଷାରେ ଭାଗବତ ଗ୍ରନ୍ଥ ଲିଖିତ । ତେଣୁ ଅନେକେ ଏହାର ଆକ୍ଷରିକ ସ୍ଥୂଳ ଅର୍ଥ ବୋଧକରି ସନ୍ତୁଷ୍ଟ ହୋଇଥାଆନ୍ତି । କିନ୍ତୁ, ଏହି ସରଳ ତରଳ କୋମଳ ଭାଷା ବିନ୍ୟାସର ଅନ୍ତରାଳରେ ରହିଯାଏ ଜଟିଳ ଗୂଢ଼ତତ୍ତ୍ୱ ସମ୍ବଳିତ ତଥ୍ୟ । ଏହା ବହୁଭାବରେ ବହୁପଦରେ ବହୁଟ ୀରେ ଅବୋଧ୍ୟ ରହିଯାଏ । ଫଳତଃ ସାଧକ ଜଗନ୍ନାଥଙ୍କର ଦୃଷ୍ଟିତତ୍ତ୍ୱ ପାଠକଙ୍କ ନିକଟରେ ପହଞ୍ଚିପାରେ ନାହିଁ । ଏହାହିଁ ଭାଗ୍ୟର ବିଡ଼ମ୍ବନା; ଉପହାସ ।

ବିଶ୍ୱପତି ଈଶ୍ୱର ଶୂନ୍ୟ ପୁରୁଷ । ସେ ନିରା ାର । ସେ ନିର୍ଗୁଣ । ସେ ଅରୂପ । ସେ ପୂର୍ଣ୍ଣବ୍ରହ୍ମ ସେପାରିରେ ଥିବା ପରଂବ୍ରହ୍ମ । ଆକାର ମଧ୍ୟରେ ନିରାକାର, ଗୁଣ ମଧ୍ୟରେ ନିର୍ଗୁଣ; ସ୍ୱରୂପ ମଧ୍ୟରେ ଅରୂପ ଏବଂ ସକଳ ଜଡ଼ ବସ୍ତୁ ମଧ୍ୟରେ ବ୍ରହ୍ମ ବିଦ୍ୟମାନ ବୋଲି ଉପଲବ୍ଧି କରିବା ସର୍ବସାଧାରଣଙ୍କ ପକ୍ଷରେ ସହଜସାଧ୍ୟ ବ୍ୟାପାର ନୁହେଁ । ଭାଗବତ ସ୍ରଷ୍ଟା ସିଦ୍ଧପୁରୁଷ ଜଗନ୍ନାଥ କିନ୍ତୁ ଏହା ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ଶୂନ୍ୟପୁରୁଷ ଈଶ୍ୱରୀୟ ସତ୍ତାର ପ୍ରତିଲୋମକୂପରେ ମାଳମାଳ ବ୍ରହ୍ମାଣ୍ଡ ଠୁଳ ହୋଇଥିବାର ସେ ପ୍ରତ୍ୟକ୍ଷ ଉପଲବ୍ଧି କରିଥିଲେ । ସ୍ୱଉପଲବ୍ଧ ପ୍ରତ୍ୟକ୍ଷ ଦିବ୍ୟଜ୍ଞାନର ଦ୍ରଷ୍ଟାଥିଲେ ଜଗନ୍ନାଥ । ତେଣୁ ସ୍ୱରଚିତ ଭାଗବତରେ ସେ ପଦଟିଏ ଯୋଖିଦେଲେ :

*''ବ୍ରହ୍ମାଣ୍ଡ ମାଳମାଳ ହୋଇ । ତୋ ଲୋମକୂପେ ବିରାଜଇ ।''*

ଭଗବାନଙ୍କ ଗୁଣଗାନ କରି ଜଗନ୍ନାଥ ଦାସ ପ୍ରଭୁଙ୍କ ଲୋମକୂପରେ ଗୋଟିଏ ନୁହେଁ କୋଟିଏ ବ୍ରହ୍ମାଣ୍ଡ ଦର୍ଶନ କରନ୍ତି ।।

ପ୍ରଭୁ ପରମପୁରୁଷଙ୍କର ଏତାଦୃଶ ସ୍ୱରୂପ ଦର୍ଶନ ଅନ୍ତରାଳରେ ସାଧକ ଶ୍ରେଷ୍ଠ ଜଗନ୍ନାଥ ଦାସଙ୍କର ତତ୍ତ୍ୱଦର୍ଶନ ହିଁ.

ଘଟିଥିଲା । ଅର୍ଜୁନଙ୍କର ମନରେ ଭରି ଯାଇଥିବା ବିଷାଦକୁ ଦୂର କରିବା ନିମନ୍ତେ ପାର୍ଥସାରଥୀ ଶ୍ରୀକୃଷ୍ଣ ରଥୀ ଅର୍ଜୁନଙ୍କର ମୋହଭଙ୍ଗ ନିମନ୍ତେ ଶ୍ରୀମଦ୍ ଭାଗବତ ଗୀତାର ବିଷାଦଯୋଗଃ ପର୍ବରେ ସକଳ କୌଶଳ ପ୍ରୟୋଗ କରିଛନ୍ତି । ବହୁତତ୍ତ୍ୱ, ବହୁଦର୍ଶନ, ବହୁଯୋଗ ସମ୍ବନ୍ଧରେ ସ୍ୱୟଂ ଶ୍ରୀକୃଷ୍ଣ ପ୍ରବଚନ ଦେଲେ । ଅର୍ଜୁନଙ୍କର ସଂଶୟାଚ୍ଛନ୍ନ ମନର ଅସଂଖ୍ୟ ପ୍ରଶ୍ନର ସମୁଚିତ ଓ ଯଥାର୍ଥ ସମାଧାନ ଦେଇ ଶଙ୍କା ଓ ସନ୍ଦେହ ମୋଚନ ନିମନ୍ତେ ସମସ୍ତ ଉଦ୍ୟମ କଲେ । ତଥାପି କିଛି ଫଳ ହେଲା ନାହିଁ । ଅର୍ଜୁନ ସଖା କୃଷ୍ଣଙ୍କର ସ୍ୱରୂପଦର୍ଶନ ଅଭିଳାଷ ବ୍ୟକ୍ତ କଲେ । ''ତଥାସ୍ତୁ'' କହି ଭଗବାନ କୃଷ୍ଣ ମହାଭାରତ ଯୁଦ୍ଧ ପ୍ରାଙ୍ଗଣରେ ଅଗଣିତ ଜନସମାବେଶରେ ସ୍ୱଚ୍ଛ ସୂର୍ଯ୍ୟାଲୋକରେ ଏହି ଧରଣୀ ଧୂଳି ଉପରେ ନୀଳ ଆକାଶତଳେ ଆପଣାର ବିଶ୍ୱରୂପ ପ୍ରଦର୍ଶନ କଲେ । ଦର୍ଶନଲାଭର ସୌଭାଗ୍ୟ ଲାଭକଲେ କେବଳ ଅର୍ଜୁନ । ଉପସ୍ଥିତ ଅନ୍ୟ ସମସ୍ତେ ଶ୍ରୀକୃଷ୍ଣଙ୍କର ମାନୁଷୀତନୁହିଁ ଦେଖୁଥିଲେ ବୀର ଅର୍ଜୁନଙ୍କ ରଥର ସାରଥି ଭୂମିକାରେ । ଆଧ୍ୟାତ୍ମିକ ଦର୍ଶନର ଅନ୍ତରାଳରେ ପ୍ରଭୁକୃପାର ମହତ୍ତ୍ୱ କେବଳ ଯଥାର୍ଥ ଅନୁଗତ, ସ୍ୱୟଂ ସମର୍ପିତ ଭକ୍ତଜନ ହିଁ ଦର୍ଶନ କରେ, ଉପଲବ୍ଧି କରେ, ଅନୁଭୂତି ସମ୍ପନ୍ନ ହୁଏ । ଯେ ଯେତେ ବାକ୍ ଚାତୁରୀ, ବାଗାଡ଼ମ୍ବର କଲେ ମଧ୍ୟ ମୂଢ଼ତାରେ ଅନ୍ଧ ହୋଇ ଅବିଶ୍ୱାସ କରୁଥିଲେ, ସ୍ୱୟଂ ସ୍ୱାର୍ଥପର ଗୃଧ୍ର ସାଜି ସମର୍ପିତ ଭକ୍ତର ଅଭିନୟ କଲେ ମଧ୍ୟ ଅନ୍ତର୍ଯ୍ୟାମୀ ପ୍ରଭୁ ତାହାର ଅନ୍ତରର ସମସ୍ତ ଭାବ ଓ ଭଙ୍ଗୀକୁ ନିର୍ଭୁଲ ଭାବରେ ତଉଲି ଉପଯୁକ୍ତ ପଦକ୍ଷେପ ନେଇଥାଆନ୍ତି । ତଦ୍ ପ୍ରଦତ୍ତ ଦୃଷ୍ଟିରେ ଯେ ଯେତିକି ଦର୍ଶନ କରିବାର ଯୋଗ୍ୟ କେବଳ ସେତିକି ହିଁ ପାଇଥାଏ । ତହୁଁ ଊଣା ନୁହେଁକି, ତହୁଁ ଅଧିକ ମଧ୍ୟ ନୁହେଁ । ଏହି ପ୍ରତ୍ୟକ୍ଷ ଦିବ୍ୟାନୁଭୂତି ଅନୁଗତ ଅନୁଭବୀ ପାଇଁ ଯେତିକି ସତ୍ୟ ଏବଂ ସ୍ୱଚ୍ଛ; ଅନ୍ୟମାନଙ୍କ ପାଇଁ ହୁଏତ ସେତିକି ସତ୍ୟ ବା ସ୍ୱଚ୍ଛ ହୋଇ ନ ପାରେ । ଅଥବା ସେମାନଙ୍କ ପାଇଁ ମିଥ୍ୟା ଓ ଅସ୍ୱଚ୍ଛ ମଧ୍ୟ ହୋଇପାରେ । ଏ ସକଳ ଲୀଳାର ଅନ୍ତରାଳରେ ପ୍ରଭୁ ପରମେଶ୍ୱରଙ୍କର ପ୍ରଚ୍ଛନ୍ନ ଇଚ୍ଛା ଓ ଶକ୍ତିମୟୀ ଯୋଗମାୟାଙ୍କର କ୍ରିୟା ହିଁ ବିଦ୍ୟମାନ ।

ନିରାକାର ଜ୍ୟୋତିର୍ମୟ ବ୍ରହ୍ମରୁ ବ୍ରହ୍ମାଣ୍ଡର ସୃଷ୍ଟି । ବ୍ରହ୍ମାଣ୍ଡର ଅଣୁପରମାଣୁରେ, କୋଣ ଅଣୁକୋଣରେ, କ୍ଷୁଦ୍ର ଦୁର୍ବାଠାରୁ ଆରମ୍ଭକରି ବିଶାଳକାୟ ବଟବୃକ୍ଷ, ଗିରିରାଜ ହିମାଳୟ, ସୁଗଭୀର ପ୍ରଶାନ୍ତ ମହାସାଗରରେ ବ୍ରହ୍ମ ବିଦ୍ୟମାନ । କୋଟି କୋଟି ପିଣ୍ଡ / ଅଂଶ, ଜଡ଼ ଓ ଚେତନ, ଜୀବନ୍ତ ଓ ନିର୍ଜୀବ ସମସ୍ତ ସତ୍ତାରେ ବିଦ୍ୟମାନ ବ୍ରହ୍ମର ଯୋଗସୂତ୍ର ଅବିଚ୍ଛିନ୍ନ । ଏହି ଯୋଗସୂତ୍ରରେ ଗ୍ରଥିତ ମାଳମାଳ ପିଣ୍ଡ ବ୍ରହ୍ମାଣ୍ଡ ବ୍ରହ୍ମ ପୁରୁଷର ପ୍ରତିଲୋମ କୂପରେ ବିରାଜମାନ । ଏହା ସିଦ୍ଧପୁରୁଷ ଜଗନ୍ନାଥ ଦାସଙ୍କର କଳ୍ପନାବିଳାସିତ ହୋଇନପାରେ । କବି ହୃଦୟର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ତାଙ୍କର ସିଦ୍ଧ ଦର୍ଶନ । ଏ ଦର୍ଶନର ଦ୍ରଷ୍ଟା ଆସନରେ ଆସୀନ ଜଗନ୍ନାଥ ଯେଉଁ ସକଳ ତତ୍ତ୍ୱର ପରିଚୟ ପାଇଥିଲେ, ତାହା ତାଙ୍କର ରଚିତ ଶ୍ରୀମଦ୍‌ଭାଗବତରେ ସନ୍ନିବିଷ୍ଟ । ଆଜି ବିଂଶ ଶତାବ୍ଦୀ ଗତାୟୁ । ଏକବିଂଶ ଶତାବ୍ଦୀର ସ୍ୱାଗତିକା ସଂରଚନ କରେ ଜଡ଼ବାଦୀ ମାନବ ସମାଜ ଜଡ଼ତ୍ୱ ଉପଚାରରେ । ଏହି ସନ୍ଧିକ୍ଷଣରେ ଜଗନ୍ନାଥଙ୍କ ଭାଗବତର ତତ୍ତ୍ୱବାଣୀ ଅଚେତନଶୀଳ ମନୁଷ୍ୟ ପକ୍ଷରେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରିବାକୁ ହୁଏତ ମନେହୋଇପାରେ । ବିଜ୍ଞାନ ବା ପ୍ରଯୋଗାତ୍ମିକା ଜଡ଼ଜ୍ଞାନର ଚରମ ସୋପାନରେ ଉପନୀତ ମଣିଷ ଏ ତତ୍ତ୍ୱରୁ ବୈଜ୍ଞାନିକ ପ୍ରାମାଣିକତାର ତଥ୍ୟାବଳୀର ସନ୍ଧାନକରି ହୁଏତ ନିରାଶ ହୋଇପାରେ । ମାତ୍ର ପ୍ରୟୋଗାତ୍ମିକା ଜଡ଼ଜ୍ଞାନ (ବିଜ୍ଞାନ)ର ବହୁ ଊର୍ଦ୍ଧ୍ୱରେ ଆଧ୍ୟାତ୍ମିକ ସତ୍ୟଜ୍ଞାନର ସ୍ଥାନ । ଏହା ପ୍ରକୃତ ପକ୍ଷରେ ସମସ୍ତ ଯୁକ୍ତି, ତର୍କ, ପ୍ରମାଣ, ପ୍ରୟୋଗ, ପରୀକ୍ଷା ନିରୀକ୍ଷାର ଊର୍ଦ୍ଧ୍ୱରେ । ଚୈତନ୍ୟମୟ ଚେତନା ସୂକ୍ଷ୍ମଦୃଷ୍ଟିକୋଣ, ନିଃସର୍ତ୍ତ ଭଗବତ୍ ବିଶ୍ୱାସ, ପ୍ରଗାଢ଼ ଧ୍ୟାନ ତଥା ସର୍ବୋପରି ଗୁରୁକୃପା ଏବଂ ଏତଦ୍ ଜନିତ ଫଳଶ୍ରୁତିରୁ ହିଁ ଏହା ଅନ୍ତର୍ଜଗତରେ ଅନୁଭୂତ ହୁଏ ।

ବ୍ରହ୍ମରୁ ପର୍ଯ୍ୟାୟକ୍ରମେ ପଞ୍ଚଭୂତର ସୃଷ୍ଟି, ପଞ୍ଚତନ୍ମାତ୍ରାର ସୃଷ୍ଟି, ଏବଂ ଏଥିରୁ ସୃଷ୍ଟି ହୁଏ ଜଡ଼ ଜଗତ, ପ୍ରାଣୀ ଜଗତ । ସବୁରି ମଧ୍ୟରେ ବ୍ରହ୍ମ ସତ୍ତାହିଁ ବିଦ୍ୟମାନ । ମୂଳସୂତ୍ରକୁ ଧରି ଏ ସମସ୍ତ ଯେତେବେଳେ ସଚେତ ହୁଅନ୍ତି ସେତେବେଳେ ତାଙ୍କର ନାମ ହୁଏ ଯୋଗମାୟା ତ୍ରିପୁରାସୁନ୍ଦରୀ, ରାଧା । ସେହି ''ରାଧା''ଙ୍କର -ରାଧା-ଧାରା-ସୂତ୍ରରେ ଆତଯାତ ଲାଗିଛି ଏ ବିଶ୍ୱରେ । ଅଖିଳ ବିଶ୍ୱପତି ରାଧା ଭାବରେ ଅବତରିତ ହୋଇ ପ୍ରାଣୀ ହୃଦୟରେ ଅଧିଷ୍ଠିତ ହୁଅନ୍ତି ଚୈତନ୍ୟ ସ୍ୱରୂପରେ । ତେଣୁ ଯଥାର୍ଥ ଧାରାଧରି ତାଙ୍କ ସତ୍ତା ଉପଲବ୍ଧି କରିବାର ସହଜ ସୁଲଭ ମାର୍ଗ । ଏହି ଦିବ୍ୟ

ଅନୁଭୂତି ହିଁ ସକଳ ଘଟରେ ନାରାୟଣ ଦର୍ଶନ କରେ । ଏହି ସାଧନା ଆପାତଃ ସହଜ ମନେ ହେଲେ ହେଁ, ବହୁ ଆୟାସ ସାଧ୍ୟ । ସାମାନ୍ୟତିମ ଅହଂବୁଦ୍ଧି ସମ୍ପନ୍ନ ହେଲେ, ଏହା କେବଳ ବଚନ ସର୍ବସ୍ୱ ବା ସ୍ୱପ୍ନ ସର୍ବସ୍ୱ ହୋଇ କଳ୍ପନାର ମରୁବାଲିରେ ସୂକ୍ଷ୍ମବୀଜର ଗଜା ମରୁଡ଼ି ପରି ଅବସ୍ଥା ଘଟିଥାଏ । ମାତ୍ର ନିରହଂକାର, ଦୃଢ଼ ସଂକଳ୍ପ, ପ୍ରଗାଢ଼ ଯୋଗାରୂଢ଼ ହୋଇ କର୍ମ ଯୋଗରେ ଆନନ୍ଦ ଉପଲବ୍ଧି କରିପାରିଲେ ଏହା ମୁହୂର୍ତ୍ତକ ମଧ୍ୟରେ ମୁଷ୍ଟିଗତ ହୁଏ । ଥରେ ଏହି ଧାରାରେ ଆରୋହଣ କଲେ, ବ୍ରହ୍ମାନନ୍ଦ ଲାଭ ହୁଏ । ସେତେବେଳେ ମାଳ ମାଳ ବ୍ରହ୍ମାଣ୍ଡ ତାଙ୍କରି ଲୋମ କୂପରେ ବିରାଜମାନ ଥିବାର ଅପୂର୍ବ ଦିବ୍ୟ ଦୃଶ୍ୟ ପ୍ରତୀୟମାନ ହୁଏ, ଦର୍ଶନ ହୁଏ,ଅନୁଭୂତ ହୁଏ । ଏହି ଦର୍ଶନ ହିଁ ସତ୍ୟ ଦର୍ଶନ, ବ୍ରହ୍ମ ଦର୍ଶନ ।

ସେ ହିଁ ଅନାଦି, ଅନନ୍ତ; ପୁରୁଷ ମହାନ୍ତ । ସେ ମହାଶୂନ୍ୟ, ମହାକାଳ ରୂପରେ ସର୍ବତ୍ର ପରିବ୍ୟାପ୍ତ । ନିଖିଳ ବିଶ୍ୱକୁ ସେ ଆବୋରି ଅଛନ୍ତି । ଅଖିଳ ବିଶ୍ୱବ୍ରହ୍ମାଣ୍ଡର ପିଣ୍ଡରେ ପିଣ୍ଡରେ ସେ ବିଦ୍ୟମାନ ଥାଇ କୋଟି କୋଟି ମାଳମାଳ ବ୍ରହ୍ମାଣ୍ଡ ପ୍ରତିଭାତ କରି ଅଛନ୍ତି । ଏହି ସକଳ ମାଳମାଳ ବ୍ରହ୍ମାଣ୍ଡ ତାଙ୍କୁ ହିଁ ଆଧାର କରି ଆଧେୟ ରୂପରେ ପ୍ରକାଶିତ । ପୁନଶ୍ଚ ମାଳମାଳ ବ୍ରହ୍ମାଣ୍ଡର ଆଧାରରେ ସେହିଁ ଏକମାତ୍ର ଆଧେୟ । ଏହା ଅତୀନ୍ଦ୍ରିୟ ଅନୁଭୂତି ଲବ୍ଧ ଏକ ଦିବ୍ୟଜ୍ଞାନ । ସେ ହିଁ ଏହି ଜ୍ଞାନ ରୂପରେ ସର୍ବତ୍ର ପ୍ରଦୀପ୍ତ ।

ତେଣୁ ଯାବତୀୟ ପିଣ୍ଡରେ ସେହି ଶାଶ୍ୱତ ସନାତନ ସତ୍ୟ ସ୍ୱରୂପ ପରମବ୍ରହ୍ମ ଚୈତନ୍ୟସ୍ୱରୂପ ଅବସ୍ଥାନ କରୁଥିଲେ ହେଁ, ସକଳ ପିଣ୍ଡ ବ୍ରହ୍ମାଣ୍ଡ ତାଙ୍କୁହିଁ ଆଶ୍ରୟ କରି ଆପଣାର ସ୍ଥିତି ବଜାୟ ରଖିଛନ୍ତି । ତେଣୁ ସେହି ମହାନ ସତ୍ତାଶ୍ରୟୀ ଅନ୍ୟ ସକଳ ସତ୍ତା ସବୁରି ମଧ୍ୟରେ ସେ ହିଁ ବିରାଜିତ ଏବଂ ତାଙ୍କର ପ୍ରତିଲୋମ ମୂଳରେ ଅନ୍ୟ ସକଳସତ୍ତା ପ୍ରକାଶିତ । ଆବ୍ରହ୍ମସ୍ତମ୍ଭ ତାଙ୍କରି ପ୍ରତିଲୋମମୂଳରେ ବିରାଜିତ । ଏହି ବିଶ୍ୱବ୍ରହ୍ମାଣ୍ଡର୍ ସକଳ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୌରମଣ୍ଡଳ, ମହାକାଶ, ଇତ୍ୟାଦିକୁ ସେ ଆବୃତ୍ତ କରି ଆପଣା ମହତୀ ସତ୍ତାରେ ଏକୀଭୂତ କରିଅଛନ୍ତି । ସେ ଏକ, ସେ ଅନେକ । ଅନେକ ଅନେକ ସେହି ଏକ ମଧ୍ୟରେ ଜଡ଼ିତ, ପୁଞ୍ଜୀଭୂତ, ଗ୍ରଥିତ । ଏ ବିଶ୍ୱ ତେଣୁ ବ୍ରହ୍ମମୟ । ଏ ବିଶ୍ୱ ତେଣୁ ଆନନ୍ଦମୟ । ସମାନୁଭୂତି ସମ୍ପନ୍ନ ଦିବ୍ୟଦ୍ରଷ୍ଟା ମାତ୍ରେହିଁ ଏହି ଦିବ୍ୟ ତତ୍ତ୍ୱରେ ଏକମତ । ଏହି ସହମତି ହିଁ ସଂହତି । ଏହି ନିଃସର୍ତ୍ତ ସଂହତି ହିଁ ଚରମପ୍ରାପ୍ତି । ଚରମପ୍ରାପ୍ତି ହିଁ ବ୍ରହ୍ମଦର୍ଶନ । ବ୍ରହ୍ମଦର୍ଶନ ହିଁ ନିର୍ବାଣ ।

ନିରାକାର, ନିର୍ଗୁଣ, ଅରୂପ, ଚିନ୍ମୟ, ଅନାଦି, ଅନନ୍ତ, ଶୂନ୍ୟପୁରୁଷ ପୂର୍ଣ୍ଣବ୍ରହ୍ମ ଯେତେବେଳେ ଦେବାବତରଣ କରି ମହୀମଣ୍ଡଳରେ ମାନୁଷୀତନୁରେ ଆକାର, ଗୁଣ, ରୂପ ଇତ୍ୟାଦି ପରିଗ୍ରହ କରି ବାହ୍ୟତଃ ସ୍ଥୂଳଲୀଳା ସଂରଚନ କରନ୍ତି ସେତେବେଳେ ତାଙ୍କର ଭୂତ ଶରୀରରେ ମହାଈଶ୍ୱରୀୟ ମହାଭାବକୁ ଚିହ୍ନିବା ଜାଗତିକ ବିଷୟରସ ନିମଗ୍ନ ଅଗଣିତ ସାଧାରଣ ମନୁଷ୍ୟଙ୍କ ପକ୍ଷରେ ସହଜ ହୁଏ ନାହିଁ । ସମ୍ଭବ ମଧ୍ୟ ହୁଏ ନାହିଁ । ହୋଇପାରେ ନାହିଁ । ଇଚ୍ଛାମୟ ପୁରୁଷଙ୍କର ସକଳ ଇଚ୍ଛା ମଧ୍ୟରୁ ଏହା ଅନ୍ୟତମ ଇଚ୍ଛା ମଧ୍ୟ ହୋଇପାରେ । ଯେଉଁ ଇଚ୍ଛାଶକ୍ତିର ଅଧୀନ ଯୋଗମାୟା, ସେହି ଇଚ୍ଛାଶକ୍ତିର ବଶବର୍ତ୍ତୀ ହେଲେ ସେ ମାୟା, ମୋହ, ମାତ୍ସର୍ଯ୍ୟ, ମଦ (ଗର୍ବ), ଅହଂକାର, ଅସ୍ମିତା ଇତ୍ୟାଦିର ଘନ ତମସା ଆସ୍ତରଣ ଦ୍ୱାରା ବ୍ୟକ୍ତି ସତ୍ତାର ଚୈତନ୍ୟକୁ ଆଚ୍ଛାଦନ କରି ପ୍ରହେଳିକା ସୃଷ୍ଟି କରନ୍ତି । ପ୍ରଭୁଙ୍କର ଲୀଳା ନାଟକ ରସୋତ୍ତୀର୍ଣ୍ଣ ହୁଏ । ମାତ୍ର ଯେଉଁ କତିପୟ ପାର୍ଷଦ ତାଙ୍କ ଦ୍ୱାରା ସୁନିର୍ବାଚିତ ହୋଇ ଥାଆନ୍ତି, ସେମାନେ ଅନାୟାସରେ ତାଙ୍କର ସୂକ୍ଷ୍ମଗତ ପରିଚୟ ପାଇଥାଆନ୍ତି । ତାହାପୁଣି ତାଙ୍କରି ଇଚ୍ଛାରେ, ତାଙ୍କରି କୃପାରେ, ତାଙ୍କରି ଲୀଳା ନାଟକରେ ଚରିତ୍ର ରୂପରେ । ସେମାନଙ୍କ ଦୃଷ୍ଟିରେ ତାଙ୍କର ସ୍ଥୂଳଗତ ମାନୁଷୀ ତନୁର ପ୍ରଚ୍ଛନ୍ନରେ ଥିବା ମହାଈଶ୍ୱରୀୟ ମହାଭାବ ଧରାପଡ଼େ । ସେମାନେ ତାଙ୍କର ପ୍ରତିଲୋମ କୂପରେ ମାଳମାଳ ବ୍ରହ୍ମାଣ୍ଡର ସୂକ୍ଷ୍ମ ଦର୍ଶନ କରିଥାଆନ୍ତି । ବିଶ୍ୱରୂପ ଦର୍ଶନ କରିଥାଆନ୍ତି । ହୋଇପାରେ ଏହା ଅନ୍ୟମାନଙ୍କ ପକ୍ଷରେ ଅଚିନ୍ତନୀୟ, ଅକଳ୍ପନୀୟ, ଅସମ୍ଭବ ।। (କ୍ରମଶଃ)


❑❑❑

ଗୁରୁ ପାଶେ ସଦା ବସିବା ସୁଖ ।
ଛାଡ଼ିଦିଅ ଧନ, ମୋହ ବିମୁଖ ।।

କେ ନୁହେଁ ମୋର, ମୁଁ ନୁହେଁ କା'ର ।
ଆକାରରେ ଦେଖ ସେ ନିରାକାର ।।

ସହଜ ଧାରାରେ ଜଟିଳଯୋଗ । ସାଧିଲେ ମିଳଇ ଚରମ ଭୋଗ ।।

# ଶ୍ରୀମନ୍ଦିର



## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

ଅଚ୍ୟୁତଙ୍କ ଲେଖନୀରୁ :

ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା : ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଯଶୋବନ୍ତ, ଅନନ୍ତ : ଏମାନଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ଅନ୍ୟତମ । ପ୍ରତ୍ୟେକଙ୍କ ରଚନା ଅତୁଳନୀୟ ମହନୀୟତାରେ ପରିପୂର୍ଣ୍ଣ । ଅଚ୍ୟୁତାନନ୍ଦଙ୍କ ସୃଷ୍ଟି ସମ୍ଭାର ଅନନ୍ୟ ସାଧାରଣ ।

*ଅଗମ୍ୟ ଭାବ ଜାଣେ ଯଶୋବନ୍ତ । ଗାରକଟା ଯନ୍ତ୍ର ଜାଣେ ଅନନ୍ତ ॥*
*ଆଗତନାଗତ ଅଚ୍ୟୁତ ଭଣେ । ବଳରାମ ଦାସ ତତ୍ତ୍ୱ ବଖାଣେ ॥*
*ଭକ୍ତିର ଭାବ ଜାଣେ ଜଗନ୍ନାଥ । ପଞ୍ଚସଖାଏ ଓଡ଼ିଶା ମହନ୍ତ ॥*

ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଆପଣାର ସାରସ୍ୱତ ସୃଷ୍ଟିର ଛତ୍ରେ ଛତ୍ରେ ଭବିଷ୍ୟତ ବାଣୀ ଓ ସତର୍କ ଚେତାବନୀ ସାଙ୍କେତିକ ଭାଷାରେ, ମନୋରମ ପଦାବଳୀ ଓ ସାବଲୀଳ ଶୈଳୀରେ ପ୍ରକାଶ କରି ଓଡ଼ିଶାର ଆଧ୍ୟାତ୍ମିକ ଜୀବନକୁ ଯେପରି ଋଦ୍ଧିମନ୍ତ କରିଯାଇଛନ୍ତି, ସାରସ୍ୱତ ଦିଗନ୍ତକୁ ସେହିପରି ସୁଦୂର ପ୍ରସାରୀ କରିଯାଇଛନ୍ତି ।

ଅଧ୍ୟାତ୍ମବାଦୀ ପଞ୍ଚସଖା ତେଣୁ ଆମ୍ଭମାନଙ୍କର ନମସ୍ୟ, ଆରାଧ୍ୟ ଓ ନିତ୍ୟସ୍ମରଣୀୟ । ଭକ୍ତ କବିର ଆରାଧନାରେ :

*''ନମସ୍ତେ ଅଚ୍ୟୁତାନନ୍ଦଂ ନମସ୍ତେ ଜଗନ୍ନାଥାୟ । ନମୋଯଶୋବନ୍ତାନନ୍ତଂ ବଳରାମଂ ନମୋ ନମଃ ॥''*


ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ପଦାରବିନ୍ଦରେ ପ୍ରଣତି ଜଣାଇ 'ଚରମ' ପୃଷ୍ଠାରେ ''ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍'' ସ୍ତମ୍ଭରେ ''ଅଚ୍ୟୁତଙ୍କ ଲେଖନୀରୁ'' ଶୀର୍ଷକର ପ୍ରତି ପାଖୁଡ଼ାରେ ସାଧକ କବି ଅଚ୍ୟୁତାନନ୍ଦଙ୍କ ଅମୃତନିସ୍ୟନ୍ଦିନୀ ଲେଖନୀ ନିଃସୃତ ରଚନାରୁ କିଛି ସଂଯୋଗ କରିବାର ପରମ୍ପରାକୁ ସଂପାଦନା ସମ୍ମାନ ଜଣାଇ ସମ୍ପ୍ରତି ତୃତୀୟ ପାଖୁଡ଼ାରେ ''ମହାବିବେକ ଗ୍ରନ୍ଥର'' ଷଷ୍ଠ ଖଣ୍ଡରୁ କତିପୟ ଉଦ୍ଧୃତ ପତ୍ରସ୍ଥ କରେ ।

ଏହି ଉଦ୍ଧୃତାଂଶର ବ୍ୟାଖ୍ୟା ପରବର୍ତ୍ତୀ ପାଖୁଡ଼ାରେ ପତ୍ରସ୍ଥ ହେବାର ପ୍ରତିଶ୍ରୁତି ଦେଉଅଛୁଁ ।

### ମହାବିବେକ ଗ୍ରନ୍ଥ : ଷଷ୍ଠ ଖଣ୍ଡରୁ ଉଦ୍ଧୃତ

କହୁଅଛି ରାମ ତୋତେ ଗୁପତ ବାରତା । କଳି ଅନ୍ତ ପୁଣି କୋଷ ଦେହେ କିତା କିତା ॥ ୧ ॥
ରକ୍ତ ମାଂସ ଚର୍ମରେ ଯେ ପ୍ରାଣ ଅଛି ରାମ । ଅନ୍ତ କଳିରେ ଧିଆନ ବଢ଼ିବ ଯେ କାମ ॥ ୨ ॥
ବାଣ ଅନ୍ତ ଲିତା କାଳେ ଖସିବ ପୁରୁଷ । କେହି ନ ଜାଣିବେ ସର୍ବେ ହେବେ ଅବଶୋଷ ॥ ୩ ॥
ଏ କଳି ଅନ୍ତରେ ରାମ ମୁକତିର ପଥ । ମନେ ମନେ ଗମିବୁ ତୁ ଏ କଥାଟି ସତ ॥ ୪ ॥
କୋଷ ଚିହ୍ନି ମନ୍ତ୍ର ଦେବେ ଗୁରୁରୂପେ ଜାଣ । ସ୍ୱାୟୁ ଦେଖି ପ୍ରଣାମକୁ କରିଥିବୁ ଟାଣ ॥ ୫ ॥
ଅଷ୍ଟ ଅଙ୍ଗ ଲଗାଇତୁ ପ୍ରଣାମ କରିବୁ । ସହଜ ସୂତ୍ରର ନାମ କଳିକି ତରିବୁ ॥ ୬ ॥
ଏ କଥା କହୁଛି ତୋତେ ସହଜ ସୂତ୍ରରେ । ଜାଣିଥା ଅଚ୍ୟୁତ କହେ ଏ ଦିବା ରାତ୍ରରେ ॥ ୭ ॥

❑❑❑




'ଚରମ' ର ତୃତୀୟ ପାଖୁଡ଼ାରେ ଅଳଂକରଣରେ 'ପୁରାଣପୃଷ୍ଠାରୁ' ଅନ୍ୟ ଏକ ଅନବଦ୍ୟ ସୁଖପାଠ୍ୟ ସ୍ତମ୍ଭ । ଏହି ଶୀର୍ଷକରେ ବିଭିନ୍ନ ପୁରାଣରୁ ଆଂଶିକ ଆଖ୍ୟାୟିକାଟି ସଂଯୋଜିତ ହେବ । ଏହି ସ୍ତମ୍ଭର ବିଶେଷ ଆକର୍ଷଣ ହେଉଛି : ସଂଯୋଜିତ ଆଖ୍ୟାୟିକାର ପ୍ରଚ୍ଛନ୍ନ ମୀମାଂସା । ପରାଶରାତ୍ମଜ ଶୁକତାତ ତପୋନିଧି ବେଦବ୍ୟାସ ଅଷ୍ଟାଦଶ ପୁରାଣ ରଚନା କରିବା ସହିତ ତହିଁରେ ବହୁତତ୍ତ୍ୱ ସନ୍ନିବେଶ କରିଥିଲେ । କାଳକ୍ରମେ ମାନବଜାତି ନିଗୂଢ଼ ତତ୍ତ୍ୱର ମହତ୍ତ୍ୱକୁ ହେୟ ମନେ କରି କେବଳ ପୌରାଣିକ ଗଳ୍ପଭାବରେ ସେ ସବୁରୁ ଆମୋଦ ଲାଭ କଲା । ଫଳତଃ ବ୍ୟାସଦେବଙ୍କର ଉଦ୍ଦେଶ୍ୟ କାଳକ୍ରମେ ସୁଦୂର ପରାହତ ହେଲା । ଅବକ୍ଷୟମାଣ ସୁରୁଚିର ପୁନରୁଦ୍ଧାର ତଥା ସଂସ୍କାର ନିମନ୍ତେ ପରମ କାରୁଣିକ ଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁରଙ୍କ କଲ୍ୟାଣମୟୀ ଇଚ୍ଛାରୁ 'ଚରମ' ପୃଷ୍ଠାରେ 'ପୁରାଣ ପୃଷ୍ଠାରୁ' ଶୀର୍ଷକରେ ଶୁଭଙ୍କରୀ ସଂଯୋଜନା ।

ପାଠକ ପାଠିକାମାନଙ୍କୁ ସଂପାଦନାର ବିନମ୍ର ଅନୁରୋଧ : କେବଳ ଗଳ୍ପଭାଗ ପାଠକରି ଆମୋଦିତ ନ ହୋଇ ପ୍ରଦତ୍ତ ମୀମାଂସାକୁ ଉପଲବ୍ଧି କରି ପରମ ଆନନ୍ଦ ଲାଭ କରିବେ । ମୀମାଂସାର ବହୁଦିଗ ଅବଶ୍ୟ ରହିଛି । ସୀମିତ ପୃଷ୍ଠାରେ ସବୁ ଦିଗକୁ ସ୍ପର୍ଶ କରିବା ସମ୍ଭବ ପର ନୁହେଁ । ତେଣୁ ଏହାକୁ ଏକ ଦିଗଦର୍ଶୀ ମନେ ନ କରି ଆମ ସହିତ ଅନିଚ୍ଛାକୃତ ଅସନ୍ତୋଷକୁ ଧୈର୍ଯ୍ୟର ସହିତ ସହିନେବେ ।

## ପର୍ଶୁରାମଙ୍କର ଶିବଲୋକ ଗମନ

**ଶୀ**ଘ୍ର ବ୍ରହ୍ମ ମଣ୍ଡଳରେ ବ୍ରହ୍ମାଙ୍କ ଉତ୍ତର ପାଇ ପର୍ଶୁରାମ ଶିବଲୋକକୁ ଗମନ କଲେ । ମହାମହେଶ୍ୱର ଶିବଙ୍କୁ ପ୍ରଣାମ କରି ଆନନ୍ଦିତ ହେଲେ । ଶିବଲୋକ ବ୍ରହ୍ମଲୋକଠାରୁ ଲକ୍ଷେ ଯୋଜନ ଉର୍ଦ୍ଧ୍ୱରେ । ସୃଷ୍ଟ୍ୟାଦି ବାମ ପାର୍ଶ୍ୱରେ ବୈକୁଣ୍ଠ ଅବସ୍ଥିତ । ତା' ଉପରେ ଗୋଲକଧାମ, ତଳେ ଧ୍ରୁବଲୋକ ଜ୍ୟୋତିପରି ଅତୀବ ଉଜ୍ଜ୍ୱଳ ଦେଖା ଯାଉଥାଏ । ପଞ୍ଚଶତକୋଟି କୈବଲ୍ୟ ଅଂଶରେ ଶିବଲୋକ ଅବସ୍ଥିତ । ପର୍ଶୁରାମ ଦେଖିଲେ : ସକଳ ବିଭୂତିରେ ଶିବଲୋକ ପରିପୂର୍ଣ୍ଣ । କୋଟି କଳ୍ପ ତପକରି ପୁଣ୍ୟବନ୍ତ ଲୋକ ସୃଷ୍ଟି ଉପରେ ଅଛନ୍ତି । ଏହି ଲୋକ ଈଶ୍ୱରଙ୍କର ଇଚ୍ଛାରେ ନିର୍ମିତ । ଯୋଗ ସୃଷ୍ଟ ଜନ୍ତୁଗଣ ମଧ୍ୟ ସେଠାରେ ବିରାଜମାନ । ପାରିଜାତ ତରୁପୂର୍ଣ୍ଣ ବନ ଉପବନ ଶିବଲୋକର ଚତୁଃପାର୍ଶ୍ୱରେ ଅବସ୍ଥିତ । ଇନ୍ଦ୍ରନୀଳମଣି ମାନ ସେଠାରେ ଜ୍ୟୋତି ରୂପରେ ଦୃଶ୍ୟମାନ । ସ୍ୱର୍ଣ୍ଣ କଳସମାନ ଶୋଭାବନ୍ତ ଦେଖାଯାଉଛି । ସ୍ୱର୍ଣ୍ଣକଳସ ଗୁଡ଼ିକରେ ମଣିମାଣିକ୍ୟର ଜ୍ୟୋତି ପ୍ରତିଫଳିତ ହୋଇ ଜାଜ୍ୱଲ୍ୟମାନ । ଏମନ୍ତ ଶୋଭା ସୌନ୍ଦର୍ଯ୍ୟ ମଧ୍ୟରେ ଶିବ ମନ୍ଦିର ଦଣ୍ଡାୟମାନ । ମନ୍ଦିରର ଚତୁଃପାର୍ଶ୍ୱରେ ସୁବର୍ଣ୍ଣ ପ୍ରାଚୀର ଦଣ୍ଡାୟମାନ । ଏହି ପ୍ରାଚୀର ସବୁ ଅବା ନଭସ୍ପର୍ଶୀ । ଶିବଲୋକରେ ମଧ୍ୟ କ୍ରୀଡ଼ାମନ୍ଦିର ରହିଅଛି । ସକଳ ମନ୍ଦିରରେ ସୁବର୍ଣ୍ଣ କବାଟ ଲାଗିଅଛି । ଅମୂଲ୍ୟ ରତ୍ନ ଖଚିତ

ପ୍ରସାଦ ପଂକ୍ତିମାନ ଦେଖାଯାଉଛି । ପ୍ରତ୍ୟେକ ପ୍ରାସାଦ ଚୂଡ଼ାରେ ନାନାଦି ରତ୍ନ ଖଚିତ ସ୍ୱର୍ଣ୍ଣକଳସ ଶୋଭା ପାଉଛି । ପ୍ରତ୍ୟେକ ପୁର ଧନରତ୍ନରେ ପରିପୂର୍ଣ୍ଣ ହୋଇ ରହିଛି ।

ଶିବଲୋକର ସିଂହଦ୍ୱାର ଅତି ଶୋଭନୀୟ ଦିଶୁଥାଏ । ରତ୍ନାଦି ଖଚିତ ସ୍ୱର୍ଣ୍ଣନିର୍ମିତ ତୋରଣ ଏବଂ କବାଟ, ଚନ୍ଦ୍ରକାନ୍ତ ମଣି ନିର୍ମିତ ଶ୍ରେଣୀ ଶ୍ରେଣୀ ବେଦୀ ପ୍ରତ୍ୟେକ ପୁର ସମ୍ମୁଖରେ ବିଦ୍ୟମାନ । ଶିବଲୋକ ଏପରି ଶୋଭନୀୟ ଯେ ତାହାର ତୁଳନା ସ୍ଥୂଳ ଜଗତରେ ନାହିଁ । ତାହାର ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣନା କରିହେବ ନାହିଁ । ମୁଖ୍ୟ ଦ୍ୱାରଦେଶରେ ଭୟଙ୍କର ଭୀମକାୟ ଦ୍ୱାରପାଳ ଦୁଇଜଣ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଛିଡ଼ା ହୋଇ ରହିଛନ୍ତି । ବିକଟାଳ ଦାନ୍ତ, ଆରକ୍ତ ଲୋଚନ, ରୋଧଶୈଳ ପରି ଅପଘନ ସେମାନଙ୍କର ଦେହରେ ମହା ପରାକ୍ରମ, କଟିତଟରେ ଚିତ୍ରିତ ବ୍ୟାଘ୍ରଚର୍ମ, ବିଭୂତି ଭୂଷିତ କଳେବର, ଶିରରେ ଜଟାଭାର, ପାର୍ଶ୍ୱରେ ଶୂଳ ଓ ଧନୁଶର । ଗଦାର ନାମ ପରିଗା; ପଟାଶ, ମୁଷଳ ଶକ୍ତିଧାରଣ କରିଅଛନ୍ତି । ପର୍ଶୁରାମ ଭୟକରି ଦ୍ୱାରପାଳ ଦୁହିଁଙ୍କୁ ବିନୟ ସହକାରେ ନିଜର ବୃତ୍ତାନ୍ତ ସକଳ କହିଲେ ।'' ଯୋଗେଶ୍ୱର ଶିବଙ୍କୁ ଦର୍ଶନ ଅଭିଳାଷରେ ଆସିଛି । ମୋତେ ତାଙ୍କ ନିକଟକୁ ନେଇଚାଲ ।'' ପର୍ଶୁରାମଙ୍କ ବିନୀତ ଭାବଦେଖି ଦ୍ୱାରୀ ଦୁଇଜଣ ସନ୍ତୁଷ୍ଟ ହୋଇ ଶିବଙ୍କୁ ଗୁହାରି କଲେ । ଶିବଙ୍କ ଅନୁଜ୍ଞା ପାଇ ଦ୍ୱାରୀ ଦୁଇଜଣ ବ୍ରାହ୍ମଣ ପର୍ଶରାମଙ୍କୁ କହିଲେ : ପ୍ରଭୁଙ୍କର ଅନୁମତି ମିଳିଛି । ତମେ ଭିତରକୁ ଯାଇ ପ୍ରଭୁଙ୍କ ଦର୍ଶନ କର ।'' ପର୍ଶୁରାମ ଅନୁମତି ଲାଭକରି ଅତ୍ୟନ୍ତ ପ୍ରୀତ ହେଲେ ଓ ଭିତରକୁ ପ୍ରବେଶ କଲେ ।

ମାନସରେ ଯୋଗେଶ୍ୱର ଦେବଦେବ ମହାଦେବ ଶିବଙ୍କୁ ଧ୍ୟାୟି ଯାଉଁ ଯାଉଁ ଦ୍ୱାର ନିକଟରେ ପହଞ୍ଚିଗଲେ । ସେଠାରେ ଷୋହଳଟି ମନ୍ଦିର ଦେଖିଲେ । ପ୍ରତ୍ୟେକ ପୁରରେ ଷୋଳ ଦ୍ୱାର ଲାଗିଛି । ପ୍ରତିଦ୍ୱାରରେ ଦ୍ୱାରପାଳ ନିଯୁକ୍ତ ଅଛନ୍ତି । ଦ୍ୱାରପାଳମାନେ ମଧ୍ୟ ସଦାଶିବଙ୍କ ପରି ଦେଖାଯାଉଛନ୍ତି । ସେମାନଙ୍କୁ ଦେଖି ପର୍ଶୁରାମ ଚକିତ ହୋଇଗଲେ । ସମସ୍ତଙ୍କର ସମାନ ରୂପ, ସମାନ ଭେକ । ପାର୍ଥକ୍ୟ ବୋଲି କିଛି ନାହିଁ । ବ୍ରାହ୍ମଣ ପର୍ଶୁରାମ ସମ୍ମୁଖରେ ସଦାଶିବଙ୍କୁ ଭେଟିଲେ । ସେଠାରେ ସିଦ୍ଧଗଣ ବିଦ୍ୟମାନଥାନ୍ତି । ସକଳ ମୁନିଋଷି ସେଠାରେ ବିରାଜମାନ । ମଳୟ ପବନରେ ପାରିଜାତ ପୁଷ୍ପର ସୌରଭ ସେ ସ୍ଥଳକୁ ବିମୋହିତ କରୁଛି । ଦେବଦେବ ମହାଦେବ ରତ୍ନସିଂହାସନରେ ବିଜେ କରିଛନ୍ତି । ତ୍ରିଶୂଳ, ପଟୀଶ, ଖଡ୍ଗ, ଚକ୍ର ଆଦି ଧାରଣ କରିଛନ୍ତି । କଟିରେ ବ୍ୟାଘ୍ର ଚର୍ମ ଶୋଭା ପାଉଛି । ସର୍ବାଙ୍ଗ ବିଭୂତି ଭୂଷିତ । ଭସ୍ମ ବିଲୋପିତ ତୁଷାର ଧବଳ କୋମଳ ତନୁ ଅପୂର୍ବ । ତାମ୍ର ବର୍ଣ୍ଣର ନାଗମାନେ ଅଙ୍ଗ ଦେଶରେ ବିଜଡ଼ିତ । କୋଟି ଆଦିତ୍ୟ ସମ ସର୍ବାଙ୍ଗରୁ ଜ୍ୟୋତି ବିକିରଣ ହେଉଅଛି ।

ପ୍ରଭୁ ସଦାଶିବଙ୍କ ପୁର ସର୍ବ ଶିବମୟ ସଦୃଶ ପର୍ଶୁରାମଙ୍କୁ ଦେଖାଯାଉଛି । ପ୍ରଭୁ ତ୍ରିଲୋଚନ ପ୍ରସନ୍ନ ବଦନ, ଅଭୟଦାୟକ । ପିଙ୍ଗଳ ବର୍ଣ୍ଣର ଜଟାଭାର ମସ୍ତକରେ ଶୋଭାପାଉଛି । ବିଲମ୍ବିତ ଜଟାଭାର । ସର୍ବଫଳଦାୟିନୀ ପତିତପାବନୀ ଶୁଭ୍ର ମନ୍ଦାକିନୀ ଧାରା ସ୍ରବି ଯାଉଛି ଜଟାଜୁଟ ପରିଶୋଭିତ ଶମ୍ଭୁ ଶିରରେ ।'ପଞ୍ଚମୁଖ ସ୍ଫଟିକ ଶୃଙ୍ଗ ପରି ଶୋଭାପାଉଛି । ସଦା ପ୍ରସନ୍ନ ଆଶୁତୋଷ ଶିଷ୍ୟମାନଙ୍କୁ ଦେବତତ୍ତ୍ୱ ମାନ କହୁଛନ୍ତି । ଶିବଙ୍କୁ ବେଢ଼ି ଚାରିପାର୍ଶ୍ୱରେ ପାରିଷଦମାନେ ଉପସ୍ଥିତ ଅଛନ୍ତି । ମୁନି, ଋଷିମାନେ ସ୍ତୁତିଗାନ କରୁ ଅଛନ୍ତି ।

ଚନ୍ଦ୍ରଶେଖର ଯୋଗେଶ୍ୱର ଶିବ ସେପରି ଅବସ୍ଥାରେ ସେହି ସଭା ମଧ୍ୟରେ ମାନସରେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କରୁଛନ୍ତି । ତାଙ୍କର ସର୍ବାଙ୍ଗ ପୁଲକ ପୂରିତ ହୋଇଯାଉଛି । ନୟନରୁ ଝରି ଯାଉଛି ଧାରଧାର ଅଶ୍ରୁ । ରୁଦ୍ରଗଣ ଚତୁଃପାର୍ଶ୍ୱରେ ବେଢ଼ିଅଛନ୍ତି । ପର୍ଶୁରାମ ସଦାଶିବଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ଶିବଙ୍କର ବାମ ଭାଗରେ ଦେବ ସେନାପତି କାର୍ତ୍ତିକେୟ ବସିଥିଲେ । ତାଙ୍କୁ ମଧ୍ୟ ବ୍ରାହ୍ମଣ ପର୍ଶୁରାମ ବିନୟର ସହିତ ପ୍ରଣାମ କଲେ । ଦକ୍ଷିଣ ପାର୍ଶ୍ୱରେ ବିଘ୍ନରାଜ ଗଣେଶଙ୍କୁ ଦେଖି ଭକ୍ତି ପ୍ରଣାମ

ଜଣାଇଲେ । ବୀରଭଦ୍ର ନନ୍ଦୀଶ୍ୱର ମହାକାଳଙ୍କୁ ମଧ୍ୟ ଯଥାବିଧି ସମ୍ମାନ ଜ୍ଞାପନ କଲେ । ହଠାତ୍ ପର୍ଶୁରାମଙ୍କର ଚକ୍ଷୁ କାଳିକା ଦେବୀଙ୍କ ଉପରେ ପତିତ ହେଲା । ଦେବୀ କାଳିକାଙ୍କୁ ଯୋଡ଼ହସ୍ତରେ ପ୍ରଣାମ କରି ସଦାଶିବଙ୍କ ସମ୍ମୁଖରେ ଭକ୍ତିପୂତ ଅନ୍ତରରେ ଦଣ୍ଡାୟମାନ ହେଲେ । ଦେବଦେବ ମହାଦେବ ଶିବଙ୍କୁ ସ୍ତୁତି କରିବା ପୂର୍ବରୁ ବ୍ରାହ୍ମଣ ପର୍ଶୁରାମ କହିଲେ, ''ଆପଣଙ୍କଠାରୁ ବରଲାଭ ଆଶାରେ ଧାଇଁ ଆସିଛି । ଆପଣ ତ ନିତ୍ୟ ନିରାମୟ । କିପରି ଭାବରେ ଆପଣଙ୍କ ସ୍ତୁତିଗାନ କରିବି ? ଆପଣଙ୍କର ଗୁଣଗାନ କରିବାକୁ ମୋର ଶକ୍ତି ସାମର୍ଥ୍ୟ ନାହିଁ । ଯାହାଙ୍କର ସ୍ତୁତିଗାନ ପାଇଁ ଦେବଗଣ ସମର୍ଥ ନୁହଁନ୍ତି, ମୁଁ କିବା ଛାର । କି ସ୍ତୁତି ଗାଇବି ?

''ହେ ଶିବ ! ତମେ ମୋର ମନ, ବୁଦ୍ଧିର ଅଗୋଚର । ସିଦ୍ଧମୁନି ଯାହାଙ୍କର ଶ୍ରୀଚରଣ ସେବା କରୁଅଛନ୍ତି, ତାଙ୍କର ସେବକ ପଣକୁ ଏ ଛାର ବ୍ରାହ୍ମଣ ଯୋଗ୍ୟ ନୁହେଁ । ହେ, କରୁଣାସାଗର, ଉମାବଲ୍ଲଭ, ହେ ଦେବଦେବ ଦୀନବନ୍ଧୁ, ରକ୍ଷାକର ମୋତେ, ଉଦ୍ଧାର କର । ତମ ଶ୍ରୀପାଦ ଦର୍ଶନ କରି ମୋର ଜନ୍ମ ସଫଳ ହୋଇଛି, ଜୀବନ ଧନ୍ୟ ହୋଇଛି । ଇନ୍ଦ୍ରାଦି ଦେବଗଣ ଯାହାଙ୍କ କଳାରୁ ଜାତ ହୋଇଛି, ସେ ସମସ୍ତଙ୍କର ଗୁରୁ ଅଟନ୍ତି । ସଚରାଚର ଯାହାଙ୍କର ଅଂଶ, ତାଙ୍କରି ପାଦପୀଠରେ ବର୍ତ୍ତମାନ ମୁଁ ଅଛି । ସୂର୍ଯ୍ୟ, ଚନ୍ଦ୍ର, ଜଳ, ବାୟୁ, ହୁତାଶନ ରୂପରେ ସେ ପ୍ରକାଶମାନ । ପୁରୁଷ, ସ୍ତ୍ରୀ ଏପରିକି କ୍ଲୀବ ରୂପଧରି ସେ ସଂସାରର ଭାର ରକ୍ଷା କରୁଅଛନ୍ତି । ତାଙ୍କରି ଚରଣକମଳରେ କୋଟି କୋଟି ପ୍ରଣାମ । ଅନନ୍ତ କୋଟି ତାରକା ଯାହାଙ୍କର ଗୁଣ ଗାଉଛନ୍ତି, କୋଟିଏ ବର୍ଷ ବିତିଗଲେ ମଧ୍ୟ ସେମାନେ ତାଙ୍କର ଗୁଣଗାଇ ଶେଷ କରିପାରିବେ ନାହିଁ । ଯାହାଙ୍କୁ ପତି ପଦରେ ପାଇବା ପାଇଁ ଗିରିରାଜ ହିମାଳୟସୁତା ସବୁ ଚିନ୍ତା ଛାଡ଼ି କଠୋର ତପସ୍ୟା କରିଥିଲେ; ତାଙ୍କରି ଶ୍ରୀଚରଣାରବିନ୍ଦରେ ମୁଁ କୋଟି କୋଟି ପ୍ରଣାମ କରୁଛି ।''

''ହେ ସମସ୍ତ ଲୋକର ବାଞ୍ଛାକଳ୍ପତରୁ । ହେ ଭକ୍ତବତ୍ସଳ ଭାବଗ୍ରାହୀ ! ହେ ଭୂତିଭାଜନ, ମୋ ଠାରେ ପ୍ରସନ୍ନ ହୋଇ ମୋତେ ଦୟା କରନ୍ତୁ ।'' ଏହିପରି ସ୍ତୁତି କରି ଯମଦଗ୍ନିସୁତ ପର୍ଶୁରାମ ସଦାଶିବ ଆଶୁତୋଷଙ୍କ ପାଦତଳେ ପୃଥିବୀରେ ସାଷ୍ଟାଙ୍ଗ ପ୍ରଣାମ କଲେ । ପର୍ଶୁରାମଙ୍କ ସ୍ତୁତି ଶୁଣି ତ୍ରିଲୋଚନ ପଚାରିଲେ, ''କିଏ ତୁମେ ବ୍ରାହ୍ମଣ ? କାହାର ତନୟ ? ତୁମ ବାସ କେଉଁଠାରେ ? କାହିଁକି ଆମ୍ଭଙ୍କୁ ସ୍ତୁତି କରୁଛ ? ହେ ଦ୍ୱିଜକୁଳମଣି ! କି କାର୍ଯ୍ୟ ତୁମର ଅଛି ଆମ୍ଭଠାରେ ? ବୟସରେ ଶିଶୁ, ମାତ୍ର ଗୁଣରେ ଅଧିକ, ତୁମ୍ଭ ପରିଚୟ ?'' ''ଭୃଗୁମୁନି ବଂଶରେ ମୋ ଜନ୍ମ, ପିତା ମୋର ଯମଦଗ୍ନି, ଜନନୀ ରେଣୁକା । ଶୁଣବାରେ ଗୌରୀ-ନାହା । ମୃଗୟା ନିମନ୍ତେ ରାଜା ସହସ୍ରାର୍ଜୁନ ଦଳବଳ ସହ ବନ ପ୍ରଦେଶରେ ଭ୍ରମଣ କାଳରେ, ଖାଦ୍ୟବିନା ଦୁଇଦିନ ଉପବାସ ରହିବା ପରେ ଜଠର ଜ୍ୱାଳାରେ ବୃକ୍ଷମୂଳେ ନିଦ୍ରା ଯାଇଥିଲେ । ମୋରପିତା ଯମଦଗ୍ନି ମୁନି ଦୟାପରବଶ ହୋଇ ସ୍ୱଇଚ୍ଛାରେ ତାଙ୍କୁ ଆଶ୍ରମକୁ ନିମନ୍ତ୍ରଣ କରି ଆଣିଲେ । କପିଳ ଗାଭୀକୁ କହି ନାନା ଦ୍ରବ୍ୟ ଆଣି ଯଥାବିଧି ଅତିଥି ସତ୍କାର କଲେ । ସେ ଗାଈକି ଦେଖି ରାଜା ଲୋଭାସକ୍ତ ହେଲେ । ଗାଭୀଦେବା ପାଇଁ ଦାବୀକଲେ । ଶେଷରେ କ୍ରୋଧରେ ଉନ୍ମତ୍ତ ହୋଇ ମୋ ପିତାଙ୍କୁ ଯୁଦ୍ଧରେ ହତ୍ୟାକଲେ । ଏହା ଦେଖି କପିଳା ଗୋଲକକୁ ଯାଇ ଆପଣାର ପୂର୍ବାବାସରେ ସୁଖରେ ରହିଲା । ପିତାଙ୍କ ଚିତାନଳରେ ଜନନୀ ମୋର ଜୀବନ ବିସର୍ଜନ କଲେ । ତେଣୁ ମୁଁ ଅରକ୍ଷ ହୋଇ ତୁମ୍ଭ ପାଦତଳେ ଶରଣ ପଶିଲି ।

''ଶୋକାତୁର ହୋଇ ମୁଁ ପ୍ରତିଜ୍ଞା କରିଛି ; ମର୍ତ୍ତ୍ୟମଣ୍ଡଳକୁ ବାହୁଡ଼ିଯାଇ ଏକୋଇଶ ବାର ଧରାକୁ ନିଃକ୍ଷତ୍ର କରିବି । ଯେଉଁ ମୂଢ଼ କାର୍ତ୍ତବୀର୍ଯ୍ୟ ମୋ ପିତାଙ୍କୁ ବଧ କରିଛି, ମୁଁ ହସ୍ତରେ ପରଶୁ ଧରି ତା'ର ମେରୁଦଣ୍ଡ ଛେଦନ କରିବି । ପ୍ରତିଜ୍ଞା ମୋର ପୂର୍ଣ୍ଣକର ପ୍ରଭୁ, ତମେ ମୋର ସହାୟ ହୋଇ ରୁହ ।''

ବ୍ରାହ୍ମଣକୁମାର ପର୍ଶୁରାମଙ୍କ କଥା ଶୁଣି ତ୍ରିଲୋଚନ ଉମାପତି ଦୁର୍ଗାଦେବୀଙ୍କ ମୁଖକୁ ଚାହିଁଲେ । କ'ଣ କରିବେ କିଛି ସ୍ଥିର କରି ପାରିଲେ ନାହିଁ । ପାର୍ବତୀ କହିଲେ, ''ବତ୍ସ ପର୍ଶୁରାମ, ଏକୋଇଶ ଥର ପୃଥିବୀକୁ କ୍ଷତ୍ରିୟ ଶୂନ୍ୟ କରିବ

ବୋଲି ଶପଥ କରିଛ । ତୁମର ଏ ଦୁସ୍ତର ସାହସ କଥା । ତୁମେ ତୁମ ଆଶ୍ରମକୁ ବାହୁଡ଼ିଯାଅ । ମହୀରେ ଯେତେ ନରପତି ଅଛନ୍ତି, ସମସ୍ତେ ମୋର ଭୃତ୍ୟ । ସେମାନଙ୍କର ଅନିଷ୍ଟ ଚିନ୍ତା କରନାହିଁ । ବାମନ ହୋଇ ଚନ୍ଦ୍ରମାକୁ ହାତମୁଠାରେ ଧରିବାକୁ ବୃଥା ଇଚ୍ଛା କରନାହିଁ ।''

ଏହା ଶୁଣି ଦ୍ୱିଜକୁଳମଣି ପର୍ଶୁରାମ ଉଚ୍ଚ ସ୍ୱରରେ କାନ୍ଦି ଉଠିଲେ । ବ୍ରାହ୍ମଣ ପୁତ୍ରର ବିନୀତ ଆଚରଣରେ ସନ୍ତୁଷ୍ଟ ମହାକାଳୀ ଏବଂ ମହେଶ୍ୱର ପର୍ଶୁରାମଙ୍କୁ ବର ପ୍ରଦାନ କରି କହିଲେ, ''ଆଜିଠାରୁ କ୍ଷତ୍ରିକୁଳ ନିର୍ମୂଳ କର । ନିଃକ୍ଷତ୍ର କର ଧରଣୀର ବକ୍ଷ । ଏକବିଂଶ ବାର । ତ୍ରୈଲୋକ ବିଜୟ କବଚ ସୁଦୁର୍ଲଭ ମନ୍ତ୍ର ସନ୍ତୋଷରେ ଧରିଲେ, କ୍ରମାନୁଯାୟୀ ଯମ, ନିୟମ, ମନ୍ତ୍ରସିଦ୍ଧି, ଅନୁଷ୍ଠାନ, ପୂଜାବିଧି, ସ୍ତବ, ପୁରଶ୍ଚରଣ ଓ ସିଦ୍ଧିସ୍ଥାନ, କାଳ ସଂଖ୍ୟା ନିୟମର ବିଧାନ, ବେଦବେଦାଙ୍ଗ ପାଶୁପତ, ବ୍ରହ୍ମଶର ଓ ନାଗପାଶ, ଅଗ୍ନିଅସ୍ତ୍ର, ନାରାୟଣ ଶାୟକ, ବାୟବ, ବରୁଣ, ଗାରୁଡ଼, ଗାନ୍ଧର୍ବ, ଜୃମ୍ଭଣ, ମୋହନ ଆଦି ସକଳ ଅସ୍ତ୍ରଶସ୍ତ୍ର ପର୍ଶୁରାମଙ୍କୁ ଅର୍ପଣ କଲେ । ଏହିପରି ସକଳ ଶକ୍ତି ଶିବ ପର୍ଶୁରାମଙ୍କୁ ପ୍ରଦାନ କରି ସ୍ୱପୁରକୁ ପଠାଇ ଦେଲେ । ଯମଦଗ୍ନି ନନ୍ଦନ ପର୍ଶୁରାମ ଶିବଙ୍କ କୃପା ଓ ଦେବୀ ଦୁର୍ଗାଙ୍କର ଶକ୍ତି ପ୍ରାପ୍ତ ହୋଇ ଧରାଧାମରେ ଅବତରଣ କଲେ ॥

ଏହି ପୌରାଣିକ ଆଖ୍ୟାୟିକାର ପିଣ୍ଡ ମିମାଂସା ଏଠାରେ ପାଠକ ପାଠିକାଙ୍କ ଅବଗତି ଓ ଆତ୍ମିକ ଉନ୍ନତି ନିମନ୍ତେ ଦିଆଯାଉଅଛି । ଏହାର ସୂକ୍ଷ୍ମ କାରଣ, ପିଣ୍ଡ ବ୍ରହ୍ମାଣ୍ଡ ଆଦି ବହୁ ମୀମାଂସା ମଧ୍ୟ ରହିଛି । ସମୟ ଓ ସୁବିଧା ଦେଖି ତାହା ପର୍ଯ୍ୟାୟକ୍ରମେ 'ଚରମ' ପୃଷ୍ଠାରେ ସ୍ଥାନ ପାଇବ । ଏହି ଉପାଖ୍ୟାନ ପ୍ରତ୍ୟେକ ଜୀବ (ମାନବ) ଦେହ (ପିଣ୍ଡ) ରେ ଘଟିଯାଉଛି । ଜୀବ ଜଡ଼ଚେତନରେ ଜାଗତିକ ମାନବଲୀଳା କରୁଥିବାରୁ ତାହା ଉପଲବ୍ଧି କରି ପରୁନାହିଁ କିମ୍ବା ଅନୁଭୂତିରେ ଆଣି ପାରୁନାହିଁ । କର୍ମଯୋଗରେ ନିରତ ରହି ଅଭ୍ୟାସଯୋଗ କଲେ ଜଡ଼ତ୍ୱର ବିନାଶ ହେବ ଏବଂ ଚୈତନ୍ୟଶୀଳ ଅବସ୍ଥାରେ ଏହା ଅନାୟାସରେ ଉପଲବ୍ଧ ଏବଂ ଅନୁଭୂତ ହେବ । କର୍ମଯୋଗାଭ୍ୟାସ ଆପାତତଃ କଷ୍ଟକର ବୋଧ ହେଲେ ହେଁ, ଅଭ୍ୟାସଯୋଗରୁ କ୍ରମ ପର୍ଯ୍ୟାୟରେ ଏହା ପ୍ରକୃତିଗତ ଓ ଅସ୍ମିତାଗତ ହୋଇଗଲେ ସୁଖକର, ସହଜସାଧ୍ୟ ଏବଂ ଆନନ୍ଦଦାୟକ ହୁଏ । ଏଥିପାଇଁ କେବଳ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ ॥

## ମୀମାଂସା

ପିଣ୍ଡତତ୍ତ୍ୱ ମୀମାଂସାରେ ପର୍ଶୁରାମ ହେଉଛନ୍ତି କାୟିକ ଆସୁରୀ ଶକ୍ତି । କଣ୍ଠଦେଶ ହେଉଛି ଶିବଲୋକ । କାର୍ତ୍ତବୀର୍ଯ୍ୟ ହେଉଛି ଆସୁରିପୂର୍ଣ୍ଣ ସତ୍ତାର ଆଧାର ଯକ୍ଷାଦି ପୁରୁଷ । କ୍ରୋଧ ହେଉଛି ଯମଦଗ୍ନି, ମାୟା ହେଉଛି ରେଣୁକା । ମାୟା ଓ କ୍ରୋଧର ମିଳନରୁ କାୟିକ ଆସୁରୀ ଶକ୍ତିର ଉତ୍ପତ୍ତି । ତେଣୁ ଉପାଖ୍ୟାନରେ ଯମଦଗ୍ନିଙ୍କ ଔରସରୁ ରେଣୁକା ଗର୍ଭରୁ ପର୍ଶୁରାମଙ୍କର ଜନ୍ମ । ଶିବଲୋକରେ ଶିବ (ମଙ୍ଗଳମୟ ପରମାତ୍ମା) ଅଧିଷ୍ଠିତ । ତାଙ୍କ ପାର୍ଶ୍ୱରେ ଦେବୀଦୁର୍ଗା ଯୋଗମାୟା ରୂପରେ ଅଧିଷ୍ଠିତା । କ୍ରୋଧର ସୂକ୍ଷ୍ମ ବୀଜ ମାୟା ଗର୍ଭରେ ଶାରୀରିକ ଆସୁରୀ ଶକ୍ତିକୁ ଉତ୍ପନ୍ନ କରିବାରୁ ସେହି ଆସୁରୀ ଶକ୍ତି ଏକାଧାରରେ ତମ ଓ ରଜ ଗୁଣଯୁକ୍ତ ହୋଇ ଜିଦ୍ ଓ ଅହଂର ରୂପ ଗ୍ରହଣ କରେ । ଆସୁରୀପୂର୍ଣ୍ଣ ସତ୍ତା (ସହସ୍ରାର୍ଜୁନ ବା କାର୍ତ୍ତବୀର୍ଯ୍ୟ) କ୍ରୋଧ (ଯମଦଗ୍ନି) ର ଚରମ ପ୍ରାପ୍ତି କରାଇବା ଫଳରେ ମାୟା (ରେଣୁକା) ଅନ୍ୟ ଉପାୟ ନ ପାଇ ବନ୍ଧନ ଛିନ୍ନ କରି ଅନ୍ତର୍ହିତ ହେଲା । କାୟିକ/ଆସୁରୀ ଶକ୍ତି କ୍ରୋଧ ଓ ମାୟାଠାରୁ ଛିନ୍ନ ହୋଇ ଆପଣାକୁ ଅରକ୍ଷ ବା ଦୁର୍ବଳ ମନେକରି ଶିବ (ମଙ୍ଗଳମୟ ପରମାତ୍ମା)ଙ୍କୁ ଭେଟିବାକୁ ଶିବଲୋକ (କଣ୍ଠଚକ୍ର) କୁ (ଷଡ଼ଚକ୍ର ଭେଦନୀତି ଅନୁସାରେ) ପ୍ରବେଶ କରିବା ନିମନ୍ତେ ଊର୍ଦ୍ଧ୍ୱଗାମୀ ହେଲା । ଶିବଲୋକକୁ ବା ମଙ୍ଗଳ କ୍ଷେତ୍ରକୁ ଯିବା ଅବସ୍ଥାରେ ମଧ୍ୟ କାୟିକ ଆସୁରୀ

ଶକ୍ତି (ପର୍ଶୁରାମ) ନିକଟରେ ଜିଦ୍ ଓ ଅହଂ (ରଜ ଓ ତମ ଗୁଣ) ପୂର୍ଣ୍ଣମାତ୍ରାରେ ଥାଏ । ଶିବଙ୍କୁ ପ୍ରଣାମ କରି, ନତି ସ୍ୱୀକାର କରି, ଶରଣାଗତି ଫଳରୁ ଏହି ଜିଦ୍ ଅହଂର ବିନାଶ ଘଟେ । ଯୋଗମାୟା (ଦୁର୍ଗା) ପ୍ରଥମେ ସ୍ୱକୀୟାଲୀଳା କରି ଭକ୍ତକୁ ହତୋତ୍ସାହ କରନ୍ତି, ନିରାଶ କରନ୍ତି, ମାତ୍ର ଶରଣାଗତ ଭକ୍ତର ନିଷ୍ଠାରେ ସନ୍ତୁଷ୍ଟ ହୋଇ ଅବଶେଷର ସିଦ୍ଧିରସ୍ତୁ ପ୍ରଦାନ କରନ୍ତି, ମଙ୍ଗଳମୟ ପରମାତ୍ମା (ଶିବ) ସକଳ ବିଭୂତି ଓ ଯୋଗମାୟା (ଦୁର୍ଗା) ସକଳ ଶକ୍ତି ଅର୍ପଣ କରନ୍ତି ।

ଜୀବ ଜନ୍ମଗତ ଅଧିକାର ସତ୍ତ୍ୱରେ ମାନବିକ ଧର୍ମ ଯଥା - ବୁଦ୍ଧି, ବିବେକ, ସୁକର୍ମ ନୀତି ଧରି ଧରାପୃଷ୍ଠରେ ଭୂମିଷ୍ଠ ହୁଏ । ମାତ୍ର, ମାୟାଜାଲରେ ପଡ଼ି ମାନବିକ ଧର୍ମରୁ ଚ୍ୟୁତ ହୁଏ । ବୁଦ୍ଧି ବିନାଶ ହୁଏ ବିବେକ ଶୂନ୍ୟହୁଏ, ଈର୍ଷା, ହିଂସା, ଅହଂକାର, ଜିଦ୍) ଇତ୍ୟାଦି ସମସ୍ତ ଦୁର୍ଗୁଣ ବା ଦୁଷ୍କର୍ମ ଜୀବଠାରେ ଠୁଳ ହୁଏ । ଜୀବ ଜଡ଼ଜଗତରେ ଏ ସକଳ 'କୁ' ର ଶୀକାର ହୋଇ ନିଜକୁ ଅରକ୍ଷ ବା ଅସହାୟ ମଣେ । ବାରମ୍ୱାର ଘାତ ପ୍ରତିଘାତ ଘୂର୍ଣ୍ଣନରେ ପତିତ ହୋଇ ସେ ପ୍ରଭୁଙ୍କ ପାଦ ପୀଠରେ ଶରଣ ଭିକ୍ଷା କରେ । ଚରଣରେ ଶରଣ ନେଇ ବ୍ୟାକୁଳ ପ୍ରାର୍ଥନା କରେ । ମଙ୍ଗଳମୟ ପ୍ରଭୁ ସନ୍ତୁଷ୍ଟ ଚିତ୍ତରେ ସକଳ ବିଭୂତି ଓ ଶକ୍ତି ଲାଭ ବା ଚରମ ପ୍ରାପ୍ତିର ପଥ ବତେଇ ଦିଅନ୍ତି । ସେହି ପଥରେ ଅଭ୍ୟାସ କରି ଅଗ୍ରସର ହେଲେ କୁଣ୍ଡଳିନୀ ଜାଗ୍ରତ ହୋଇ ଜୀବସତ୍ତା ଊର୍ଦ୍ଧ୍ୱଗାମୀ ହୁଏ । ମୂଳାଧାରରୁ ସୋପାନ ପରେ ସୋପାନ ଶ୍ରେଣୀ ଆରୋହଣ କରି କଣ୍ଠଚକ୍ର(ଶିବଲୋକ) ରେ ମଙ୍ଗଳମୟ ପ୍ରଭୁଙ୍କର ଦର୍ଶନ କରି କୃପାଲାଭ କରେ । ପୁରୁଷାର୍ଥ ବଳରୁ ଦୈବୀ କୃପାପ୍ରାପ୍ତ ହେଲେ ଦୈବୀଗୁଣଧର୍ମ : ସକଳ ସଦ୍‌ଗୁଣ : ସତ୍ୟ, ଶାନ୍ତି, ଦୟା, କ୍ଷମା ଓ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ ହୋଇ ସ୍ୱର୍ଗୀୟ ଗୁଣ ଧର୍ମ : ପ୍ରେମ, ପ୍ରୀତି, ସ୍ନେହ, ମମତା ଇତ୍ୟାଦି ବିକଶିତ ହୁଏ । ଚରିତ୍ର ଓ ଆଚରଣରେ ତାହା ଫୁଟି ଉଠେ । ଏହା ଫଳରେ ବିଜେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର କ୍ରମଶଃ ଶଙ୍କୁଚିତ ହୋଇ ବନ୍ଦ ହୋଇଯାଏ । ଏମନ୍ତ ଅବସ୍ଥା ପ୍ରାପ୍ତ ହେଲେ ଜୀବର ଜନ୍ମଗତ ଅଧିକାର ସତ୍ୱ : ମାନବିକ ଧର୍ମ : ବୁଦ୍ଧି, ବିବେକ, ମାନବିକତା, ଭ୍ରାତୃତ୍ୱ ଇତ୍ୟାଦି ସକଳ ସୁଗୁଣ ବହୁଗୁଣିତ ହୋଇ ଜୀବର ଆତ୍ମିକ ଉନ୍ନୟନରେ ସହାୟକ ହୋଇଥାଏ ।

ମୀମାଂସା ସୂତ୍ରକୁ ଲକ୍ଷ୍ୟକଲେ, ଗୋଟିଏ ପ୍ରଶ୍ନ ଉଠେ - ଜୀବ ଶିବଲୋକକୁ ଗମନ କରି ସେଠାରୁ ଫେରିଲେ ବ୍ରହ୍ମଜ୍ଞାନୀ ହୋଇଯାଏ । ସେତେବେଳେ ତା'ଠାରେ ଆସୁରୀ ପ୍ରବୃତ୍ତି ବା କାୟିକ ପ୍ରବୃତ୍ତିର ସତ୍ତାମାତ୍ର ନ ଥାଏ । ଶିବ ସ୍ୱୟଂ ସର୍ବଜ୍ଞାନର ପ୍ରବକ୍ତା । ତତ୍ତ୍ୱମଣ୍ଡଳରୁ କ୍ଷରିତ ସକଳ ଜ୍ଞାନ ଶିବଙ୍କ ଦ୍ୱାରଦେଇ ଧରାଧାମକୁ ଅବତରଣ କରେ । ପର୍ଶୁରାମ ଶିବଲୋକରୁ ଧରାକୁ ଏକୋଇଶ ଥର ନିଃକ୍ଷତ୍ର କରିବାର ବର ନେଇ ଆସିଲେ ଓ କ୍ଷତ୍ରିୟ ସଂହାର କଲେ । ଏହା କିପରି ସମ୍ଭବ ହେଲା ?

ଯୋଗୀ କର୍ମଯୋଗ କରି ଧ୍ୟାନ ଧାରଣା ଇତ୍ୟାଦିର ପର୍ଯ୍ୟାୟରେ ଯୋଗର ସୋପାନ ଶ୍ରେଣୀ ଆରୋହଣ କରି ସମାଧି ସ୍ତରରେ ଯେତେବେଳେ ପହଞ୍ଚିଥାଏ, ଶିବଲୋକରେ ପଦାର୍ପଣ କରି ସେତେବେଳେ ବ୍ରହ୍ମଜ୍ଞାନ ଲାଭ କରେ । ଏହିଜ୍ଞାନ କେବଳ ସଦ୍‌ଗୁଣାବଳୀ ଦ୍ୱାରା ପ୍ରାପ୍ତ ହୁଏ । ବ୍ରହ୍ମଜ୍ଞାନୀର ହିଂସା, ଈର୍ଷା, ପରଶ୍ରୀକାତରତା, କପଟଚାରିତା, ହତ୍ୟା ପ୍ରବୃତ୍ତି ଇତ୍ୟାଦି ଗୁଣ କଦାପି ଉଦୟ ହୁଏ ନାହିଁ । ମାତ୍ର ପର୍ଶୁରାମ କର୍ମଯୋଗ ନ କରି ବ୍ରହ୍ମାଙ୍କ ଆଜ୍ଞା ଓ ଆଦେଶରେ ଶିବଲୋକ ଗମନ କଲେ । ଯିବା ପୂର୍ବରୁ ସେ ଏକୋଇଶବାର ଧରାକୁ ନିଃକ୍ଷେତ୍ର କରିବେ, କାର୍ତ୍ତବୀର୍ଯ୍ୟକୁ ସଂହାର କରିବେ ବୋଲି ଶପଥ ନେଇ ସାରିଥିଲେ । ରଜ ଓ ତମର ଭାବ ନେଇ ଯାଇଥିଲେ । ତାଙ୍କଠାରେ ସତ୍ତ୍ୱଗୁଣ ଉଦୟ ହୋଇ ନଥିଲା । ରଜ, ତମ ଭାବ ନେଇ ଗଲେ, ଶିବଲୋକରୁ ଆସୁରିକ ଶକ୍ତିର ବର ଲାଭ ମିଳେ । ଯଦିଓ ଶିବଲୋକ, ଜ୍ଞାନାଲୋକ, ତତ୍ତ୍ୱଲୋକ ଏବଂ ସୃଷ୍ଟିର ସକଳ ଜ୍ଞାନ ଶିବପଥ ଦେଇ ମର୍ତ୍ତ୍ୟକୁ ଅବତରଣ କରୁଛି, ତଥାପି ଭାବନେଇ ଫଳ ପ୍ରାପ୍ତ ହୁଏ । ଜ୍ଞାନ ସ୍ଫଟିକ ପରି ସ୍ୱଚ୍ଛ । ସେଠାକୁ ଯେ ଯେଉଁ ଭାବ ନେଇଯିବ, ସେହି ଭାବ ଅନୁସାରେ (ଫଳ)

ପ୍ରାପ୍ତ ହେବ । ପର୍ଶୁରାମ ରଜ ଓ ତମ ଗୁଣର ଭାବ ନେଇ ହତ୍ୟା ବିଭିଷୀକା ଖେଳିବାର ମନୋଭାବ ପୋଷଣ କରି ତଦ୍ରୂପ ବର ଲାଭର ଅଭିପ୍ରାୟ ଜଣାଇଲେ । ତେଣୁ, ସେହି ଭାବାନୁସାରେ ଫଳପ୍ରାପ୍ତ ହୋଇ ଶକ୍ତି ନେଇ ଶିବଲୋକରୁ ଧରାଧାମକୁ ପ୍ରତ୍ୟାବର୍ତ୍ତନ କଲେ ।

ତେଣୁ ଶ୍ରୀମଦ୍ ଭାଗବତରେ କୁହାଯାଇଛି ;

*"ମନର ମୂଳେ ଏ ଜଗତ ।" "ମନ ତୋହର ନିଜ ଗୁରୁ ।"*

ସ୍ଥୂଳ ମନରେ ସୂକ୍ଷ୍ମ ମନ ଭାବ ତୋଳେ । ସୂକ୍ଷ୍ମ ମନକୁ ମୁନିଆ କରି ଏକ ବିନ୍ଦୁରେ ବାନ୍ଧିଦେଲେ ସ୍ଥୂଳ ମନ ଧୀରସ୍ଥିର ହୋଇଯିବ । ଏହାଦ୍ୱାରା ଚିତ୍ତ ବୃତ୍ତିର ନିରୋଧ ହୁଏ ଓ ଶୁଦ୍ଧ ଚିତରେ ଶୁଦ୍ଧ ସାତ୍ତ୍ୱିକଭାବ ଉଦୟ ହୁଏ । ପର୍ଶୁରାମଙ୍କ ପରି ଆସୁରୀ ପ୍ରବୃତ୍ତିର ପ୍ରାବଲ୍ୟ ଘଟେ ନାହିଁ ।

ଗୁରୁକ୍ଷେତ୍ରକୁ ଆସିବା ପୂର୍ବରୁ ଜୀବର ଯେଉଁ ଅବସ୍ଥା ଶିବଲୋକକୁ ପର୍ଶୁରାମ ଯିବା ପୂର୍ବରୁ ସେହି ଅବସ୍ଥା ସହିତ ସମାନ । ଗୁରୁକ୍ଷେତ୍ରକୁ ଆସିବାମାତ୍ରେ ଜୀବର ଜିଦ୍ ଓ ଅହଂର ବିନାଶ ଘଟିଥାଏ । ଗୁରୁ ପ୍ରଦତ୍ତ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରି ଦୀକ୍ଷା/ଧାରାରେ କର୍ତ୍ତବ୍ୟ ପରାୟଣତା ଅଭ୍ୟାସ କଲେ ଧୀରେ ଧୀରେ ନିଷ୍ଠା ଓ ଆନ୍ତରିକତା ଦାନା ବାନ୍ଧି ଠୁଳ ହୁଏ । ପରେ ନିଷ୍ଠା ପର୍ଯ୍ୟାୟକୁ ଆସିଗଲେ ନିର୍ଯ୍ୟାସ ମିଳିଯାଏ ସତ; ମାତ୍ର ଏ ଅବସ୍ଥାରେ ମୂଳ ଉତ୍ସଠାରୁ ଛିନ୍ନ ହେବାର ଭୟ କଟି ନଥାଏ । ଅନେକେ ଅବହେଳା ବା ହେୟ ଜ୍ଞାନ କରି ଏମନ୍ତ ଅବସ୍ଥାରୁ ଅଧୋଗତି ଲାଭ କରିଥିବାର ବହୁଳ ଦୃଷ୍ଟାନ୍ତ ରହିଛି । ତେଣୁ, ସାବଧାନ ! ମୂଳ ଉତ୍ସ ସହିତ ସତତ ଜଡ଼ିତ ରୁହ । ସକଳ ସିଦ୍ଧି, ସକଳ ବିଭୂତି, ସକଳ ଶକ୍ତି ତୁମର ହାତମୁଠାକୁ ଆପଣାଛାଏଁ ଚାଲିଆସିବ । ଧୈର୍ଯ୍ୟ ଲୋଡ଼ା, ସ୍ଥୈର୍ଯ୍ୟ ଆବଶ୍ୟକ । ପ୍ରାପ୍ତିପାଇଁ ବ୍ୟଗ୍ର ହୁଅନାହିଁ । ନିଷ୍ଠାର ସହିତ ଗୁରୁ ଆଜ୍ଞା ପାଳନ କରିବାକୁ ବ୍ୟାକୁଳ ହୁଅ । ସର୍ବ ଶୁଭମସ୍ତୁ !!

❑❑❑

ସଦା ସରବଦା ଗୁରୁଙ୍କ ପାଶେ ।
ଅଳସ ପଣରେ ଅଯଥା ବସେ ।।
ହସ କଉତୁକ କରିବା ଆଶେ ।
କେଉଁ ପଣେ ସେହୁ ଚରମେ ରସେ ??





ଆଶ୍ରମରେ ରହି ଅଳସ ତେଜ ।
ଗୁରୁସେବା ଚଇତନରେ ହେଜ ।।
ଖାଇଅଛ ଧନ ! ଯାହାର ଲୁଣ ।
ତା' ସେବାରେ ଲାଗ ଗାଇ ତା' ଗୁଣ ।।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ଶ୍ରୀଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ (Philosophy) ଜାଣିବା ନିମନ୍ତେ କ୍ରମଶଃ ଅଧିକରୁ ଅଧିକ ଆଗ୍ରହ ପ୍ରକାଶ ପାଉଥିବା ଏକ ଶୁଭ ଲକ୍ଷଣ । କ୍ରମେ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ପ୍ରାପ୍ତ ଯୁବକ ଯୁବତୀ, ପ୍ରୌଢ଼, ପୌଢ଼ା; ଅଧ୍ୟୟନରତ ଛାତ୍ରଛାତ୍ରୀ ଅଧିକରୁ ଅଧିକ ସଂଖ୍ୟାରେ 'ଚରମ'ର ଧର୍ମ ବିପ୍ଳବରେ ଆପ୍ରାଣ ଯୋଗଦେଇ ସଂଯୋଗ ବଶତଃ ଶ୍ରୀ ପ୍ରଭୁଙ୍କ ଧର୍ମ ଦର୍ଶନ ଜ୍ଞାତ ହେବା ନିମନ୍ତେ ଅନୁସନ୍ଧିତ୍ସୁ ହେବା ଏକ ଶୁଭସଙ୍କେତ । ଜିଜ୍ଞାସୁ, ଅନୁସନ୍ଧିତ୍ସୁ ଦିବ୍ୟାତ୍ମାଗଣଙ୍କର ନିଷ୍ଠା ଓ ଆନ୍ତରିକତାରେ ପ୍ରୀତ ହୋଇ ଭାବଗ୍ରାହୀ ଶ୍ରୀଶ୍ରୀଠାକୁର 'ଚରମ' ର ତୃତୀୟ ପାଖୁଡାରେ 'ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ' ଶୀର୍ଷକ ଏକ ଧାରାବାହିକ ସୂଚନା ପ୍ରଦାନ ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି । ପରମ କାରୁଣିକ ଜ୍ଞାନସାଗର ଶ୍ରୀପ୍ରଭୁଙ୍କ ଇଚ୍ଛାହିଁ ସକଳ ସୃଷ୍ଟି, ସ୍ଥିତି ଓ ହେତୁର ମୂଳ । ସେହି ଇଚ୍ଛାହିଁ ଆମର ପ୍ରସାଦ । ସଦା ସୁପ୍ରସନ୍ନ ପରମ କାରୁଣିକ ଭକ୍ତବନ୍ଧୁ ଶତ ସହସ୍ର ଅନୁଗତ ଭକ୍ତ, ଜିଜ୍ଞାସୁ, ଜ୍ଞାନୀମାନଙ୍କର ମନୋବାଞ୍ଛା ପୂର୍ଣ୍ଣକରି ବାଞ୍ଛାକଳ୍ପତରୁ ଉପାଧିକୁ ସାର୍ଥକ କରିଅଛନ୍ତି ।

ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ବହୁମୁଖୀ, ବହୁ ବିଭାଗ ଅନୁବିଭାଗ, ଶାଖା ପ୍ରଶାଖାରେ ତାହା ସୁବିନ୍ୟସ୍ତ । ଶ୍ରୀ ପ୍ରଭୁଙ୍କ ଆଶୀର୍ବାଦରୁ 'ଚରମ' ପୃଷ୍ଠାରେ 'ମୋହ' ସଂପର୍କରେ ଧାରାବାହିକ ଆଲୋଚନା ସ୍ଥାନ ପାଇଛି ।

ଏବେ ଆସନ୍ତୁ, ମୁଖ୍ୟ ବସ୍ତୁ ପ୍ରତି ଦୃଷ୍ଟି ଦେବା । ଏଠାରେ ଷଡ଼ ରିପୁ ମଧ୍ୟରୁ 'ମୋହ' ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଆମର ଲକ୍ଷ୍ୟ । ମୋହର ତାତ୍ତ୍ୱିକ ଆଲୋଚନା ହିଁ ଆମର ମୁଖ୍ୟ ପ୍ରସଙ୍ଗ । ଷଡ଼ ରିପୁ ମଧ୍ୟରୁ ଯଦିଓ କୌଣସିଟି ଅନ୍ୟଠାରୁ ପ୍ରଭାବ ଓ କାର୍ଯ୍ୟକାରିତାରେ ନ୍ୟୁନ ନୁହେଁ, ତଥାପି ମୋହ ଏକ ଅତ୍ୟନ୍ତ କଦର୍ଯ୍ୟ ରିପୁ । ଏହା ଏକ ଦିଗରେ ଯେପରି ବହୁ ବାଧାବିଘ୍ନ ସୃଷ୍ଟି କରିପାରେ, ଅନ୍ୟଦିଗରେ ସେହିପରି ବହୁ ଉତ୍ଥାନ ମଧ୍ୟ ସଂଘଟନ କରିପାରେ । ମୋହର ତତ୍ତ୍ୱ ଅତ୍ୟନ୍ତ ଗୂଢ଼ ଏବଂ ଗୋପନୀୟ । ଏହାର ଗହନ ତତ୍ତ୍ୱ ଏଠାରେ ବିଭିନ୍ନ ଉଦାହରଣ ଓ ଆଖ୍ୟାୟିକା ମାଧ୍ୟମରେ ବୋଧଗମ୍ୟ କରିବା ପାଇଁ ପ୍ରୟାସ କରାଯାଇଛି ।

ଜୀବ ସ୍ଥୂଳବସ୍ତୁର ଉପଭୋଗରେ ଜଡ଼ିତ ହେଲେ, ମୋହ ଜାଗେ । ଏତାଦୃଶ ଜଡ଼ିତ ଭାବରୁ ଆସକ୍ତି ଜନ୍ମେ । ଏହି ଆସକ୍ତିର ଶକ୍ତି ଅତ୍ୟନ୍ତ ପ୍ରଚଣ୍ଡ । ତୀବ୍ର ଆସକ୍ତି ହେତୁ ମୋହ ସୃଷ୍ଟି ହୁଏ ଏବଂ ବିଭିନ୍ନ ପ୍ରକାରେ ଏହି ଆସକ୍ତି ସୃଷ୍ଟ ମୋହ ଆପଣାର ସ୍ଥିତି ଗ୍ରହଣ କରିଥାଏ । ଏହାହିଁ ସଂକ୍ଷେପରେ ମୋହର ସଂଜ୍ଞା ଅଟେ । ମନୁଷ୍ୟ ଆପଣାର ଅଜ୍ଞାନତାରୁ ଅଜ୍ଞାତସାରରେ କ୍ରମଶଃ ପର୍ଯ୍ୟାୟକ୍ରମରେ କୌଣସି ନା କୌଣସି ବ୍ୟକ୍ତି, ବସ୍ତୁ, ସ୍ଥାନ ବା ଘଟଣା ସହିତ ଜଡ଼ିତ ହୋଇପଡ଼େ । ଏହି ଜଡ଼ିତ ହେବା ଭାବ ପରିପକ୍ୱ ହୋଇ ଆସକ୍ତିରେ ପରିଣତ ହୁଏ । ପରେ ଏହା ସଘନ ହୋଇ ଜୀବକୁ ମୋହଗ୍ରସ୍ତ କରେ ।

ଉଦାହରଣ ସ୍ୱରୂପ : ଯେଉଁ ବ୍ୟକ୍ତିର ଶରୀର ମଧ୍ୟକୁ କୁଷ୍ଠବ୍ୟାଧିର ଜୀବାଣୁ ପ୍ରବେଶ କରେ, ସେ ତତ୍‌କ୍ଷଣାତ୍ ତାହା ଜାଣିପାରେ ନାହିଁ । ଅନ୍ୟମାନେ ମଧ୍ୟ ଏହା ଜାଣିପାରି ନଥାନ୍ତି । ଧୀରେ ଧୀରେ, ଆକ୍ରାନ୍ତ ବ୍ୟକ୍ତିର ଚର୍ମରେ ରୋଗର ଚିହ୍ନ ଫୁଟି ଉଠେ । ତଥାପି, ଡାକ୍ତରଙ୍କର ପରୀକ୍ଷା ବିନା ଏହା ଯେ କୁଷ୍ଠରୋଗର ଚିହ୍ନ ତାହା ସମସ୍ତେ ଜାଣିପାରନ୍ତି ନାହିଁ । ଯେତେବେଳେ ରୋଗର ପରିପକ୍ୱ ଅବସ୍ଥାରୁ ତାହାର ଅଙ୍ଗ ବିକୃତି ପରିଦୃଷ୍ଟ ହୁଏ; ସେତେବେଳେ ସେ ଯେ କୁଷ୍ଠ ରୋଗାକ୍ରାନ୍ତ ତାହା ସ୍ପଷ୍ଟ ପ୍ରତୀୟମାନ ହୁଏ । ଶରୀରରେ ଜୀବାଣୁ ପ୍ରବେଶକୁ ଜଡ଼ିତ ଅବସ୍ଥା, ଚର୍ମରେ ରୋଗର ଚିହ୍ନ ଦୃଶ୍ୟମାନ ହେବାକୁ ଆସକ୍ତି ଏବଂ ଅଙ୍ଗ ବିକୃତିକୁ ମୋହ ଆଖ୍ୟା ଦେଇ ବୁଝିଲେ, ମୋହର ଉତ୍ପତ୍ତି, ଗତି ଓ ସ୍ଥିତି ସମ୍ପର୍କରେ ନିର୍ଭୁଲ ଧାରଣା କରାଯାଇ ପାରିବ । ଏହା ମୋହର କଦର୍ଯ୍ୟ ଦିଗ ଅଟେ ।

ମୋହ ଉତ୍ଥାନ ଦିଗକୁ ଲକ୍ଷ୍ୟ କରନ୍ତୁ । ସଂବାଳୁଆ ଏକ କଦର୍ଯ୍ୟ ସ୍ୱପ । କିନ୍ତୁ ଏହି ସଂବାଳୁଆ ଯେ ଦିନେ ପର୍ଯ୍ୟାୟକ୍ରମେ ସୁନ୍ଦର ପ୍ରଜାପତିରେ ରୂପାନ୍ତରିତ ହୁଏ, ତାହା ସଂବାଳୁଆକୁ ଦେଖି ଅନେକେ ବିଶ୍ୱାସ ମଧ୍ୟ କରିପାରନ୍ତି ନାହିଁ । ସଂବାଳୁଆ

ପ୍ରଜାପତିରେ ରୂପାନ୍ତରିତ ହେବା ଏକ ତତ୍‌କ୍ଷଣାତ୍ ପ୍ରକ୍ରିୟା ନୁହେଁ । ସେହିପରି ମୋହରୁ କୁତ୍ସିତ ଜୀବ ମଧ୍ୟ ସୁନ୍ଦର ପ୍ରାଣୀରୂପେ ରୂପାନ୍ତରିତ ହୋଇଥାଏ ।

ମୋହ ପାଇଁ ଯେଉଁ ସତ୍ୟ ସିଦ୍ଧ ଓ ପ୍ରଯୁଜ୍ୟ; କାମ, କ୍ରୋଧ, ଲୋଭ, ମଦ ଓ ମାତ୍ସର୍ଯ୍ୟ ପ୍ରତ୍ୟେକ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ । ତେବେ ରିପୁ ସକଳର ସୃଷ୍ଟି, ସ୍ଥିତି, ଗତି, ଫଳ ଲୀଳାର ଏକ ବିଶେଷ ସୂକ୍ଷ୍ମ ନିର୍ଦ୍ଦେଶ ରହିଛି । ବସ୍ତୁତଃ ଜୀବର ବିନ୍ଦୁ ସ୍ଥାପନ ଓ ଜନ୍ମ ମୁହୂର୍ତ୍ତର ରାଶି ଓ ନକ୍ଷତ୍ର ଦ୍ୱାରା ଏଗୁଡ଼ିକର କ୍ରିୟାଶୀଳତା ନିୟନ୍ତ୍ରିତ । ଜୀବ ଯେଉଁ ତିନି ପ୍ରକାର କର୍ମଫଳ (ସଞ୍ଚିତ, କ୍ରିୟାମାଣ, ପ୍ରାରବ୍ଧ) ତାହାର ଜୀବଦ୍ଦଶାରେ ଭୋଗ କରେ, ତନ୍ମଧ୍ୟରୁ ସଞ୍ଚିତ କର୍ମଫଳ ଓ କ୍ରିୟମାଣ କର୍ମଫଳ ବହୁତ ଭାବରେ ଏହି ଜନ୍ମ ରାଶି, ନକ୍ଷତ୍ର ଓ ଲଗ୍ନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହି ପ୍ରକ୍ରିୟାରେ ଜୀବର ଇନ୍ଦ୍ରିୟସକଳ ଓ ରିପୁଗଣ ସହଯୋଗ ଓ ସହାୟତା କରିଥାଆନ୍ତି ।

ମୋହ ମୁଖ୍ୟତଃ ପାଞ୍ଚଗୋଟି ପ୍ରଧାନ ବିଭାଗରେ ବିଭକ୍ତ । ସେଗୁଡ଼ିକ ହେଉଛି (୧) ଦୈହ୍ୟ ମୋହ (୨) ବିଦୈହ୍ୟ ମୋହ (୩) ଅଦ୍ୱୈତୀୟ ମୋହ (୪) ଗୁର୍ବାଗଞ୍ଜନ ମୋହ ଓ (୫) ସସ୍ତ୍ରୀକ ମୋହ । ପ୍ରତ୍ୟେକ ମୋହର କାର୍ଯ୍ୟକାରିତା ଭିନ୍ନ ଭିନ୍ନ । ନିମ୍ନରେ ପ୍ରତ୍ୟେକ ମୋହର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉଛି ।

## ଦୈହ୍ୟମୋହ

ଯେଉଁ ମୋହ ବ୍ୟକ୍ତିର ସ୍ଥିତ ପ୍ରକୃତିକୁ ବଦଳାଇ ନୂତନ ଚରିତ୍ର ଓ ନୂତନ ସୋପାନ ସୃଷ୍ଟି କରି ଉନ୍ନତ ସ୍ଥିତାବସ୍ଥାକୁ ଆନୟନ କରେ, ତାହାକୁ ଦୈହ୍ୟମୋହ କୁହାଯାଏ । ପୁରାଣ ପୃଷ୍ଠାରୁ ଉଦାହରଣ ସ୍ୱରୂପ ଦସ୍ୟୁ ରତ୍ନାକରର ଉପାଖ୍ୟାନ ଏଠାରେ ଗ୍ରହଣ କରାଯାଇପାରେ । ଡକାୟତି, ଦସ୍ୟୁବୃତ୍ତି ଓ ନରହତ୍ୟା କରି ଅର୍ଥ ଉପାର୍ଜନ ଦ୍ୱାରା ପରିବାର ପ୍ରତିପୋଷଣ କରିବା ଥିଲା ଦସ୍ୟୁ ରତ୍ନାକରର ସ୍ଥିତ ପ୍ରକୃତି । ରତ୍ନାକରର ଏତାଦୃଶ ଆଚରଣ ଜନସମାଜକୁ ଭୀତତ୍ରସ୍ତ କଲା । ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେଲା । କ୍ରମଶଃ ଏହା ଚରମରେ ଉପନୀତ ହେଲା । ଯଥା ମୁହୂର୍ତ୍ତରେ ଦେବର୍ଷି ନାରଦ ଉପସ୍ଥିତ ହୋଇ ରତ୍ନାକରର କୃତକର୍ମର ଫଳ ଶ୍ରୁତି ଶୁଣାଇ ଦସ୍ୟୁର ମୋହ ଭଙ୍ଗ କଲେ । ଦେବର୍ଷି ନାରଦଙ୍କର ହିତ ଉପଦେଶରେ ରତ୍ନାକର ଆପଣାର ସ୍ଥିତ ପ୍ରକୃତି ଦସ୍ୟୁବୃତ୍ତିର ମୋହ ତ୍ୟାଗ କରି ବିମୋହିତ ହୋଇ 'ମରା ମରା' ଉଚ୍ଚାରଣରୁ 'ରାମ ରାମ' ନାମ ଗାଇ ନୂତନ ଚରିତ୍ର ଓ ନୂତନ ସୋପାନ ଗଠନ କରି ଉନ୍ନତ ସ୍ଥିତାବସ୍ଥାକୁ ଉନ୍ନୀତ ହୋଇ ଆଦିକବି ବାଲ୍ମୀକି ଋଷିରେ ପରିଣତ ହେଲେ । ସମୟକ୍ରମେ ଦିନେ ସେହି ଆର୍ଯ୍ୟପ୍ରବର ବ୍ୟାଧଶରବିଦ୍ଧ କ୍ରୌଞ୍ଚର ମୃତ୍ୟୁରେ ଦୟାବିଗଳିତ ହୋଇ ପୃଥିବୀର ସର୍ବପ୍ରଥମ କବିତା, ପ୍ରଥମ ଶ୍ଳୋକ ଗାନ କଲେ: **''ମା ନିଷାଦ ପ୍ରତିଷ୍ଠା ତ୍ୱମଗମଃ ଶାଶ୍ୱତୀ ସମାଃ....''** ଇତ୍ୟାଦି । ଯେଉଁ ମୋହର କ୍ରିୟାଶୀଳତାରୁ ଦସ୍ୟୁ ରତ୍ନାକର ପୁଣ୍ୟ ଶ୍ଳୋକ ବାଲ୍ମୀକି ଋଷିରେ ପରିଣତ ହୋଇ ପବିତ୍ର ''ରାମାୟଣ'' ଗ୍ରନ୍ଥ ରଚନା କରିବାରେ ସମର୍ଥ ହେଲେ, ତାହାହିଁ ''ଦୈହ୍ୟ ମୋହ'' ।

ରତ୍ନାକର ଦସ୍ୟୁ ଉପାଖ୍ୟାନ ପଠନ ଓ ଶ୍ରବଣରେ ସମଗ୍ର ମାନବ ଜାତି ଆଜିବି ବିସ୍ମୟାବିମୂଢ଼ । ନରହନ୍ତା ଦସ୍ୟୁ ରତ୍ନାକର ଯେ ରୂପାନ୍ତରିତ ହୋଇ ଦିନେ ଦୟା ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ବାଲ୍ମୀକି ଋଷିରେ ପରିଣତ ହେବେ, ଏହା କଣ ସହଜରେ ବିଶ୍ୱାସ ଯୋଗ୍ୟ ? ଏହି ରୂପାନ୍ତରର ଅନ୍ତରାଳରେ ସେହି ରହସ୍ୟ ବିଦ୍ୟମାନ, ଯେଉଁ ରହସ୍ୟ ବଳରେ ସଂବାଳୁଆ ଆପଣାର କୁତ୍ସିତ ରୂପ ବର୍ଜନ କରି ସୁନ୍ଦର ପ୍ରଜାପତିରେ ପରିଣତ ହୋଇ ସୃଷ୍ଟି ସୁନ୍ଦରରୁ ସୁନ୍ଦରତର, ମଧୁରରୁ ମଧୁରତର କରେ । ପ୍ରତ୍ୟକ୍ଷ ଗୁରୁ ଆପଣାର ଶିଷ୍ୟର ଆନୁଗତ୍ୟ, ଭକ୍ତି, ନିଷ୍ଠା, ଦୃଢ଼-ବିଶ୍ୱାସ ସର୍ବୋପରି ଶରଣାପନ୍ନ ମନୋଭାବରେ ପ୍ରୀତ ହୋଇ ଦୈହ୍ୟ ମୋହର କ୍ରିୟାଶୀଳତାକୁ ତ୍ୱରାନ୍ୱିତ କରିଥାଆନ୍ତି । ରତ୍ନାକର ଦସ୍ୟୁ ସହିତ କଥୋପକଥନ ଛଳରେ ଦେବର୍ଷି ନାରଦ ରତ୍ନାକରର ଅନ୍ତଃସ୍ଥଳରେ ବିରାଜିତ ଦସ୍ୟୁବୃତ୍ତିର ମୋହ ଖଣ୍ଡନ କରିବାକୁ ଓ ସ୍ଥିତ ପ୍ରକୃତିକୁ ବଦଳାଇବାକୁ ସମର୍ଥ ହୋଇଥିଲେ । ଫଳତଃ ଦସ୍ୟୁର ହୃଦୟରେ ଦେବତ୍ୱ ସଞ୍ଚାର ସମ୍ଭବ ହେଲା ଓ ରାମନାମ ଜପରୁ ଦୈହ୍ୟମୋହ କ୍ରିୟାଶୀଳ ହୋଇ ଏତାଦୃଶ ରୂପାନ୍ତର ଆଣି ନୂତନ ଚରିତ୍ର ଓ ନୂତନ ସୋପାନ ସୃଷ୍ଟି କରି ଉନ୍ନତ ସ୍ଥିତାବସ୍ଥା ସୃଜନ କଲା । ରତ୍ନାକର ଦସ୍ୟୁ କ୍ଷେତ୍ରରେ ଏହା ଯେପରି କ୍ରିୟାଶୀଳ ହେଲା, ସଚରାଚର ଯେ କୌଣସି ଜୀବ ପକ୍ଷରେ ଏହା ତଦ୍ରୂପ କ୍ରିୟାଶୀଳ । ତେବେ ପ୍ରତ୍ୟକ୍ଷ ଗୁରୁ ନିର୍ବାଚନ, ଗୁରୁ ଗ୍ରହଣ ଏବଂ ଦୃଢ଼ ଶରଣାଗତି ହିଁ ଏକାନ୍ତ ଆବଶ୍ୟକ ॥



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :

*ନାରୀ । ସର୍ବଂସହା ପୃଥିବୀ ପରି । ମନ୍ଦାକିନୀ ପରି ପବିତ୍ର । ସୂର୍ଯ୍ୟ ପରି ନିଷ୍କଳ, ଉଜ୍ଜ୍ୱଳ । ଆକାଶ ପରି ଉଦାର । ସାଗର ପରି ଗଭୀର । ଫୁଲ ପରି କୋମଳ । ମହୁପରି ମଧୁର । ସରଳା ସେ । ସେ ମହନୀୟା । ସେ ସ୍ରଷ୍ଟା ପୁରୁଷର ସହଚରୀ । ଅସୀମ ଧୈର୍ଯ୍ୟଶୀଳା ସେ । ସେ ଗୁଣୀକା । ସେ ଚୁମ୍ବକୀୟ ଆସକ୍ତି । ଚନ୍ଦ୍ର ସୂର୍ଯ୍ୟ ପରି ତା'ର ଜ୍ୟୋତି ଶୁଭ୍ର । ସେ ବିଶ୍ୱର ସୁଷମା । ସେ ସ୍ନେହମୟୀ, ମମତାମୟୀ । ସେ ଜାୟା, ସେ ଜନନୀ, ସେ ଭଗ୍ନୀ, ସେ ପୁଣି କନ୍ୟା । ସେ ଧନ୍ୟା । ସେ ଫୁଲର ମହକ । ସେ ମନର ଚୁମ୍ବକ । ସେ ଆଶ୍ୱାସନା । ସେ ସାନ୍ତ୍ୱନା । ସେ ପ୍ରେରଣା । ସେ ମନ୍ତ୍ରଣା । ଏହିପରି ଜଣେ ମହୀୟସୀ ନାରୀ ଜନନୀ ରୂପରେ ଆପଣା ବୁକୁର ପ୍ରାଣରସ ଦେଇ ଆମକୁ ଏତୁଟିଏ କରିଛି ।*

*ତଥାପି, ଏ ଭ୍ରାନ୍ତ ସମାଜ କହେ ; ନାରୀ ନରକର ଦ୍ୱାର ! କିଏ କରିଛି ନାରୀକୁ ଆଜି ନରକର ଦ୍ୱାରରେ ପରିଣତ ? ଏହି ଉଦ୍‌ଭ୍ରାନ୍ତ ସମାଜ ॥*

*ଦିନଥିଲା : ଏହି ସ୍ୱର୍ଣ୍ଣପ୍ରସୂ ପୁଣ୍ୟଭୂମି ଭାରତରେ ନାରୀ ଉପଯୁକ୍ତ ପୂଜା ପାଉଥିଲା । ଯେଉଁଠି ନାରୀ ପୂଜା ପାଏ, ସେଠାରେ ଦେବତା ସକଳ ଉପସ୍ଥିତ ହୁଅନ୍ତି । ଆଜି ନାରୀ ନିର୍ଯ୍ୟାତିତା । ତେଣୁ ଦେବତାର ସ୍ଥାନ ଏଠାରେ ନାହିଁ । ଏଠାରେ ଶତ ସହସ୍ର ରାବଣ, ଦୁର୍ଯ୍ୟୋଧନ, ମହିଷାସୁରଙ୍କର ଶୋଭାଯାତ୍ରା । ଆସୁରୀ ପ୍ରବୃତ୍ତିର ପ୍ରାବଲ୍ୟରେ ଆଜି ଦୈବୀଗୁଣ ଲୁକ୍କାୟିତ ।*

*ଏହି ପରିପ୍ରେକ୍ଷୀରେ 'ଚରମ' ପୃଷ୍ଠାରେ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ' ବିଭାଗରେ ପ୍ରତ୍ୟେକ ପାକ୍ଷିକରେ ନାରୀ ସମାଜର ଉନ୍ନୟନ କାମନାରେ ବିଭିନ୍ନ ଯୁଗୋପଯୋଗୀ ଲେଖାମାନ ପ୍ରକାଶ କରିବାର ପରିକଳ୍ପନା ସଂପାଦନା ମଣ୍ଡଳୀ ହାତକୁ ନେଇ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର କୃପାପ୍ରାପ୍ତ ହୋଇଅଛି ॥*

### ମାତୃତ୍ୱର ଜୟଗାନ

ସୃଷ୍ଟିକୁ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ପୁରୁଷର ସହଧର୍ମିଣୀ ରୂପେ ନାରୀର ସୃଷ୍ଟି । ପୁରୁଷ ପରି ନାରୀର ଉପଯୋଗିତା ତେଣୁ ଅନସ୍ୱୀକାର୍ଯ୍ୟ । ମାନବଧର୍ମର ପୂର୍ତ୍ତି ନିମନ୍ତେ ପୁରୁଷ ଓ ନାରୀ ପରସ୍ପର ପରସ୍ପରର ପରିପୂରକ । ପ୍ରାଚୀନ ଭାରତରେ ନାରୀର ମର୍ଯ୍ୟାଦା ରକ୍ଷା ସାମାଜିକ ନିୟମର ସର୍ବଶ୍ରେଷ୍ଠ ଧାରା ଥିଲା । ସାମାଜିକ ତଥା ପାରିବାରିକ ଅନୁଷ୍ଠାନ ମାନଙ୍କରେ ନାରୀର ଭୂମିକା ସ୍ୱତନ୍ତ୍ର । ନାରୀ ବ୍ୟତୀତ ତାହା ପୁରୁଷର କର୍ମ ପରିସର ବାହାର । କାଳକ୍ରମେ ବୈଦେଶିକ ସଂସ୍କୃତିର ପ୍ରଭାବ ଭାରତୀୟ ଜନଜୀବନକୁ ଉଦ୍‌ଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରି ଦୋହଲିଲା । ସାମାଜିକ ପୃଷ୍ଠଭୂମିରେ ନାରୀର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଲା । ଜନନୀ, ଭଗିନୀ, ଜାୟା ଓ କନ୍ୟା ଭୂମିକାରେ ନାରୀ ଯେ ମହନୀୟା ଓ ବନ୍ଦନୀୟା ତାହା ବିଦେଶୀ ସଂସ୍କୃତି ଅନୁକରଣକାରୀ ଓ ଅନୁସରଣକାରୀ ଭାରତୀୟ ସମାଜ ବିସ୍ମୃତ ହେଲା । ଭାରତୀୟ ଜୀବନର ଗୋଟିଏ ଅଙ୍ଗ ଅକାଳରେ ପକ୍ଷାଘାତ ରୋଗଗ୍ରସ୍ତ ହୋଇ ଅଥର୍ବ ଓ ପଙ୍ଗୁ ହୋଇଗଲା । ସ୍ୱାଧୀନୋତ୍ତର ଭାରତରେ ପୁଣି ଥରେ ନାରୀ ଜାଗରଣର ନିର୍ଝର ଛୁଟିଲା ସତ; ମାତ୍ର ତାହା ପାଶ୍ଚାତ୍ୟ ଜୀବନ ଚର୍ଯ୍ୟାସଙ୍ଗିନୀ ହୋଇ କୂଳ ଲଂଘନ କରି ସମାଜର ଉଭୟ କୂଳକୁ

ବନ୍ୟାପ୍ଲାବିତ କଲାଣି । ଗୋଟିଏ ସମସ୍ୟାର ବନ୍ଧନରୁ ମୁକ୍ତ ହୋଇ ଆମେ ପୁଣି ଅନ୍ୟ ଗୋଟିଏ ସମସ୍ୟାର ବନ୍ଧନରେ ଆବଦ୍ଧ ହେଲୁଣି ଆମର ଅଜ୍ଞାତ ସାରରେ । ଆମ ଅଗୋଚରରେ ଆମେ ଜଞ୍ଜାଳ ଜାଲରେ ପଡ଼ିଛୁ । ପଙ୍କିଳ ଶରୀର ଧରି ଚନ୍ଦନ ଚର୍ଚ୍ଚିତ ବୋଲି ଆପଣାକୁ ଆପେ ମନେ କରୁଛୁ । ଏହାହିଁ ଆମର ଦୁର୍ଭାଗ୍ୟ । ଏହାହିଁ ଭାଗ୍ୟର ଉପହାସ । ଅତ୍ୟନ୍ତ ଉଗ୍ର ପ୍ରଗତିଶୀଳତା ମଧ୍ୟ ପକ୍ଷାଘାତ ରୋଗ ତୁଲ୍ୟ ମାରାତ୍ମକ ଓ ସର୍ବାଧ୍ୱଂସକାରୀ । ଯେଉଁଠି ସମାଜର ଗୋଟିଏ ଅଙ୍ଗ ପକ୍ଷାଘାତ ରୋଗାକ୍ରାନ୍ତ, ସେଠାରେ ଶାନ୍ତିର କପୋତ ମୁକ୍ତ ନୀଳ ଆକାଶରେ ଡ଼େଣା ମେଲାଇ ଉଡ଼ିବାର ସ୍ୱପ୍ନ ଦେଖିବା ହୁଏତ ଅଳୀକ ସ୍ୱପ୍ନ ହୋଇପାରେ; ମାତ୍ର ବାସ୍ତବ ଜୀବନଚର୍ଯ୍ୟାରେ ତାହା ସତ୍ୟରେ ପର୍ଯ୍ୟବସିତ ହୋଇ ପାରେ ।

ନାରୀ: ନାରାୟଣୀ, ନର : ଅର୍ଦ୍ଧାଙ୍ଗିନୀ । ପୁରୁଷ : ସହଧର୍ମୀ, ସ୍ତ୍ରୀ ସହଧର୍ମିଣୀ । ନର ଭ୍ରାତା, ଜନକ, ପିତା, ପୁତ୍ର, ନାରୀ, ଭଗିନୀ, ଜନନୀ, ଜାୟା, କନ୍ୟା । ବ୍ୟକ୍ତିଗତ ଜୀବନରେ ପ୍ରତ୍ୟେକ ପୁରୁଷ ନିୟନ୍ତ୍ରିକ ଓ ସ୍ତ୍ରୀ ପ୍ରକୃତି ସ୍ୱରୂପିଣୀ । କାରଣ, ସାମାଜିକ ଜୀବନରେ ପୁରୁଷ ଯେପରି ନାରୀ ଉପରେ ନିର୍ଭରଶୀଳ, ସ୍ତ୍ରୀ ମଧ୍ୟ ତଦନୁରୂପ ପୁରୁଷ ଉପରେ ନିର୍ଭରଶୀଳା । ସମାଜର ସ୍ଥିତି ଓ ଗତି ନିମନ୍ତେ ନର ଏବଂ ନାରୀର ଉପଯୋଗିତା ସମ ପର୍ଯ୍ୟାୟବାଚୀ । କେହି ଅଧିକ ନୁହନ୍ତି, କେହି ଊଣା ମଧ୍ୟ ନୁହନ୍ତି । ଅଜ୍ଞାନତା ବଶତଃ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ବିଭେଦର ପ୍ରାଚୀର ଛିଡ଼ା କରାଇ କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥସିଦ୍ଧିର କୌଶଳ ପ୍ରୟୋଗ କରିବାର ଏହା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ନାରୀ ବାମାଙ୍ଗୀ : ଶକ୍ତିର ଉତ୍ସ, ପ୍ରେରଣାର ଉତ୍ସ । ପୁରୁଷକୁ ସେ କ୍ରିୟାଶୀଳ କରେ ।

ବ୍ୟକ୍ତି : ପୁରୁଷ ହେଉ ବା ସ୍ତ୍ରୀ ହେଉ, ଧରାପୃଷ୍ଠରେ ଭୂମିଷ୍ଠ ହେବା ନିମନ୍ତେ ଜନକର ସନ୍ତାନ ଉତ୍ପାଦିକା ଶକ୍ତି ଏବଂ ଜନନୀ ଜଠରର ଜରାୟୁ ଉପରେ ନିର୍ଭରଶୀଳ । ଏହି ନିର୍ଭରଶୀଳତା ଉପରେ ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ଜୀବନ ଗଢ଼ି ଉଠେ । ନବଜାତ ଶିଶୁ (ପୁତ୍ର ହେଉ ବା କନ୍ୟା ହେଉ) ଜୀବନ ଧାରଣ, ପାଳନ, ପୋଷଣ, ବର୍ଦ୍ଧନ ନିମନ୍ତେ ମାତୃଶକ୍ତି ଉପରେ ଅଧିକାଂଶରେ ନିର୍ଭର କରେ । ଧରାଧାମରେ ଭୂମିଷ୍ଠ ହେବାକୁ ହେଲେ ଜନନୀର ଦୁଇପାଦ ତଳ ଦେଇ ଖସିବାକୁ ହୁଏ । ଏପରି ଦେବତାମାନେ ମଧ୍ୟ ଏହି ବିଧାନ ଦେଇ ପୃଥିବୀକୁ ଓହ୍ଲାଇ ଆସନ୍ତି । ଯୁଗେ ଯୁଗେ ସମସ୍ତେ ସର୍ବଦା ଓ ସର୍ବଥା ଏପରିକି ସ୍ୱୟଂ ନାରାୟଣ ନର ବିଗ୍ରହ ଗ୍ରହଣ କରିବାବେଳେ ଏହି ବିଧାନକୁ ସମ୍ମାନ ଦେଇ ଥାଆନ୍ତି । ଜନନୀ, ମାତୃଶକ୍ତି; ମାତୃତ୍ୱର ପରାକାଷ୍ଠାରେ ମହୀୟସୀ, ଗରୀୟସୀ । ମାତୃତ୍ୱର ଜୟଗାନରେ ସୃଷ୍ଟ ଓ ସ୍ରଷ୍ଟା ଏକସ୍ୱର । ଏହି ମହାସତ୍ୟକୁ ଉପେକ୍ଷା କରିବା ଦୁର୍ଭାଗ୍ୟ ବ୍ୟତୀତ ଆଉ କ'ଣ ହୋଇପାରେ । ଦୁର୍ଭାଗ୍ୟ କଥା : ସନ୍ତାନ ବଡ଼ ହୋଇ ସେହି ଶକ୍ତିମୟୀ ଉତ୍ସ : ମାତୃତ୍ୱର ଜୟଗାନ କରିବାକୁ ଭୁଲି ଯାଏ । ସଚରାଚର ଏହାହିଁ ଏକ ସାଧାରଣ ଘଟଣା । ପୃଥିବୀ ପରି ସର୍ବଂସହା ଜନନୀ ନିର୍ବିକାର ଭାବରେ, ହସିହସି ସବୁ ସହିଯାଏ । ସହିବା ହିଁ ତା'ର ସହଜାତ ଗୁଣ । ମାତୃତ୍ୱ କଦାପି ଅସହିଷ୍ଣୁ ହୋଇ ପାରିନି, ହୋଇପାରେନା । ଗାଈ ନିକଟରେ ବାଛୁରୀଟି ଥିଲେ ଗାଈ ହମ୍ବାନେ ନାହିଁ । ଦୃଷ୍ଟିର ଅନ୍ତରାଳକୁ ବାଛୁରୀଟି ଚାଲିଗଲେ, ଗାଈ ଅସ୍ଥିର ଚଞ୍ଚଳ ହୋଇ ଉଠେ; ହମ୍ବାଳ ଛାଡ଼ି ଚତୁର୍ଦ୍ଦିଗ କମ୍ପାଇ ଦିଏ । ଆପଣାର ପ୍ରିୟ ସନ୍ତାନ ଦୂରେଇ ଗଲେ ମାତୃ ହୃଦୟ ଠିକ୍ ସେହିପରି ବିକଳି ଉଠେ ନୀରବରେ, ଗୋପନରେ ଅଶ୍ରୁମୁଞ୍ଚନ କରେ । ମମତାମୟୀ ଜନନୀ ସେ । ସେ ସ୍ନେହମୟୀ ! ନିଷ୍କାମ ତା'ର ସେବା ପରିଚର୍ଯ୍ୟା । କୌଣସି ଜାୟା ବା ଜନନୀ ତା'ର ପତି ବା ସନ୍ତାନସନ୍ତତିଙ୍କର ସେବା ପରିଚର୍ଯ୍ୟା କୌଣସି ପ୍ରାପ୍ତି ବା ପୁରସ୍କାର ଆଶାରେ କରେନି । ଏଥିପାଇଁ ସେ ମହୀୟସୀ ଆଉ ଗରୀୟସୀ ।

ସାମାଜିକ ଦୃଷ୍ଟିଭଙ୍ଗୀକୁ ଛାଡ଼ି ନାରୀ ଜୀବନର ଅନ୍ୟ ଏକ ବଳୟ ରହିଛି । ନାରୀ ସ୍ୱାଧୀନତାର ଦୁହାଇ ଦେଇ, ଉଚ୍ଚରୋଳରେ ସ୍ଲୋଗାନ୍ ଦେଇ ନାରୀଜୀବନ କୁହେଳିକାଛନ୍ନ କରାଯାଇପାରେନା । ଯାହା ସତ୍ୟ, ତାହା ସୂର୍ଯ୍ୟାଲୋକ ପରି ସ୍ୱଚ୍ଛ ଏବଂ ଜାଜ୍ୱଲ୍ୟମାନ । ଆଧ୍ୟାତ୍ମିକ, ପରମାର୍ଥିକ ଓ ଧାର୍ମିକ ଜୀବନରେ ନାରୀ ପୁରୁଷର ଲୀଳା-ସଙ୍ଗିନୀ । ପୁରାଣ ପୃଷ୍ଠାରୁ ମିଳେ : ସୀତାଙ୍କର ବନବାସ କାଳରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରାଜସୂୟ ଯଜ୍ଞ ଅନୁଷ୍ଠାନ କରିବାକୁ ଯାଇ ସୀତାଙ୍କର ସ୍ୱର୍ଣ୍ଣପ୍ରତିମାରେ ପ୍ରାଣପ୍ରତିଷ୍ଠା କରି ଯଜ୍ଞାନୁଷ୍ଠାନ ଆରମ୍ଭ କରିଥିଲେ । ଅର୍ଦ୍ଧାଙ୍ଗରେ କୌଣସି କାର୍ଯ୍ୟ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇପାରେନା । ଦାମ୍ପତ୍ୟ ଜୀବନରେ ଉଭୟ ପୁରୁଷ ଓ ସ୍ତ୍ରୀ ସୁଖଦୁଃଖର ସମଭାଗୀ, ଆଧ୍ୟାତ୍ମିକ ଜୀବନର ପରସ୍ପରର

ପରିପୂରକ । ଏହାକୁ ଅସ୍ୱୀକାର କରି ଅଜ୍ଞାନତାରୁ ବିପାକ ପଥରେ ପାଦ ଚାଲି ଅଗ୍ରସର ହେଲେ ପଦେ ପଦେ ବିପଦ ଓ ଦୁର୍ବିପାକର ସମ୍ଭାବନାକୁ ଏଡ଼ାଇ ଦେଇ ହୁଏନା । ତେଣୁ ପୁରୁଷ ଓ ସ୍ତ୍ରୀ ଜନକ ଓ ଜନନୀ / ଜାୟା ଓ ପତି ପ୍ରତ୍ୟେକ ପରସ୍ପରର ସତୀର୍ଥ । ସହମତିରେ ସହଯୋଗିତାର ସହିତ ଏକମନ, ଏକପ୍ରାଣ, ଏକସ୍ୱର ଓ ଏକ ଲକ୍ଷ୍ୟରେ ସମତାଳରେ ପାଦ ପକାଇ ଆଗେଇ ଚାଲିଲେ ଉଭୟଙ୍କର ମଙ୍ଗଳ ହୁଏ ।

ପାରିବାରିକ ଜୀବନ ଚର୍ଯ୍ୟା ଆଜି ବିପର୍ଯ୍ୟସ୍ତ, ବିଧ୍ୱସ୍ତ କହିଲେ ସତ୍ୟର ଅପଳାପ ହେବ ନାହିଁ । ଏକାନ୍ନବର୍ତ୍ତୀ ବୃହଦାକାର ପରିବାରରେ ସଭିଙ୍କର ମନ ନେଇ, ସଭିଙ୍କୁ ସନ୍ତୁଷ୍ଟ କରି ଆଧ୍ୟାତ୍ମିକ ଜୀବନ ଚର୍ଯ୍ୟା ନିମନ୍ତେ ନିର୍ଦ୍ଦିଷ୍ଟ ଧାରା ଗ୍ରହଣ କଲାବେଳେ ଅନେକ ସମୟରେ ପରିବାରରେ ଅନୁପସ୍ଥିତ ରହିବାକୁ ପଡ଼ିଥାଏ । ଏଥି ନିମନ୍ତେ ଶାଶୁ, ଶ୍ୱଶୁର, ନଣନ୍ଦ, ଦେବର (ଯଦି ସେମାନେ ଧାରାଧରି ନଥାନ୍ତି)ଙ୍କର କଟୁକ୍ତିର ଶରବ୍ୟ ହେବାକୁ ପଡ଼ିଥାଏ । ଯଥେଚ୍ଛାଚାର ନ କରି ଧର୍ମାଚାର୍ ପାଳନ ନିମନ୍ତେ ମଧ୍ୟ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାରେ ଅନେକତ୍ର ବହୁ ବାଧାବିପତ୍ତିର ସମ୍ମୁଖୀନ ହେବାକୁ ପଡ଼େ । ଏହି ଘୋର କଳିରେ ଗୁରୁକ୍ଷେତ୍ରକୁ ଆସି ଆଧ୍ୟାତ୍ମିକ ଶିକ୍ଷା ଓ ଉନ୍ନୟନ ଦୀକ୍ଷା ନେଇ କର୍ମଯୋଗ ଧାରା ଧରି ଅଭ୍ୟାସ ସୋପାନରେ ଚଳିବା ଏକ ଦୁଷ୍କର ବ୍ୟାପାର । ଆଜିର ବ୍ୟକ୍ତି, ଦମ୍ପତି, ପରିବାର ଓ ସମାଜ ଏପରି ଏକ ଅହଂ ବୁଦ୍ଧି ସମ୍ପନ୍ନ ଓ କୁହେଳିକାଚ୍ଛନ୍ନ ଭିନ୍ନ ପୃଥିବୀରେ ପହଞ୍ଚିଛି ଯେ, ଧର୍ମଜ୍ଞାନର ଆଲୋକ ତା'କୁ ଅସହ୍ୟ ବୋଧ ହେଉଛି । ଅହଂକାର ଯେଉଁଠି, ଅସହିଷ୍ଣୁତା ସେଇଠି; ଅସହିଷ୍ଣୁତା ଯେଉଁଠି ପରଶ୍ରୀକାତରତା ସେଇଠି; ପରଶ୍ରୀକାତରତା ଯେଉଁଠି, ଈର୍ଷାପରାୟଣତା ସେଇଠି, ଈର୍ଷାପରାୟଣତା ଯେଉଁଠି; ହିଂସାବୃତ୍ତି ସେଇଠି । ତେଣୁ ଆଜି ପଦେ ପଦେ ହିଂସାର ଆସୁରୀ ଲୀଳା : ସତେ ଯେପରି ହିଂସାରାକ୍ଷସୀ ମୁଖ ବ୍ୟାଦାନ କରି ସର୍ବାବିଧ୍ୱଂସୀ ନୃଶଂସ ନୃତ୍ୟରେ ଉନ୍ମତ୍ତ !

ଅବସ୍ଥା ଚକ୍ରରେ ଗୁରୁଦ୍ୱାରକୁ ଆସି ମନ୍ତ୍ରାଭିଷିକ୍ତ ହୋଇ ଧାରା ପାଳନରେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼େ । ପୁରୁଷ ପକ୍ଷରେ ଏ ପ୍ରତିବନ୍ଧକ ଅତିକ୍ରମ କରି ଆଗେଇ ଚାଲିବା ଅନେକ କ୍ଷେତ୍ରରେ ଯେତେ ସମ୍ଭବ; ସ୍ତ୍ରୀ ପକ୍ଷରେ ଏ ପ୍ରତିବନ୍ଧକ ଅତିକ୍ରମ କରି ଆଗେଇ ଚାଲିବା ସେତେ ସହଜ ନୁହେଁ । କାରଣ, ନାରୀ କୋମଳାଙ୍ଗୀ ଲଜ୍ଜା ତା'ର ଭୂଷଣ, ଜୀବନର ବିଭିନ୍ନ ପର୍ଯ୍ୟାୟରେ ସେ ପିତା, ପତି, ପୁତ୍ର ଉପରେ ନିର୍ଭରଶୀଳ । ଅତ୍ୟାଧୁନିକ ସଭ୍ୟତାର କୃତ୍ରିମ ଆଲୋକରେ ଯେତେ ଉଦ୍ଭାସିତ ମନେକଲେ ମଧ୍ୟ ସୃଷ୍ଟିର ବୈଚିତ୍ର ନିକଟରେ ସମସ୍ତଙ୍କୁ ଦିନେନା ଦିନେ ନତଶିର ହେବାକୁ ହୁଏ । ଏହାର ଭୂରି ଭୂରି ଦୃଷ୍ଟାନ୍ତ ରହିଛି ।

ସ୍ତ୍ରୀ ଆଧାତ୍ମିକ ଚିନ୍ତା ଓ କର୍ମରେ ସ୍ୱାମୀ ସହାୟକ ଓ ସହଯୋଗୀ ନ ହେଲେ, ସ୍ତ୍ରୀ ମନରେ ତୀବ୍ର ଅସନ୍ତୋଷର ଅଗ୍ନି କୁହୁଳି ଉଠେ । ହୁଏତ ଅନେକତ୍ର ସେ କ୍ରୋଧାନ୍ୱିତା ହୁଏ । ଏଥିରୁ ଦାମ୍ପତ୍ୟ ଜୀବନରେ ଅସାମଞ୍ଜସ୍ୟ ଭାବର ତରଙ୍ଗ ଉଚ୍ଛୁଳି ଉଠେ । ଅସାମଞ୍ଜସ୍ୟ ଭାବ - ତରଙ୍ଗରୁ ଉତ୍ପନ୍ନ ସନ୍ତାନ ସନ୍ତତି ରୁଗ୍ଣ, ମୂର୍ଖ, ନିର୍ବୋଧ, ଭାଗ୍ୟହୀନ ଦରିଦ୍ର ଓ କୁସଂସ୍କାରାଚ୍ଛନ୍ନ ହୁଅନ୍ତି । ସମାଜ କଳୁଷିତ ହୁଏ । ସମାଜକୁ ସୁସ୍ଥ, ସୁନ୍ଦର, ଜ୍ଞାନୀ, ବିବେକବନ୍ତ, ବଳିଷ୍ଠ, ସୌଭାଗ୍ୟବାନ ଓ ସୁସଂସ୍କୃତ ସନ୍ତାନ ଉପହାର ଦେବା ନିମନ୍ତେ ବୈବାହିକ ବନ୍ଧନର ପବିତ୍ର ଭିତ୍ତି ଆର୍ଯ୍ୟଋଷିକୁଳ ସ୍ଥାପନ କରି ଯାଇଥିଲେ । ସମ୍ପ୍ରତି ତାହା ବିପର୍ଯ୍ୟସ୍ତ ହେଲାଣି । ସୁସନ୍ତାନ ସୃଷ୍ଟି ହେବେ କିପରି ? ବୃକ୍ଷ ମୂଳରେ କୁଠାରଘାତ କରି ବୃକ୍ଷର ଶାଖା ପ୍ରଶାଖା ନିତ୍ୟ ନିୟତ ଛିନ୍ନ ବିଚ୍ଛିନ୍ନ କରି ସୁମିଷ୍ଟ ସ୍ୱାଦିଷ୍ଟ ଫଳ ଆଶା କରିବା ବୃଥା ନୁହେଁକି ? ଆଜି ନାରୀ ନିର୍ଯ୍ୟାତନାର କାହାଣୀ ଯେଉଁ ପର୍ଯ୍ୟାୟରେ ପହଞ୍ଚଗଲାଣି, ଭବିଷ୍ୟତରେ ହୁଏତ କେବଳ ଗୁଡ଼ିଏ ପଙ୍ଗୁ, ଅଥର୍ବ, ଅପୂର୍ଣ୍ଣାଙ୍ଗ, ବିକୃତ ସନ୍ତାନ ହିଁ ସମାଜ ପାଇବ । ସଭ୍ୟ ଶିକ୍ଷିତ ପଣ୍ଡିତମନ୍ୟ ସମାଜ ପାଇଁ ଏହା ନିତ୍ୟ ନୈମିତ୍ତିକ ଅନୁଚିନ୍ତା ହେଉ । ପରିବେଶ ପ୍ରଦୂଷଣ ପରି ସମାଜ ପ୍ରଦୂଷଣ ଆଜି ଧ୍ୱଂସର ଅନ୍ୟ ଏକ ଦ୍ୱାର ଉନ୍ମୁକ୍ତ କଲାଣି । ଏଥିପ୍ରତି ପ୍ରତ୍ୟେକ ଆପଣାର କର୍ତ୍ତବ୍ୟ ଓ କ୍ଷମତାର ପରିସର ମଧ୍ୟରେ ଯତ୍ ପରୋନାସ୍ତି ତ୍ୟାଗପୂତ କାର୍ଯ୍ୟକ୍ରମ ଗ୍ରହଣ କରି ତାହାର ସଫଳ ରୂପାୟନ କରିବା ନିମନ୍ତେ ଆହ୍ୱାନ କରାଯାଉଛି ।

ସ୍ୱାମୀ ଓ ସ୍ତ୍ରୀ ଦାମ୍ପତ୍ୟଜୀବନ ସହିତ ଆତ୍ମ ଉନ୍ନୟନ ଓ ପରମାର୍ଥୀ ଜୀବନ ନିମନ୍ତେ ଦୀକ୍ଷା ଗ୍ରହଣ କରି ଅଭ୍ୟାସ ଯୋଗରେ ଆଗେଇ ଯିବାର ସଂକଳ୍ପ ନେଲେ ବହୁକୁଟୁମ୍ବୀ ଏକାନ୍ନବର୍ତ୍ତୀ ପରିବାରରେ ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର,

ଭାଇ ଭାଉଜ, ଇତ୍ୟାଦି ଅନ୍ୟ ସଦସ୍ୟମାନେ ସହମତ ଓ ସହାୟକ ନ ହେଲେ; ନାନା ସମସ୍ୟା ଦେଖାଦିଏ । ପାରସ୍ପରିକ ସ୍ନେହସୂତ୍ରରେ ଗ୍ରଥିତ ସଦସ୍ୟଙ୍କୁ ନେଇ ଆଦର୍ଶ ପରିବାର ଗଠିତ ହୁଏ । ଯେଉଁଠି ସ୍ନେହମମତା ନାହିଁ, ସେହି ପରିବାର ନୀରସ ଓ ନିର୍ଜୀବ । ସତ୍ୟ ପଥରେ ସତ୍ୟ ସନ୍ଧାନୀ ଭଳି ସତ୍ୟପ୍ରାପ୍ତି ନିମନ୍ତେ ସତ୍‌ସଙ୍ଗରେ ଯୋଗଦେବା, ସତ୍ ଚିନ୍ତା ଓ ସତ୍ କର୍ମ କରିବାପାଇଁ ପରିବାରର ସଦସ୍ୟଗଣ ଅଗ୍ରସର ହେବା ଉଚିତ । ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ପୁଚ୍ଛଧାରୀ ଗଣ ଯେତେବେଳେ ନିଜର ବିକୃତ ସମାଜକୁ ଶୃଙ୍ଖଳିତ କରିବାକୁ ଅକ୍ଷମ ଭାରତୀୟ ଆର୍ଯ୍ୟପରମ୍ପରା ଅନୁମୋଦିତ ଆଧ୍ୟାତ୍ମିକ ଜୀବନ ଚର୍ଯ୍ୟାରେ ଏହି ଅପଗଣ୍ଡ ମାନେ ବାଧା ଦେବାପାଇଁ ସାହସ କରୁଛନ୍ତି କିପରି ? ଆଜିର ଯୁବ ସମାଜ, ନାରୀ ସମାଜ, ଶିକ୍ଷିତ ସମାଜ ଏହି ପରିପ୍ରେକ୍ଷୀରେ ଗଭୀର ମନୋନିବେଶ କରି ଚିନ୍ତା କରିବାର ସମୟ ଆସିଛି । ସାମାନ୍ୟ ବିଳମ୍ବରେ ହୁଏତ ସାମାଜିକ ପ୍ରଦୂଷଣ ଘୋର ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିବ । ଚିନ୍ତାଶୀଳ ବୁଦ୍ଧିଜୀବୀ ସମାଜ ଏହାର ବେଳ ଥାଉଁ ଥାଉଁ ବିହିତ ପ୍ରତିକାର କରିବା ଉଚିତ ।

ଅବିବାହିତା କନ୍ୟା କଥା ନିଆରା । ପୂର୍ବ ସଂସ୍କାର ବଶରୁ ସେ ଯଦି ଗୁରୁ ଗ୍ରହଣ କରି ଦୀକ୍ଷା ନେଇ କର୍ମଯୋଗରେ ଆଗେଇବାକୁ ଚାହେଁ, ତେବେ ତାକୁ ପିତାମାତା, ଭାଇ ଭାଉଜ ଇତ୍ୟାଦିଙ୍କର ସହଯୋଗ ଲୋଡ଼ିବାକୁ ପଡ଼ିଥାଏ । ଏପରି ସ୍ଥଳେ ସେ ସଭାପୋଷଣୀ ସାହାଯ୍ୟ ସହଯୋଗ, ପ୍ରେରଣା, ଉତ୍ସାହ ତଥା ଆବଶ୍ୟକସ୍ଥଳେ ଆର୍ଥିକ ସହଯୋଗ ନ ପାଇଲେ ଅନେକସ୍ଥଳରେ ଦୁଃଖ ଯନ୍ତ୍ରଣା ଭୋଗକରେ । ନୈରାଶ୍ୟ ଦୀର୍ଘଶ୍ୱାସ ତ୍ୟାଗ କରି ଆପଣା ଜନ୍ମ ଓ ଜୀବନକୁ ଧିକ୍କାର କରେ । ପିତାମାତା, ଭାଇ ଭାଉଜ ଓ ଅନ୍ୟାନ୍ୟ ଗୁରୁଜନଙ୍କର ବିରୁଦ୍ଧାଚରଣ କରେ । ସାମାଜିକ ଅନୁଷ୍ଠାନ, ଆମୋଦ ପ୍ରମୋଦ, ଯାନିଯାତ୍ରା, ଏପରିକି ସିନେମା ଭିଡ଼ିଓ ଆଦି ନିମନ୍ତେ ସେ ଅବାଧରେ ଅନୁମତି ପାଇ ପାରୁଥିବା ବେଳେ ଆତ୍ମିକ ଉନ୍ନୟନ ଓ ଜୀବନର ପରମ ପ୍ରାପ୍ତି ନିମନ୍ତେ ଆଧ୍ୟାତ୍ମିକ ପରିଚର୍ଯ୍ୟା ପାଇଁ ଅନୁମତି ବା ସହାୟତା ପାଇବା ଦୁର୍ଭାଗ୍ୟର କଥା ନୁହେଁକି? ଅବିବାହିତା କନ୍ୟା ସର୍ବଦା ଓ ସର୍ବଥା ବାପା, ଭାଇ ବା ସେହିପରି ଦାୟିତ୍ୱଶୀଳ ଗୁରୁଜନଙ୍କ ଉପରେ ଅନେକାଂଶରେ ନିର୍ଭର କରି ଚଳିଥାଏ । ସାମାଜିକ ଜୀବନରେ ଗୁରୁଜନ ମାନେ ତାକୁ ଯେପରି ସହଯୋଗ କରନ୍ତି, ଆଧ୍ୟାତ୍ମିକ ଜୀବନରେ ଠିକ୍ ସେହିପରି ସହାୟତା କରିବା ସର୍ବାଦୌ ବାଞ୍ଛନୀୟ ।

ଆଜିର ସାମାଜିକ ଜୀବନ ଜଟିଳ । ମଣିଷ କୁଟିଳ । ମିଥ୍ୟାଚାର ଓ କପଟାଚାରର ବିକଟାଳ ଛଦ୍ମରୂପ ସବୁଠି । ଗୁରୁ ଗ୍ରହଣ, ମନ୍ତ୍ର ଗ୍ରହଣ କାଳରେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ପ୍ରତ୍ୟେକ ନରନାରୀ, ସ୍ୱାମୀ, ସ୍ତ୍ରୀ ତଥା ଯୁବକ ଯୁବତୀଙ୍କର ଏକାନ୍ତ ପ୍ରୟୋଜନ । ଆଚରଣଶୀଳ, ସରଳ, ନିଷ୍କପଟ, ମଙ୍ଗଳମୟ, ଜ୍ଞାନୀ, ତତ୍ତ୍ୱାଙ୍ଗ ଗୁରୁଅଙ୍ଗରେ ଅବତୀର୍ଣ୍ଣ ସିଦ୍ଧ ପୁରୁଷାବତାରଙ୍କ ସନ୍ଧାନ ପାଇବା ପରେ ତାଙ୍କ ସାହଚର୍ଯ୍ୟ ଲାଭକରି ସିଦ୍ଧାନ୍ତ ଗ୍ରହଣ କରିବା ଉଚିତ । ଭାବଭେଳିକିରେ ଭୁଲି ଠିକିଯିବା ଦ୍ୱାରା ସମୟ, ଶକ୍ତି ଓ ଅର୍ଥ ଇତ୍ୟାଦିର ଦୁରୁପଯୋଗ ହୁଏ । ମାତୃଜାତି ସ୍ୱଭାବତଃ ସରଳ, ନିଷ୍କପଟ, ସେବାପରାୟଣ, ସ୍ନେହମୟୀ, କରୁଣାମୟୀ, ଦୟାମୟୀ, କ୍ଷମାଶୀଳା । ସେମାନଙ୍କର ସରଳତାର ସୁଯୋଗ ଭଣ୍ଡ ବାବାଜିମାନେ ନେଇଥାନ୍ତି । ଆଜିର ସମାଜରେ ଏହାର ଯଥେଷ୍ଟ ଦୃଷ୍ଟାନ୍ତ ରହିଛି । ଏହା ସତ୍ତ୍ୱେ ସିଦ୍ଧ ପୁରୁଷାବତାର ଲୁଚିଛପି ଗୋପନରେ ଅଛନ୍ତି । ସେମାନେ ପ୍ରଚାରଧର୍ମୀ ନୁହନ୍ତି । ସେମାନେ ଗୋପନରେ ଧର୍ମଶିକ୍ଷା ଦେଇ ଧାର୍ମିକ ଜୀବନ ଗଢ଼ି ତୋଳୁଛନ୍ତି । ସେମାନଙ୍କର ଶ୍ରୀଚରଣରେ ନିଃସଙ୍କୋଚରେ ଶରଣ ନେବା ବିଧେୟ ॥

ଇତିହାସ ଆଜି ମୋଡ଼ ନେଇଛି । ନିର୍ଯ୍ୟାତିତା ମାତୃଜାତି ଓ ଅବହେଳିତ ମାତୃତ୍ୱ ଏବେ ଆଲୋକର ସନ୍ଧାନରେ ପୁନର୍ଜୀବିତ ମନେ ହୁଏ । ତେଣୁ ଆଜିର ଆହ୍ୱାନ, ମାତୃତ୍ୱର ଜୟଗାନ କର । ମାତୃତ୍ୱର ଶରଣ ନିଅ । ମାତୃତ୍ୱର ଚରଣ ସ୍ପର୍ଶ କରି ଶକ୍ତି ଭିକ୍ଷାକର । ଜୀବନ ଭିକ୍ଷାକର । ଶାନ୍ତିମୁକ୍ତି ଭିକ୍ଷାକର । ବିଶ୍ୱକକ୍ଷରେ ମାତୃତ୍ୱର ଜୟଗାନ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ କରୁ । ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣ କମଳରେ ଏତିକି ମିନତି, ଏତିକି ପ୍ରାର୍ଥନା, ଏତିକି ମାଗୁଣି ॥

❑❑❑

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

*ଶିଶୁ ମଧ୍ୟରେ ଜଣେ ପୂର୍ଣ୍ଣାଙ୍ଗ ମାନବର ସକଳ ସମ୍ଭାବନା ବିଦ୍ୟମାନ । ଯେପରି ଅତି କ୍ଷୁଦ୍ର ବଟ ଫଳର ମଞ୍ଜି ମଧ୍ୟରେ ବିଶାଳ ବଟବୃକ୍ଷର ସମ୍ଭାବନା ଲୁକାୟିତ ଅବସ୍ଥାରେ ଅବସ୍ଥିତ । ଅବଶ୍ୟ, ସଂସ୍କାର, ପ୍ରାରବ୍ଧ ଓ ଗୁଣସୂତ୍ର ଧରି ଜୀବ ଧରାପୃଷ୍ଠରେ ପଦାର୍ପଣ କରେ । ତଥାପି ବାଲ୍ୟକାଳରୁ ଆଧ୍ୟାତ୍ମିକ ଚେତନା ଶିଶୁର କୋମଳ ମନପ୍ରାଣ ଓ ହୃଦୟରେ ଯେଉଁ ରେଖାପାତ କରେ, ତାହା ସ୍ଥାୟୀ ଭାବରେ ତାହାର ଜୀବନ କାଳ ମଧ୍ୟରେ ପର୍ଯ୍ୟାପ୍ତି କ୍ରମେ ତାହାର ଗତିପଥ ନିର୍ଦ୍ଦିଷ୍ଟ କରେ ଓ ନିୟନ୍ତ୍ରଣ କରେ ।*

*'ଚରମ' ପୃଷ୍ଠାରେ ଏହି କଳିକାମାନଙ୍କ ନିମନ୍ତେ ''ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି'' ବିଭାଗରେ ବିଭିନ୍ନ ଶୀର୍ଷକରେ ଶିଶୁ, କିଶୋର, କିଶୋରୀମାନଙ୍କୁ ଦିଗ୍‌ଦର୍ଶନ ଦେବା ନିମନ୍ତେ ପ୍ରକାଶ କରିବାର ବ୍ୟବସ୍ଥା ଏହି ତୃତୀୟ ପାକ୍ଷୁଡ଼ାରୁ କାର୍ଯ୍ୟକାରୀ କରାଯାଉଛି ।।*

## ଚଣ୍ଡାଳ ପିଲାର ପଥର କୃଷ୍ଣ

ମୁହଁରେ କେହି ସ୍ୱୀକାର କରୁ ବା ନ କରୁ, ଏହା କିନ୍ତୁ ନିରାଟ ସତ୍ୟ ଯେ, ସରଳତା ମାନବ ଜୀବନକୁ ସାର୍ଥକ କରେ । ମର ଜଗତରେ ଏହି ସ୍ୱର୍ଗୀୟ ସର୍ଶ ସମ୍ପୂର୍ଣ୍ଣ ପରିସ୍ଫୁଟ କୋମଳମତି ପିଲାମାନଙ୍କ ଠାରେ । ଭଲ ପିଲାଟିଏ ଦେଖିଲେ ତାହା ପ୍ରତି ସମସ୍ତଙ୍କ ମନରେ ଆପେ ଆପେ ସ୍ନେହ ଓ ମମତା ଜାତ ହୋଇଯାଏ । ମନ ହୁଏ, ତା ସାଙ୍ଗରେ ଦି ପଦ କଥା ହେବାକୁ ଆଉ ତା ସାଙ୍ଗରେ ଟିକେ ଖେଳିବାକୁ । ପିଲାଟି ବଡ଼ ହୋଇଗଲେ ତା ଉପରୁ ଆକର୍ଷଣ ଧୀରେ ଧୀରେ କମିଆସେ ସେ ନିଜେ ମଧ୍ୟ ଅନ୍ୟ ଏକ ଭାବରେ ଦେଖାଯାଏ ।

ଠିକ୍ ସେହିପରି ପରମପିତା ଭଗବାନ ମଧ୍ୟ ଆକୁଳ ମନରେ ଖୋଜୁଥାନ୍ତି ସେହି ସରଳମତି ପିଲାମାନଙ୍କୁ । ଯଦି ଏପରି କେହି ତାଙ୍କୁ ଡାକି ଦିଏ, ସଙ୍ଗେ ସଙ୍ଗେ ସେ ଛୁଟି ଆସନ୍ତି ଠିକ୍ ତାହାରି ପରି ପିଲାଟିଏ ହୋଇ । ଖୁବ୍ ଅନ୍ତରଙ୍ଗ ସାଙ୍ଗ ହୋଇ ତା ସାଙ୍ଗରେ ଖେଳନ୍ତି, ବୁଲନ୍ତି, ଖାଆନ୍ତି ଓ ଶୁଅନ୍ତି । ଏହାର ଅନେକ ପ୍ରମାଣ ଅଛି । ସେଥିରୁ ଗୋଟିଏ :-

ଅନେକ ଦିନ ତଳର କଥା । ଗୋଟିଏ ଛୋଟ ଚଣ୍ଡାଳ ପିଲାଟିଏ । ଗାଁ ମୁଣ୍ଡରେ ଗୋଟିଏ ଠାକୁର ଟୁଙ୍ଗି । ପଲ୍ଲୀଟିର ବାସିନ୍ଦାମାନେ ଦିନସାରା ସେମାନଙ୍କର କାମଧନ୍ଦା ସାରି ସଂଧ୍ୟା ହେଲେ ସେହି ଟୁଙ୍ଗିରେ ଭଜନ, କୀର୍ତ୍ତନ କରନ୍ତି । ସେଇ ଗାଁର ଦଶବର୍ଷର ବୟସର ଗୋଟିଏ ଚଣ୍ଡାଳ ପିଲା । ନାଁ ଟି ତାର ଧାମା । ଧାମା ବହୁତ ସରଳ । ସେ ଦିନେ ଦେଖିଲା, ଜଣେ ବାବାଜି ଆସି ସେଇ ଠାକୁର ଟୁଙ୍ଗିରେ ପହଞ୍ଚିଛନ୍ତି । ଝୁଲା ଭିତରୁ ଗୋଟିଏ ଠାକୁର ପ୍ରତିମା କାଢ଼ି ତାକୁ ପୂଜା କରୁଛନ୍ତି । ମନରେ ତା'ର ବହୁତ ଆଗ୍ରହ ଆସିଲା । ବାବାଜୀଙ୍କୁ ଯାଇ ଅନୁନୟ ହୋଇ କହିଲା, ''ହେ ଗୋସାଇଁ ! ତୁମେ ଯେଉଁ ଠାକୁର ପୂଜା କରୁଛ ସେଥିରୁ ମୋତେ ଗୋଟିଏ ଠାକୁର ଦିଅ : ମୁଁ ପୂଜା କରିବି '', କିନ୍ତୁ ଗୋସେଇଁ, ଠାକୁର ତ ଦୂରର କଥା, ତାକୁ ଚଣ୍ଡାଳ ପିଲା କହି ଘୃଣାରେ ଗାଳି ଗୁଲଜ

କଲେ । ବିଚରା ଧାମାର ସରଳ ପ୍ରାଣକୁ ଖୁବ୍ ବାଧିଲା । ମନ ଦୁଃଖରେ ଘରକୁ ଫେରି ତା'ର ମା'କୁ କହିଲା । ମା' ତାକୁ ସାନ୍ତ୍ୱନା ଦେଲେ । କହିଲେ, ତୁ ମନେ ମନେ କୃଷ୍ଣ ଠାକୁରଙ୍କୁ ଡାକ୍ । ସେ ତୋ କଥା ବୁଝିବେ । ମାଆଙ୍କ କଥାଟି ମନକୁ ପାଇଗଲା ଧାମାର । ସେ କିନ୍ତୁ ବୁଝିନି କୃଷ୍ଣ ଠାକୁର କିଏ ? ଧାମା ତା ପର ଦିନ ଯାଇ ଦେଖିଲା, ବାବାଜୀ ଜଣକ ଠିକ୍ ସେହିପରି ବସି ପୂଜା କରୁଛନ୍ତି । ଯେତେ ଗାଳି ଖାଇଲେ ବି ସେ ବାରମ୍ବାର ଅଳି କଲା; ହେ ଗୋସାଇଁ । ମତେ ଗୋଟିଏ କୃଷ୍ଣ ଠାକୁର ଦିଅ ।'' ଭୀଷଣ ବିରକ୍ତ ହୋଇଗଲେ ଗୋସେଇଁ ମହାପ୍ରଭୁ । କିନ୍ତୁ ଭାବିଲେ, ଏ ଚଣ୍ଡାଳ ପିଲାକୁ ବିଦା ନକଲେ ସେ ଆହୁରି ହଇରାଣ କରିବ । ତେଣୁ ପାଖରେ ପଡ଼ିଥିବା ଖଣ୍ଡେ ପଥରକୁ ଫିଙ୍ଗିଦେଇ କହିଲେ, ''ନେ ତୋ କୃଷ୍ଣଠାକୁର ।'' ଆନନ୍ଦରେ ନାଚି ଉଠିଲା ଧାମା । ଆଜି ସେ ତାର କୃଷ୍ଣ ଠାକୁରଙ୍କୁ ପାଇଛି । ପଥର କୃଷ୍ଣକୁ ମୁଣ୍ଡରେ ଲଦି ନାଚି ନାଚି ଫେରିଲା ଘରକୁ । ତାପରେ ଚାଲିଲା ତା'ର କୃଷ୍ଣଠାକୁର ପୂଜା । ଦେଖିଥିଲା ବାବାଜୀ ଗୋସାଇଁ କାଦୁଅ ପରି କ'ଣ ଟିକେ ଲଦୁଥିଲେ ତାଙ୍କ ଠାକୁରଙ୍କ ଉପରେ । ଛୋଟ ଛୋଟ ପତର ସବୁ ଦେଉଥିଲେ । ସେ କି ବୁଝିଛି ଚନ୍ଦନ କ'ଣ ? ତୁଳସୀ କ'ଣ ? ତେଣୁ ମାଟି ଟିକେ ଆଣି ପାଣିରେ ବୋଳି ଲଗାଇଦିଏ । ପାଖରେ ଯେଉଁ ପତର ପାଏ ଆଣି ଲଦିଦିଏ ତା'ର ପଥର ଠାକୁର ଉପରେ । ମା' ତାର ତାକୁ ଯାହା ଖାଇବାକୁ ଦିଅନ୍ତି ଆଗେ ଆଣି ଦେଖାଇଦିଏ ତା'ର ଠାକୁରଙ୍କୁ । ଏମିତି କିଛି ଦିନ ଚାଲିଗଲା । ଧୀରେ ଧୀରେ ଧାମା କୃଷ୍ଣ କୃଷ୍ଣ ହୋଇ ଅଧିର ହୋଇଗଲା । ଦିନେ ହଠାତ୍ ତା ମୁଣ୍ଡକୁ ଢୁକିଲା - ''ମୁଁ ଯେଉଁ ଖାଇବା ଜିନିଷ ଦେଉଛି ତାକୁ ତ ଠାକୁର ଖାଉନି ? ଆଜି ଛାଡ଼ିବିନି ।'' ମା ସେଦିନ ଯେଉଁ ବାଜରା ରୁଟି କେଇଖଣ୍ଡ ଖାଇବାକୁ ଦେଇଥିଲେ, ତାକୁ ଆଣି ସେଇ ପଥର ଠାକୁର ଆଗରେ ରଖିଦେଇ ବସିଗଲା ଧାମା । କହିଲା, ''ହେ ମୋର କୃଷ୍ଣ ଠାକୁର୍ । ଆଜି ଯଦି ତୁ ନ ଆସୁ ଓ ନ ଖାଉ ମୁଁ ଏଠାରୁ ଉଠିବିନି କି ଖାଇବିନି ।'' ଯିଏ ଯେତେ ବୁଝାଇଲେ ବି ଧାମା ବୁଝିଲାନି କି ସେଠୁ ଉଠିଲାନି । ଏକ ଜିଦ୍ ଧରି ବସିଗଲା ଦୁଇଦିନ, ଦୁଇରାତି । ଏପଟେ ଅନ୍ତର୍ଯ୍ୟାମୀ ଜଗତନାଥ ପ୍ରଭୁଙ୍କର ଅବସ୍ଥା ଖରାପ । ପ୍ରିୟ ସରଳ ଭକ୍ତ ତାଙ୍କର ଅଟଳ ଜିଦ୍ ଧରି ଉପବାସରେ ବସିଛି । ଆସନ ଥରି ଉଠିଲା ତାଙ୍କର । ଆଉ ସହିପାରିଲେନି । ଛୁଟି ଆସିଲେ ତାଙ୍କର ପ୍ରିୟ ସନ୍ତାନ ନିକଟକୁ ଠିକ୍ ତାରି ଭଳି ଏକ ଛୋଟ ପିଲା ରୂପନେଇ । ଅବୁଝା ଧାମା ପଚାରିଲା, ''ଦୁଇ ଦିନ ହେଲା ମୁଁ ନଖାଇ ବସିଛି । ତୁ ନ ଆସି କୁଆଡ଼େ ଯାଇଥିଲୁ ।'' ଚମକି ଉଠିଲେ ପ୍ରଭୁ ପରମେଶ । କି ଉତ୍ତର ଦେବେ ? କହିଲେ, ''ତୋ ବାପା ଯେମିତି ଗୋରୁ ଚରାଇବାକୁ ତତେ ଜଙ୍ଗଲକୁ ପଠାନ୍ତି ମୋ ବାପା ଠିକ୍ ସେହିପରି ମତେ ଜଙ୍ଗଲକୁ ପଠାଇଥିଲେ । ଫେରୁ ଫେରୁ ଡେରି ହୋଇଗଲା । ମୁଁ ବି ଦୁଇଦିନ ହେବ ଖାଇନି । ଭାରି ଭୋକ; କ'ଣ ରଖିଛୁ ଆଣ, ସାଙ୍ଗ ହୋଇ ଖାଇବା ।'' ଧାମା କିନ୍ତୁ ସର୍ତ୍ତ ମାଗିଲା । କହିଲା '' ତୁ ଆଗ ମତେ କଥା ଦେ ଆଜିଠାରୁ ତୁ ମତେ ଆଉ ଛାଡ଼ିକରି ଯିବୁନି ।'' ହଟହଟାରେ ପଡ଼ିଗଲେ ଲୀଳାମୟ । ବନ୍ଦୀ ହୋଇଗଲେ ଭକ୍ତର ସରଳ ପ୍ରାଣ ଦ୍ୱାରା । ହସି ହସି ସ୍ୱୀକାର କଲେ । ତାପରେ ଖାଇବା ଆରମ୍ଭ ହେଲା । ଦୁଇଦିନ ତଳର ସେଇ ଶୁଖିଲା ବାଜରା ରୁଟି । ଆନନ୍ଦରେ ଖାଉଛନ୍ତି ଭକ୍ତ ଓ ଭଗବାନ । ଆଃ କି ଅପୂର୍ବ ଲୀଳା । ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଭକ୍ତ ପ୍ରେମ । କି'ଏ ବୁଝିବ ତୁମ ଲୀଳା ପ୍ରଭୋ !

ସେହି ଦିନୁ ଆଉ ପଥର କୃଷ୍ଣ ଲୋଡ଼ା ହୋଇନି ଧାମାର । ତା'ର କୃଷ୍ଣ ଠାକୁର ଠିକ୍ ଛାଇପରି ତା'ର ସାଙ୍ଗ ହୋଇଗଲେ । ଏକାଠି ଖାଇଲେ, ଏକାଠି ଖେଳିଲେ । ଯେଉଁଠି ଧାମା ସେଇଠି କୃଷ୍ଣ । ସେ ଧାମାକୁ କୌଣସି କାମ କରାଇ ଦିଅନ୍ତି ନାହିଁ । ନିଜେ ତା'ର ସବୁ କାମ କରିଦିଅନ୍ତି ।

କିଛିଦିନ ପରେ ଦିନେ ଦୁଇ ସାଙ୍ଗ ଜଙ୍ଗଲକୁ ଗୋରୁ ଚରାଇ ଯାଇ ଫେରୁଥାନ୍ତି । ଦେଖିଲେ ସେଇ ବାବାଜୀ ଗୋସାଇଁ ଆସି ଠାକୁର ଚୁଙ୍ଗିରେ ବସିଛନ୍ତି । ପାଗଳ ଭଳି ଛୁଟିଗଲା ଧାମା । ମୁଣ୍ଡିଆ ମାରି କହିଲା : ''ହେ ଗୋସାଇଁ ! ତୁମର ଦୟାରୁ ମୁଁ ଆଜି ମୋ କୃଷ୍ଣ ଠାକୁରଙ୍କୁ ମୋର ସାଙ୍ଗ ଭାବରେ ପାଇଛି ।'' ହଠାତ୍ କିଛି ବୁଝି ପାରିଲେନି ବାବାଜୀ ମହାଶୟ ! କିଛିକ୍ଷଣ ପରେ ମନେ ପଡ଼ିଲା; ଏ ହେଉଛି ସେହି ଚଣ୍ଡାଳ ପିଲା, ଯାହାକୁ ବିରକ୍ତ ହୋଇ ସେ ପଥର ଖଣ୍ଡେ ଫିଙ୍ଗିଥିଲେ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''କାହିଁ ତୋର କୃଷ୍ଣ ଠାକୁର ?'' ଆହୁରି ଆଶ୍ଚର୍ଯ୍ୟ ହୋଇ ଧାମା କହିଲା, ''ଏଇତ ମୋ କୃଷ୍ଣ ମୋ ପାଖରେ ଠିଆ ହୋଇ ହସୁଛି । ତୁମେ କ'ଣ ଦେଖି ପାରୁନାହଁ ?'' ହସିଦେଇ ବାବାଜୀ କହିଲେ ''ପିଲାଟି ପାଗଳ ହୋଇଗଲା ।'' ଏଥର ବିପଦ ମାଡ଼ି ଆସିଲା ପ୍ରଭୁଙ୍କ ଉପରକୁ । ଧାମା ଚଡ଼ାଉ କରିଦେଇ କହିଲା, ''ଏ କି ଖେଳ ? ତୁ ମୋ ପାଖରେ ଅଛୁ । ଗୋସେଇଁ ଦେଖି ପାରୁ ନାହାନ୍ତି । ଶେଷରେ ମୋତେ ପାଗଳ କହିଲେ ।'' ପ୍ରଭୁ ହସି ହସି କହିଲେ, ''ଧାମା ! ତୋ ଗୁରୁ ଗୋସେଇଁଙ୍କୁ କହ ମୋତେ ପାଇବାକୁ କି ଦେଖିବାକୁ ତାଙ୍କର ସୌଭାଗ୍ୟ ନାହିଁ । କେବଳ ଏତିକିମାତ୍ର ପୁଣ୍ୟ ଯେ, ତୋତେ ସେ ଶିଷ୍ୟ ରୂପରେ ପାଇଛନ୍ତି । ତେଣୁ ଯଦି ତୋତେ ସେ କୋଳରେ ଧରନ୍ତି ତେବେ ଯାଇ ମତେ ଦେଖି ପାରିବେ ।'' ଏକଥା ଶୁଣି ବାବାଜୀ ଜ୍ଞାନଶୂନ୍ୟ ହୋଇଗଲେ ଓ ସଙ୍ଗେ ସଙ୍ଗେ କୋଳକୁ ଟେକି ନେଲେ ସେଇ ଘୃଣିତ ଚଣ୍ଡାଳ ପିଲାଟିକୁ । ଦର୍ଶନ କଲେ ପତିତପାବନ ମନମୋହନ କୃଷ୍ଣଙ୍କୁ । ନିଜର ସ୍ଥିତି ଭୁଲିଗଲେ । ଜୁହାର ହେବାକୁ ମଧ୍ୟ ମନେ ପଡ଼ିଲାନି । ଅପଲକ ଦୃଷ୍ଟିରେ ଚାହିଁ ରହିଲେ । ପ୍ରଭୁ କହିଲେ, ''ରେ ମୂଢ଼ ! ଜନ୍ମ ଜନ୍ମ ଧରି କୋଟି ଜନ୍ମପରେ ବି ତୁ ମୋତେ ପାଇନଥାନ୍ତୁ । କାରଣ ଯେଉଁଠି ଗର୍ବ, ଅହଙ୍କାର, ଘୃଣା, ହିଂସା, କପଟ ଆଦି ଥାଏ, ସେଠାରେ ମୁଁ ନ ଥାଏ । ତେଣୁ ସେଗୁଡ଼ିକ ପାଖରେ ରଖି ମୋତେ ଖୋଜିବା ନିରର୍ଥକ । ଆଜି ତୋର ଏକମାତ୍ର ଭାଗ୍ୟ-ମୋର ସରଳ ପ୍ରାଣ ପ୍ରିୟ ଧାମାକୁ ତୁ ଶିଷ୍ୟ ରୂପରେ ପାଇଛୁ ।'' ଏତିକି କହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ । ଧାମା ମଧ୍ୟ ଦେଖି ପାରିଲା ନାହିଁ ।

ଅନେକ କାନ୍ଦିଲା । କାନ୍ଦି କାନ୍ଦି ପାଗଳ ହୋଇ ପଡ଼ିଗଲା । ପ୍ରଭୁ ଶୂନ୍ୟବାଣୀ ଦେଇ କହିଲେ, ''ଧାମା ! କାନ୍ଦୁଛୁ କାହିଁକି ? ତୋର ପିଲା ଖେଳ ସରିଯାଇଛି । ଏ ପର୍ଯ୍ୟନ୍ତ ମୁଁ ତୋ ପାଖରେ ବାହାରେ ଥିଲି । ବର୍ତ୍ତମାନ ବାହାରୁଯାଇ ତୋ ଭିତରେ ରହିଯାଉଛି । ସେଠାରୁ ଆଉ କୁଆଡ଼େ ଯିବିନାହିଁ । ତେଣୁ ତୁ ଆଉ ମତେ ବାହାରେ ନ ଖୋଜି ଭିତରେ ଖୋଜିନେ ।'' ତାପରେ ଧାମା ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସବୁଦିନ ପାଇଁ ବନ୍ଦି କରିନେଲେ ପରମପିତାକୁ ନିଜ ହୃଦୟ ମନ୍ଦିରରେ । ଧୀରେ ଧୀରେ ମହାନ ଋଷି ହୋଇ ପ୍ରଭୁଙ୍କର ପ୍ରତିନିଧିତ୍ୱ କଲେ ଏ ପୃଥିବୀ ବକ୍ଷରେ ।

ଆଜି ମଧ ଠିକ୍ ସେହି ଅବସ୍ଥା ଅଛି । କିନ୍ତୁ ବିପରୀତ ଭାବରେ । ପ୍ରଭୁ ବ୍ୟାକୁଳ ହୋଇ ଚାହିଁ ବସିଛନ୍ତି ଧାମା ପରି ସାଥୀଟିଏ ପାଇ ଖେଳିବାକୁ । ମାତ୍ର କୌଣସି ଧାମା ତାଙ୍କ ପାଖକୁ ଯାଉନାହାନ୍ତି କି ଡାକୁ ନାହାନ୍ତି । ସେଥିପାଇଁ ଗୁମାନ କରି ମନ ଦୁଃଖରେ ପ୍ରଭୁ ମଉନ ହୋଇ ବସିଛନ୍ତି । ଏବେ ବି ମନରେ ଆଶା ରଖିଛନ୍ତି କାଳେ କେତେବେଳେ ତାଙ୍କୁ କିଏ ଡାକିବ ଠିକ୍ ଧାମାଙ୍କ ପରି ସରଳ ମନ ନେଇ ।

❑❑❑

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ହେ ଅମୃତ ତନୟ ସକଳ,  ଅସୀମ ଶକ୍ତିଧର, ବିଶ୍ୱର ଯୁବ ସମାଜ ! ତୁମେମାନେ ବିପ୍ଳବୀ ହୁଅ, ପ୍ରଭଞ୍ଜନ ଭଳି ସଚରାଚର ବିଶ୍ୱରେ ଖେଳିଯାଅ । ଆଧାତ୍ମିକ ସୂତ୍ରଧର ହେ ପ୍ରିୟ ଯୁବ ସମାଜ ! ଜାତି, ଧର୍ମ, ବର୍ଣ୍ଣର ନିଗଡ଼ରୁ ମୁକ୍ତ ହୁଅ । ଭୌଗୋଳିକ ସୀମା ସରହଦ୍‌କୁ ଅତିକ୍ରମ କରିଯାଅ । ଆଧ୍ୟାତ୍ମିକ ସଂସ୍କୃତିର ପୁନର୍ବିନ୍ୟାସ କର ।*

*ବ୍ୟକ୍ତି ପୂଜା କର ନାହିଁ । ଶକ୍ତିର ଉପାସକ ହୁଅ । କୂପରୁ ବାହାରି ଆସି ଦେଖ, ଅନନ୍ତ ବିସ୍ତାରୀ ମହାସାଗର ତୁମକୁ ଅପେକ୍ଷା କରି ରହିଛି । ଏହି ମହାସ୍ରୋତରେ ନିଜକୁ ମିଶାଇ ଦେଇ ପରମ ଶକ୍ତି, ପରମ ଆନନ୍ଦ, ପରମ ପଦ ଲାଭ କର । ବିସ୍ତୃତି ହିଁ ଜୀବନ; ସଙ୍କୋଚନ ହିଁ ମୃତ୍ୟୁ ।। ତୁମେ ଅମୃତର ପୁତ୍ର । ସଙ୍କୁଚିତ ମନନେଇ ମୃତ୍ୟୁକୁ ଆଲିଙ୍ଗନ କର ନାହିଁ । ତମ ମଧ୍ୟରେ ବହୁ ସମ୍ଭାବନା ରହିଛି । ଆତ୍ମ ସମୀକ୍ଷାରୁ ତା'ର ସନ୍ଧାନ କର । ସତ୍ୟସନ୍ଧାନୀ ହୁଅ । ଧୈର୍ଯ୍ୟଧର, ସତ୍ୟ ସହିତ ଦିନେ ନା ଦିନେ ତୁମର ପ୍ରତ୍ୟକ୍ଷ ସାକ୍ଷାତକାର ହୋଇପାରିବ ।*

*ସମ୍ପ୍ରତି ବିଶ୍ୱର ଯୁବ ସମାଜ କ୍ରମଶଃ ଉଦ୍‌ଭ୍ରାନ୍ତ, ଭ୍ରଷ୍ଟ, ବ୍ୟସନପ୍ରୟାସୀ, କର୍ମ ବିମୁଖ, ଉଦାସୀନ, ଶକ୍ତିହୀନ, ଆତ୍ମ ବିଶ୍ୱାସବିହୀନ, ଦାୟିତ୍ୱହୀନ, ସୁପ୍ତ ହୋଇ ପଡୁଥିବାର ଲକ୍ଷ୍ୟ କରାଯାଉଅଛି । ସାମ୍ପ୍ରଦାୟିକତା, ଆଞ୍ଚଳିକତା, ସ୍ୱାର୍ଥପରତା ଇତ୍ୟାଦିର ଶୀକାର ହୋଇ ଏହି ପରାକ୍ରମଶାଳୀ ଯୁବ ସମାଜ ଆଜି ପଥହରା ଓ ଦିଗହରା । ସତେ ଯେପରି ସେମାନେ ଅଲୋଡ଼ା । ହାହାକାର ଜଡ଼ିତ ଦୀର୍ଘଶ୍ୱାସର ତପ୍ତ ଝାଂଜିରେ ସେମାନେ ମ୍ରିୟମାଣ ।*

*'ଚରମ' ପୃଷ୍ଠାରେ ଏହି ବିଭାଗରେ ସେହି ପ୍ରିୟ ଅମୃତ ପୁତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇ ଜାଗ୍ରତ କରିବା ଓ ଆଧ୍ୟାତ୍ମିକ ଚେତନଶୀଳ କରି ବିଶ୍ୱକଲ୍ୟାଣ ଉପଯୋଗୀ କରିବା ନିମନ୍ତେ ପ୍ରୟାସ କରାଯାଉଛି । ଏହାହିଁ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଆଶୀଷ ଓ ନିର୍ଦ୍ଦେଶ ।*

## ଗୁରୁ ହିଁ ଈଶ୍ୱର

*''ଗୁରୁଙ୍କୁ ନମଣିବ ନର । ଗୁରୁହିଁ ସାକ୍ଷାତ ଈଶ୍ୱର ।।''*

ଏହାର ଅର୍ଥ କିଏ ବୁଝୁ ବା ନ ବୁଝୁ ପ୍ରାୟ ସମସ୍ତଙ୍କ ମୁହଁରୁ ଏହି ପଦଟି ଶୁଣିବାକୁ ମିଳେ; କିନ୍ତୁ ଏହାର ନିଗୂଢ଼ ତତ୍ତ୍ୱଟିକୁ ଅନୁଶୀଳନ କଲେ ନିଜର ସ୍ୱରୂପର ସ୍ଥିତି ଓ ଭାବର ଚମତ୍କାରିତା ଉପଲବ୍ଧି କରିହୁଏ । ପ୍ରଶ୍ନ ହେଉଛି 'ଗୁରୁ' କିଏ ? 'ଈଶ୍ୱର' କିଏ ? ଆମେ ତ ଦେଖୁଛୁ ଆମରି ପରି ରକ୍ତ ମାଂସ ଶରୀର ଥିବା ବ୍ୟକ୍ତିଟିଏ ଆମକୁ ଦୀକ୍ଷାମନ୍ତ୍ର ଦାନ କରୁଛନ୍ତି । ଆମରି ପରି ଖାଉଛନ୍ତି, ଚଲୁଛନ୍ତି । ତାଙ୍କୁ କାହିଁକି ଈଶ୍ୱର ବୋଲି ସ୍ୱୀକାର କରିବା ? ଆସନ୍ତୁ ! ସେହି ସମ୍ପର୍କରେ ସମ୍ୟକ୍ ଆଲୋଚନା କରିବା ।

''ଗୁ'' ହେଉଛି 'ଗୁଣାତୀତ' ର ପ୍ରତୀକ । ''ରୁ'' ହେଉଛି 'ରୂପାତୀତ'ର ପ୍ରତୀକ । ଯାହାଙ୍କର କିଛି ଗୁଣ ନାହିଁ ଅର୍ଥାତ୍ ନିର୍ଗୁଣ, ପୁଣି ରୂପ ନାହିଁ ଅର୍ଥାତ୍ ଅରୂପ ବା ଅଣାକାର ସେ ହିଁ ହେଉଛନ୍ତି ''ଗୁରୁ'' । ''ବ୍ରହ୍ମ'' ଯେତେବେଳେ

ନିର୍ଗୁଣ ଓ ନିଷ୍କ୍ରିୟ ସେତେବେଳେ ସେ ''ବ୍ରହ୍ମ'' । ସେ ଯେତେବେଳେ ସଗୁଣ ବା ପ୍ରକଟିତ ସେତେବେଳେ ସେ ''ଈଶ୍ୱର'' । ସୁତରାଂ ନିରାକାର, ନିର୍ଗୁଣ ବ୍ରହ୍ମ ଯେତେବେଳେ କୌଣସି ଏକ ବିଶେଷ ଲକ୍ଷ୍ୟ ନେଇ ସାକାର ଓ ସଗୁଣ ହୋଇ ଆସନ୍ତି ସେତେବେଳେ ତାଙ୍କୁ ''ଗୁରୁ'' ବା ''ଈଶ୍ୱର'' କୁହାଯାଏ । ଯୁଗଯୁଗ ଧରି ସେ ''ବ୍ରହ୍ମ'' ''ଗୁରୁ'' ଅଙ୍ଗରେ ନରରୂପ ଧାରଣ କରି ସମୟର ଆହ୍ୱାନରେ ଆସୁଛନ୍ତି, ଆସିଛନ୍ତି ଓ ଭବିଷ୍ୟତରେ ମଧ ଆସିବେ । ତେବେ, କ'ଣ ତାଙ୍କର ଲକ୍ଷ୍ୟ ?

ସ୍ଥିର ମନରେ ଦୃଷ୍ଟି ନିକ୍ଷେପ କଲେ, ନିଆଁକୁ ଯେଉଁଠି, ଯେପରି ଜାଳିଲେ ବି ତାହା ଉର୍ଦ୍ଧ୍ୱମୁଖୀ ହୁଏ । କାରଣ ତା'ର ଉତ୍ସ ବା ମୂଳପିଣ୍ଡ, ସୂର୍ଯ୍ୟଦେବଙ୍କର ସ୍ଥିତି ଉର୍ଦ୍ଧ୍ୱରେ । ଯେ ପର୍ଯ୍ୟନ୍ତ ଦିଆସିଲି କାଠିର ବାରୁଦରେ ହେଉ ବା ଯେ କୌଣସି ଉପାୟରେ ହେଉ ତାକୁ ଆବଦ୍ଧ କରାଯାଇଥାଏ, ସେ ପର୍ଯ୍ୟନ୍ତ ସେ ନିରୁପାୟ ହୋଇ ଥାଏ । ଥରେ ଜଳିବାକୁ ସୁଯୋଗ ପାଇଲେ ସେ କୌଣସି ବାଧା, ବିଘ୍ନକୁ ଖାତିରି ନ କରି ସମସ୍ତ ବିଘ୍ନକୁ ତାର ଲହଲହ ଜିହ୍ୱାରେ ଭସ୍ମକରି ଅବିଳମ୍ବେ ଉର୍ଦ୍ଧ୍ୱଗାମୀ ହୋଇଥାଏ । ଠିକ୍ ସେହିପରି ପାଣିକୁ ଯେତେ ଉଚ୍ଚସ୍ଥାନରେ ଢାଳିଲେ ବି ସେ ନିମ୍ନମୁଖୀ ହୋଇଥାଏ । କାରଣ ତା'ର ମୂଳ ଉତ୍ସ ନିମ୍ନରେ ଅର୍ଥାତ୍ ମାଟି ତଳେ । ତେଣୁ ସମସ୍ତ ଘାତ ପ୍ରତିଘାତକୁ ଉପେକ୍ଷା କରି ସେ ସର୍ବଦା ବ୍ୟାକୁଳ ହୁଏ ତା'ର ମୂଳପିଣ୍ଡରେ ଲୀନ ହୋଇଯିବାକୁ କିନ୍ତୁ ଯେତେବେଳେ ପାଣି ଓ ଅଗ୍ନି ଉଭୟେ ସ୍ୱ ସ୍ୱ ସ୍ଥିତିରେ ମିଶିଯିବାକୁ ଆଗେଇ ଯାଉଥାଆନ୍ତି; ଯଦି ପ୍ରତିକୂଳ ଶତ୍ରୁ ସମ୍ମୁଖରେ ପଡ଼ିଯାଆନ୍ତି ତେବେ ଅକାଳରେ ପୁଣି ରୁଦ୍ଧ ହୋଇଯାଆନ୍ତି । (ଯେପରିକି-ପାଣି ପାଇଲେ ନିଆଁଟି ଲିଭିଯାଏ ଓ ନିଆଁର ତେଜରେ ପାଣି ଶୁଖିଯାଏ ।) ତଥାପି ସେମାନେ ସ୍ୱଧର୍ମ ଭୁଲି ନ ଥାନ୍ତି । ନିଆଁରେ ଶୋଷିତ ହୋଇଥିବା ପାଣି ପୁଣିଥରେ ବର୍ଷା ହୋଇ ଖସି ଆସେ ଏଇ ଧରିତ୍ରୀ ମାଟିକୁ ଏବଂ ସୁଯୋଗ ପାଇବା ମାତ୍ରକେ ଅଗ୍ନିଶିଖା ଉର୍ଦ୍ଧ୍ୱକୁ ଉଠିଯାଏ ତା'ର ମୂଳପିଣ୍ଡ ସୂର୍ଯ୍ୟଙ୍କ ନିକଟକୁ ।

ଠିକ୍ ସେହିପରି ଆମ୍ଭମାନଙ୍କ ଶରୀର ଖୋଳ ମଧ୍ୟରେ ଯେଉଁ ଅଦୃଶ୍ୟ ପ୍ରାଣ ଶକ୍ତିଟି ରହିଛି ଏବଂ ଯାହାର ସ୍ଥିତି ଯୋଗୁଁ ଆମ୍ଭେ ବଞ୍ଚି ରହିଛୁ, ତା'ର ନାମ ଆତ୍ମା । ତା'ର କୌଣସି ରୂପ ନାହିଁ କି ଗୁଣ ମଧ ନାହିଁ । ସେ ନିର୍ଗୁଣ ଓ ନିରାକାର । ଏହି ବସ୍ତୁଟିର ଉତ୍ସ ହେଉଛି ପୂର୍ବ ଆଲୋଚିତ ନିର୍ଗୁଣ ବ୍ରହ୍ମ । ବିନ୍ଦୁ ବିନ୍ଦୁ ଜଳକଣା ଏକତ୍ରିତ ହୋଇ ମହାସାଗରର ସୃଷ୍ଟି । ଅବିକଳ ସେହି ପ୍ରତିକ୍ରିୟାରେ ବ୍ରହ୍ମପିଣ୍ଡର ବିଚ୍ଛୁରିତ ବିନ୍ଦୁ ବିନ୍ଦୁ ଅଣୁ ବ୍ରହ୍ମରେ ଏ ପିଣ୍ଡ-ବ୍ରହ୍ମାଣ୍ଡ ଓ ଜୀବ-ବ୍ରହ୍ମାଣ୍ଡର ସୃଷ୍ଟି । ସୁତରାଂ ପ୍ରକୃତିର ସ୍ୱାଭାବିକ ନିୟମାନୁସାରେ ''ଆତ୍ମା'' ସର୍ବଦା ଉର୍ଦ୍ଧ୍ୱମୁଖୀ ହୋଇ ତାର ମୂଳ ପିଣ୍ଡରେ ଲୀନ ହୋଇଯିବାକୁ ବ୍ୟାକୁଳ ହୋଇଥାଏ । କିନ୍ତୁ ପ୍ରବୃତ୍ତିର ପ୍ରଭାବରେ ପ୍ରକୃତି ଦେବୀଙ୍କ ମୋହ, ମାୟା ଶୃଙ୍ଖଳା ତାକୁ ଆବଦ୍ଧ କରି ପକାଏ । ତା'ର ଗତିରୋଧ ହୁଏ । ଧୀରେ ଧୀରେ ଜୀବ ପ୍ରବୃତ୍ତି, ପ୍ରକୃତିର ବାତ୍ୟା ସ୍ୱୀକାର କରି ବାସ୍ତବ ସତ୍ୟସତ୍ତାକୁ ଉପେକ୍ଷା କରି କ୍ଷଣ-ଭଙ୍ଗୁର ମିଥ୍ୟା ବସ୍ତୁ ପ୍ରତି ଆକର୍ଷିତ ହୋଇ ଧ୍ୱଂସ ପଥାଭିମୁଖୀ ହୋଇଥାଏ ଓ ସେ ନିଜେ ଯେ ସେହି ପରବ୍ରହ୍ମଙ୍କର ଏକ ସୂକ୍ଷ୍ମ ସତ୍ତା - ଏହି ସ୍ୱରୂପକୁ ସଂପୂର୍ଣ୍ଣ ଭୁଲିଯାଏ । କିନ୍ତୁ ପରମପିତା କରୁଣାର ସାଗର, ଦୟାର ମହାସାଗର । ତାଙ୍କର ପ୍ରିୟ ସନ୍ତାନର ଅବକ୍ଷୟ ବା ପତନାବସ୍ଥାକୁ ସେ ସହ୍ୟ କରିପାରନ୍ତିନି । ତେଣୁ କେତେବେଳେ ନିଜର କିଛି ଅଂଶରେ ବା କେତେବେଳେ ସ୍ୱୟଂ ପୂର୍ଣ୍ଣଭାବରେ ମାନବ ଶରୀର ଧାରଣ କରି ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ଜୀବର ଗତିପଥ ପରିଷ୍କାର କରାଇ ସମସ୍ତ ବାଧା, ବିଘ୍ନକୁ ଅପସାରଣ କରାଇ ଜୀବକୁ ତା'ର ନିଜ ସ୍ୱରୂପ ଚିହ୍ନାଇ ଦେବାକୁ ଓ ଅବଶେଷରେ ତାକୁ ସେଇ ମୂଳପିଣ୍ଡରେ ମିଶାଇ ଦେବାକୁ । ତାଙ୍କୁ ହିଁ କୁହାଯାଏ 'ଗୁରୁ' - 'ସଦ୍‌ଗୁରୁ'। ତାଙ୍କର ସେ ଶରୀରଟି ଏକ ଆବରଣ ମାତ୍ର । ଶରୀର ଭିତରେ ଖେଳୁଥାଏ ସେହି ଅଶରୀରୀ ଅବ୍ୟକ୍ତ ଅଣାକାର ବ୍ରହ୍ମ । ତାଙ୍କର ପ୍ରକୃତି ବା ପ୍ରବୃତ୍ତି କୌଣସି ଆଶା ବା ଆକାଂକ୍ଷା ନ ଥାଏ । ମାତ୍ର ଗୋଟିଏ ଲକ୍ଷ୍ୟ ପ୍ରକୃତି କବଳରୁ ପ୍ରିୟ ସନ୍ତାନ ସନ୍ତତି ମାନଙ୍କୁ ରକ୍ଷା କରି ସ୍ୱ ସ୍ୱ ପରିଚୟରେ ଉପନୀତ କରାଇବା । ସେଥିପାଇଁ ମାନବ ଶରୀର ଥାଇ ମଧ ସେ ନିର୍ଗୁଣ, ନିରାକାର ତେଣୁ ତାଙ୍କର ନାମ ''ଈଶ୍ୱର'' ।

ଆଜି କିନ୍ତୁ ଏହି ପବିତ୍ର ସଂପର୍କ, ସ୍ଥିତି ସଂପୂର୍ଣ୍ଣଭାବରେ ବିପର୍ଯ୍ୟସ୍ତ । ଘୂର୍ଣ୍ଣୟମାନ କାଳଚକ୍ରର ଶାଣିତ ଧାରରେ ଜୀବର ବୋଧଶକ୍ତି, ପ୍ରଜ୍ଞା ଓ କର୍ମଶକ୍ତି ଖଣ୍ଡ-ବିଖଣ୍ଡିତ । ପରିଣାମରେ ଜୀବ ''ଗୁରୁ''ଙ୍କ ପ୍ରକୃତ ସ୍ୱରୂପକୁ ଉପଲବ୍ଧି କରିବାର ସାମାନ୍ୟତମ ପ୍ରୟାସ ନ କରି ତାଙ୍କର ଆବରଣ ଶରୀରଟି ପ୍ରତି ମୋହଗ୍ରସ୍ତ ହୋଇ ସେଇ ଶରୀରଟିକୁ କେବଳ ''ଈଶ୍ୱର'' ଜ୍ଞାନ କରୁଛନ୍ତି । ଯେପରି ଲୌହ ନିର୍ମିତ ହେଉ ବା ସ୍ୱର୍ଣ୍ଣ ନିର୍ମିତ ହେଉ ଉଭୟ-ବିଧ ଶୃଙ୍ଖଳ ଦ୍ୱାରା ବନ୍ଧନ କରାଯାଏ ସେହିପରି ବନ୍ଧନ ମୁକ୍ତିର ପ୍ରଚେଷ୍ଟା କରିବାକୁ ଯାଇ ଜୀବ ତା'ର ଅଜଣାତରେ ପୁଣି ସେହି ଶରୀର-ମୋହ-ଶୃଙ୍ଖଳରେ ଆବଦ୍ଧ ହୋଇଯାଉଛି । ପରିଣାମରେ ବିଜ୍ଞାନମୟ କୋଷର ସ୍ଫୁରଣ ପରିବର୍ତ୍ତେ ପୁନର୍ବାର ପୂର୍ବାବସ୍ଥାକୁ ଫେରି ଆସୁଛି । ଯାହା ଫଳରେ ପ୍ରକୃତ ସତ୍ୟ ଉପଲବ୍ଧି କରିବାର ଶକ୍ତି ଜାଗ୍ରତ ହୋଇ ପାରୁନି । ଶେଷରେ ଗୁରୁଭକ୍ତି ପୁଣି ଥରେ ବିଷୟାଭିମୁଖୀ ହୋଇ ଯାଉଛି । ଗୁରୁମନ୍ତ୍ର ରୂପୀ ଅବ୍ୟର୍ଥ ଔଷଧ ପାଇ ମଧ ନିଜର ଅଜ୍ଞାନତା ଓ ମୂଢ଼ତାର ବଶବର୍ତ୍ତୀ ହୋଇ ଜୀବ ମୋହ, ମାୟା ରୂପୀ କରାଳ କବଳରେ କବଳିତ ହୋଇ ଅକାଳରେ ଝରି ପଡୁଛି । ମହା ମୃତ୍ୟୁଞ୍ଜୟୀ, ସର୍ବ ରୋଗହାରିଣୀ, ସର୍ବ ପାପ, ସର୍ବ ତାପ - ନାଶୀନି ମହାଶକ୍ତି ଗୁରୁମନ୍ତ୍ର ଶକ୍ତିହୀନ ହୋଇ ବର୍ଣ୍ଣମାଳାର କେବଳ କେତେଗୋଟି ଅକ୍ଷରରେ ପର୍ଯ୍ୟବସିତ ହୋଇଛି, ଅଜ୍ଞାନତାର ଘୋର ଅନ୍ଧକାର ଭିତରେ ।

ଏହି ସମ୍ଭାବ୍ୟ ବ୍ୟତିକ୍ରମକୁ ଆଗେଇ ରଖି ପୂର୍ବ ଗୁରୁମାନେ ଉପରୋକ୍ତ ଅମୃତବାଣୀ ଦେଇ ଜୀବକୁ ସତର୍କ କରାଇ ଅଛନ୍ତି । ''ଗୁରୁଙ୍କୁ କଦାପି ମନୁଷ୍ୟ ରୂପେ ଜ୍ଞାନ କରିବ ନାହିଁ । କାରଣ ସେ ହିଁ ଜଗତ୍‌ସ୍ରଷ୍ଟା, ପରମବ୍ରହ୍ମ-ଈଶ୍ୱର ।'' ଯଦି ସର୍ବଦା ଗୁରୁଙ୍କ ପ୍ରତି ସେଇ ଭାବ ରହେ ତେବେ ଜୀବ କଦାପି କୌଣସି ବିଘ୍ନ ବା ବିପଦ ସମ୍ମୁଖୀନ ହେବ ନାହିଁ, କାରଣ ଗୁରୁ-ବ୍ରହ୍ମ ହିଁ ଜୀବ-ଶିଷ୍ୟର ସମସ୍ତ ଭାର ବହନ କରିବାକୁ ସମର୍ଥ । ସେ ପରମ କାରୁଣିକ । ସମସ୍ତ ଦାୟିତ୍ୱ ବହନ କରିନେଇ ପ୍ରତି ପଦକ୍ଷେପକୁ ସୁନିୟନ୍ତ୍ରିତ କରିଦେବେ ।

❑❑❑



ବିଚଳିତ ନୋହି କର କରମ
ସ୍ଥିର ମନ ପ୍ରାଣେ ପାଳ ଧରମ

# ଆଧ୍ୟାତ୍ମିକ ପ୍ରବନ୍ଧ

*ହେ ବିଶ୍ୱ ମାନବ, ଭାରତ ହିଁ ଆଧ୍ୟାତ୍ମିକ ଭୂମି । ଭାରତ ହିଁ ବିଶ୍ୱପ୍ରାଣ । ଭାରତକୁ ଚିହ୍ନିବାକୁ ହେଲେ, ଆଧ୍ୟାତ୍ମିକ ଜୀବନ ଧାରାକୁ ଚିହ୍ନିବାକୁ ଚେଷ୍ଟା କର । ଏହା ହିଁ ପୁଣ୍ୟଭୂମି ଭାରତର ପ୍ରକୃତ ପରିଚୟ ।*

*ପଶ୍ଚିମର ବିଷୟ ଧର୍ମ ନାମରେ ପ୍ରତାରଣାର ସ୍ରୋତ କ୍ରମଶଃ କୂଳଲଂଘି ସମାଜର ଭିତିଭୂମିକୁ ପ୍ଲାବିତ କରିଦେଉଛି । ବହୁ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ଓ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ଭାବ ଭେଳିକିରେ ପଡି ଭୌତିକ ପ୍ରାପ୍ତିର ଅନୁଧାବନ କରୁଛନ୍ତି । ସାଧାରଣ ଲୋକଙ୍କ କଥା ସ୍ୱତନ୍ତ୍ର । 'ଚରମ' ପୃଷ୍ଠାରେ ଏହି ବିଭାଗରେ ଭାରତର ସଂସ୍କୃତି ସମ୍ପନ୍ନ ଆଧ୍ୟାତ୍ମିକ ଧାରାର ପୁନର୍ଜାଗରଣ କରିବା ଓ ପୂର୍ବ ସ୍ମୃତିର ଜାଗୃତି କରିବା ଲକ୍ଷ୍ୟରେ ବିଭିନ୍ନ ପାଖୁଡ଼ାରେ ଭିନ୍ନ ଭିନ୍ନ ରୁଚିର ଆଧ୍ୟାତ୍ମିକ ପ୍ରବନ୍ଧମାନ ପ୍ରକାଶ କରିବାର ନିଷ୍ପତ୍ତି ଶ୍ରୀଶ୍ରୀଶ୍ରୀ ଠାକୁର ସଂପାଦନା ମଣ୍ଡଳୀକୁ ଜଣାଇ ଅଛନ୍ତି ॥*

## ଗୁରୁଶକ୍ତି ଓ ଶିଷ୍ୟତ୍ୱ ସାଧନା

**ଏ** ଜଗତରେ ପ୍ରବୃତ୍ତି ନିବୃତ୍ତିର ଦ୍ୱନ୍ଦ୍ୱ ସର୍ବଦା ଲାଗି ରହିଛି । ପ୍ରବୃତ୍ତି ଆତ୍ମକେନ୍ଦ୍ରରୁ ଆମ୍ଭମାନଙ୍କୁ ବିଚ୍ୟୁତ କରିବାକୁ ଇଚ୍ଛା କରେ ଏବଂ ନିବୃତ୍ତି ଆତ୍ମକେନ୍ଦ୍ର ଆଡ଼କୁ ଆମକୁ ଆକର୍ଷଣ କରେ । ଏହି ନିବୃତ୍ତି ଶକ୍ତି ହିଁ ଶ୍ରୀ ଗୁରୁଶକ୍ତି । ସୂର୍ଯ୍ୟଦେବ ଯେପରି ସମଗ୍ର ସୌର ଜଗତର ପ୍ରାଣ ସ୍ୱରୂପରେ ପ୍ରତିଷ୍ଠିତ ରହି ତାଙ୍କର ଶକ୍ତି ବଳରେ ସମସ୍ତ ଜୀବଜଗତକୁ ଧାରଣା କରି ଅଛନ୍ତି, ସେହିପରି କେହି ନ ଜାଣିଲେ ମଧ୍ୟ ଶ୍ରୀ ଗୁରୁଦେବଙ୍କ ଶକ୍ତି ସମସ୍ତ ଜୀବଙ୍କ ଅନ୍ତର୍ଜଗତକୁ ଧାରଣ କରି ରଖିଛି । ମହାପୁରୁଷ ବା ଶ୍ରୀଗୁରୁଦେବ ନିବୃତ୍ତି ଶକ୍ତିର ମୂର୍ତ୍ତି ବିଗ୍ରହ । ସେ ସବୁବେଳେ ଜୀବମାନଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଅଛନ୍ତି । ତେଣୁ ସେ ଆମର ଅନ୍ତରଙ୍ଗ ସୁହୃଦ । ସୃଷ୍ଟିର ପ୍ରାରମ୍ଭରୁ ଯେପରି ପ୍ରବୃତ୍ତି ଧର୍ମଶୀଳ ଜୀବ ପ୍ରବାହ ଅବିରାମ ଗତିରେ ଚଳିଆସୁଛି, ସେହିପରି ନିବୃତ୍ତି ଧର୍ମଶୀଳ ମହାପୁରୁଷମାନେ ମଧ୍ୟ ଜଗତରେ ଆବିର୍ଭୂତ ହୋଇ ଜଗତକୁ ପୂତ, ପବିତ୍ର ଓ ଧନ୍ୟ କରିପାରୁଛନ୍ତି । ସୃଷ୍ଟି ପ୍ରବାହ ରକ୍ଷା ନିମିତ୍ତ ଯେପରି ପ୍ରବୃତ୍ତି ଶକ୍ତିର ଏକାନ୍ତ ଆବଶ୍ୟକ, ସେହିପରି ସୃଷ୍ଟିକୁ ସୁନ୍ଦର, ଶାନ୍ତିମୟ ଓ ଗୌରବାନ୍ୱିତ କରିବା ନିମିତ୍ତ ନିବୃତ୍ତି ଶକ୍ତି ମଧ୍ୟ ଆବଶ୍ୟକ । ଜଗତର ପ୍ରାକୃତିକ ଜୀବ ପ୍ରବାହ ସଙ୍ଗେ ସଙ୍ଗେ ଅପ୍ରାକୃତ ମହାମାନବ ମାନଙ୍କର ଆବିର୍ଭାବ ବିଶ୍ୱ ପ୍ରକୃତିର ସ୍ୱାଭାବିକ ନିୟମ । ସେହି ନିୟମ ଚକ୍ରରେ ଧରାପୃଷ୍ଠରେ ଯେତେବେଳେ ଯେଉଁ ଭଳି ଶକ୍ତିର ପ୍ରୟୋଜନ ସେତେବେଳେ ଠିକ୍ ସେହି ଶକ୍ତି ଧାରଣ କରି ସ୍ରଷ୍ଟା ଶ୍ରୀ ଗୁରୁଅଙ୍ଗରେ ଅବତରଣ କରନ୍ତି ଓ ପଥହରା ଜୀବ ସମୂହକୁ ଦିଗ୍‌ଦର୍ଶନ ଦେଇ ନିବୃତ୍ତି କେନ୍ଦ୍ର ଆଡ଼କୁ ଆକର୍ଷଣ କରନ୍ତି । ତେଣୁ ଅମୃତବର୍ଷୀ ଏ ଧରାଧାମରେ ସଦ୍‌ଗୁରୁଙ୍କର କେବେ ବି ଅଭାବ ନାହିଁ ।

କିନ୍ତୁ ପ୍ରକୃତିର ବିଡ଼ମ୍ବନା ଯେ, ସଦ୍‌ଗୁରୁଙ୍କର ସେହି ଅମୃତମୟ ମହାଶକ୍ତି ଧାରଣା କରିବାକୁ ଶିଷ୍ୟର ଅଭାବ ଘଟେ । ଅନେକ ମନେ କରନ୍ତି, ସଦ୍‌ଗୁରୁଙ୍କଠାରୁ ମନ୍ତ୍ରଗ୍ରହଣ କରିବା ପରେ ତାଙ୍କର ଆଉ କିଛି କର୍ତ୍ତବ୍ୟ ନାହିଁ । ମାତ୍ର ଯାହାଙ୍କର ଏ ପ୍ରକାର ଧାରଣା ସେମାନଙ୍କୁ ଶିଷ୍ୟ ଭାବରେ ସ୍ଥାନ ଆଦୌ ଦିଆଯାଇ ପାରିବ ନାହିଁ । ଗୁରୁହିଁ ପରମ ବ୍ରହ୍ମ - ନିତ୍ୟାନନ୍ଦ ସକଳ ଶକ୍ତିର ଆଧାର, ଆଦି, ଅନାଦି ଓ କାରଣ । ତେଣୁ ତାଙ୍କୁ ଲାଭ କରିବାକୁ ହେଲେ ବା ତାଙ୍କୁ ଅନୁଭବ କରିବାକୁ ହେଲେ ପ୍ରଥମେ ଶିଷ୍ୟତ୍ୱ ସାଧନ କରିବାକୁ ହେବ ଓ ନିଜକୁ ଶିଷ୍ୟ ଭାବରେ ଗଢ଼ିବାକୁ ହେବ ।

*''ଶାନ୍ତୋ ବିନୀତଃ ଶୁଦ୍ଧାତ୍ମା ଶ୍ରଦ୍ଧାବାନ୍ ଧାରଣକ୍ଷମଃ*

*ସମର୍ଥଶ୍ଚ କୁଳୀନଶ୍ଚ ପ୍ରାଜ୍ଞ ସଚ୍ଚରିତୋ ଯତିଃ*

*ଏବମାଦି ଗୁଣୈର୍ଯୁକ୍ତ ଶିଷ୍ୟୋ ଭବତି ନାନ୍ୟଥା ।''* (ତନ୍ତ୍ରସାର)

ଅର୍ଥାତ୍ ଶମାଦି ଗୁଣଯୁକ୍ତ ବିନୟୀ, ବିଶୁଦ୍ଧ ସ୍ୱଭାବ, ଶ୍ରଦ୍ଧାବାନ, ଧୈର୍ଯ୍ୟଶୀଳ, ସର୍ବକର୍ମ, ସମର୍ଥ, କୁଳୀନ, ଅଭିଜ୍ଞ, ସଚ୍ଚରିତ୍ର ଏବଂ ଯତି ଆଚାରଯୁକ୍ତ ବ୍ୟକ୍ତି ହିଁ ପ୍ରକୃତ ଶିଷ୍ୟ ପଦବାଚ୍ୟ । ଏହି ଗୁଣ ଗୁଡ଼ିକର ଅଧିକାରୀ ହେବା ସହଜ ନହେଲେ ବି କଷ୍ଟସାଧ୍ୟ ନୁହେଁ । ଶ୍ରଦ୍ଧା, ବିଶ୍ୱାସ, ନିଷ୍ଠା ଓ ଐକାନ୍ତିକ ଭକ୍ତିକୁ ପାଥେୟ କରି ଯଦି ଜଣେ କେବଳ ଶ୍ରୀଶ୍ରୀଶ୍ରୀ ଗୁରୁଦେବଙ୍କ ବାକ୍ୟାନୁସାରେ ତା'ର ଜୀବନର ଗତିପଥକୁ ଅଭ୍ୟାସ ଦ୍ୱାରା ନିୟନ୍ତ୍ରଣ କରିପାରେ, ଅକ୍ଳେଶରେ ଏହି ଗୁଣଗୁଡ଼ିକୁ ସେ ଧାରଣ କରିବାକୁ ସକ୍ଷମ ହୁଏ ।

କର୍ମ, ଜ୍ଞାନ ଓ ଭକ୍ତି ଯୋଗରେ ନିପୁଣତା ଲାଭ କରିଥିବା ବ୍ୟକ୍ତି ହିଁ ଶିଷ୍ୟର ଗୌରବ ଲାଭ କରେ ଏବଂ ଉପଯୁକ୍ତ ଶିଷ୍ୟରହିଁ ସଦ୍‌ଗୁରୁ ଦର୍ଶନ ହୁଏ । ସାଧାରଣଙ୍କୁ ଅଜ୍ଞାନରେ ରଖିବାକୁ ସଦ୍‌ଗୁରୁ ନିଜକୁ ଗୁପ୍ତ ରଖନ୍ତି ନାହିଁ; କିନ୍ତୁ ଶିଷ୍ୟ ହେବାର ଉପଯୁକ୍ତ ନ ହେଲେ ଅର୍ଥାତ୍ ଶରୀର ବିଜ୍ଞାନମୟ କୋଷର ସ୍ଫୁରଣ ନ ହେଲେ ସଦ୍‌ଗୁରୁ ଦର୍ଶନ ଦିଅନ୍ତି ନାହିଁ । ଯଦି ଅନୁପଯୁକ୍ତ ଅବସ୍ଥାରେ କୌଣସି ଜୀବର ବା ମନୁଷ୍ୟର ସଦ୍‌ଗୁରୁଂ ଦର୍ଶନ ହୋଇଯାଏ, ତେବେ ସେ କଦାପି ତାହାଙ୍କୁ ସଦ୍‌ଗୁରୁ ବୋଲି ଜାଣିପାରେ ନାହିଁ । ତାଙ୍କର ଶକ୍ତି ଅନୁଭବ କରିପାରେ ନାହିଁ । ତାଙ୍କୁ ମନୁଷ୍ୟ ଜ୍ଞାନ କରି ପଥଭ୍ରଷ୍ଟ ହୋଇଯାଏ । ତେଣୁ ସ୍ଥୂଳଦେହୀ ଶ୍ରୀଗୁରୁଦେବ ଯେଉଁ ଦୀକ୍ଷାମନ୍ତ୍ର ଦାନ କରିଥାନ୍ତି ତାଙ୍କ ଉପଦେଶାନୁସାରେ ତାହାକୁ ସାଧନ, ଭଜନ, ମନେକରି ଧୀରେ ଧୀର ଅଗ୍ରସର ହେଲେ ଶ୍ରୀଶ୍ରୀ ଗୁରୁଦେବଙ୍କର ଅବିନାଶୀ ମହାଶକ୍ତି ତାଙ୍କର ଅଜାଣତରେ ମଧ୍ୟ ନିଷ୍ଠାବାନ୍ ଶିଷ୍ୟର ଅନ୍ତରରେ ପ୍ରବେଶ କରେ ।

*''ଦିବ୍ୟଜ୍ଞାନଂ ଯତୋ ଦିଦ୍ୟାତ୍ କୁର୍ଯ୍ୟାତ୍ ପାପକ୍ଷୟଂ ତତଃ*

*ତସ୍ମାଦୀକ୍ଷେତି ସା ପ୍ରୋକ୍ତା ସର୍ବ ତନ୍ତ୍ରସ୍ୟ ସମ୍ମତା ॥''* **(ବିଶ୍ୱସାର ତନ୍ତ୍ର ।)**

ଅର୍ଥାତ୍ ଯାହା ଦିବ୍ୟଜ୍ଞାନ ପ୍ରଦାନ କରେ ଓ ପାପ ନଷ୍ଟ କରେ, ତାହାକୁ ତନ୍ତ୍ରବିଦ୍‌ମାନେ ଦୀକ୍ଷାବୋଲି କହିଅଛନ୍ତି ।

*''ମନନାଦ୍ ତାରଯେଦ୍ ଯସ୍ତୁ ସ ମନ୍ତ୍ରଃ ପରିକିର୍ତ୍ତିତଃ''*

ଅର୍ଥାତ୍ ଯାହାର ସ୍ମରଣ ମାତ୍ରେ ଜୀବ-ବନ୍ଧନରୁ ମୁକ୍ତ ହୁଏ, ତାହାହିଁ ମନ୍ତ୍ର ।

ସୁତରାଂ ପରମ କାରୁଣିକ ଶ୍ରୀଶ୍ରୀଗୁରୁଦେବ ଯେଉଁ ମନ୍ତ୍ର ଦାନ କରନ୍ତି ତା'ର ଲକ୍ଷ୍ୟ ସୁସ୍ପଷ୍ଟ; କିନ୍ତୁ ଶ୍ରଦ୍ଧାଯୁକ୍ତ ମନରେ ଯଦି ତାକୁ ଗ୍ରହଣ କରାନଯାଏ, ତେବେ ସବୁ ନିଷ୍ଫଳ ହୋଇଥାଏ । କ୍ଷୁଧା ଜାଗ୍ରତ ହେବା ପୂର୍ବରୁ ବାଧ୍ୟ ବାଧକତାରେ ଆହାର କରାଗଲେ ଆହାର୍ଯ୍ୟବସ୍ତୁରେ ଅରୁଚି ଜାତ ହେବା ପରି ପ୍ରୟୋଜନ ନ ବୁଝି କାହାରି ଅନୁରୋଧରେ ବା ପ୍ରଭାବରେ ମନ୍ତ୍ର ଗ୍ରହଣ ମନ୍ତ୍ର ସାଧନରେ ଅରୁଚି ଯାତ ହେବା ପରି ପ୍ରୟୋଜନ ନ ବୁଝି କାହାରି ଅନୁରୋଧରେ ବା ପ୍ରଭାବରେ ମନ୍ତ୍ର ଗ୍ରହଣ ମନ୍ତ୍ର ସାଧନରେ ଅରୁଚି ଯାତ କରାଏ; ଜନ୍ମ ଓ ଜୀବନ ବୃଥା ହୋଇଯାଏ । ମାତ୍ର ଯଦି ମନ୍ତ୍ର ଗ୍ରହଣ ପରେ ଶ୍ରୀଗୁରୁଙ୍କ ମୁଖ ନିଃସୃତ ବାଣୀକୁ ଗ୍ରହଣ କରି ଧୀରେ ଧୀରେ ଅଗ୍ରସର ହେବାକୁ ଯତ୍ନ କରାଯାଏ, ତେବେ ଯେ ପର୍ଯ୍ୟନ୍ତ ସାଧକ ଉପଯୁକ୍ତ ଅବସ୍ଥାରେ ଉପନୀତ ନ ହୋଇଛି ଶ୍ରୀ ଗୁରୁଦେବ ସେ ପର୍ଯ୍ୟନ୍ତ ଅପ୍ରକାଶ୍ୟ ଭାବରେ ସୂକ୍ଷ୍ମକ୍ରିୟା ମାଧ୍ୟମରେ ବ୍ୟାକୁଳ ଶିଷ୍ୟଙ୍କୁ ସର୍ବଦା ସାହାଯ୍ୟ କରିଥାଆନ୍ତି । ସାଧକର ସ୍ଥୂଳ ଶରୀର ଯେତେବେଳେ ଗଭୀର ନିଦ୍ରାରେ ନିମଗ୍ନ ଥାଏ, ସେହି ସମୟରେ ଶ୍ରୀଗୁରୁଦେବ ସୂକ୍ଷ୍ମ ଶରୀରରେ ସର୍ବଦା ଉପଦେଶ ଦାନ କରିଥାନ୍ତି । କିନ୍ତୁ ଚିତ୍ତଶୁଦ୍ଧି ନ ହେବା ପର୍ଯ୍ୟନ୍ତ

ସାଧକ ତାହାକୁ ସ୍ମରଣ କରିପାରେ ନାହିଁ । କାରଣ ସ୍ଥୂଳ ଶରୀରରୁ ପୃଥକ୍ ହୋଇ ଜୀବର ଜ୍ଞାନ ସୂକ୍ଷ୍ମ ଶରୀରରେ ପ୍ରବେଶ କରିବା ପୂର୍ବରୁ ଜୀବ କିଛି ସମୟ ପାଇଁ ଅଚେତନ ହୋଇଯାଏ । ଜୀବର ପୂର୍ବସ୍ମୃତି ଲୋପ ପାଇଯାଏ । ପୁନରାୟ ସ୍ଥୂଳ ଶରୀରକୁ ଫେରିବା ପରେ ତାହା ସ୍ମରଣ ହୁଏ ନାହିଁ । ଶ୍ରୀ ଗୁରୁଦେବଙ୍କର ଉପଦେଶ ଅନୁସାରେ ନିଜକୁ ପରିଚାଳିତ କରି ଶିଷ୍ୟର ଚିତ୍ତ ଯେତେବେଳେ ଶୁଦ୍ଧ ଏବଂ ଏକାଗ୍ରଭାବ ଗ୍ରହଣ କରେ, ସେତେବେଳେ ସେ ସଚେତନ ଭାବରେ ସୂକ୍ଷ୍ମ ଶରୀରରୁ ଯାତାୟାତ କରିବାକୁ କ୍ଷମ ହୁଏ । ସେତେବେଳେ ତା'ର ସ୍ୱପ୍ନାବସ୍ଥାର ସମସ୍ତ ଉପଦେଶ ସ୍ମରଣ ରହେ ଓ କ୍ରମଶଃ ଜାଗ୍ରତ- ସ୍ୱପ୍ନ ମଧ୍ୟରେ ପ୍ରଭେଦ ରହେ ନାହିଁ । ଇହକାଳ, ପରକାଳର ବ୍ୟବଧାନ ଦୂରହୋଇ ସଦ୍‌ଗୁରୁ ସହିତ ସଂପର୍କ ସ୍ଥାପିତ ହୁଏ ।

ଶ୍ରୀ ଗୁରୁଦେବ କେବଳ ଉପଦେଶ ପ୍ରଦାନ କରି ସାଧକମାନଙ୍କୁ (ଶିଷ୍ୟ) ସତ୍ ପଥ ପ୍ରଦର୍ଶନ କରିଥାଆନ୍ତି । ଶିଷ୍ୟ ନିଜ ପୁରୁଷାର୍ଥ ପ୍ରଭାବରେ ସେହି ଗନ୍ତବ୍ୟ ପଥରେ ଅଗ୍ରସର ହେବା ଦରକାର । ଏହି ଗତି ସମୟରେ ସମ୍ମୁଖରେ ନାନାବିଧ ସାଧନ-ବିଘ୍ନ ଉପସ୍ଥିତ ହୋଇଥାଏ । ବିକ୍ଷୋଭକାରୀ ଇନ୍ଦ୍ରିୟବର୍ଗ ସାଧକଙ୍କ ଚିତ୍ତକୁ ବଳପୂର୍ବକ ବିଷୟରୁ ବିଷୟାନ୍ତରକୁ ଆକର୍ଷଣ କରିଥାଆନ୍ତି । କିନ୍ତୁ ସାଧକ ଯଦି ଶ୍ରୀଗୁରୁଦେବଙ୍କୁ ଅନନ୍ୟ ନିଷ୍ଠା ପ୍ରକଟ କରି ତାଙ୍କର ବାକ୍ୟକୁ ସ୍ମରଣ କରି ଧୈର୍ଯ୍ୟର ସହ ଆଗେଇ ଯାଏ, ତାହେଲେ ସମସ୍ତ ବିଘ୍ନ ଅନାୟାସରେ ଅପସରିଯାଏ । ଆମର ପ୍ରଧାନ ଶତ୍ରୁ ଆମର ଅହଙ୍କାର । ଏହାହିଁ ଆମର ପୂର୍ବ ପ୍ରକୃତି । ପ୍ରକୃତି ଦେବୀ ନିଜର ଆବରଣ ଓ ବିକ୍ଷେପ ଶକ୍ତି ସାହାଯ୍ୟରେ ଆମକୁ ସ୍ୱରୂପଚ୍ୟୁତ କରିବାକୁ ଚେଷ୍ଟା କରିଥାଆନ୍ତି । ଆମକୁ ବିବେକ ବଳରେ ଜ୍ଞାନ ବିଚାର ଦ୍ୱାରା ଶ୍ରୀଗୁରୁଚରଣାଭିମୁଖୀ ହୋଇ ନିଜର ଆତ୍ମ-ସ୍ୱରୂପ ଲାଭ ନିମିତ୍ତ ପୁନଃପୁନଃ ଚେଷ୍ଟା କରିବାକୁ ହୁଏ । ଏହାର ନାମ ସାଧନା; ଏହାକୁ କୁହାଯାଏ ଆତ୍ମଚେଷ୍ଟା; ଏହା ହିଁ ପୁରୁଷାର୍ଥ । ଏହି ପୁରୁଷାର୍ଥର ଅନ୍ୟନାମ ଆତ୍ମକୃପା । ଏହି ଆତ୍ମକୃପା ବ୍ୟତୀତ ଗୁରୁବାକ୍ୟ ପ୍ରତିପାଳନ ପାଇଁ ଶ୍ରଦ୍ଧା ଜାତ ହୋଇପାରେ ନାହିଁ । ଏହି ଶ୍ରଦ୍ଧା ନ ହେଲେ ସାଧକ ଭଗବତ୍ କୃପାର ଅଧିକାରୀ ହୋଇପାରନ୍ତି ନାହିଁ ।

ସଦ୍‌ଗୁରୁଙ୍କ ଉପଦେଶ ଅନୁସାରେ ଗତି କଲେ ଯଥା ସମୟରେ ଶିଷ୍ୟ ତା'ର ନିଜ ସ୍ୱରୂପରେ ଉପନୀତ ହୋଇଥାଏ । ତା'ର ମନ ଯେଉଁ ଆଡ଼କୁ ଆକୃଷ୍ଟ ହୁଏ, ସେ ସେହି ଲକ୍ଷ୍ୟସ୍ଥଳରେ ନିଶ୍ଚୟ ପହଞ୍ଚିବ । ସାଧାରଣ ଜୀବ ମନର ଦାସ । ସେ କେବେହେଲେ ମନକୁ ବଶୀଭୂତ କରିପାରିବ ନାହିଁ । ସେ ନିଜ ଇଚ୍ଛାରେ କୌଣସି ବିଷୟରେ ନିଜକୁ ନିଯୁକ୍ତ କରିପାରେ ନାହିଁ । ଅର୍ଥାତ୍ ତାର ନିଜ ଉପରେ କୌଣସି କର୍ତ୍ତୃତ୍ୱ ନାହିଁ । ସେ ଅପର ଉପରେ କର୍ତ୍ତୃତ୍ୱ ବାହିଲ୍ କରିବାକୁ ସଦା ତତ୍ପର । ତ୍ୟାଗ, ସଂଯମ କହିଲେ ସାଧାରଣତଃ ନିଷ୍କାମ ହୋଇ ବସି ରହି ଭଗବତ୍ ଭଜନକୁ ବୁଝାଏ ନାହିଁ । 'ମନକୁ ବଶୀଭୂତ କରିବା ଅର୍ଥ ସମସ୍ତକାର୍ଯ୍ୟ ତ୍ୟାଗ କରି ନିଶ୍ଚେଷ୍ଟ ହୋଇ ବସିରହିବାକୁ ବୁଝାଏ ନାହିଁ । ବହୁ ଶିଷ୍ୟ-ସାଧକ ଏହି ଭ୍ରମ ଧାରଣା ବଶବର୍ତ୍ତୀ ହୋଇ ସାତ୍ତ୍ୱିକତା ଓ ଏକାଗ୍ରତାର ସାଧନ କରିବା ଅସମ୍ଭବ ମନେକରି କର୍ମତ୍ୟାଗ ପୂର୍ବକ କେବଳ ଭଜନ-ସାଧନରେ ମଗ୍ନ ରହି ସାଧନା ନାମରେ ଘୋର ତାମସିକତା ଓ ନିଦ୍ରାଭାବାସନ୍ନ ମହା-ଜଡ଼ତାରେ ଆବୃତ ହୋଇ ପଡ଼ନ୍ତି । ମନକୁ ବଶୀଭୂତ କରି ଯେ କୌଣସି କର୍ମରେ ନିୟୋଗ କରିବାର ଶକ୍ତି ଲାଭ ପରିବର୍ତ୍ତେ ଅଧିକାଂଶ ମନରେ କର୍ମ ପ୍ରତି ନିରୁତ୍ସାହ ଭାବ, ଆଳସ୍ୟ, ଜଡ଼ତା, ମହାନିଦ୍ରା ଓ ପ୍ରତିକର୍ମରେ ଅକ୍ଷମତା ପ୍ରକାଶ ପ୍ରଭୃତି ତାମସିକ ଲକ୍ଷଣମାନ ପ୍ରକାଶ ପାଇଥାଏ । ଏହି ତମୋଗୁଣର ଜଡତା ନାଶ ନିମିତ୍ତ ରଜୋଗୁଣାତ୍ମକ କର୍ମର ଉଦ୍‌ବୋଧନ ଏକାନ୍ତ ଆବଶ୍ୟକ, ଏହାହିଁ ଶିଷ୍ୟତ୍ୱର ସାଧନା । ତମୋଗୁଣର ନାଶରେ ଉତ୍ତେଜନା ପ୍ରକାଶ ପାଇ ରଜୋଗୁଣର ବିକାଶ ହେଲେ ମଧ୍ୟ ସଦ୍‌ଗୁରୁଙ୍କ ବାକ୍ୟ ପ୍ରତି ଗୁରୁତ୍ୱ ନ ଦେଇ ତାଙ୍କର ବାସ୍ତବ ଅନୁଗାମୀ ନ ହେଲେ ପୁନରାୟ ସେହି କର୍ମରେ ଅବସାଦ ଆସିଯାଏ ॥

ଆଜି ସୃଷ୍ଟିର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପରମପିତା ସ୍ରଷ୍ଟା ନିଜେ ଶ୍ରୀଗୁରୁ ଅଙ୍ଗରେ ଆବିର୍ଭାବ ହୋଇଛନ୍ତି । ସେ ଭଲରୂପେ ଜାଣିଛନ୍ତି ବର୍ତ୍ତମାନ ପରିସ୍ଥିତିରେ ଉପଯୁକ୍ତ ବାଟରେ ସାଧନ କରି ଜୀବ ବ୍ରହ୍ମ ସାକ୍ଷାତ୍‌କାର ଲାଭ କରିବା

ସଂପୂର୍ଣ୍ଣ ଅସମ୍ଭବ । ତେଣୁ ଅତି ସରଳ ଓ ସହଜ ଉପାୟରେ ସମସ୍ତ ସୋପାନ ଅତିକ୍ରମ କରି ଲକ୍ଷ୍ୟ ସ୍ଥଳରେ ଉପନୀତ ହେବାର ଅଦ୍ଭୁତ କୌଶଳ ନିଜେ ଉଦ୍ଭାବନ କରି ସମସ୍ତଙ୍କୁ ଆକର୍ଷଣ କରୁଅଛନ୍ତି । ଯଦି କେହି ଶ୍ରଦ୍ଧାଯୁକ୍ତ ମନରେ ନିର୍ଭୀକ ହୋଇ କେବଳ ତାଙ୍କରି ମୁଖ ନିଃସୃତ ବାଣୀକୁ ନିଷ୍ଠାର ସହିତ ପାଳନ କରେ, ତେବେ ଏ ସମସ୍ତ ଶକ୍ତି, ସମସ୍ତ ରହସ୍ୟ ତା'ର କରାୟତ୍ତ ହୋଇ ତାକୁ ସେହି ଲକ୍ଷ୍ୟ ସ୍ଥଳରେ ନିଶ୍ଚୟ ପହଞ୍ଚାଇ ଦେବ ଏଥିରେ କୌଣସି ସନ୍ଦେହ ନାହିଁ । ଏହା ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ । ତେଣୁ ଆଗପଛ, ଫଳାଫଳ କିଛି ବିଚାର ନ କରି କେବଳ ତାଙ୍କରି ଶ୍ରୀଚରଣାରବିନ୍ଦରେ ନିଜକୁ ସମର୍ପଣ କରିବା ଏକାନ୍ତ କାମ୍ୟ । ଅତୀତରେ ଜଣେ ମହାପୁରୁଷ ଯଥାର୍ଥରେ କହିଥିଲେ ;

"ଭୋଜନ ଆମାର ଆହୂତି ପ୍ରଦାନ
ଶୟନ ଆମାର ସାଷ୍ଟାଙ୍ଗ ପ୍ରଣାମ
ଭ୍ରମଣ ଆମାର ପ୍ରଦକ୍ଷିଣ ତାଁର;
ପ୍ରତି କଥା ଆମାର ମନ୍ତ୍ର ।
ପ୍ରତି ଅଙ୍ଗଭଙ୍ଗୀ ମୁଦ୍ରା ବିରାଚନ
ଯେ ଭାବେଇ ବସି ସେଇ ତା ଆସନ
ଯେ ଚିନ୍ତାଇ କରି; ତାଁରି ଧ୍ୟାନ ଧରି
ଏ ଜୀବନ ତାର ଯନ୍ତ୍ର ॥"

ଏହି ଭାବରେ ଯଦି କେହି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ କମଳରେ ନିଜକୁ ସମର୍ପଣ କରେ, ତାହାର ଫଳ ପ୍ରକାଶ କରିବାକୁ ଏ କ୍ଷୁଦ୍ର କାଗଜ, କଲମ ଅକ୍ଷମ ହୋଇଯିବ ।

❑❑❑

ତରିଯିବା ପାଇଁ ବଳାଇ ମନ
ରତି କରୁଅଛୁ ବିଷୟେ ଧନ ।
ତର ତର ହେଉ ତରିବା ପାଇଁ
ରତ ରତ ବେଳ କରମ କାହିଁ ?

ତୁଣ୍ଡରେ ସଅଁପି ଦେଉ ସରବ
ଅନ୍ତରେ ସାଇତି ମାନ ଗରବ ।
ନିଜ ମୁହେଁ ନିଜ ବଡ଼ ପଣକୁ
ଗାଇ ବୁଲି ଭଣୁ ଜଣ ଜଣକୁ ॥

ବିଶ୍ୱାସ ରଖରେ ମୂଢ଼ ପାମର
ନିଃଶ୍ୱାସ ପ୍ରଶ୍ୱାସ ସହିତେ ଧର ।
ବିଶ୍ୱାସ ମୂଳରେ ଏହି ଜଗତ
ସାଧି ଆପଣାକୁ ହୁଅତୁ ରତ ॥

# ଜିଜ୍ଞାସା : ଜିଜ୍ଞାସୁ

### ଦିବଂଗତ ମୋକ୍ଷପ୍ରାପ୍ତ ଜତୀଶ ଦା'ଙ୍କ ସ୍ମୃତିରେ

ସ୍ୱର୍ଗତ ଜତୀଶ ଦା' କ୍ଷିତିଜ୍ୟୋତି ଆଶ୍ରମ (ସ୍ୱର୍ଣ୍ଣକ୍ଷେତ୍ର, ମହାଙ୍ଗା, କଟକ)ର ପ୍ରଥମ ଆଚାର୍ଯ୍ୟ ଥିଲେ । ଆଶ୍ରମର ଅନ୍ତେବାସୀ ଭାବରେ ସେ ଅତ୍ୟନ୍ତ ସରଳ, ନିରାଡ଼ମ୍ବର, ନିଷ୍କପଟ, ପରଦୁଃଖକାତର, ମିତାଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ, ସେବାପରାୟଣ, କର୍ତ୍ତବ୍ୟ ପରାୟଣ, କଠୋର ସାଧନାରତ, ଏକମୁଖୀ ଇଷ୍ଟାନୁରାଗୀ, ଅନନ୍ୟ ପ୍ରଭୁଭକ୍ତ, କୋମଳପ୍ରାଣ, ଭ୍ରାତୃସ୍ନେହୀ, ନିର୍ବିବାଦ, ଆଦର୍ଶନିଷ୍ଠ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଥିଲେ । ଗୁରୁସ୍ୱାମୀ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ପଦ୍ମପାଦପୀଠରେ ବହୁ ଏକାନ୍ତ ମୁହୂର୍ତ୍ତରେ ଦୀପରକ୍ଷୀ ପରି ବସିରହି ନାନା ପ୍ରସଙ୍ଗରେ ଆଲୋଚନା କରୁଥିଲେ ପୂଜ୍ୟ ଜତୀଶ ଦା' । ନିଜର ଦିନଲିପି (Dairy)ରେ ନିଜ ଠାକୁରଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଟିକିନିଖି ବିବରଣୀ ଲେଖି ରଖୁଥିଲେ ।

'ନିକଟ ଅତୀତର ଘଟଣା । ଦିନେ ଜୀବନ ଦେବତା ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଆମକୁ ଯତ୍ନର ସହିତ ସାଇତି ରଖିଥିବା ଡ଼ାଇରୀ ଗୁଡ଼ିକ ମଧ୍ୟରୁ ଗୋଟିଏ ଆଦରରେ ବଢ଼ାଇ ଦେଇ କହିଲେ, ''ଜତୀଶର ଡ଼ାଇରୀ । ଆମେ ରଖିଥିଲୁ । ତମେ ନିଅ । ଏଥିରୁ ଆମ ସହିତ ଜତୀଶର ଯେଉଁ ସବୁ ଆଲୋଚନା ଓ ପ୍ରଶ୍ନୋତ୍ତର ହୋଇଥିଲା ତାହା ସଂଗ୍ରହ ଓ ସଂକଳନ କରିବ । ଜତୀଶର ସ୍ମୃତିରକ୍ଷା ପାଇଁ ତ ଏ ପର୍ଯ୍ୟନ୍ତ କିଛି କାହିଁ କରାଯାଇନାହିଁ । 'ଚରମ' ପୃଷ୍ଠାରେ ଜତୀଶର ସ୍ମୃତିରେ କିଛି କିଛି ପ୍ରଶ୍ନୋତ୍ତର ପ୍ରକାଶ କଲେ ଜତୀଶ ପ୍ରତି ଅନ୍ତତଃ ନ୍ୟାୟ ଦେବା ହେବ ।''

ଡ଼ାଇରୀରେ ଜତୀଶଦା ଯାହାସବୁ ଲେଖିଯାଇଛନ୍ତି, ସେ ସବୁକୁ ଅବିକଳ ସଂକଳନ କରାଯାଇଛି । କେତେକ ସ୍ଥଳରେ ବର୍ଣ୍ଣାଶୁଦ୍ଧି, ବାକ୍ୟଗଠନର ରୀତି / ଶୈଳୀର ପରିବର୍ତ୍ତନ କରାଯାଇଛି ସତ; ମାତ୍ର ମୌଳିକ ବସ୍ତୁ ଓ ଭାବ ବିନ୍ୟାସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଅବିକୃତ/ଅବିକଳ ପ୍ରକାଶ କରାଯାଇଛି । ଆମ୍ଭମାନଙ୍କ ପାଇଁ ଏହା ଅମୂଲ୍ୟ ରତ୍ନ ।

ସହୃଦୟ ପାଠକ ପାଠିକା, ଭାଇ ଭଉଣୀ ମାନେ ଏହା ପାଠ କରି ଉପକୃତ ଓ ଜ୍ଞାନଦୀପ୍ତ ହେଲେ ଶ୍ରମ ସାର୍ଥକ ହେବ । ଇଚ୍ଛାମୟଙ୍କ ଇଚ୍ଛାର ଜୟ ହେଉ ॥

## ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଜତୀଶଦା'ଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ :

**ଜତୀଶ ଦା' -** ଠାକୁରେ, ଆଶ୍ରମ କାହାକୁ କୁହାଯାଏ ? ଏଥିରୁ କ'ଣ ମିଳେ ?

**ଶ୍ରୀଶ୍ରୀ ଠାକୁର -** ଶ୍ରମ (ପରିଶ୍ରମ) କୁ ଆଶ୍ରୟ କରି ଯାହା ଗଢ଼ିଉଠେ ତାହା ହିଁ ଆଶ୍ରମ । ଶ୍ରମ ବା ପରିଶ୍ରମ ଆମକୁ ତିନୋଟି ମନ୍ଦ ପ୍ରଭାବରୁ ମୁକ୍ତ କରେ । ସେହି ତିନୋଟି 'ମନ୍ଦ' କଥା ହେଉଛି - ବିରକ୍ତି, ପାପ ଓ ଦାରିଦ୍ର୍ୟ ॥

**ଜତୀଶ ଦା' -** ସାଧାରଣ ଗୃହୀ ମଧ୍ୟ ଘର ସଂସାର ବାନ୍ଧେ ଶ୍ରମକୁ ଆଶ୍ରୟ କରି । ତାହା କ'ଣ ଆଶ୍ରମ ନୁହେଁ ?

**ଶ୍ରୀ ଶ୍ରୀ ଠାକୁର -** ତାହା ଆଶ୍ରମ; ହେଲେ ଗୃହସ୍ଥାଶ୍ରମ ।

**ଜତୀଶ ଦା' -** ଗୃହସ୍ଥାଶ୍ରମ ଦ୍ୱାରା ବିରକ୍ତି, ପାପ ଓ ଦାରିଦ୍ର୍ୟ ଭଳି ତିନୋଟି ମନ୍ଦରୁ ମୁକ୍ତି ମିଳେ କାହିଁକି ?

**ଶ୍ରୀଶ୍ରୀଠାକୁର -** ମିଳିପାରେ, ନ ମିଳି ମଧ ପାରେ । ସଂସାରକୁ ନିରୀକ୍ଷଣ କଲେ ତାହା ସ୍ପଷ୍ଟ ଭାବରେ ଦେଖି ବୁଝିପାରିବ । ଅନେକଗୃହସ୍ଥାଶ୍ରମ କରି ମଧ ବିରକ୍ତି, ଦୁଷ୍ଚିନ୍ତା, ଦାରିଦ୍ର୍ୟ ଭଳି ପାପରେ ଭବୁଟୁବୁ ହେଉ ନାହାନ୍ତି କି ?

**ଜଗଦୀଶ ଦା' -** ଗୃହସ୍ଥାଶ୍ରମ ଦ୍ୱାରା ତିନୋଟି ମନ୍ଦରୁ ମୁକ୍ତି କିପରି ମିଳି ପାରିବ ?

**ଶ୍ରୀଶ୍ରୀଠାକୁର -** ଆଶ୍ରମ ବୋଲି ଆମେ ଯାହାକୁ ସଚରାଚର ବୁଝୁ, ତହିଁରେ ଶତକଡ଼ା ଶହେ ଭାଗ ଶ୍ରମ ଇଷ୍ଟଗୁରୁଙ୍କୁ କେନ୍ଦ୍ରକରି ହୁଏ । ଆତ୍ମକେନ୍ଦ୍ରିକ ଶ୍ରମ ଦ୍ୱାରା ଆଶ୍ରମ ପ୍ରତିଷ୍ଠା ହୋଇପାରେ ନାହିଁ, ଯଦି କଦବା କେଉଁଠି ପ୍ରତିଷ୍ଠା କରାଯାଏ, ତହିଁରେ ପ୍ରାଣ ପ୍ରତିଷ୍ଠା ହୋଇ ପାରେ ନାହିଁ । ଇଷ୍ଟକେନ୍ଦ୍ରିକ ଶ୍ରମକୁ ଆଶ୍ରୟ କରିବା ଦ୍ୱାରା ବିରକ୍ତି, ପାପ ଓ ଦାରିଦ୍ର୍ୟରୁ ମୁକ୍ତି ମିଳେ । ମାତ୍ର ଗୃହସ୍ଥାଶ୍ରମ ରେ ଶତକଡ଼ା ନବେ ବା ତହିଁରୁ ଅଧିକ ଭାଗ ଆତ୍ମକେନ୍ଦ୍ରିକ ଶ୍ରମ ଥାଏ । ତେଣୁ, ବହୁଳ ଭାବରେ ବିରକ୍ତି, ପାପ ଓ ଦାରିଦ୍ର୍ୟ ଗ୍ରାସ କରେ । ଯେଉଁ ଗୃହୀମାନେ ବେଶୀ ମାତ୍ରାରେ ଇଷ୍ଟକେନ୍ଦ୍ରିକ ଶ୍ରମ କରନ୍ତି, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ଓ ଅନୁରାଗରୁ ଅଧିକ ମାତ୍ରାରେ ଗୁରୁ କେନ୍ଦ୍ରିକ ଜୀବନ ଯାପନ କରନ୍ତି, ସେମାନଙ୍କୁ ସେତେ ବେଶୀ ବିରକ୍ତି, ପାପ ଓ ଦାରିଦ୍ର୍ୟ କବଳିତ କରିପାରେ ନାହିଁ । ସେମାନେ ଏହି ତିନି ମନ୍ଦରୁ ବେଶୀ ପରିମାଣରେ ମୁକ୍ତ ରହନ୍ତି ॥

**ଜଗଦୀଶ ଦା' -** କାହାକୁ ଭଗବାନ କୁହାଯାଏ ? ତାଙ୍କର ଗୁଣଗ୍ରାମ ସବୁ କ'ଣ ?

**ଶ୍ରୀ ଶ୍ରୀ ଠାକୁର -** ସମଗ୍ର ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ - ଏହି ଛଅଟିକୁ ଭଗ ( ବା ଐଶ୍ୱର୍ଯ୍ୟ) କୁହାଯାଏ । ପୂର୍ଣତ୍ୱ ଭାବେ ଏହି ଛଅଗୋଟି ଭଗ ଯାହାଙ୍କଠାରେ ବିଦ୍ୟମାନ, ସେ ହିଁ ଭଗବାନ । ଅନ୍ୟ ଭାଷାରେ :

*''ଉତ୍ପତ୍ତି ବିନାଶଞ୍ଚ ଭୂତାନାମ୍ ଅଗତିଂ.ଗତିଂ ।*
*ବେତ୍ତି ବିଦ୍ୟାମବିଦ୍ୟାଞ୍ଚ ସ ବାଚ୍ୟୋ ଭଗବାନିତି ॥''*

ଯେ ଭୂତଗଣର ଉତ୍ପତ୍ତି ଓ ବିନାଶ, ପରଲୋକର ଗତି ଓ ଇହଲୋକର ଅଗତି, ବିଦ୍ୟାଃଓ ଅବିଦ୍ୟା ଅବଗତ ହୋଇଅଛନ୍ତି ସେ ହିଁ ଭଗବାନ । ଏହା ବିଷ୍ଣୁପୁରାଣରେ ଅଛି ପରା ଦେଖିବ ।

**ଜଗଦୀଶ ଦା' -** ଭଗବାନ କେଉଁଠି ଅଛନ୍ତି । ତାଙ୍କୁ କିପରି ଦର୍ଶନ କରିପାରିବା ?

**ଶ୍ରୀଶ୍ରୀଠାକୁର -** ଭଗବାନ ସବୁଠି ଅଛନ୍ତି । ତୁମ ମଧରେ ବି ଅଛନ୍ତି । ପ୍ରହ୍ଲାଦ କହିବା ଭଳି ପଥର ଖୁମ୍ବ ମଧରେ ବି ଅଛନ୍ତି । ତାଙ୍କୁ ଦର୍ଶନ କରାଯାଏ ନାହିଁ, ଅନୁଭବ କରାଯାଏ; ଅନୁଭୂତିରେ ଆଣିବା ମାର୍ଗରେ ଚଳିଲେ ସିନା ଅନୁଭବ କରି ପାରିବ !

**ଜଗଦୀଶ ଦା' -** ସେ ମାର୍ଗଟି କ'ଣ ?

**ଶ୍ରୀ ଶ୍ରୀ ଠାକୁର -** ସେ ମାର୍ଗ ହେଉଛି ଅଷ୍ଟାଙ୍ଗ ଯୋଗ ସାଧନ ମାର୍ଗ ! ତାହାର ସୋପାନ ମାନ ରହିଛି । ଧୀରେ ଧୀରେ ସେହି ସୋପାନ ଶ୍ରେଣୀ ଚଢ଼ିବାକୁ ହୁଏ । ଅଧୈର୍ଯ୍ୟ ଓ ବ୍ୟତିବ୍ୟସ୍ତ ହେଲେ ସେ ସୋପାନ ଶ୍ରେଣୀ ଚଢ଼ି ହୁଏ ନାହିଁ ।

**ଜଗଦୀଶ ଦା' -** ଅଷ୍ଟାଙ୍ଗ ଯୋଗ ସାଧନ ମାର୍ଗର ସୋପାନ ଗୁଡ଼ିକ କ'ଣ କହୁ ନାହାନ୍ତି ?

**ଶ୍ରୀ ଶ୍ରୀ ଠାକୁର -** ଅଷ୍ଟାଙ୍ଗ ଯୋଗର ସୋପାନ ଆଠ ଗୋଟି ।ସେ ଗୁଡ଼ିକ ହେଉଛି - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ॥

**ଜଗଦୀଶ ଦା' -** ପ୍ରତ୍ୟେକ ସୋପାନ ସମ୍ବନ୍ଧରେ ଟିକେ ଟିକେ (ଅଳ୍ପ ଅଳ୍ପ) କହି ଦିଅନ୍ତୁ ॥

**ଶ୍ରୀ ଶ୍ରୀ ଠାକୁର -** (୧) ଯମ ହେଉଛି ଯନ୍ତ୍ରଣା । ଯେଉଁ ଯନ୍ତ୍ରଣା ଭୋଗ କରି ସାଧକ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ,

ପରିଗ୍ରହ ଇତ୍ୟାଦିକୁ ପ୍ରାପ୍ତ ହୁଏ; ତାହାହିଁ ଯମ । ଥରେ ଏସବୁ ପ୍ରାପ୍ତ ହେଲେ ଆଉ ଯମ ଯନ୍ତ୍ରଣା ଭୋଗିବାକୁ ହୁଏ ନାହିଁ । (୨) ଯେଉଁ ସବୁ ସ୍ଥୂଳ ଓ ମାନସିକ କ୍ରିୟା ପ୍ରକ୍ରିୟା ଦ୍ୱାରା ତପ, ସ୍ୱାଧ୍ୟାୟ, ସନ୍ତୋଷ, ଶୌଚ ଓ ଈଶ୍ୱର ପ୍ରଣିଧାନ ହୁଏ, ତାହାକୁ ନିୟମ କୁହାଯାଏ । ମନ୍ତ୍ରଜପ କରିବାର ତିନିଗୋଟି ନିୟମ ଅଛି । (କ) ବାଚିକ (ଖ) ଉପାଂଶୁ (ଗ) ମାନସ ॥ ଉଚ୍ଚ ସ୍ୱରରେ ନାମ ଉଚ୍ଚାରଣକୁ ବାଚିକ ଜପ କହନ୍ତି । କୌଣସି ଶବ୍ଦ ଉଚ୍ଚାରଣ ନ କରି କେବଳ ଓଷ୍ଠର ସ୍ପନ୍ଦନ ଥିଲେ, ତାହାକୁ ଉପାଂଶୁ ଜପ କୁହାଯାଏ । ମାନସ ଜପ ଉଚ୍ଚାରଣ ଓ ସ୍ପନ୍ଦନ ରହିତ, ଏହା କଲେ ସ୍ମରଣ ହୁଏ ॥

**ଜତୀଶ ଦା' -** ଠାକୁରେ, ଶୌଚ ଓ ଈଶ୍ୱର ପ୍ରଣିଧାନ କଥା ଟିକିଏ ବୁଝାଇ ଦିଅନ୍ତୁ ॥

**ଶ୍ରୀ ଶ୍ରୀ ଠାକୁର -** ଶୌଚ ଦୁଇ ପ୍ରକାର - (୧) ବାହ୍ୟଶୌଚ - ସ୍ନାନ, ଶୁଦ୍ଧବସ୍ତ୍ର ପରିଧାନ, ଚନ୍ଦନ ତିଳକ ଧାରଣ ଇତ୍ୟାଦି । ବାହ୍ୟ ଉପଚାରକୁ ବାହ୍ୟଶୌଚ କୁହାଯାଏ । ପ୍ରାଥମିକ ସ୍ତରରେ ଏହା ଅତ୍ୟନ୍ତ ଉପଯୋଗୀ । ଆଭ୍ୟନ୍ତର ଶୌଚ ପାଇଁ ଏହା ଆବଶ୍ୟକ ପଡ଼େ । (୨) ଆଭ୍ୟନ୍ତର ଶୌଚ - ସତ୍‌ସଙ୍ଗ, ମାନସ ଜପ ଓ ଧର୍ମାନୁଶୀଳନ ନିମନ୍ତେ ସ୍ମରଣ, କଥନ ଓ ଶ୍ରବଣ ଇତ୍ୟାଦିକୁ ଈଶ୍ୱର ପ୍ରଣିଧାନ କହନ୍ତି ।

**ଜତୀଶ ଦା' -** ଈଶ୍ୱର ପ୍ରଣିଧାନ କଅଣ ?

**ଶ୍ରୀ ଶ୍ରୀ ଠାକୁର -** ଈଶ୍ୱରଙ୍କୁ ସ୍ତୁତି, ସ୍ମରଣ, ପୂଜା, ଗୁଣ କୀର୍ତ୍ତନ, ଇଷ୍ଟପ୍ରସଙ୍ଗ ସ୍ମରଣ, କଥନ ଓ ଶ୍ରବଣ ଇତ୍ୟାଦିକୁ 'ଈଶ୍ୱର ପ୍ରଣିଧାନ' କହନ୍ତି ।

**ଜତୀଶ ଦା' -** ଆସନ କ'ଣ ଓ ଏହାର ଉପଯୋଗିତା କ'ଣ ?

**ଶ୍ରୀ ଶ୍ରୀ ଠାକୁର -** ଧ୍ୟାନ, ଜପ, ପୂଜାପାଠ ଇତ୍ୟାଦି ଆଧ୍ୟାତ୍ମିକ କର୍ମ ନିମିତ୍ତ ଉପବେଶନ (ବସିବା) ଢଙ୍ଗ ବା ଶୈଳୀକୁ ଆସନ କୁହାଯାଏ । ଏହି ଆସନର ବିଭିନ୍ନ ପ୍ରକାର ଭେଦ ଅଛି । ବିଭିନ୍ନ ଗୁଣସୂତ୍ରଧାରୀ ବ୍ୟକ୍ତିଙ୍କ ନିମନ୍ତେ ଭିନ୍ନ ଭିନ୍ନ ଆସନ ବିଧାନ ମଧ୍ୟ ରହିଛି ।

**ଜତୀଶ ଦା' -** ଯେ କୌଣସି ଆସନରେ ବସି ଏସବୁ କର୍ମ କରାଯାଇ ପାରିବ ନାହିଁ ?

**ଶ୍ରୀ ଶ୍ରୀ ଠାକୁର -** କରାଯାଇ ପାରିବ; ମାତ୍ର ଯେଉଁ ଉଦ୍ଦେଶ୍ୟରେ ତାହା କରାଯାଉଛି, ସେ ଉଦ୍ଦେଶ୍ୟ ସଫଳ ହେବ ନାହିଁ । ଏହାର କାରଣ ଯାହାର ଗୁଣସୂତ୍ର ଯେପରି, ସେପରି ଅନୁକୂଳ ଆସନ ଦ୍ୱାରା ହିଁ ଗୁଣପିଣ୍ଡ ଉପରେ ପ୍ରଭାବ ପଡ଼େ ଓ ଲକ୍ଷ୍ୟ ହାସଲର ପଥ ଖୋଲିଯାଏ ।

**ଜତୀଶ ଦା' -** ଆମ ପାଇଁ କେଉଁ ଆସନ ଉପଯୁକ୍ତ ତାହା ଆମେ ଜାଣିବୁ କିପରି ?

**ଶ୍ରୀଶ୍ରୀ ଠାକୁର -** ଗୁରୁ ଗ୍ରହଣ କରି, ଗୁରୁଙ୍କୁ ସନ୍ତୁଷ୍ଟ କରି ଗୁରୁ ମୁଖରୁ ତାହା ଶୁଣି, ଜାଣିବାକୁ ହୁଏ ।

**ଜତୀଶ ଦା' -** ପ୍ରାଣାୟାମ କ'ଣ ? ପ୍ରାଣାୟାମ ସମ୍ପର୍କରେ ଏବେ କିଛି କୁହନ୍ତୁ ।

**ଶ୍ରୀଶ୍ରୀ ଠାକୁର -** ପ୍ରାଣାୟାମ ଶବ୍ଦକୁ ବିଚ୍ଛେଦ (ଭାଙ୍ଗିଦେଲେ) କଲେ, ପ୍ରାଣ ଏବଂ ଆୟାମ ଦୁଇଟି ଶବ୍ଦ ବାହାରୁଛି । ପ୍ରାଣକୁ ସଂଯମ କରିବା ହିଁ ପ୍ରାଣାୟାମ । ପ୍ରାଣ ଅର୍ଥ ନିଃଶ୍ୱାସ ପ୍ରଶ୍ୱାସ । ଏହି ନିଶ୍ୱାସ ପ୍ରଶ୍ୱାସ ବା ପ୍ରାଣବାୟୁକୁ ନିୟନ୍ତ୍ରଣ କରିବା ପ୍ରକ୍ରିୟା ହିଁ ପ୍ରାଣାୟାମ । ପ୍ରାଣାୟାମ ତିନିପ୍ରକାର - ଅଧମ, ମଧ୍ୟମ ଓ ଉତ୍ତମ । ଏହା ତିନି ଭାଗରେ ବିଭକ୍ତ-ପୂରକ, କୁମ୍ଭକ, ରେଚକ ।

**ଜତୀଶ ଦା' -** ପ୍ରତ୍ୟାହାର ପୁଣି କ'ଣ ?

**ଶ୍ରୀ ଶ୍ରୀ ଠାକୁର -** ଜୀବ ସ୍ଥୂଳଜଗତରେ ଇନ୍ଦ୍ରିୟ ବାସନା ପରିପୂର୍ତ୍ତି ନିମନ୍ତେ ବିଷୟ ଆହରଣ କରେ । ଏହାକୁ ଆହାର କୁହାଯାଏ । ବିଷୟ ବାସନାରୁ ନିବୃତ୍ତ ହୋଇ ଇନ୍ଦ୍ରିୟ ନିୟନ୍ତ୍ରଣ ପ୍ରକ୍ରିୟା ହିଁ ପ୍ରତ୍ୟାହାର । ଥରେ

ପ୍ରତ୍ୟାହାରରେ ଅଭ୍ୟସ୍ତ ହେଲେ, ବିଷୟ ସକଳ ଉପସ୍ଥିତିରେ ମଧ୍ୟ ଇନ୍ଦ୍ରିୟ ବିଚଳିତ ହୁଏ ନାହିଁ । ଯଦି ହୁଏ, ତହିଁରେ ଜଗତ କଲ୍ୟାଣର ଭାବ ଥାଏ ।

**ଜତୀଶ ଦା' -** ଧାରଣା, ଧ୍ୟାନ ଓ ସମାଧି ବିଷୟରେ ଅଳ୍ପ କିଛି ସୂଚନା ଦିଅନ୍ତୁ ।

**ଶ୍ରୀ ଶ୍ରୀ ଠାକୁର -** ମନକୁ କୌଣସି କେନ୍ଦ୍ରରେ ୧୨ ସେକେଣ୍ଡ ପାଇଁ ସ୍ଥିର କରି ରଖିଲେ, ଗୋଟିଏ ଧାରଣା ହୁଏ । ଏହିପରି ଗୋଟିଏ ଗୋଟିଏ କରି ୧୨ଟି ଧାରଣା ଅର୍ଥାତ୍ ୧୪୪ ସେକେଣ୍ଡରେ ଗୋଟିଏ ଧ୍ୟାନ ହୁଏ । ପୁଣି ବାର ଗୋଟି ଧ୍ୟାନ ହେଲେ (୧୨ X ୧୨ X ୧୨) ଅର୍ଥାତ୍ ୨୮ ମିନିଟ୍ ୪୮ ସେକେଣ୍ଡରେ ଗୋଟିଏ ସମାଧି ହୁଏ । ମନେରଖ, ପୁରୁଷର ଉପଭୋଗ ପାଇଁ ବାସନା ରୂପକ ସକଳ ପ୍ରକାର ବସ୍ତୁ ଯେଉଁଥିରେ ସମାହିତ ହୁଏ, ତାହା ହିଁ ସମାଧି ।।

**ଜତୀଶ ଦା' -** ଅଷ୍ଟାଙ୍ଗ ଯୋଗ କ'ଣ କର୍ମଯୋଗ ?

**ଶ୍ରୀ ଶ୍ରୀ ଠାକୁର -** ଫଳ ଆକାଂକ୍ଷା ପରିତ୍ୟାଗ ପୂର୍ବକ ଈଶ୍ୱର ଆରାଧନା ପାଇଁ ଅନାସକ୍ତ ଭାବରେ କର୍ମ ଅନୁଷ୍ଠାନ କରିବାକୁ କର୍ମଯୋଗ କହନ୍ତି । ଅଷ୍ଟାଙ୍ଗ ଯୋଗ, ତେଣୁ ନିଶ୍ଚୟ କର୍ମଯୋଗ ଯଦି, ଯୋଗୀ ଏହି ପ୍ରକାର ମନପ୍ରାଣ ନେଇ ତାହା ଅଭ୍ୟାସ କରୁଥାଏ ।

**ଜତୀଶ ଦା' -** ଅଷ୍ଟାଙ୍ଗ ଯୋଗ ସାଧନର ବିଧି ଓ ପଥ କ'ଣ ?

**ଶ୍ରୀ ଶ୍ରୀ ଠାକୁର -** ଅଷ୍ଟାଙ୍ଗ ଯୋଗ ସାଧନ ନିମନ୍ତେ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ବିଧି ଓ ପଥ ରହିଛି । ଆଜିର ଘୋର କଳିଯୁଗରେ ଅଷ୍ଟାଙ୍ଗ ଯୋଗ ସାଧନର ସହଜ ପଥ ହେଉଛି ସାଷ୍ଟାଙ୍ଗ ପ୍ରଣାମ । ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଯେ କେହି ବ୍ୟକ୍ତି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ସୋପାନକୁ ଚଢ଼ିଯାଇ ପାରିବ ।।

**ଜତୀଶ ଦା' -** ସାଷ୍ଟାଙ୍ଗ ପ୍ରଣାମ ତ ଅନେକେ କରୁଛନ୍ତି ଠାକୁରେ, ସେମାନେ ତ ଅଷ୍ଟାଙ୍ଗ ଯୋଗ ସାଧୁଥିବେ ?

**ଶ୍ରୀ ଶ୍ରୀ ଠାକୁର -** ଯେଉଁମାନେ ସାଷ୍ଟାଙ୍ଗ ପ୍ରଣାମ କରୁଥିବାର ତମେ ଦେଖୁଛ ସେମାନେ କ'ଣ ବିଧିମତରେ ତାହା କରୁଛନ୍ତି ? ପ୍ରତ୍ୟେକ ବ୍ୟକ୍ତିର ଜୀନ୍ ବା ଗୁଣସୂତ୍ର ଅନୁସାରେ ସାଷ୍ଟାଙ୍ଗ ପ୍ରଣାମ ବିଧି, ଆସନ, ମୁଦ୍ରା, ମନ୍ତ୍ର ଇତ୍ୟାଦି ଗୁରୁ ନିର୍ଦ୍ଧାରଣ କରି ଦିଅନ୍ତି । ଏସବୁ ନିର୍ଭୁଲ ନ ହେଲେ ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଅଷ୍ଟାଙ୍ଗ ଯୋଗ ସାଧନ ହେବ କିପରି ?


❑❑❑

ନିଜ ମନ୍ଦିରକୁ ସଜାଇ ସୁଖେ
ଆମକୁ ଭୁଲିଲୁ ଅନ୍ତର ମୁଖେ,
ଆମ ମନ୍ଦିର ତ ତୋଳିଲୁ ନାହିଁ
ଆମ ପାଇଁ ବାସ କେଉଁଠି କାହିଁ ?

ଆପଣା ସୁଖରେ ସଂସାରେ ମଜ୍ଜି
ତୁଚ୍ଛା ତୁଣ୍ଡେ ଗୁରୁ ନାମକୁ ଭଜି,
ସେବା ତ୍ୟାଗ ନିଷ୍ଠା ପାଶୋରି ଦେଇ
କେଉଁଠି ରଖିଲୁ ଗୁରୁଙ୍କୁ ନେଇ ?

ଜୀବ ମାୟା ଜାଲ ପରମ କୂଳ । ଗୁରୁ ସେବିଥିଲେ ପାଇବୁ ଥଳ ।।

# ରତ୍ନବେଦୀ



## ସମ୍ଭବାମି ଯୁଗେ ଯୁଗେ

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଜନନୀ ଦେବକୀଙ୍କ କୋଳ ମଣ୍ଡନ କରିଥିଲେ । ତ୍ରେତୟା ଯୁଗରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଜନନୀ କୌଶଲ୍ୟାଙ୍କ କୋଳ ଅଳଙ୍କୃତ କରିଥିଲେ । ସେହିପରି ଅବଲୀଳାକ୍ରମେ କଳିଯୁଗର ଶେଷ ଭାଗରେ ଦୟାନିଧି ଯଦୁନନ୍ଦନ କେଶବଚନ୍ଦ୍ର ମାତା ସୁକାନ୍ତିଙ୍କ ଗର୍ଭରୁ ଅବତରଣ କରିଅଛନ୍ତି । ପ୍ରଭୁଙ୍କର ଆବିର୍ଭାବ ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଭଳି ରହସ୍ୟାବୃତ୍ତ ଘନ ରହସ୍ୟ କୁହେଳିକାଭେଦ କରିବା ଜଡ଼ ମାନବ ପକ୍ଷରେ ଅସମ୍ଭବ । ଅଗଣିତ ଭକ୍ତଙ୍କର ଆକୁଳ ପ୍ରାର୍ଥନା ପୂର୍ଣ୍ଣକରି ପରଂଭାବ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ସ୍ୱହସ୍ତରେ ନିଜର ଜନ୍ମ ରହସ୍ୟ ବିଶଦ ଭାବରେ ଲିପିବଦ୍ଧ କରିଅଛନ୍ତି ।

'ଚରମ' ପୃଷ୍ଠାରେ 'ସମ୍ଭବାମି ଯୁଗେ ଯୁଗେ' ସ୍ତମ୍ଭରେ ଧାରାବାହିକ ଭାବରେ ଶ୍ରୀ ଶ୍ରୀ ଠାକୁରଙ୍କ ମର୍ତ୍ତ୍ୟାବତରଣର ବିବରଣୀ ଜନ ମାନବଙ୍କ ଅବଗତି ନିମନ୍ତେ ପ୍ରଦତ୍ତ ହୋଇ ଆସୁଛି । ପାଠକ ପାଠିକା ମାନଙ୍କୁ ଏହା ଦିବ୍ୟ ଆନନ୍ଦ ପ୍ରଦାନ କଲେ ଏବଂ ଅନୁଗତ ଭକ୍ତଗଣଙ୍କୁ ତୃପ୍ତି ବିଧାନ କଲେ ଶ୍ରମ ସାର୍ଥକ ହେବ ।

### ଜନନୀ : ଜଠର : ଜରାୟୁ :

ପ୍ରଥମ ମାସରେ ବିନ୍ଦୁ ଧବଳବର୍ଣ୍ଣ ଧାରଣ କରି ମାତୃଗର୍ଭରେ ବିରାଟ ମୀନ ଭାଗବତ ତତ୍ତ୍ୱ ଅନୁଭବ କଲା । ଦ୍ୱିତୀୟ ମାସରେ ମୀନର କାରଣ ଅବସ୍ଥାରେ ଚୈତନ୍ୟ ପୁରୁଷ ଭାଗବତ ତତ୍ତ୍ୱର ଅନୁଭୂତି ବ୍ୟକ୍ତ ହେଲା । ଏହି ବ୍ୟକ୍ତ ଅନୁଭୂତି ଅନୁଯାୟୀ ବିରାଟ ମୀନ ମାତୃ ଜରାୟୁରେ ଅନୁରୂପ ଲୀଳା ବ୍ୟକ୍ତ କରୁଥାଏ । ଏହିଠାରେ ସଂସାର ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି ଆସିଲା : ସଂସାରରେ ବ୍ରହ୍ମଜ୍ୟୋତି ଅନେକ ଜଳ ବୁଦ୍‌ବୁଦ୍ ରୂପେ ବ୍ରହ୍ମଖଣ୍ଡ ଭାସମାନ ଅବସ୍ଥାରେ ଥାଏ । ସ୍ୱରୂପରେ ତାହା ମୀନ ଭଳି ଦେଖାଯାଏ । ସୂକ୍ଷ୍ମରେ ତାହା ବୈଷ୍ଣବୀ ମାୟାରେ ମୋହିତ ହୋଇଅଛି । ସର୍ବ ମୋହ ବିନାଶିନୀ ଯୋଗମାୟା ମୀନ ଗର୍ଭରେ ମଧ୍ୟ ଅଛନ୍ତି । ସେ ନୀଳବର୍ଣ୍ଣର ଜ୍ୟୋତିରେ ଜ୍ୟୋତିର୍ମୟୀ ଓ ବ୍ରହ୍ମମୟୀ । ଜ୍ୟୋତି ବ୍ରହ୍ମମୟ ସେହି ମୀନ ଗର୍ଭରେ ସୂକ୍ଷ୍ମରୁ କାରଣ-ଜଗତ ପର୍ଯ୍ୟନ୍ତ ଭକ୍ତି ଓ ମୁକ୍ତି ସମ୍ପଦ ଦାୟିନୀ ତ୍ରିପୁର ବଧ ସମେତ ତ୍ରିଲୋଚନ ମୂଳାଧାର ଦେଖାଯାଏ । ନିତ୍ୟ ଶ୍ରୀକୃଷ୍ଣଙ୍କର ଚଉରାଅଶୀ (୮୪) ଲୀଳା ଅଂଶ ବ୍ରହ୍ମ ଶକଟକରେ ଦେଖାଯାଏ । ବ୍ରହ୍ମରୂପେ ନିତ୍ୟାନନ୍ଦର ବର୍ଣ୍ଣ ନିରାକାର, ନିର୍ଗୁଣ; ହରିଦ୍ରାଜ୍ୟୋତି ବ୍ରହ୍ମରୂପେ ମୀନ ସ୍ୱରୂପରେ ଖେଳୁଥାନ୍ତି । ଏହି ମୀନ ଗର୍ଭରେ କ୍ଷୀରସାଗରଶାୟୀ ବିଷ୍ଣୁ ସୂକ୍ଷ୍ମ ନିଦ୍ରାରେ ଅଭିଭୂତ । ସେ କ୍ଷୀରାବ୍ଧିଶାୟୀ ବିଷ୍ଣୁ ମୀନଗର୍ଭରେ ମୀନରୂପ ଧାରଣ କରି କାରଣ ଅବସ୍ଥାରେ ଅନୁଭୂତ ହୁଏ । ନିଜେ ନିଜକୁ ସାଜି ଜଗତକୁ ସଜାନ୍ତି । ବିଷ୍ଣୁଙ୍କ ପାଖରେ ନିଜେ ସରସ୍ୱତୀ ରୂପଧାରଣ କରି ସରସ୍ୱତୀ ବିଦ୍ୟମାନ । ନିଜେ ନିଜକୁ ଗୋଲକରେ ସଜାଇ ରାଧିକାଦେବୀ, କୃଷ୍ଣପ୍ରାଣପ୍ରିୟା, ଯୋଗେଶ୍ୱରୀ ମାହାମାୟା

ସୂକ୍ଷ୍ମ ଚୈତନ୍ୟରେ ଜଳରେ ମଗ୍ନ ଅବସ୍ଥାରେ ଥାନ୍ତି । ଭାସମାନ ଅବସ୍ଥାରେ ଥାନ୍ତି ଆତ୍ମା, ଭାବ, ଜ୍ଞାନ । ବ୍ରହ୍ମତତ୍ତ୍ୱର ସାଗର ଭାଗବତ ଥାଏ ଗୁପ୍ତ ଓ ସୁପ୍ତ । ଅନୁଭବରେ ଯାହା ଦେଖାଯାଏ, ବ୍ୟକ୍ତରେ ତାହା ସ୍ୱରୂପକୁ ଭାବେ ଆସେ ॥

ଦ୍ୱିତୀୟ ମାସ ସାତ ଦିନରେ ସୂକ୍ଷ୍ମ ଚୈତନ୍ୟକୁ ବିରାଟ ଚିତ୍ତରେ ସାତୋଟି ଅବସ୍ଥା ତିଆରି କରି ବିନ୍ଦୁ ମୀନ ଅବସ୍ଥାରେ ପୃଷ୍ଠଦେଶରେ ଚିତ୍ତର ଅବସ୍ଥା ବହନକରି ଲାଞ୍ଜରେ ଠିଆ ହୁଏ । ଦଣ୍ଡାୟମାନ ଅବସ୍ଥାରେ ଜନନୀର ଆଜ୍ଞାଚକ୍ର ପଥଦେଇ ମହାଶୂନ୍ୟରୁ ଶବ୍ଦଭେଦ ରଶ୍ମି ଅନୁଭୂତ ହୁଏ । ନିସ୍ତେଜ ଭାବେ ଜ୍ୟୋତିଃ ଶିଥିଳ ପଡ଼ି ମୀନ ଶରୀରକୁ ବର୍ଣ୍ଣ ବିଚ୍ଛୁରଣ କରେ । ଏହି ଅବସ୍ଥାରେ ଜରାୟୁ ଶୀତଳ (ବରଫାଚ୍ଛନ୍ନ କରି) ଅବସ୍ଥା ପ୍ରାପ୍ତ ହୋଇଥାଏ ।

ବ୍ରହ୍ମ ବିଶ୍ୱ ବ୍ରହ୍ମାଣ୍ଡର ମୂଳାଧାର; ତେଣୁ ବ୍ରହ୍ମରୁ ବ୍ରହ୍ମାଣ୍ଡ ଅକ୍ଷର କ୍ଷରିତ ହୋଇଅଛି । ବିନ୍ଦୁ ଏପରି ଅବସ୍ଥାରେ ସୁପ୍ତ ଥାଏ । ଶିଶିର ବିନ୍ଦୁପରି ଜଳକଣାମାନ ବିନ୍ଦୁ ଚତୁଃପାର୍ଶ୍ୱରେ ବେଢ଼ିଥାନ୍ତି । ଚୈତନ୍ୟର ସୂକ୍ଷ୍ମ ଦ୍ୱାରଦେଶରେ କଳ୍ପ ବୃକ୍ଷ କାରଣ-ଅବସ୍ଥାରେ ଶରୀର ଆଚ୍ଛାଦନ କରେ । ଆଶା-ବୈତରଣୀ ସ୍ରୋତ ଦେଇ ବିନ୍ଦୁ ମୀନରୂପ ଧାରଣ କରି ଜରାୟୁରେ ଫଳବତୀ ହୁଏ । ବ୍ରହ୍ମ ଦେହ ଧାରଣ କରେ ।

ଜଳମଗ୍ନ ହୋଇ ମୀନ ରୂପ ଧାରଣ କରି ଚୈତନ୍ୟ ପ୍ରଳୟ ଅନୁଭବ କରନ୍ତେ, ଏହି ଜ୍ୟୋତି ବିଶ୍ୱବ୍ୟାପି ପରିଦୃଷ୍ଟ ହୁଏ । ଅତୀବ ଭୟଙ୍କର; କୋଟି ସୂର୍ଯ୍ୟ ସମ ଏହି ତେଜ, ଚୈତନ୍ୟରେ ଅନୁଭୂତ ହୁଏ । ଜରାୟୁରେ ମୀନରୂପ ଧାରଣ କରି କିଭଳି ଅବସ୍ଥାରେ ଥାଏ, ଶୁଣ ।

ସ୍ୱର୍ଗ, ମର୍ତ୍ତ୍ୟ, ରସାତଳ ସମେତ ଗୋଲକ ନଗର ପର୍ଯ୍ୟନ୍ତ ମୀନରୂପୀ ବ୍ରହ୍ମ ମନୋରମ ଦେଖାଯାଉଥାଏ । ଗୋଲକ ନଗରକୁ ଧରି ଯେତିକି ସ୍ଥାନରେ ମୀନ ଖେଳୁଥାଏ, ସେତିକି ସ୍ଥାନ ଅଣାକାର ସୂତ୍ରଧରି ରଶ୍ମି ନୀଳବର୍ଣ୍ଣ ଦେଖାଯାଉଥାଏ । ତ୍ରିକୋଟି ଯୋଜନ ବ୍ୟାପି ତାହାର ବିସ୍ତାର ଦେଖାଯାଉଥାଏ । ଏହି ଅବସ୍ଥାରେ ଜରା, ବ୍ୟାଧି, ଶୋକ, ଦୁଃଖ, ମୃତ୍ୟୁଭୟ କିଛି ନ ଥାଏ । ଆନନ୍ଦରେ ମୀନରୂପୀ ବ୍ରହ୍ମ ଜନନୀ ଜରାୟୁରେ ଖେଳୁଥାଏ ।

ମୀନରୂପୀ ବ୍ରହ୍ମଙ୍କ ଚାରିପାର୍ଶ୍ୱରେ ଚତୁଃବର୍ଗ ପାରିଷଦ ବେଢ଼ି ରହି ଥାଆନ୍ତି । ଏହିଠାରେ ଦେଖାଯାଏ, ପରମ ଆନନ୍ଦ ସ୍ୱରୂପ ବିଶ୍ୱେଶ୍ୱର ବ୍ରହ୍ମ ମୁହୂର୍ତ୍ତକେ ଅନ୍ତର୍ଦ୍ଧାନ ହୋଇ ପୁଣି ବହୁଳ ଭାବରେ ବିସ୍ତାର ଲାଭ କରେ । ନିମିଷ ଅର୍ଦ୍ଧରେ କୋଟି ବ୍ରହ୍ମମୂର୍ତ୍ତି ସର୍ଜନା ହୋଇଥାଏ ।

ପ୍ରତ୍ୟେକ ଜୀବ ପ୍ରଥମ ମା଼ସରୁ ଜରାୟୁରେ ବିରାଟ ଡିମ୍ବରୂପ ଧାରଣ କରିଥାଏ । ସେହି ଡ଼ିମ୍ବରେ ବ୍ରହ୍ମ ବିରାଟ ମୂର୍ତ୍ତି ଧାରଣ କରି ସୂକ୍ଷ୍ମରୁ ସ୍ଥୂଳ ଅବସ୍ଥାକୁ ଯାଇ ଜୀବ ଦେହରେ ଜୀବ ବ୍ରହ୍ମରୂପେ ମୀନ ରୂପରେ ଦ୍ୱିତୀୟ ମାସ ପର୍ଯ୍ୟନ୍ତ ଖେଳୁଥାଏ । ପଦ୍ମ ପତ୍ରରେ ଜଳବିନ୍ଦୁ ଢ଼ଳ ଢ଼ଳ ହେବା ପରି ସେ ତେଜୋମୟ ହୋଇ ଖେଳୁଥାଏ । ଦ୍ୱିତୀୟ ମାସ ପୂର୍ଣ୍ଣ ହୋଇଗଲେ ସେହି ଜଳତୁଲ୍ୟ ବିନ୍ଦୁ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ରେଣୁ ନୀଳବର୍ଣ୍ଣ ଦେଖାଯାଏ । ମାଆ ଯେବେ ରାଗିଯାଏ, ବିନ୍ଦୁ ଜରାୟୁରେ ଲାଲ ବର୍ଣ୍ଣ ହୋଇଯାଏ । ମୁହୂର୍ତ୍ତକ ମଧ୍ୟରେ ଯଦି ମାଆର ରାଗ ଶାନ୍ତ ହୁଏ ତତ୍‌କ୍ଷଣାତ୍ ରଙ୍ଗ ବଦଳି ଯାଇ ନୀଳବର୍ଣ୍ଣ ହୁଏ । ଯେଉଁ ମାଆ ମାନଙ୍କର କ୍ରୋଧ ଦୀର୍ଘ ସମୟ ରହେ, ଜରାୟୁସ୍ଥ ବିନ୍ଦୁର ଲାଲ ରଙ୍ଗ ସୂକ୍ଷ୍ମ ଅବସ୍ଥାରେ ରହିଯାଏ । ସେଠାରେ ଆମେ କୁହୁଡ଼ି ସଦୃଶ ଅଣୁଚନ୍ଦ୍ରିକା ସ୍ୱରୂପ ଭାସମାନ ଅବସ୍ଥାରେ ରହିଥିବାର ଅନୁଭବ କରୁଁ । ମାଆ ଯଦି ଶାନ୍ତ, ସରଳ, ନିଷ୍କପଟ ଥାଏ, ଦ୍ୱିତୀୟ ମାସର ବାରଦିନ ପର୍ଯ୍ୟନ୍ତ ତାହା ଧୂମ୍ରବର୍ଣ୍ଣ ଦେଖାଯାଏ । ସେ ସବୁବେଳେ ତରଙ୍ଗାୟିତ ଅବସ୍ଥାରେ ରହୁଥାଏ । ବ୍ରହ୍ମ ସମ୍ପୂର୍ଣ୍ଣ ମୀନ ଅବସ୍ଥା ଧାରଣ କରି ତା' ମଧ୍ୟରେ ସନ୍ତରଣ କରେ ।

ମାଆର ଭାବରେ ଯଦି ଉଦର ଓ ମୁଖମଣ୍ଡଳ ପ୍ରସନ୍ନ ଥାଏ, ବ୍ରହ୍ମ ଜରାୟୁର ସୂକ୍ଷ୍ମସାଗର ମଧ୍ୟରେ ଉର୍ଦ୍ଧ୍ୱମୁଖ ହୋଇ ରହିଥାଏ । ବହୁତ ଆନନ୍ଦ ଅନୁଭବ କରେ । ବ୍ରହ୍ମ କିପରି ସୂକ୍ଷ୍ମରୁ ସ୍ଥୂଳ କଳେବର ଧାରଣ କରୁଛି, ସେଠାରେ ଦେଖିବାକୁ ମିଳେ । ପଞ୍ଚମହାଭୂତର ସୂକ୍ଷ୍ମ ପରକୀୟଶକ୍ତିଭାବ ଗୁଡ଼ିକ ତିଆରି କରି ମହାନନ୍ଦ ଲାଭ କରେ । ଏହି ଅବସ୍ଥାରେ ବ୍ରହ୍ମ ନାଭି ଓ ମାତୃପୃଷ୍ଠର ସୂକ୍ଷ୍ମ ଚୈତନ୍ୟ ଖେଳ ତଥା ଅଧିଷ୍ଠାନ ଚକ୍ରର ଆଜ୍ଞା ପୂର୍ଣ୍ଣ ମାତ୍ରାରେ ଦେଖିବାକୁ ମିଳେ ।

ମାଆ କାର୍ଯ୍ୟରେ ବ୍ୟସ୍ତଥିଲେ, ଭାବ ବ୍ୟଗ୍ର ଥିଲେ, ଜଳରେ କଳା ଭଉଁରୀ ପୋକ ଯେପରି ତୀବ୍ର ବେଗରେ ଘୂର୍ଣ୍ଣନ କରୁଥାଏ, ବ୍ରହ୍ମ ମୀନ ରୂପରେ ମାତୃଗର୍ଭ ସାଗରରେ ସେହିପରି ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଥାଏ । ସେଠାରେ ସର୍ବଦା ଆନନ୍ଦ ପ୍ରାପ୍ତିର ମୂଳବସ୍ତୁ କିପରି ସଚରାଚର ବ୍ରହ୍ମାଣ୍ଡକୁ ବ୍ୟାପ୍ତ ହୋଇ ଲୀଳା କାର୍ଯ୍ୟ ସମ୍ପନ୍ନ କରୁଛି; ତାହା ଦୃଶ୍ୟମାନ ହୁଏ । ସୂକ୍ଷ୍ମରେ ବ୍ରହ୍ମାଣ୍ଡ ମୀନ ମାନ ହୋଇ ଗୋଲାକାର ବୁଦ୍‌ବୁଦ୍ ତୁଲ୍ୟ ଚକ୍ରାକୃତି ଧାରଣ କରି ହଳଦିଆ ରଙ୍ଗରେ ସଦାସର୍ବଦା ଘୂର୍ଣ୍ଣନ କରୁଥାଏ । ଏହା ସୃଷ୍ଟି ଓ ସ୍ରଷ୍ଟାର ନିତ୍ୟ ନୈମିତ୍ତିକ କର୍ମ । ଏହା ଦୁଇମାସ ପନ୍ଦର ଦିନରେ ଅନୁଭୂତ ହୁଏ । ଏହି ସମୟରେ ସୂକ୍ଷ୍ମ ପ୍ରଳୟର ନୀଳବର୍ଣ୍ଣ ନିରାକାରରେ ଦେଖାଯାଏ । ବିଶ୍ୱବ୍ୟାପୀ ଜ୍ୟୋତି ସୂକ୍ଷ୍ମରେ ଦେଖାଯାଏ । ସ୍ୱର୍ଗ, ମର୍ତ୍ତ୍ୟ, ରସାତଳ ସୂକ୍ଷ୍ମରେ ଜ୍ୟୋତିଃର୍ମୟ ଅନୁଭୂତି ହୁଏ । ତ୍ରିକୋଟି ଯୋଜନ ଲମ୍ବମାନ ବ୍ୟାପ୍ତ ଗୋଲକ ନଗରୀ ଅନୁଭବରେ ଆସେ । ଆହୁରି ଦୃଶ୍ୟମାନ ହୁଏ ବ୍ରହ୍ମର ଅଯୋନି ସମ୍ଭୂତ ଜ୍ୟୋତିର୍ମୟ ସ୍ଥାନର ମୂଳରେଖା ।

ବିଶ୍ୱରୂପ ବୀଜ କାରଣମାନ ବିଚ୍ଛୁରିତ ହୋଇଥାଏ । ଦେବଗଣ, କାରଣ, ବେଦଫଳ ସ୍ୱରୂପ ଓ ଆକାର ମଧ୍ୟ ଦେଖାଯାଉଥାଏ । ଅଙ୍ଗରୁ ବ୍ରହ୍ମତେଜ ବାହାରୁ ଥିବାର ଅନୁଭବ ହୁଏ । ଶୁକ୍ଳବର୍ଣ୍ଣ ଜଟାଧାରୀ ସହସ୍ର ବଦନ ଧର୍ମ୍ମ ବ୍ରହ୍ମାଣ୍ଡକୁ ଏହିଠାରେ ବାହୁ ବିସ୍ତାର କରି ଆବୋରି ରହିଛି । କୃଷ୍ଣ ପରମାତ୍ମା ସଦା ବନ୍ଦନା କରୁଅଛି । ଋକ୍, ସାମ, ଯଜୁଃ, ଅଥର୍ବ ବେଦର ମୂଳ ଗୁରୁ ଆକାରରେ ଏଠାରେ ହରିଦ୍ରାବର୍ଣ୍ଣ ଧାରଣ କରିଛି । ଏମାନଙ୍କର ଶୀର୍ଷଦେଶରେ ଶ୍ରୀ ମଧୁସୂଦନ ପୀତବାସ ବେଣୁଧର ଆଲୋକ ଜ୍ୟୋତିର୍ମୟ ପିଣ୍ଡରେ ଲୀଳାକରୁଅଛନ୍ତି । ପରଂବ୍ରହ୍ମ ଯୋଗେଶ୍ୱର ବୈଷ୍ଣବ ସନ୍ତୋଷ ଓ ପ୍ରେମରେ ସଦା ବିଭୋର ହୋଇ ରହିଛନ୍ତି ।

ଆହୁରି ଦେଖାଯାଏ: ପରମଗୁରୁ ନିତ୍ୟ ଓ ଶୁଦ୍ଧ ଜ୍ଞାନମୟ କୋଷର ମୂଳପିଣ୍ଡ ଜ୍ୟୋତିଃବ୍ରହ୍ମ ଆକାରରେ ଅଛନ୍ତି । ନିଜେ ନିଜକୁ ପଞ୍ଚଜନ୍ୟ, ଆଗ୍ନେୟ, ମାରୁତ ହୋଇ ଲହଡ଼ି ମାରି ରକ୍ତିମ ବର୍ଣ୍ଣଧାରଣ କରନ୍ତି ।

ଏଥି ଉତ୍ତାରୁ ମାଆର ଅବସ୍ଥା : ମଥାରେ କ୍ଷଣକୋପ ଆରମ୍ଭ ହେଲେ ଜଠର ସର୍ବଦା ଲାଲବର୍ଣ୍ଣ ଦେଖାଯାଏ । ତା' ମଧରେ ମୀନ ଧବଳ ବର୍ଣ୍ଣ ଦେଖାଯାଏ । ମାଆ ବ୍ୟଗ୍ରତାରେ ଦଉଡ଼ି ପଳାଇଲେ, ଜରାୟୁରେ ଧବଳ କୋଷ ସୂକ୍ଷ୍ମ ଲହଡ଼ି ଭାଙ୍ଗେ । ସେପରି ଅବସ୍ଥାରେ ବ୍ରହ୍ମ ମୀନ ରୂପରେ ବାରମ୍ବାର ତଳ ଉପର ହେଉଥାଏ । ବ୍ୟଗ୍ରତା କମିଲେ, ମୀନ ସ୍ଥିର ହୁଏ । ସେହି ଅବସ୍ଥାରେ ମାଆ ଅନ୍ୟ ପିଲାମାନଙ୍କୁ ସ୍ନେହରେ ନାମଧରି ଡାକିଲେ, ତାଙ୍କୁର ଚୈତନ୍ୟ-ଦ୍ୱାର ତ୍ରିକୁଟକୁ ମୁହୂର୍ତ୍ତକ ମଧ୍ୟରେ ଭେଦ କରି ନୀଳରେଖାପାତ କରିଥାଏ । ତାହା ଜରାୟୁର ନାଭିମୂଳ ପିଣ୍ଡ ପର୍ଯ୍ୟନ୍ତ ଭେଦିଯାଏ । ମାଆ ଉପବାସ ରହିଲେ, ଜରାୟୁପୃଷ୍ଠରୁ ନାଭିନାଡ଼ ଦ୍ୱାର ଦେଇ ନିର୍ଗତ ସୁଧାରସ ପାନ କରି, ଅସଂଖ୍ୟ ସୁଧା ଜ୍ୟୋତିଃ କଣିକା ଆସ୍ୱାଦନ କରି, ମୀନ ଅପାର ଆନନ୍ଦ ଲାଭକରେ । ସମସ୍ତ ଜୀବ ଜରାୟୁରେ ଏହି ଅବସ୍ଥାରେ ଥିବାବେଳେ ସେ ରସ ଆସ୍ୱାଦନ ଦ୍ୱାରା ଶରୀରଯାକ ଅକ୍ଷରର ମୂଳସୂତ୍ର ଧାରଣ କରିଥାଆନ୍ତି । ଜ୍ୟୋତିବ୍ରହ୍ମ ମୀନ ଧାନ ଆକୃତିରେ ଥାଇ ଉପାୟ ବିସ୍ତାର କରି ରହିଥାଏ । ପ୍ରେମମୟୀ, ସ୍ନେହମୟୀ, ମନମୋହିନୀ, ଶାନ୍ତି ସୂକ୍ଷ୍ମଦୃଷ୍ଟିରେ ଜ୍ୟୋତିର୍ମୟର ସୂକ୍ଷ୍ମ ଚକ୍ଷୁରେ

ଆଦରରେ ସୂକ୍ଷ୍ମରୁ କାରଣ ପର୍ଯ୍ୟନ୍ତ ଆବୋରି ରହିଥାଏ । ମାୟା ମାଆ ମଧ୍ୟ ସେହିଭଳି ଯତ୍ନରେ ଗର୍ଭ ରକ୍ଷାକରେ । ମନମୋହିନୀ ସୂକ୍ଷ୍ମରେ ସାଇତି ରଖେ, ମାୟାମାଆ ସ୍ଥୂଳରେ ଲୋଭ ରଖେ । ସେ ସୂକ୍ଷ୍ମ ପଣତରେ ଆଲୋକ ଦ୍ୱାରା ଯତ୍ନ ନେବାର ଦେଖାଯାଏ । ମାୟାମାଆର ଜୀବ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଆଚ୍ଛାଦିତ ଲୋଭ ଥାଏ । ମାଆ ଯେତେବେଳେ ହାଇମାରେ ସେତିକିବେଳେ ବ୍ରହ୍ମର ବୈବର୍ତ୍ତକ ସୃଷ୍ଟି ସାରା ସୂକ୍ଷ୍ମରେ ମୂଳଗୁରୁ ପ୍ରକଟ ହୁଅନ୍ତି । ବ୍ରହ୍ମଅକ୍ଷର ସୃଷ୍ଟି ସ୍ଥିତି ପ୍ରଳୟର ମୂଳାଧାର । ସୃଷ୍ଟି ବିନାଶ କାଳରେ ପ୍ରତ୍ୟେକେ ବ୍ରହ୍ମ ସହିତ ମିଶି ଯାଆନ୍ତି । କୀଟ ପତଙ୍ଗଠାରୁ ଆରମ୍ଭ କରି ସକଳ ବ୍ରହ୍ମରେ ଲୀନ ହୁଅନ୍ତି ॥

ମାଆର ସଂଧ୍ୟାକାଳୀନ ହାଇରେ ହସ୍ତପଦ ବିହୀନ ନିଗମ ବ୍ରହ୍ମସତ୍ତାର କାରଣ ଅବସ୍ଥା ଅନୁଭବ ହୁଏ । କୌଣସି ଅଙ୍ଗ ପ୍ରତ୍ୟଙ୍ଗ : (ମୁଖ, ଦନ୍ତ, କର୍ଣ୍ଣ, ନାସା, ଉଦର:) ଦେଖାଯାଏ ନାହିଁ । ଏହା ସୁକ୍ଷୀନ ଅବସ୍ଥା । ପୁଣି ବ୍ରହ୍ମ ମାହେନ୍ଦ୍ର ଯୋଗରେ ମାଆ ନିଦ୍ରାରୁ ଚେଇଁ ଉଠିଲେ, କୋଟି ପାଦ, କୋଟି ହସ୍ତ, କୋଟି ଶିର ମହାଶୂନ୍ୟ ମଣ୍ଡଳ ପର୍ଯ୍ୟନ୍ତ ଅନୁଭବ ହୁଏ ।

ବ୍ରହ୍ମ ତ୍ରିକୁଟରେ ଲୟ ଲଗାଇଲେ, ଗୋଲାହାଟରେ ଅନାହତ ଧ୍ୱନି ଶୁଣାଯାଏ; ମାତ୍ର ବ୍ରହ୍ମ ଗୁପ୍ତରେ ତୁନି ହୋଇ ରହିଥାଏ । ମୀନ ଅବସ୍ଥାରେ ଏହି ଗୋଲାହାଟ ମଣ୍ଡଳର ଏକୋଇଶ ପୁର ପର୍ଯ୍ୟନ୍ତ ସୂକ୍ଷ୍ମର ଅଙ୍ଗସୂତ୍ରମାନ ଥିବାର ଅନୁଭବ ହୁଏ ।

ଗୋଲାହାଟ ମଣ୍ଡଳରେ ଦୁଇଟି ନିକିତି ଝୁଲିଛି । ସେ ନିକିତିର ନାମ ପାପ ଓ ପୁଣ୍ୟ । ସେଠାରେ ପ୍ରତ୍ୟେକ ଜୀବର ପାପ ପୁଣ୍ୟ ସୂକ୍ଷ୍ମାଦି କାରଣରେ ଗୋପନରେ ଓଜନ କରି ତଉଲ ହୁଏ । ପାପପୁଣ୍ୟର ଲହଡ଼ି ଖେଳୁଥାଏ । ଏହା ବ୍ରହ୍ମ କୁଣ୍ଡଳିନୀ ଭେଦ କରି ଲଲାଟ ପର୍ଯ୍ୟନ୍ତ ମହାଶୂନ୍ୟରେ ପୁଣି ସୂକ୍ଷ୍ମରେ ଅନୁଭୂତ ହୁଏ । ନିରଞ୍ଜନ ବାଦ୍ୟକୁମ୍ଭ ପାପକୁଣ୍ଡି ମାନ ଲାଲ ବର୍ଣ୍ଣରେ ଶୂନ୍ୟ ମଣ୍ଡଳରେ ଦେଖାଯାଉଥାଏ । ଭାସମାନ ଅବସ୍ଥାରେ ଚଉଦ ବ୍ରହ୍ମାଣ୍ଡ ସ୍ଥୂଳତ୍ୱ ଧାରଣ ପର୍ଯ୍ୟନ୍ତ ବ୍ୟାପି ରହିଅଛି । ଏହା ମାତୃ ଗର୍ଭରେ ତୃତୀୟ ମାସରେ ସୂକ୍ଷ୍ମରେ ଅନୁଭୂତିକୁ ଆସୁଥାଏ । *(କ୍ରମଶଃ)*

❑❑❑

ଦେଖ ଷଡଚକ୍ର ଭେଦ ଆଳତି
କଟିବ ତୋହର ସର୍ବ ଦୁର୍ଗତି

# କେଶବଙ୍କ କୈବଲ୍ୟ କଣିକା

- କେବଳ ନାମ ଜପ କରିଚାଲ । ଅଧିକରୁ ଅଧିକ ନାମ ଜପ କଲେ, ତୁମ ଭିତରେ ନାମ ଜମାଟ ବାନ୍ଧି ରହିବ । ତୁମେମାନେ ତୁମ ଭିତରେ ଗୃହୀତ ଫଳ ନେଇ ଆସିଥିବାରୁ, ନାମଜପ ବେଳେ ଏକାଗ୍ରତା ଆସୁନାହିଁ । ସଦାସର୍ବଦା ନାମ ଜପ କଲେ, ଗୃହୀତ ଫଳକୁ କାଟି ଏକାଗ୍ରତା ଆସିବ ॥
- ଶରୀର ଆତ୍ମ-ସମ୍ମାନୀ ହୋଇଥିବାରୁ ନିନ୍ଦା ପ୍ରଶଂସା ଶୁଣି ଜୀବ ଭିତରେ ନାନା ଭାବ ସୃଷ୍ଟି ହୋଇଥାଏ; କିନ୍ତୁ ଯୋଗୀ ସର୍ବଦା ନିନ୍ଦାକୁ ଗ୍ରହଣ କରି, ପ୍ରଶଂସା ଠାରୁ ଦୂରରେ ରହନ୍ତି ॥
- ବଦ୍ଧଜୀବ ଗୃହୀତ ଫଳକୁ କିମ୍ବା ଆଗାମୀ ଫଳକୁ ଜାଣି ପାରୁ ନଥିବାରୁ ନିଜ ବିଚାରରେ ଦୃଢ଼ ରହୁଛି, ଯୁକ୍ତି ମଧ୍ୟ କରୁଛି । ଏଣୁ ଜୀବ ଅଧୋପତନର ସମ୍ମୁଖୀନ ହେଉଛି ॥
- କୈତବ, ମୃଗୟା, ଅକ୍ଷକ୍ରୀଡ଼ା, ଦିବାନିଦ୍ରା, ପରଦୋଷକଥନ, ସ୍ତ୍ରୀ-ସଂଯୋଗ, ମଦ୍ୟପାନ, ନୃତ୍ୟ, ଗୀତ, ବାଦ୍ୟ, ବୃଥା ପର୍ଯ୍ୟଟନ ଏବଂ ସକଳ ବ୍ୟସନଗଣ ପରମାର୍ଥ ପଥର କଣ୍ଟା ।
- ବଦ୍ଧଜୀବ ତାହାର ସୀମିତ ଚିନ୍ତାଧାରାର ସୂତ୍ର ଧରି ସ୍ରଷ୍ଟାପୁରୁଷର ବିରାଟ ନିଷ୍ପତ୍ତିର ସୂତ୍ରକୁ ଧରି ପାରିବ ନାହିଁ । କାରଣ, ସାଗର ଅନନ୍ତ ବିସ୍ତାରୀ । ନଦୀ କ୍ଷୁଦ୍ର । ନଦୀ କେବେ ହେଲେ ସାଗରକୁ ମାପି ପାରିବ ନାହିଁ କିମ୍ବା ମାପିବାର କଳ୍ପନା କରିପାରିବ ନାହିଁ ॥
- ଲକ୍ଷଣାର୍ଥକ ତତ୍ତ୍ୱ-ସମନ୍ୱିତ ଗୁରୁଦତ୍ତ କଥାମୃତର ଲକ୍ଷ୍ୟ ନ ବୁଝି, କେବଳ ଅଭିଧାନଗତ ଶବ୍ଦାର୍ଥରୁ କ'ଣ ମିଳିବ ? ସେପରି କେତେ ପୋଥି ପୁରାଣରେ କେତେ କେତେ ମୂଲ୍ୟବାନ ଉପଦେଶ ସବୁ ନାହିଁକି ? ସେ ସବୁ କ'ଣ କାମରେ ଲାଗୁଛି ? ଖାଲି ମୁହଁ କଥାରେ ରହିଛି ସିନା !!
- କର୍ମ ଦୁଇ ଭାଗରେ ବିଭକ୍ତ : ଗୋଟିଏ ସ୍ୱକର୍ମ-ଯେଉଁ କର୍ମ ଶରୀର ରକ୍ଷା ପାଇଁ କରାଯାଏ । ଅନ୍ୟଟି ବିହିତ କର୍ମ ଯେଉଁ କର୍ମ ଜଗତକଲ୍ୟାଣ ପାଇଁ କରାଯାଉଛି ।
- ନିଶାରେ ପଡ଼ନାହିଁ । ତାହା ଆସକ୍ତିର ବୀଜ । ଆସକ୍ତି ଅଙ୍କୁରିଲେ ମୋହ ଗ୍ରାସ କରେ । ନିଶା କରିବାର ମନ ହେଲେ ଗୁରୁନାମ ଜପ; ଗୁରୁ ଆଜ୍ଞା ପାଳନରେ ନିଶାଗ୍ରସ୍ତ ହୁଅ; କ୍ଷତି ନାହିଁ, ଲାଭ ଅଛି ପ୍ରଚୁର, ପ୍ରଚୁର ॥
- କାହାରି କଥାରେ ପଡ଼ି ବା କାହାକୁ ସନ୍ତୁଷ୍ଟ କରିବା ପାଇଁ ଗୁରୁଆଜ୍ଞା ପାଳନରୁ ଓହରି ଯାଅ ନାହିଁ । ସାବଧାନ : ଯିଏ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତମକୁ ଇଷ୍ଟପଥରୁ ଦୂରକୁ ଟାଣି ଓଟାରି ନେବାକୁ ଚାହୁଁଛି, ସେ କଦାପି ତୁମର ମଙ୍ଗଳାକାଂକ୍ଷୀ ହୋଇ ନ ପାରେ । ତା'ଠାରୁ ଦୂରେଇ ରୁହ, ତା'ସଙ୍ଗ ସୁଖ ତ୍ୟାଗକର । ଈଶ୍ୱରୋପଲବ୍ଧି ହେବ ॥
- କେହି କ୍ରୁଦ୍ଧ ହେଲେ, ତା ପ୍ରତି କ୍ରୋଧ କରିବ ନାହିଁ । କେହି ତମର ନିନ୍ଦା କଲେ, ତା'କୁ ଭଲ କଥା କହି ଭଲ ବ୍ୟବହାର କରିବ । ପଞ୍ଚେନ୍ଦ୍ରିୟ, ମନ, ବୁଦ୍ଧି, ବିବେକ ଗୃହୀତ କୌଣସି ବାକ୍ୟ ଅସତ୍ୟ ନ ବୋଲିବ ॥
- ପ୍ରଭୁ ତମ ଭିତରେ ସୃଜନୀ ଶକ୍ତି ଦେଇଛନ୍ତି । ସେହି ସ୍ୱର୍ଗୀୟ ଶକ୍ତିକୁ ନିଜ ଭିତରେ ଚିହ୍ନ । ସେହି ସୃଜନୀ ଶକ୍ତିକୁ ଆଶ୍ରମ ସଂଗଠନ, ଶାଖା ସଂଗଠନ, ସତ୍‌ସଙ୍ଗ, ପ୍ରଭୁଇଚ୍ଛା ପୂରଣ, ଜଗତ କଲ୍ୟାଣ ନିମନ୍ତେ ଶ୍ରଦ୍ଧା, ତ୍ୟାଗ,

ନିଷ୍ଠା, ଅନୁରାଗ, ଶୃଙ୍ଖଳା ଆଦି ସହିତ ବିନିଯୋଗ କରି ଗୁରୁସ୍ୱାମୀଙ୍କର ପ୍ରସାଦର ପାତ୍ର ହୁଅ । ଥରେ ବିଶ୍ୱାସର ପରିସର ଭିତରକୁ ଆସି ଦେଖ, ତମ ପାଇଁ ସବୁ ଥୁଆ ହୋଇଛି ॥

- ଗୃହୀତ ଫଳ ଯାହା ନେଇ ଆସିଥିବ, ଯଦି ସଦାଚାରରେ ସତ୍‌ସଙ୍ଗକୁ ଆସ କିମ୍ବା ଗୁରୁକ୍ଷେତ୍ରକୁ ଆସ; ଭିତରେ ଥିବା ଗୃହୀତ ଫଳ ଶୀଘ୍ର ପ୍ରକାଶ ପାଇଯିବ । ଫଳତଃ ଜୀବ ଶରୀରରେ ଅଧିକ ଦୁଃଖ କଷ୍ଟ ଓ ରୋଗ ଶୋକ ଭୋଗିବ ହିଁ ଭୋଗିବ । ଦୁଃଖ କଷ୍ଟ ଯେତେ ଅଧିକ ଆସିବ, ତାହା ଈଶ୍ୱରଙ୍କ ଖାତାରେ ସଂସ୍କାର; ତେଣୁ ଜୀବର ସଂସ୍କାର ହୋଇଯାଏ ଏହି ଦୁଃଖଭୋଗ ମଧ୍ୟରେ । ଜୀବ ଏ ତତ୍ତ୍ୱର ସୂତ୍ର ନ ଜାଣି ବିଚଳିତ ହୁଏ ॥

- ଦୃଢ଼ତା ଟାଣ ହେଲେ, କ'ଣ ହୋଇ ନ ପାରେ !!!

- ଚରିତ୍ର ଏକ ଠୁଳ ନୁହେଁ । ତାହାର ଅନେକ ଶାଖା ରହିଛି । ଚରିତ୍ରର ଗୋଟିଏ ଶାଖାର ସଂଶୋଧନ ହେଲେ, ଅନ୍ୟ କେଉଁ ଶାଖା ସକ୍ରିୟ ହୋଇ ରହିଯାଏ । ଜୀବର ଶେଷ ପର୍ଯ୍ୟନ୍ତ ବା ମୃତ୍ୟୁ ପର୍ଯ୍ୟନ୍ତ ତା'ର କୌଣସି ନା କୌଣସି ଶାଖାର ଦୋଷତ୍ରୁଟି ରହିବ ॥

❑❑❑

## ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ତତ୍ତ୍ୱରୁ ଟେନାଏ


**ତତ୍ତ୍ୱ** = ତ୍ + ଅ + ତ୍ + ତ୍ + ଅ + ବ ॥ ତତ୍, ତନୁ ଓ ତନ୍ମାତ୍ରାର ସଂଯୋଗରୁ ଯେଉଁ ବୈଶିଷ୍ଟ୍ୟ ଉତ୍ପନ୍ନ ହୁଏ, ତାହା ହିଁ ତତ୍ତ୍ୱ । ପରମପିତା ବା ବୀଜପ୍ରଦ ପିତାଙ୍କର ଚତୁର୍ବିଂଶତି ତତ୍ତ୍ୱର ସମଷ୍ଟି ସହିତ ପଞ୍ଚ ବିଷୟର ସଂଯୋଗରୁ ଉତ୍ପନ୍ନ ନିର୍ଯ୍ୟାସକୁ ତତ୍ତ୍ୱ କୁହାଯାଏ । ପ୍ରତ୍ୟେକ ଯୋଗର ନିର୍ଯ୍ୟାସ ହିଁ ତତ୍ତ୍ୱ ॥

ଗୀତା ଭାଗବତ ଆଦି ତତ୍ତ୍ୱ ଗ୍ରନ୍ଥରେ ତତ୍ତ୍ୱ ବଚନ ରହିଛି । ଗୀତାକୁ ଦେଖ । କର୍ମଯୋଗ, ଭକ୍ତିଯୋଗ, କର୍ମସନ୍ନ୍ୟାସଯୋଗ, ବିଜ୍ଞାନଯୋଗ ଇତ୍ୟାଦିରେ ତତ୍ତ୍ୱବଚନ ଭରି ରହିଛି । ଭାଗବତକୁ ଲକ୍ଷ୍ୟକଲେ ସେହିପରି ତତ୍ତ୍ୱ ବଚନ ବହୁଳ ଭାବରେ ମିଳେ । ଏ ସକଳ ତତ୍ତ୍ୱବଚନ ଉପଦେଶାତ୍ମକ । ଏହା ଅନୁଶୀଳନ ଓ ଅନୁସରଣ କଲେ ଜ୍ଞାନର ଉଦୟ ହୁଏ । ଏହି ଜ୍ଞାନ ହିଁ ଶୁଦ୍ଧ ଜ୍ଞାନ । ଶୁଦ୍ଧ ଜ୍ଞାନରୁ ଭାବ, ଭକ୍ତି ଇତ୍ୟାଦିର ସୃଷ୍ଟି । ଭାବ, ଭକ୍ତି ଯଥାର୍ଥ ହେଲେ, ସତ୍ୟ ସନ୍ଧାନୀ ସତ୍ୟ ଲାଭ କରେ । ଧ୍ୟାନ, ଧାରଣା ଓ ସମାଧି ଅବସ୍ଥା ପ୍ରାପ୍ତ ହୁଏ । ତହିଁରୁ ଭଗବତ୍ ଅନୁଭୂତି ଓ ଈଶ୍ୱରୋପଲବ୍ଧି ହୁଏ । ଦର୍ଶନ ମିଳେ । ଆମ୍ଭେ ଧରା ଦେଉଁ ।

ତମେ ଏଥିରୁ ବୁଝି ପାରିବ ଯେ : ତତ୍ତ୍ୱ ସବୁର ମୂଳ ହେଲେ ହେଁ, ତତ୍ତ୍ୱରେ ଆମେ ଧରା ଦେଉନା । କିନ୍ତୁ ତତ୍ତ୍ୱର ପଥ ଦେଇ ଆଗେଇ ଚାଲିଲେ, ପର୍ଯ୍ୟାୟକ୍ରମେ ଅନ୍ତିମ ସୋପାନରେ ହିଁ ଆମକୁ ପ୍ରାପ୍ତ ହେବ ।

❑❑❑

ବିପଦେ ସମ୍ପଦ ଲଭଇ ଯେହୁ
ତ୍ୟାଗବୀର ବୋଲି ଜାଣିବ ସେହୁ



# କଲ୍ୟାଣ ଦେଲି ତୋତେ

"କଲ୍ୟାଣ ଦେଲି ତୋତେ" ଅନୁଚିନ୍ତନ 'ଚରମ'ର ବିଶେଷ ଆକର୍ଷଣ । ପରମାରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କର ସ୍ୱହସ୍ତ ଲିଖିତ ଉପଦେଶ, ନିର୍ଦ୍ଦେଶ ଓ ସନ୍ଦେଶରେ ପରିପୁଷ୍ଟ ଏହି ଧାରାବାହିକ ଉପସ୍ଥାପନ ମୋହଗ୍ରସ୍ତ ଜୀବଜଗତର ପଥ ପ୍ରଦର୍ଶକ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ସରଳ ଓ ସାବଲୀଳ ଭାଷା ତଥା ଅନୁପମ ରଚନା ଶୈଳୀ ଯେପରି ହୃଦୟଗ୍ରାହୀ ସେହିପରି ଭାବୋଦ୍ଦୀପକ । ସଂସାର-ଜାଲ ବେଷ୍ଟିତ ବଦ୍ଧ ଜୀବର ଚୈତନ୍ୟୋଦୟ ପାଇଁ ଏହା ଲୀଳାମୟ 'ଅରୂପ'ର ମର୍ତ୍ତ୍ୟଭୂମିରେ ଅବ୍ୟକ୍ତ ଲୀଳାର ସଙ୍କେତ ମାତ୍ର ।

"କଲ୍ୟାଣ ଦେଲି ତୋତେ" ଅନୁଚିନ୍ତନର ପ୍ରତ୍ୟେକ ଉକ୍ତି ମାନବ ଜୀବନରେ ସଦା ପଠନୀୟ ସର୍ବଥା ଅନୁସରଣୀୟ ତଥା ସତତ ଆଚରଣୀୟ । ନିଷ୍ପେଷିତ ଓ ମୋହଗ୍ରସ୍ତ ଜୀବାତ୍ମାର ଉଦ୍ଧାର ନିମିତ୍ତ ଏହା ପତିତପାବନୀ ମନ୍ଦାକିନୀର ଧାରା ସଦୃଶ ଚିର ପ୍ରବାହମାନ ।

**ଚରମରେ !**

ଧନ ମୋର **!!** ମୋ ଠାରେ ଲୟ ରଖି ଏହିପରି ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ପାଦ ପକେଇ ଆଗେଇ ଚାଲିଥିବୁ । ପଥହରା ହେବୁ ନାହିଁ ବାୟା, ଧାରା ଛାଡ଼ି କାଳ ହାତରେ ଧରା ଦେବୁ ନାହିଁ । ତ୍ୟାଗ, ନିଷ୍ଠା, ପ୍ରେମ, ଆନ୍ତରିକତା, ସେବା ଇତ୍ୟାଦି ଦୈବୀଭାବ ଲହଡ଼ି ଭାଙ୍ଗିବ । ମୁହଁ ଖୋଲି କିଛି କହିବାକୁ ପଡ଼ିବ ନାହିଁ । ଆମେ ଯେତେଦୂରରେ ଥିଲେ ବି ତୋ ଅନ୍ତରର ବାଣୀ ଶୁଣିବୁ, ତୋ ଅନ୍ତସ୍ଥଳର ବାର୍ତ୍ତା ଜାଣିବୁ । ଆମେ ପରା ତୋ ଭିତରେ ଅଛୁଁରେ ଧନ ! ତୁ କ'ଣ ଏହା ଅନୁଭବ କରିପାରିନାହୁଁ । ପାରୁନାହୁଁ ?? ଯିଏ ଅନୁଭବୀ, ଅନୁଭୂତିରେ ପାଇଛି, ତା'କୁ ପଚାରି ବୁଝୁନୁ ?

ଧନରେ, ବିଚଳିତ ହେଉଛୁକି ? ଚଞ୍ଚଳ ହେଉଛି ତୋ ମନ ?? ଅସ୍ଥିର ହେଉଛୁ ??? କାହିଁକିରେ ବାୟା ! ବିବ୍ରତ ହେଉଛୁ କାହିଁକି ? ଥରେ ଦେହାଭିମାନ ଛାଡ଼ିଦେ ତ; ତେଜ୍ୟ କରିଦେ ତୋର ଆତ୍ମାଭିମାନ । କ'ଣ ନେଇ ଅଭିମାନ କରୁଛୁ ? ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରି ଅଭିମାନକୁ ଗଣ୍ଠି କରି ଧରିଛୁ ! ଦେ ଛାଡ଼ିଦେ, ଜୋର୍ ଜବରଦସ୍ତ ତଡ଼ିଦେ । ଧାରଣା, ଧ୍ୟାନ, ଆସନ ଇତ୍ୟାଦି ଯଥାରୀତି କରୁଛୁ ପରା । ଇଷ୍ଟମୁଖୀ, ଗୁରୁମୁଖୀ, ଏକମୁଖୀ ହୋଇଛୁ ପରା । ଅଭିମାନ ତେବେ ଆସୁଛି କେଉଁଠୁ ? ଧାରା ଧରି ଧରାଧାମରେ ଚଳ ପ୍ରଚଳ କରୁଛୁ, ଆଚରଣକୁ ସଜାଡ଼ି ନେ, ସଭିଙ୍କୁ ଆଦର କର । ସଭିଙ୍କ ଭିତରେ ତୋ ନିଜକୁ ଦେଖ, ମୋତେ ଦେଖ । ତୁ ପରା ସଭିଙ୍କ ପାଇଁ, ସଭିଏଁ ତୋ ପାଇଁ !

ଚରମରେ ! ସତ୍ୟପଥରେ ଚଳିଯିବୁ । ମିଥ୍ୟାଚାର କରିବୁ ନାହିଁ । ମିଥ୍ୟା ଯେଉଁଠି, କପଟାଚାର ସେଇଠି । ସେ ସ୍ଥାନ ମାଡ଼ିବୁ ନାହିଁ । ଜଟିଳ ହେବୁ ନାହିଁରେ ଧନ, କୁଟିଳ ହେବୁ ନାହିଁ । ସରଳ, ସୁନ୍ଦର ହୋଇ ରହିବୁ । ସତ୍ୟପଥରେ

ଚଳିଲେ ଭୟ ଦୂରେଇ ରହିବ । ନିର୍ଭୟ ହେବୁ, ନିର୍ଭୀକ ହେବୁ । ନିର୍ଭର କର, ଆମକୁ ନିର୍ଭର କର । ବିଶ୍ୱାସ ଦୃଢ଼ କର । ଏକମୁଖୀ ହୋଇଯା । ସ୍ଥିର ହୋଇଯିବୁ, ବିଚଳିତ ଭାବ ପାଖ ମାଡ଼ିବୁ ନାହିଁ । ବିବ୍ରତ ବୋଧ କରିବୁ ନାହିଁ । ସବୁ ଅବସ୍ଥାରେ ଅବିଚଳିତ ରହିବୁ । ଲକ୍ଷ୍ୟଭ୍ରଷ୍ଟ, ପଥଚ୍ୟୁତ ହେବାର ଭୟ ଆଦୌ ନାହିଁ । ବାତୁଳରେ ମୋ ଗେହ୍ଲା ପୁଅଟି ! ମୁଁ ପରା ତୋତେ ମଶାଲ ଦେଖାଇ ବାଟ କଢ଼େଇ ଘେନି ଯାଉଛିରେ ! ତୁ ନିଜକୁ ଏକୁଟିଆ ମଣୁଛୁ କାହିଁକିରେ ବାୟା !

ଚରମରେ ! ମୋ କୋଳପୋଛା ଗେହ୍ଲାପୁଅ ! ତୋ ମୁହଁରେ ମୋ କଥା ବଡ଼ ମଧୁର ଶୁଣାଯାଏ ! ଦେଖିରେ ମୋର ମଣି ! ତୋ ମୁହଁରେ କେବେବି ଅନ୍ୟର ନିନ୍ଦା କରିବୁ ନାହିଁଟି । ତୋ ମୁହଁରେ ଅନ୍ୟର କୁତ୍ସା ରଟିବୁ ନାହିଁଟି ! ସମସ୍ତେ ପରା ତୋ ମୁହଁରୁ ମୋ କଥା ଶୁଣିବା ପାଇଁ କାନପାତି ବସିଛନ୍ତି । ସେମାନେ ତୋ ମୁହଁରୁ ପରନିନ୍ଦା ପରକୁତ୍ସା ଶୁଣିଲେ କ'ଣ ଭାବିବେ କହନି ? ଜାଣିଛୁ ? ନିନ୍ଦା ବା କୁତ୍ସାରଟନା, ପରଶ୍ରୀକାତରତା ଓ ଈର୍ଷାପରାୟଣତାର ଫଳ । ବାବୁରେ, ତୁ ପରଶ୍ରୀକାତର ହେବୁ ନାହିଁ, ଈର୍ଷାପରାୟଣ ହେବୁ ନାହିଁ । ତୋ ରୁଚିକୁ ନ ଛୁଇଁଲେ, ତୋ ମନକୁ ନ ମାନିଲେ, ସହି ଯିବୁରେ ଧନ, ନୀରବରେ ନିରୀହ ପରି ସବୁ ସହିଯିବୁ । କିଛି କହିବୁ ନାହିଁ । ନୀରବ ରହିବୁ । ଯାହାର ନିନ୍ଦା ବା କୁତ୍ସା ରଟିବାକୁ ମନ ଚାହିଁବ, ତା'ର ପ୍ରଶଂସା କରିବାକୁ ଶିଖ୍ । ଯେ ତୋତେ ଘୃଣା କରୁଛି, ତୁ ତାହାକୁ ଭଲପାଇବାକୁ ଶିଖ୍ । ଏହାତ ଅସଲ ସାଧନା । ଏ ସାଧନାରେ ଥରେ ସିଦ୍ଧି ଲଭିଲେ, ସବୁ ସିଦ୍ଧି ପରା ବଳେ ବଳେ ତୋ ହାତ ମୁଠାକୁ ଆସିଯିବରେ । ଥରେ ପରୀକ୍ଷା କରି ଦେଖୁନୁ ! ସିଦ୍ଧି ଆଉ କ'ଣ କିରେ ? ସାଧନାର ସଫଳତା ପରା ।

ଗଜାମାଳିରେ ! କ୍ଷମତା ଲୋଡୁଛୁ, କ୍ଷମତା ? ପଦବୀ ଖୋଜୁଛୁ ?? ଆସନ ଚାହୁଁଛୁ ??? କ'ଣ ମିଳିବରେ ତୋତେ ସେଥିରୁ ? ପଙ୍କୁଆ ପଥରେ ଗୋଡ଼ ଦେବାକୁ ମନ ତୋର ଏତେ ଉଚ୍ଚାଟ ହେଉଛି କାହିଁକିରେ ଧନ । ତୁ କ'ଣ ଜାଣିନୁ ମଣି, ସେ ଖସଡ଼ା ପଥରେ ପାଦ ଦେଲେ ପଦେ ପଦେ କଚଡ଼ା ଖାଇଯିବୁ । ଜାଣିଛୁତ, ପୁଣି ମନ କରୁଛୁ କାହିଁକିରେ ଧନ ! ଅନ୍ୟକୁ ଉପଦେଶ ଦେବାପାଇଁ ଦୂର ଦୂରାନ୍ତକୁ ଯାଉଛୁ, ଅନ୍ୟକୁ ଯାହା ସବୁ ବୁଝାଇ କହୁଛୁ; ଆପଣା ବେଳକୁ ସେ ସବୁ ପାଶୋରି ଯାଉଛୁ କିପରି ? ଚରମରେ ! ତୁ ମୋର ଜ୍ଞାନୀ ପୁତ୍ର, ତୁ ପରା ମୋର ତତ୍ତ୍ୱ ତୋ'ରି ପୃଷ୍ଠରେ ବୋହି ନେଉଛୁ । ନିଜେ ଦମ୍ଭ ନ ଧରିଲେ ଅନ୍ୟମାନଙ୍କ ଭିତରେ ସେ ଭାବ ତୋଳି ପାରିବୁ କି ?

ମଣି ରେ, ଚରମ ମୋର ! ମୋତେ ଲୟରେ ରଖି କାମରେ ଲାଗିପଡ଼ ରେ ବାବୁ ! ତୋତେ ଦେଇଥିବା କାମ ଆମ ମୁହଁକୁ ଚାହିଁ କରିଯା । ଆଉ କିଏ କ'ଣ କଲା ନ କଲା ସେଥିକୁ ନଜର ଦେ'ନା ଧନ ! କିଏ କହିଲା ନ କହିଲା ସେଥିକୁ କାନ ଦେ'ନା ମଣି ! ତୋ କଥା କିଏ ଶୁଣୁ ବା ନ ଶୁଣୁ ତୁ ଆମ କଥା ଅନ୍ୟକୁ ଶୁଣାଇ, ବୁଝାଇ, ମନାଇ, ଘେନାଇ ଆମ ପାଖକୁ ଆଣ୍ । ତେଣିକି ତୋ କାମ ସରିଲା । ଆମ କାମ ଆମେ ମନକୁ ମନ ଆରମ୍ଭ କରି ଦେବୁନି ! କେହି ତୋ କଥାରେ ବିରୋଧ କଲେ, ଶାନ୍ତ ସୁଧୀର ସୁନାପିଲାଟି ପରି ନିରୀହ ଭଳି ନୀରବ ରହିବୁ । ଯୁକ୍ତିତର୍କ କରିବୁ ନାହିଁଟି । ତେଣିକି ଆମେ ରହିଛୁ ପରା ! ଏତିକି ନିର୍ଭର କରି, ବିଶ୍ୱାସ କରି, ଆଚରଣରେ ଫୁଟାଇ ନ ପାରିଲେ କି ସାଧକ ! କି ସାଧନା !! ତୁ ସାଧାରଣ ଲୋକଙ୍କ ପରି ହେବୁନି ରତନ ଟି ମୋର !!

ଭଣ୍ଡିଧନ ଚରମରେ ! ତୋ ଠାରେ ଜ୍ଞାନର ଗର୍ବ, ତତ୍ତ୍ୱର ଅହଙ୍କାର, ବିଦ୍ୟାର ଅସ୍ମିତା ଦେଖାଦେଲାଣି କିରେ ? ଏ ଗୁଡ଼ିକ ତୋତେ ବ୍ୟସ୍ତ ବିବ୍ରତ କଲେଣି କି, କହନି ଥରେ ? ଗର୍ବ, ଅହଙ୍କାର, ଅସ୍ମିତା ପରା ପତନର କାରଣ ରେ ବାୟା ! ସାବଧାନ ! ଖୁବ୍ ସାବଧାନ !! ଅଧୋପତନର ପଥରେ ପଥିକ ସାଜନାରେ ମଣି ! ମୋ ମଶାଲକୁ ଲକ୍ଷ୍ୟ କରି ଏକ ଲୟରେ ଏକମୁଖୀ ହୋଇ ପାଦ ଗଣି ଗଣି ବାଟ ଚାଲରେ ଧନ ! ମୁଁ ତୋତେ ଅଭୟ ଦେଉଛି, ମୁଁ ତୋତେ କଲ୍ୟାଣ କରୁଛି; ମୋ

ହାତରେ ଥିଲେ ତୁ ନିଶ୍ଚୟ ଲକ୍ଷ୍ୟଭେଦ କରିବୁ ହିଁ କରିବୁ । ଆଉ କ'ଣ ଚାହୁଁଛୁ । ମନ ଖୋଲି ମୋ ପାଖରେ କହୁନୁ ? ମୁଁ କ'ଣ ତୋର ଆପଣାର ନୁହେଁ, ନା ତୁ କ'ଣ ମୋର ଆପଣାର ନୋହୁଁ ରେ ? ମଣିଟି ପରା ! ମୋ ପାଖରେ କୁଣ୍ଠିତ କାହିଁକି ? କାହିଁକି ଭୟ ?? ସଙ୍କୋଚ ??? ତୁ ତ କୌଣସି ପାପ କର୍ମରେ ଲିପ୍ତ ନୋହୁଁ । ତୁ ତ କୌଣସି ଦୁଷ୍କୃତି କରିନାହୁଁ । ତେବେ କାହିଁକି କୁଣ୍ଠା ? କାହିଁକି ଏ ଅହେତୁକ ଭୟ ?? କାହିଁକି ??? ତୁ ମୋର ଧର୍ମନନ୍ଦନ ଗଳାମାଳି । ତୁ ନିର୍ଭୀକ ! ତୁ ନିର୍ଭୟ ॥ ତୁ ନିର୍ମମ ॥ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ସେବା ଦ୍ୱାରା ବିଶ୍ୱକଲ୍ୟାଣ ହିଁ ତୋର ବ୍ରତ, ଉପାସନା ଓ ସାଧନା ॥

ତୁ ଜାଣିଛୁ ତ, ତତ୍ତ୍ୱ କ୍ଷରିବାର ତତ୍ତ୍ୱ ? ଜାଣିଛୁ କି ''ପରା, ପଶ୍ୟନ୍ତି, ମଧ୍ୟମା, ବୈଖରୀ''ର ସୋପାନ ? ଏ ବ୍ରହ୍ମାଣ୍ଡରେ ଯାହା ଅଛି, ତୋ ପିଣ୍ଡରେ ବି ତାହା ରହିଛି । ତେଣୁ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ କରାଯାଏ । ତୁ କରିବୁ । ପାରିବୁ ତୁ !! ତୁ ଜାଣିବୁ, ଅନ୍ୟକୁ ଜଣାଇବୁ; କେବେ ବି ଭୁଲରେ କହିବୁ ନାହିଁଟି କ୍ଷରଣ ହେଉଛି ବୋଲି । ଯାହା କିଛି ନ ଥିଲା ବା ନାହିଁ, ତାହା ଯେଉଁଠାରୁ କ୍ଷରିତ ହୁଏ, ସେଇଠି ହିଁ 'ପରା' । ଯେ ଅନୁଭୂତିରେ ଆଣି ପ୍ରକାଶ କରନ୍ତି, ତାହା 'ପଶ୍ୟନ୍ତି' । ଅନୁଭବୀର ଅନୁଭୂତି ସମ୍ପନ୍ନ ଜ୍ଞାନ ବା ତତ୍ତ୍ୱ ଶୁଣି, ଦେଖି, ସ୍ମୃତିରେ ସାଇତି ପ୍ରକାଶ ନ କରି ନୀରବ ରହିଲେ, ତାହା 'ମଧ୍ୟମା' । ସଂଗ୍ରହ କରି ଆପଣା ଚେଷ୍ଟାରେ ଜାଣିଶୁଣି ପ୍ରକାଶ କଲେ, ତାହା 'ବୈଖରୀ' । ଏହି ଚାରି ସୋପାନରେ କ୍ଷରିତ ଜ୍ଞାନ ବା ତତ୍ତ୍ୱ ମୁନିଋଷି, ଯୋଗୀ, ସିଦ୍ଧପୁରୁଷ, ଅବତାର ପୁରୁଷ, ଗୁରୁଅଙ୍ଗ ଏବଂ ସ୍ୱୟଂ ଅବତାରୀ ପୁରୁଷଙ୍କ ମାଧ୍ୟମରେ ଧରାପୃଷ୍ଠକୁ ଆସେ । ଚରମରେ ! ତୁ ଆମଠାରୁ ଯେଉଁସବୁ ତତ୍ତ୍ୱଜ୍ଞାନ ସଂଗ୍ରହ କରି ତୋ'ରି ପୃଷ୍ଠରେ ବୋହିନେଇ ଜୀବସକଳଙ୍କ ନିକଟକୁ ଯାଉଛୁ, ତାହାକୁ ଅକୁଣ୍ଠିତ ଭାବରେ ସତ୍‌ପାତ୍ରରେ ବାଣ୍ଟିଦେ ରେ ଧନ ! ତାହା ତୋର କ୍ଷରିତ ଜ୍ଞାନ ବା ତତ୍ତ୍ୱ ବୋଲି ଆଦୌ କହନାହିଁ । ଏହି କଥା ମାନି ଚଳିବାକୁ ତୋର କ'ଣ ଅସୁବିଧା ହେବ କହନି ?

ନାମ ଚାହୁଁଛୁ ? ଯଶ, ଖ୍ୟାତି, ଚାହୁଁଛୁ ?? ସମ୍ମାନ ଖୋଜୁଛୁ ??? ପଦ ମର୍ଯ୍ୟାଦା ଲୋଡୁଛୁ ??? କ'ଣ ହେବ ସେ ସବୁ ତୋର ? ତାହା ପରା ଅନିତ୍ୟ, ଅସତ୍ୟ ! ଅନିତ୍ୟ ବିଷୟ ତୋତେ ନିତ୍ୟ ଶାନ୍ତି ଦେଇ ପାରିବ କିପରି ? ଆମେ ପରା ତୋତେ ଦେବୁ ଯାହା ନିତ୍ୟ, ସତ୍ୟ ସନାତନ । ଏହି ଶାଶ୍ୱତ ଓ ଚିରନ୍ତନ ଦାନକୁ ଅହଂବୁଦ୍ଧିରେ ଏଡ଼ାଇ ଦେଇ ଜାଗତିକ ଅନିତ୍ୟ, ଅସତ୍ୟ, ନାମ, ଯଶ, ଖ୍ୟାତି, ମାନସମ୍ମାନ, ପଦମର୍ଯ୍ୟାଦା ପଛରେ ଗୋଡ଼ାଣିଆ ହେବାର ବୁଦ୍ଧି ତୁ କେଉଁଠୁ ପାଇଲୁ କହନି ? ଥରେ ଦୃଢ଼ ହୋ, ଦୃଢ଼ ହୋ ଥରେ । ତଡ଼ିଦେ ମନକୋଣରେ ଉଙ୍କି ମାରୁଥିବା ଏ ସକଳ ଦୁଷ୍ଟ ଅହଂବୁଦ୍ଧି । ସରଳ ହୋ ରେ, ସରଳ । ମନ ନିର୍ମଳ ହୋଇଯିବ । କଲ୍ୟାଣରେ ବୁଦ୍ଧିର ଉଦୟ ହେବ । କର୍ମଧାରା ସୁନ୍ଦର ହେବ । ଚରମ ପ୍ରାପ୍ତି ପଥରେ ଆଗେଇ ଯିବୁ । ଜଗତର ମଙ୍ଗଳ କରିବୁ । ବିଶ୍ୱକଲ୍ୟାଣକାରୀ ହୋଇଯିବୁ । ମଧୁର ଭାଷାରେ କଥା ବୋଲିବୁ । ପରମ ମଙ୍ଗଳକାରୀ, ଚରମ ଶୁଭଙ୍କରୀ କର୍ମପ୍ରବାହରେ ଅବଗାହନ କରି ପବିତ୍ର ହୋଇଯିବୁ ରେ ଚରମ, ଅନ୍ୟ ସମସ୍ତଙ୍କୁ ପବିତ୍ର କରିଦେବୁ । କ'ଣ କହନି; ମୋ କଥା ରଖି ଚଳିବୁ ନା ?

ଟିକିଏ ଧୈର୍ଯ୍ୟଧରି ରହିଥା ଧନ, ଆଉ ଟିକିଏ ଅପେକ୍ଷା କର । ସେ ମୁହୂର୍ତ୍ତ ଆଉ ବେଶି ଦୂରରେ ନାହିଁ । ବେଶି ବିଳମ୍ବ ହେବ ନାହିଁ । ମୁହୂର୍ତ୍ତ ପରା ପାଖେଇ ଆସିଲାଣି । ସାମାନ୍ୟ ଅସ୍ଥିରତାରୁ ଏତେ ଦିନର ସାଧ ସାଧନାକୁ ପଣ୍ଡ କରିବାକୁ ବସିଛୁ ? ମୋର ଆଦରର ଜ୍ଞାନୀ ପୁତ୍ର ହୋଇ ଅଜ୍ଞାନୀଙ୍କ ପରି ଆଚରଣ କରୁଛୁ ? କରିବୁ ନାହିଁ ମୋର ରଙ୍କରତନ; ସେପରି କରିବୁ ନାହିଁ । ଜଗତ କଲ୍ୟାଣ ପାଇଁ ଗୋଡ଼ କାଢ଼ି ମୋ ଠାରୁ ସମାଜକୁ ଯାଉଛୁ । ସାମାଜିକ ଜୀବଙ୍କ ପରି ସାଧାରଣ ଆଚରଣ କଲେ, ତୋ ମହତ୍ତ୍ୱ ରହିବଟି ! ସେମାନେ ବଦ୍ଧଜୀବ । ବିଷୟ ଲୋଭ ଦେଖାଇବେ, ଦେଖାଇବା ତାଙ୍କ ପକ୍ଷରେ ସ୍ୱାଭାବିକ । ତୁ ତହିଁରେ ପ୍ରଲୋଭିତ ହେଲେ ଚଳିବଟି ? କହନି ଧନ, କହନି ଥରେ ? ଆପଣା

ମନକୁ ପଚାରେ । ନିରୋଳାରେ ବିବେକ ସହିତ କଥାଭାଷା ହୋଇ ବୁଝିନେ । ଜୀବମାନଙ୍କୁ ତତ୍ତ୍ୱଜ୍ଞାନ ଦେବାକୁ ଯାଇ ପ୍ରତିବଦଳରେ ପାର୍ଥିବ ବସ୍ତୁ ଗ୍ରହଣ କରିବା କ'ଣ ଠିକ୍ ହେବରେ ? ତୁ ସେପରି କରିବୁନି ବାବୁ । ତୋ ପାଇଁ ପରା ମୁଁ ଅଛିରେ ବାୟା, ତୋ ପାଖେ ପାଖେ ସବୁବେଳେ ରହିଛି । ତୋର କ'ଣ କ'ଣ ଲୋଡ଼ା ମୋତେ କହୁନୁ, କହନା ଥରେ ! ଥରେ ମନଖୋଲି କହି ଦେଖି ନେ !

ନିରୁତା ରହିବୁ । ନିରୋଳ ରହିବୁ । ତୁ ମୋତେ ଭରସା କରୁଛୁ କି ନାହିଁ; ହେଲେ ମୁଁ ପରା ତୋତେ ଭରସା କରିଛି ରେ ରତ୍ନଧନ ! ତୋ ପରି ଜ୍ଞାନୀ ପୁତ୍ର ମୋର ସକଳ ଆଶା ଭରସାର ସ୍ଥଳୀ । ତୁ କ'ଣ ଏତିକି ବୁଝୁନୁ, କହନି ? ମୁଁ ତୋତେ ଯେପରି ଦେଖିବାକୁ ଚାହୁଁଛି, ତୁ କ'ଣ ସତରେ ସେପରି ହୋଇପାରିବୁନି, ମାଣିକ ! ଯେଉଁଥିରେ ମୁଁ ସୁଖୀ, ତୁ କଣ ତାହା କରିବୁନି ? କରି ପାରିବୁନି ? ମୋର ବିଶ୍ୱାସ ତୁ ପାରିବୁ । ନିଶ୍ଚୟ ପାରିବୁ । ଥରେ ଅଣ୍ଟାଭିଡ଼ି, ଛାତି ପତେଇ ସବୁକୁ ପଛରେ ପକେଇ ତୀବ୍ରଗତିରେ ଧାଇଁ ଆରେ ବାୟା ! ମୁଁ ଯେ ଅନାଦି କାଳରୁ ତୋତେ କୋଳେଇ ନବାକୁ ଦୁଇବାହୁ ବିସ୍ତାର କରି ବ୍ୟାକୁଳ ହୃଦୟରେ ଅପେକ୍ଷା କରି ରହିଛି ॥

ଚରମରେ ! ତୋତେ ଲୋକେ ଭୁଲ ବୁଝୁଛନ୍ତି । ବୁଝନ୍ତୁ । ଦୁଃଖ କାହିଁକି ? କାହିଁକି ଶୋକ ?? ସେମାନେ ତାଙ୍କ ବୁଦ୍ଧିରେ ତୋତେ ମାପୁଛନ୍ତି ତ ! ସେଥିପାଇଁ ଭ୍ରମରେ ପଡ଼ୁଛନ୍ତି । ତୁ ଧୀର ସ୍ଥିର ହୋଇ ତାଙ୍କୁ ଭେଟିବୁ । ତୋ କଥା, ମୋ କଥା; ତାଙ୍କୁ ଶୁଣାଇବୁ, ଜଣେଇବୁ । ବଳେ ବଳେ ଯଥାକାଳରେ ସେମାନଙ୍କର ଭ୍ରମ ତୁଟିଯିବ । ସେମାନେ ତୋତେ ଠିକ୍ ବୁଝିବେ । କ'ଣ ମୋ କଥାରେ ପରତେ ଯାଉନୁ, କହନି ? ଦେଖିବୁ ରହ, ମୁଁ ଯାହା କହୁଛି, ତାହା ଅକ୍ଷରେ ଅକ୍ଷରେ ସତ୍ୟରେ ପରିଣତ ହେବ । ତୁ ଉପଲବ୍ଧ କରିବୁ । ଏ ନିଖିଳ ବିଶ୍ୱ ଉପଲବ୍ଧ କରିବ । ନିଆଁକୁ ଅଣ୍ଡିରେ ପୁରେଇ ଲୁଚେଇ ହୁଏ କିରେ ?

କହ, ପ୍ରାଣ ଖୋଲି ଥରେ କହ । ଥରେ କମ୍ବୁ କଣ୍ଠରେ କହ : ''ତମ ବ୍ୟତୀତ ମୋର କେହି ନାହିଁ । କିଛି ନାହିଁ ॥ ତମ ସୁଖରେ ମୁଁ ସୁଖୀ, ମୁଁ ତମ ସୁଖରେ ସୁଖୀ'' ସବୁ ବନ୍ଧନ ତୁଟିଯିବ । ତୁ ଆଉ ମୁଁ ପରା ଏକାକାର । ଚରମରେ, ତୋ ଭିତରେ ମୁଁ ଅଛି; ମୋ ଭିତରେ ତୁ ଅଛୁ । ଏତିକି କ'ଣ ତୋର ଅନୁଭୂତି ନୁହେଁ । ଏତିକି କ'ଣ ତୋର ଦର୍ଶନ ନୁହେଁ ?? ଏହାହିଁ ପରା ସବୁ ଦର୍ଶନର ମୂଳ, ସବୁ ଜ୍ଞାନର ମୂଳ, ସବୁ ତତ୍ତ୍ୱର ମୂଳ, ପୁଣି ସବୁ ବିଦ୍ୟାର ମୂଳ ଉତ୍ସ !

ରହୁଛିରେ ଧନ, ଏଥରକ ଏତିକିରେ ରହୁଛି । ପ୍ରତିଦିନ ମୋର କଲ୍ୟାଣ ପଢ଼ିବୁ । ମୋ କଥା ମନରେ ରଖିବୁ । କହିଥିବା କାମ କରୁଥିବୁ । ନାମ ଜପୁଥିବୁ । ନାମ-ପ୍ରେମରସରେ ମଜିଯିବୁ । ତାହାରି ଭିତରେ ଆମକୁ ଖୋଜି ପାଇବୁ । ସନାତନୀ କେତନ ଉଡ଼ାଇ ତୋର ରଥ ଦଶ ଦିଗରେ ଏକା ସାଙ୍ଗରେ ଛୁଟି ଯାଉରେ ଚରମ ! ତୁ ଦଶଦିଗ ବିଜୟ କରି ବିଜୟ ଟିକା ଲଲାଟରେ ଘେନି ନିଖିଳ ବିଶ୍ୱ ବୁକୁରେ ନିତ୍ୟ-ସତ୍ୟ-ସନାତନ-ଧର୍ମର ଅମୃତ ମନ୍ଦାକିନୀ ଛୁଟାଇ ପୁଣି ଥରେ ମୋ କୋଳକୁ ଫେରିଆ ॥

ମୁଁ ତୋତେ ଏହି କଲ୍ୟାଣ ଦେଉଛି ॥

ଇତି

ତୋର ଶୁଭାକାଂକ୍ଷୀ

ପିତା

❑❑❑

# କଳିକଳ୍ପ ଟୀକାର ବ୍ୟାଖ୍ୟା

'ଅଚ୍ୟୁତଙ୍କ ଲେଖନୀରୁ' ପ୍ରସଙ୍ଗରେ 'ଚରମ'ର ପ୍ରଥମ ପୃଷ୍ଠ, ଦ୍ୱିତୀୟ ପାଖୁଡ଼ାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'କଳିକଳ୍ପଟୀକା' ସପ୍ତମ ଖଣ୍ଡର ୧୫/୧୬ ପୃଷ୍ଠାରୁ ଚଉଦ (୧୪) ପଦ ଉଦ୍ଧୃତ ହୋଇ ପ୍ରକାଶ ହୋଇଥିଲା । ମହାପୁରୁଷ ଅଚ୍ୟୁତାନନ୍ଦ ଥିଲେ ସିଦ୍ଧ ସାଧକ, ଦିବ୍ୟଦ୍ରଷ୍ଟା ଏବଂ ତ୍ରିକାଳଦର୍ଶୀ । ସେହି ଦ୍ରଷ୍ଟାପୁରୁଷଙ୍କର ରଚନାବଳୀ ଓଡ଼ିଶାର ଆଧ୍ୟାତ୍ମିକ ସାହିତ୍ୟ ଓ ଜୀବନକୁ ବହୁଳ ଭାବରେ ସମୃଦ୍ଧ କରିଛି । ସିଦ୍ଧ ପୁରୁଷ ଅଚ୍ୟୁତାନନ୍ଦଙ୍କର ରଚନା ଘନ ରହସ୍ୟାଚ୍ଛନ୍ନ ଏବଂ ଗଭୀର ତତ୍ତ୍ୱମୂଳକ । ସେହି ତତ୍ତ୍ୱ ସମ୍ୱଳିତ ରହସ୍ୟାଚ୍ଛନ୍ନ ରଚନାର ସରଳ ଅର୍ଥ ଓ ବିଶଦ ବ୍ୟାଖ୍ୟା କରିବା ସାଧାରଣ ପଣ୍ଡିତଙ୍କ ପକ୍ଷରେ ମଧ୍ୟ ଦୁଷ୍କର, ସର୍ବସାଧାରଣ ଜନତାଙ୍କ କଥା ତ ନିଆରା ।

ଏଠାରେ ପୂର୍ବ ପ୍ରକାଶିତ 'କଳିକଳ୍ପଟୀକା'ର ସମ୍ୟକ୍ ବ୍ୟାଖ୍ୟା ଦିଆଯାଉଛି । ଆଗ୍ରହୀ ପାଠକ / ପାଠିକା ଏହାର ମାଧୁର୍ଯ୍ୟ ଉପଭୋଗ କଲେ ଶ୍ରମ ସାର୍ଥକ ହେବ ॥

ପଚାରୁଛି ରାମ ମୁଦ ଅଚ୍ୟୁତିକୁ ଚାହିଁ ।
କୁହ ମୋତେ କଳିଯୁଗ କାହାଣୀ ଏଠାଇଁ ॥୧॥

ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିରୁ ଫେରିଲେ । ବତ୍ରିଶ (୩୨) କୈବଲ୍ୟରେ ତାଙ୍କର ଲୟ ରହିଅଛି । ଚୈତନ୍ୟ ବ୍ରହ୍ମମୟ ଭାବ ମଧ୍ୟ ବ୍ରହ୍ମ । ତାହା ଜଗତକୁ ଲାଖି ରହିଅଛି । ରାମଦାସ ଅଚ୍ୟୁତାନନ୍ଦଙ୍କର ପଟ୍ଟଶିଷ୍ୟ । ସେହି ପଟ୍ଟଶିଷ୍ୟ ରାମଦାସ ଏହି ସମୟରେ ଗୁରୁଙ୍କୁ କଳିଯୁଗର କାହାଣୀଟିଏ ଶୁଣାଇ କହିବା ପାଇଁ ଅଳି ବା ପ୍ରାର୍ଥନା କଲେ ॥

ନଇମିଶା ଜଙ୍ଗଲରେ କେମିତି ଆସିଲା ।
କଳିଯୁଗେ ଦୁଇପାଦ ଏଠାକି ବାଢ଼ିଲା ॥୨॥

ନଇମିଶା = ନୈମିଶା ଜଙ୍ଗଲ = ନୈମିଷାରଣ୍ୟ (ନିମିଷ + ଅ = ନୈମିଷ = ନିମିଷ ସମ୍ୱନ୍ଧୀୟ, ନିମିଷେକ ମଧ୍ୟରେ ଘଟି ଯାଉଥିବା) ତେଣୁ, ଶିଷ୍ୟପ୍ରବର ରାମଦାସ ପଚାରୁଛନ୍ତି କଳିଯୁଗ ଦେହ ରୂପକ ଜଙ୍ଗଲରେ ଏକ ସଙ୍ଗରେ ଦୁଇପାଦ ଅର୍ଥାତ୍ ତ୍ରିଗୁଣରୁ ସତ୍ତ୍ୱଗୁଣକୁ ତ୍ୟାଗକରି ରଜଗୁଣରୁ ଏକପାଦ ଏବଂ ତମଗୁଣରୁ ଏକପାଦ ଏଭଳି ଦୁଇପାଦ ଦେଇ ଆଭାସ ଚୈତନ୍ୟରେ ନିମିଷେକ ମଧ୍ୟରେ ସ୍ଥାନ ପାଇଛି କିପରି ?

ରାଜା ହେବେ କଳି ତେଣୁ ପାରିବକି ତୁହି ॥
ସନ୍ଥଜନ କେମିତି ହୋ ଧର୍ମ କରିବଇଁ ॥୩॥

ଏ ଘୋର କଳିରେ ଜୀବ ପିଣ୍ଡରେ କଳି ତା'ର ପାରିଷଦ ନେଇ ବିରାଜି ଅଛି । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଈର୍ଷା ହିଂସା କୁଚକ୍ରାନ୍ତ ଇତ୍ୟାଦି ଯେତେକ ମନ୍ଦବୃତ୍ତି, ପ୍ରବୃତ୍ତି, ଆସୁରିକ, ପାଶବ ଗୁଣରାଜି ଶରୀରରେ ସୁସ୍ପଷ୍ଟତଃ ବିରାଜି ଅଛି । ଫଳତଃ ଏ ଯୁଗରେ ମଣିଷର ସ୍ଥୂଳ ଆଚରଣରେ ଏ ସକଳ ଦୁର୍ଗୁଣ ଓ ଦୁଷ୍ଟ ପ୍ରବୃତ୍ତି ଫୁଟି ଉଠିଛି । ଏପରି ଅବସ୍ଥାରେ ସନ୍ଥଜନମାନେ ଅର୍ଥାତ୍ ପରମାର୍ଥୀମାନେ ପୁରୁଷାର୍ଥ ବଳରେ ଧର୍ମପାଳନ କରି କିପରି ସତ୍ୟ, ଶାନ୍ତି, ଦୟା, କ୍ଷମା ଇତ୍ୟାଦିର ପ୍ରସାର ଘଟାଇ ପାରିବେ ? ଜୀବ ଦେହରେ ଆସୁରୀ ପ୍ରବୃତ୍ତି ପ୍ରଥମେ ରାଜତ୍ୱ କରେ; ଏହା ବିକେନ୍ଦ୍ରିୟର ପ୍ରଭାବ ବୋଲି କୁହାଯାଏ । ବିକେନ୍ଦ୍ରିୟ ପ୍ରଭାବଶାଳୀ ହେଲେ ସତ୍ୟେନ୍ଦ୍ରିୟ ବୃତ୍ତିଗୁଡ଼ିକ ଦବି ଯାଆନ୍ତି । ଫଳରେ ସନ୍ଥଜନର ଭାବ ମଧ୍ୟ ଦବି ଯାଏ ॥

*ତିନିଗୁଣ ଏକ ତିନି ଶଗଡ଼ା ମାଠିବ ।*

*ସାତ ଶଗଡ଼ାରେ ଯାଇ ବ୍ରହ୍ମଙ୍କୁ ଭେଟିବ ॥୪॥*

ତିନିଗୁଣ ଏକ ତିନି ଅର୍ଥାତ୍ : ସତ୍ତ୍ୱ, ରଜ, ତମ = ତ୍ରିଗୁଣ ( ୩ X ୩+୧=୧୦ ) ଅର୍ଥାତ୍ ଦଶ ଇନ୍ଦ୍ରିୟ ଶଗଡ଼ା ମାଠିବ ବୋଇଲେ ଅଭ୍ୟାସ କର୍ମଯୋଗ ଦ୍ୱାରା ମାଠି ହୋଇଯିବ । (ଚିକ୍କଣ ହେବ) ॥

ମହାପୁରୁଷଙ୍କ ଭାଷାରେ ସାଙ୍କେତିକ (ସଙ୍କେତ ଧର୍ମୀ) ପ୍ରୟୋଗ ଅତ୍ୟନ୍ତ ମନୋରମ ଏବଂ ଧର୍ମର ତତ୍ତ୍ୱ ଗୁହା ମଧ୍ୟରେ ସଯତ୍ନ ସଂରକ୍ଷିତ । ସାତ ଶଗଡ଼ାରେ ଅର୍ଥାତ୍, ସପ୍ତାଙ୍ଗ ଯୋଗରେ ସିଦ୍ଧ ଯୋଗୀ ବ୍ରହ୍ମଙ୍କୁ ଭେଟିବ । ଅର୍ଥାତ୍ : ଆଜ୍ଞା ଚକ୍ରରେ ଲୟ ଲଗାଇ ବ୍ରହ୍ମାନନ୍ଦ ପ୍ରାପ୍ତ ହେବ ।

ଏତକ କହି ଅଚ୍ୟୁତ ଗୋସାଇଁ ଶିଷ୍ୟ ଶ୍ରେଷ୍ଠ ରାମଦାସଙ୍କୁ ଶପଥ କରାଇ କହୁଛନ୍ତି : ସେ (ରାମଦାସ) ଏହିସବୁ ଗୁଢ଼ତତ୍ତ୍ୱ ଯେପରି ଅନ୍ୟ କାହାକୁ କହିବେ ନାହିଁ ବା ଜଣାଇବେ ନାହିଁ । କାରଣ ଏହି ବ୍ୟାଖ୍ୟା ବ୍ୟତୀତ ଏହାର ଆହୁରି ନିଗମ କଥା ତଥା ବ୍ରହ୍ମାଣ୍ଡ କଥା ମଧ୍ୟ ଗୁପ୍ତ ରହିଛି ॥ (୫)

*ତେଳ ଶଙ୍କା ପାଦପରେ ଚୁଣିଚୁଣି ଯିବୁ ।*

*ଶ୍ୟାମାବେଣୀ ରାମାବେଣୀ ବହନ ଆଣିବୁ ॥୬॥*

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟଶିଷ୍ୟ ରାମଦାସଙ୍କୁ ବୁଝାଇ କହୁଛନ୍ତି : ଘୋର କଳିରେ କର୍ମଯୋଗ କଲେ, ସନ୍ଦେହ ପାବଲ୍ଲ ସୃଷ୍ଟି ହୁଏ । ତେଣୁ ସେହି ସୋପାନ ଶ୍ରେଣୀରେ ଥିରି ଥିରି ପାଦ ଗୋଟିଏ ଗୋଟିଏ ପକାଇ ଆଗେଇ ଯିବୁ । ତରବର.ହେବୁ ନାହିଁ । ଶରୀର ମଧ୍ୟରେ ସୂକ୍ଷ୍ମ ବୀଜ ସ୍ୱରୂପରେ ଯେଉଁ ପ୍ରକୃତି ସବୁ ଅଛି ଯଥା : ରାମାବେଣୀ ନବଯୌବନ ଭାବ, ପୁଣି ଶ୍ୟାମାବେଣୀ- କାଳିକାଭାବ; ସେ ସକଳକୁ ସ୍ୱଭାବ ବା କୁ ପ୍ରକୃତି ନରକ ପଥକୁ ଟାଣି ନେଇଯିବ । ବହନ ଆଣିବା ଅର୍ଥାତ୍ ତତ୍‌କ୍ଷଣାତ୍ ଫଳର ବୋଝ ବୁହାଇବ ॥(୬)

*ନରଡ଼ା ଶାସନ ରାମ, କେଶବଙ୍କ ସଖା ।*

*ପୂର୍ଣ୍ଣସଖା ଅଙ୍ଗେ ବାଣେ ହୋଇବଟି ଦେଖା ॥୭॥*

ନରକ ପଥକୁ ନରଡ଼ା ଶାସନ କୁହାଯାଇଛି । ପ୍ରଥମେ ଜୀବ ସଦ୍ ଆନନ୍ଦ  ନ ପାଇ ଯୌବନ ଅବସ୍ଥାରେ ପ୍ରବୃତ୍ତି ପ୍ରକୃତି ମାର୍ଗରେ ଦୈହିକ ସୁଖ କାମନା କରି ଓ ଭୋଗ କରି ଦୁଃଖଶୋକ ରୂପକ କଣ୍ଟାରେ କଣ୍ଟକିତ ହୁଏ । କ୍ରମଶଃ ତହିଁରୁ ନିବୃତ୍ତ ହୁଏ: ଶାସନ ମାନି ଚଳେ । କେଶବ, ଅର୍ଥାତ୍ : ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କୁ ବୁଝାଏ । କଣ୍ଠ ଦେଶରେ ଶିବ, ହୃଦ୍‌ଦେଶରେ ବିଷ୍ଣୁ ଏବଂ ନାଭିଦେଶରେ ବ୍ରହ୍ମାଙ୍କ ଅଧିଷ୍ଠାନ । ଏମାନଙ୍କର ବାଡ଼ ସଦୃଶ ବିଷୟ ପ୍ରବୃତ୍ତି ବିଦ୍ୟମାନ । ଏହି ବିଷୟ ପ୍ରବୃତ୍ତି ସଖା ବା ସାଥୀର କାର୍ଯ୍ୟ ଶରୀର ମଧରେ କରନ୍ତି । ଫଳରେ ଯେ କୌଣସି ସୁକାର୍ଯ୍ୟରେ 'କୁ' ବା ମନ୍ଦ ପ୍ରବୃତ୍ତି ଓ ତହିଁର ପଥ ସବୁ ଆଗକୁ ବାହାରି ପଡ଼େ । ପୂର୍ଣ୍ଣସଖା ଅଙ୍ଗେ, ଅର୍ଥାତ୍ : ଯେତେବେଳେ ଜୀବ ତା'ର ପ୍ରକୃତି ପ୍ରବୃତ୍ତି ଗୁଡ଼ିକୁ ଦମନ କରେ, ସେତେବେଳେ ମନ ସ୍ୱଚ୍ଛ ହୋଇଯାଏ । ବାଣେ : ମହାପୁରୁଷଙ୍କ ଭାଷାରେ : ଲୟ, ଅଙ୍ଗ, ଚୈତନ୍ୟ ଏକ ହେଲେ ବାଣେ ବୋଲାଯାଏ । ପୂର୍ଣ୍ଣସଖା ହେଉଛନ୍ତି ଜୀବ ପରମ । ଜୀବ ପରମ ଯୋଗ ସୂତ୍ରକୁ ପୂର୍ଣ୍ଣସଖା ଅଙ୍ଗ ବୋଲାଯାଏ ॥

*ବାପା ନାମ ଜଗା ତତା ମାଆ ତ ଅବନ୍ତୀ ।*

*ସଖା କହ୍ନେଇ ଯେ ତହିଁ ରୁଗ୍‌ଣ ହୋଇଥାନ୍ତି ॥୮॥*

ବାପା : ପୁରୁଷ ; ବିବେକ ଶକ୍ତିର ଆଧାର-ଜଗନ୍ନାଥ, ବ୍ରହ୍ମ ଅଟନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ବ୍ରହ୍ମାଣ୍ଡ ନାଥ ଜଗନ୍ନାଥ ବା ଦାରୁବ୍ରହ୍ମଙ୍କୁ ତନ୍ତୀ ବୋଲି କହିବାର ତାତ୍ପର୍ଯ୍ୟ : ବୁଢ଼ିଆଣୀ ନିଜ ଗର୍ଭରୁ ସୂତା କାଢ଼ି ଜାଲବୁଣିଲା ଭଳି ଓ ତନ୍ତୁବାୟ ତନ୍ତରେ ସୂତାକୁ ସୂତା ଛନ୍ଦି ବସ୍ତ୍ର ବୁଣିଲା ପରି ବ୍ରହ୍ମ ଆପଣା ଇଚ୍ଛାରୁ ସଚରାଚର ବ୍ରହ୍ମାଣ୍ଡ ଭିଆଇ ପରସ୍ପର ଛନ୍ଦି ସଂପର୍କ ରକ୍ଷା କରିଛନ୍ତି । ଶରୀରରେ ଜାଲକ ଶିରାବିନ୍ୟାସ ଦ୍ୱାରା ପିଣ୍ଡ ବ୍ରହ୍ମାଣ୍ଡର ରକ୍ଷା କରାଯାଉଛି । ତେଣୁ ସୃଷ୍ଟିର ସ୍ରଷ୍ଟାଙ୍କୁ 'ଜଗା ତନ୍ତୀ' ଆଖ୍ୟା ଦିଆଯାଇଛି । ମାଆ ଅବନ୍ତୀ ପଚିଶ ପ୍ରକୃତି, ଶକ୍ତି ରୂପିଣୀ । ଅବନ୍ତୀ ନଗର (ଏକସ୍ଥାନ) କୁ ଲକ୍ଷ୍ୟ କଲେ ଚଳିବନି । ଜୀବର ସୁଷୁମ୍ନା ଦ୍ୱାରରେ ନନ୍ଦବାଟ କହ୍ନେଇ ରୁଦ୍ଧ ହୋଇଯାଏ । ବିକେନ୍ଦ୍ରିୟ ବଳରେ ସେ ଶୋଇଥାଏ ଓ କୁଣ୍ଡଳିନୀ ଜାଗ୍ରତ ହେଲେ ସଚେତ ହୋଇଉଠେ । ସୁଷୁମ୍ନା ଦ୍ୱାରକୁ କହ୍ନେଇ ବୋଲିଥାନ୍ତି ॥

*ପାଟିରୁ ବୁହାଏ ନାଳ ନାକରୁ ସିଙ୍ଗାଣି ।*

*ପେଟ ବଡ଼ ଗୋଡ଼ ଛୋଟ ବାତ ନହୁରୁଣି ॥୯॥*

ବିକେନ୍ଦ୍ରିୟ ବଳର ପ୍ରଭାବରୁ ଶରୀରରେ ବାତ, ପିତ୍ତ, କଫର ପ୍ରବଳତାରୁ ଶାରୀରିକ ଦୁଃଖକଷ୍ଟ ଭୋଗ ହୁଏ । ପିତ୍ତର ପ୍ରକାର ଭେଦ ଚଉଦ (୧୪) । ସିଙ୍ଗାଣି ଆକାରରେ କଫ ଆସିଲେ କଫପିତ୍ତ ବୋଲାଯାଏ । କଫପିତ୍ତର ଗୁଣ : ବୃହଦାକାୟ ଶରୀରରେ ବହୁତ ପ୍ରକାର ରୋଗ ବସା ବାନ୍ଧିଥାଏ । ରୋଗ ପ୍ରତିରୋଧକ ଶକ୍ତି ଧୈର୍ଯ୍ୟ, କ୍ଷୀଣ ହୋଇଯାଏ । ଏଠାରେ ପେଟ ବଡ଼ ଅର୍ଥାତ୍ ବଡ଼ ଶରୀର ଓ ଛୋଟ ଗୋଡ଼ ଅର୍ଥାତ୍ କ୍ଷୀଣ ଧୈର୍ଯ୍ୟଶକ୍ତିକୁ ପ୍ରତୀକ ମାଧ୍ୟମରେ ଭାବ ପ୍ରକାଶ କରାଯାଇଛି ॥

*ଭେଟ ହେବ କେଶବଙ୍କୁ ମାଘ ଫଣି ବଣି ।*

*ଫଣି ମିଶାଇ ବଣିକୁ ବେନି ଦୁଇ ଗୁଣି ॥୧୦॥*

ଫଣି = ସପ୍ତଫଣି = ସପ୍ତାଙ୍ଗ ଯୋଗ । ଫଣି = ପବନ । ବଣି = ମନପବନ ସଦୃଶ ସଦା ଗତିଶୀଳ । ମାଘ = ଜଡ଼ଭାବ । କେଶବ = କ + ଈଶ + ବ = ବ୍ରହ୍ମା, ବିଷ୍ଣୁ, ମହେଶ୍ୱର = ବ୍ରହ୍ମକୁ ଭେଟ ହେବା ବା ଉପଲବ୍ଧି କରିବା ପାଇଁ ଜୀବକୁ ଜଡ଼ ଜଗତରୁ ଚୈତନ୍ୟ ଜଗତରେ ପହଞ୍ଚିବାକୁ ହେବ । ଏଥି ନିମନ୍ତେ ଦୁଇ ଗୁଣି ଅର୍ଥାତ୍ ୨ X ୨ = ୪ ନିଃଶ୍ୱାସ ପ୍ରଶ୍ୱାସ ବା ଚନ୍ଦ୍ରାଣି ସୂର୍ଯ୍ୟାଣି ୨ X ଫଣିବଣି ୨ = ୪ ଅର୍ଥାତ୍ ପଞ୍ଚ ପ୍ରାଣବାୟୁ ମଧ୍ୟରୁ ଚାରିଗୋଟି ପ୍ରାଣବାୟୁ (ପ୍ରାଣ, ଅପାନ, ଉଦାନ, ବ୍ୟାନ)କୁ ନିୟନ୍ତ୍ରଣ କରି ସମାନରେ ରଖି ମନକୁ ନିୟନ୍ତ୍ରଣ କରି ଚୈତନ୍ୟରେ ଥୋଇବାକୁ ହେବ ॥

*ସେହିଠାରେ କହ୍ନେଇ ଯେ କଳାଦାନ ନେବେ ।*

*କଳାନେଇ ପ୍ରଷ୍ଠିଷ୍ଠାକୁ ଚିରିଣି ଥୋଇବେ ॥୧୧॥*

ମହାପୁରୁଷଙ୍କ ଭାଷାରେ ମନକୁ ଚୈତନ୍ୟରେ ଥୋଇବା ପରେ କହ୍ନେଇ ଶକ୍ତି ଲାଭ କରନ୍ତି; ଅର୍ଥାତ୍ ଜୀବର ଭାବ ସୁଷୁମ୍ନା କାଣ୍ଡରୁ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହେବାଦ୍ୱାରା ଚୈତନ୍ୟ ଜଗତରେ ପହଞ୍ଚିଲେ ଶକ୍ତି ପ୍ରଦାନ ହୁଏ, ଜୀବର ଶକ୍ତି ଜାଗ୍ରତ ହୁଏ । ଏହା ସମାଧି ଅବସ୍ଥାରେ ହୁଏ । ଜୀବର ଶକ୍ତି ଜାଗ୍ରତ ହେଲେ ପ୍ରଷ୍ଠିଷ୍ଠା ଅର୍ଥାତ୍ : ବ୍ରହ୍ମରନ୍ଧ୍ର ଭେଦ କରିବା ପର ଅବସ୍ଥାର ଜ୍ଞାନକୁ ଚିରିଣି ଅର୍ଥାତ୍ : ବ୍ରହ୍ମଜ୍ଞାନରେ ଥୋଇବେ ଅର୍ଥାତ୍ ତହିଁରେ ମତି ଥୁଆ ହେବ । ଏହି ଅବସ୍ଥାକୁ ପ୍ରଷ୍ଠିଷ୍ଠା କହନ୍ତି । ଚିରିଣି ବା ଚିରୁଣ ଅର୍ଥ : ପାନିଆ । ଏହା ଲମ୍ବା ଲମ୍ବା ଦାନ୍ତ ଖୁନ୍ଦି ଖୁନ୍ଦି ହୋଇ ରହିଥାଏ । ସେହିଭଳି ସୁଷୁମ୍ନାରୁ ଯୋଗ ଅବସ୍ଥାରେ ଆଜ୍ଞା ଚକ୍ରରେ ଥୁଆ ହେଲେ, ଯୋଗୀ ଛିଦ୍ର ବା ରନ୍ଧ୍ରଯୁକ୍ତ ଆଁଶୁ ସଙ୍କୁଳ ବ୍ରହ୍ମଳଶିକା ରୂପୀ ବ୍ରହ୍ମଜ୍ଞାନ ଲାଭକରେ ॥

*ରାଜ ରଷି ବ୍ରହ୍ମରଷି ଗୃହସ୍ଥା ଧର୍ମଇ ।*

*ତିନି ବରଷୁ କେଶବ ମୁକ୍ତିମାନ ଦେଇ ॥୧୨॥*

ମାତୃ ଗର୍ଭରେ ଶିଶୁର ଅବସ୍ଥାକୁ ରାଜରଷି ଅବସ୍ଥା, ଭୂମିଷ୍ଠଠାରୁ ବ୧୨୭ ମାସ (ବାରବର୍ଷ, ସାତମାସ) ପର୍ଯ୍ୟନ୍ତ ଅବସ୍ଥାକୁ ବ୍ରହ୍ମରଷି ଅବସ୍ଥା ଓ ତା' ପରଠାରୁ ଶରୀର ଧାରଣ ପର୍ଯ୍ୟନ୍ତ ଗୃହସ୍ଥା ଧର୍ମ ଅବସ୍ଥା ବ୍ରହ୍ମର କଳେବର ହୁଏ । ଏହା ଦେହ ଅନୁଭବ ଅବସ୍ଥା ନେଇ ହୁଏ । ତିନିବର୍ଷ ବୟସରୁ ପ୍ରତ୍ୟେକ ଜୀବ (ମାନବ ଦେହ)ର ଜୀବବ୍ରହ୍ମ ମାୟାଚ୍ଛନ୍ନ ହୋଇ ପରମବ୍ରହ୍ମ ଠାରୁ ମୁକ୍ତ ହୋଇ ମାୟାବ୍ରହ୍ମ ବା ମାୟାଜ୍ୟୋତି ଠାରେ ଯୋଗହୁଏ ॥

*ପ୍ରଥମ ବରଷ ଗଲା କିନ୍ନର ଯକ୍ଷକୁ ।*

*ଦ୍ୱିତୀୟ ବରଷ ଗଲା ଗନ୍ଧର୍ବ ଦେବଙ୍କୁ ॥୧୩॥*

ପ୍ରଥମ ବର୍ଷ କିନ୍ନର ଯକ୍ଷକୁ ଅର୍ଥାତ୍ : ରଜଗୁଣ ସୂକ୍ଷ୍ମ କଣିକା ଗୁଡ଼ିକ ସୂକ୍ଷ୍ମ କୋଷରେ ପରିଣତ ହୋଇ ପ୍ରକୃତି ରୂପରେ ଜୀବ (ମାନବ) ଦେହରେ ପ୍ରବୃତ୍ତିମାନ ସ୍ୱତଃ ପ୍ରକାଶ କରେ । ଦ୍ୱିତୀୟ ବର୍ଷ ଗନ୍ଧର୍ବ ଦେବଙ୍କୁ, ଅର୍ଥାତ୍ : ତମଗୁଣର ଅଣୁଚକ୍ରିକା ସକଳ ସୂକ୍ଷ୍ମ କୋଷ ତିଆରି କରେ । ସତ୍ତ୍ୱଗୁଣ ଏହି ରଜ ଓ ତମ ଗୁଣର ପ୍ରଭାବରୁ ଚାପ ପାଇ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠରେ ଆବଦ୍ଧ ହୋଇ ରହିଯାଏ । ବିକେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଖୋଲିଯାଇ ଜୀବକୁ ନିଷ୍ଠାଠାରୁ ଦୂରେଇ ନେଇ ଜୀବାବସ୍ଥାରେ ଅହଂଭାବ, ଯକ୍ଷର ଆସୁରୀ ଗୁଣରେ ଧୀରେ ଧୀରେ ଅଧିକରୁ ଅଧିକ କଳଙ୍କିତ କରି ଦିଏ । ଜୀବ ମାୟାବଦ୍ଧ ହୁଏ ॥

*ଏହିଠାରେ ଅଚ୍ଯୁତି ଯେ ପଦଶେଷ କଲା ।*

*କଳିରେ ମୁରାରୀ ବାଣ ନିତାଇ ଖଞ୍ଜିଲା ॥୧୪॥*

ମହାପୁରୁଷ ଅଚ୍ୟୁତାନନ୍ଦ ଏହିଠାରେ ତାଙ୍କର ବକ୍ତବ୍ୟ ଶେଷ କଲେ । ପ୍ରିୟ ଶିଷ୍ୟପ୍ରବର ରାମଦାସଙ୍କୁ ନିଗୂଢ଼ ତତ୍ତ୍ୱ ବୁଝାଇ କହିଲେ । ଏ ଘୋର କଳିରେ ବୃତ୍ତି ପ୍ରବୃତ୍ତିରୁ ରକ୍ଷା ପାଇବାକୁ ହେଲେ, ମୁରାରୀ ବାଣ-କୃଷ୍ଣଚୈତନ୍ୟ ନାମ, ବ୍ରହ୍ମତାରକ ମନ୍ତ୍ର, ଗୁରୁଦତ୍ତ ବୀଜମନ୍ତ୍ର, ପାଲାପାଠ କରିବା ପାଇଁ ଅକ୍ଷର ବ୍ରହ୍ମ ଖଞ୍ଜି ଶବ୍ଦବ୍ରହ୍ମ ଗଢ଼ିଦେଇ ଗଲେ ଏବଂ ଅଣାକ୍ଷର, ଏକାକ୍ଷର ପ୍ରଣବ ଉଚ୍ଚାରଣ ନିମନ୍ତେ ନିର୍ଦ୍ଦେଶ ଦେଲେ । ଏ ସକଳକୁ ମିଶାଇଲେ ବାଣ (ପାଞ୍ଚ) ସଂଖ୍ୟା ହେଉଅଛି ।

ଏବେ 'କଳିକଳ୍ପ ଟୀକା'ର ସଂକ୍ଷିପ୍ତ ଅର୍ଥ ପ୍ରକରଣରୁ ପଣ୍ଡିତେ ବୁଝନ୍ତୁ : ପୃଥିବୀର ସକଳ ଭାଷାର ଲିପିବଦ୍ଧ ସାହିତ୍ୟରେ ଓଡ଼ିଆ ସାହିତ୍ୟ ସର୍ବପ୍ରଥମ ଭାବ ପ୍ରକାଶ ନିମନ୍ତେ ସଙ୍କେତ ବା ପ୍ରତୀକ ଏବଂ ଚିତ୍ରକଳ୍ପ ପ୍ରୟୋଗ କରିବାର ଗୌରବ ଲାଭର ଯୋଗ୍ୟ ନୁହେଁକି ? ଯଦିଓ ଚର୍ଯ୍ୟାଗୀତିରେ ପ୍ରତୀକ ଓ ଚିତ୍ରକଳ୍ପ ପ୍ରଯୁକ୍ତ ହୋଇଛି; ତଥାପି ତାହା ଏକ ନିର୍ଦ୍ଦିଷ୍ଟ ଭାଷାର ସାହିତ୍ୟ ନୁହେଁ; କାରଣ ବହୁ ଭାଷାର ପଣ୍ଡିତଗଣ ତାହା ନିଜ ନିଜ ଭାଷା ବୋଲି ଦୀର୍ଘଦିନ ହେବ ବିବାଦୀୟ ଦାବୀରେ ପରିଣତ କରିଛନ୍ତି । ଏ ଯାବତ୍ ମୀମାଂସା ହୋଇନାହିଁ, ହୋଇ ପାରିନାହିଁ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ରଚନାବଳୀ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯେପରି ମହନୀୟ, ସାହିତ୍ୟିକ ପରିପ୍ରେକ୍ଷୀରେ ସେହିପରି ମନୋଜ୍ଞ ଓ ମନୋରମ ॥

❑❑❑




# ଆଶ୍ରମ ସନ୍ଦେଶ

**'ଚରମ'**ପୃଷ୍ଠାର ପାଠକ/ପାଠିକା, ଭକ୍ତ / ଅନୁଗତ, ଭାଇ /ଭଉଣୀ ମାନଙ୍କ ଅବଗତି ନିମିତ୍ତ ଆଶ୍ରମ ତଥା ସଂସ୍ଥା ଏବଂ ବିଭିନ୍ନ କ୍ଷିତିଜ୍ୟୋତିଃ ଆଶ୍ରମ ଶାଖାର ସମ୍ବାଦ ଧାରାବାହିକ ଭାବେ : ''ଆଶ୍ରମ ସନ୍ଦେଶ'' ଶୀର୍ଷକରେ ପ୍ରକାଶ କରିବା ନିଷ୍ପତ୍ତି ସଂପାଦନା ଗ୍ରହଣ କରି ଦ୍ୱିତୀୟ ପାଖୁଡ଼ାରେ କେବଳ ଏହାର ପ୍ରସ୍ତାବିତ ଶାଖା ଓ ଅଣ ଆନୁଷ୍ଠାନିକ ଶାଖା ଗୁଡ଼ିକ ଉପରେ ଠିକଣା ସମେତ ସମ୍ୟକ୍ ବିବରଣୀ ପ୍ରଦତ୍ତ ହୋଇଥିଲା ।

ଏହି ପାଖୁଡ଼ାରେ ପ୍ରସ୍ତାବିତ ଶାଖା / ଅଣଆନୁଷ୍ଠାନିକ ଶାଖାଗୁଡ଼ିକର ସବିଶେଷ ବିବରଣୀ ପ୍ରଦତ୍ତ ହୋଇଅଛି ।

- ତା ୧୫।୧।୯୪ ରିଖ, ଶନିବାର ସଂଧ୍ୟାରେ ନେମାଳ ନିକଟସ୍ଥ ଉଦୟପୁରଠାରେ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପୂଣ୍ୟତୋୟା ଚିତ୍ରୋତ୍ପଳା ତଟବର୍ତ୍ତୀ ଏକ ପରିବେଶରେ ହଜାର ହଜାର ଅନୁଗତ ଭକ୍ତ, ମା' ଭଉଣୀ, ଭାଇମାନଙ୍କ ଉପସ୍ଥିତିରେ ସତ୍‌ସଙ୍ଗ ସଂଧ୍ୟା ଘ.୫.୩୦ ମି: ରେ ଆରମ୍ଭ ହୋଇ ରାତ୍ର ଘ.୧୧.୦୦ ମି: ରେ ଶାନ୍ତି ଲାଭ କରିଥିଲା । ପରିଶେଷରେ ଆନନ୍ଦବଜାରରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ଶ୍ରୀଶ୍ରୀଠାକୁର ଘ.୧୧.୩୦ମି: ରେ ପହଞ୍ଚି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ।

- ତା ୨୩।୧।୯୪ ରିଖ, ରବିବାର ପୂର୍ବାହ୍ନରେ ଠାକୁବା' ଯଦୁନାଥଙ୍କର ଜନ୍ମତିଥି ଉତ୍ସବ ଆଶ୍ରମ ପରିସରରେ ଯଥାରୀତି ଏକ ନିରାଡ଼ମ୍ବର ପରିବେଶରେ ବିଧିଲଗ୍ନଗତ ହୋମଯଜ୍ଞ ଉପଚାର ସହ ପାଳିତ ହୋଇଥିଲା ।

- ତା ୨୫।୧।୯୪ ରିଖ, ମଙ୍ଗଳବାର ସଂଧ୍ୟାରେ ଭଟିମୁଣ୍ଡା ଶାଖାର ଉଦ୍‌ଘାଟନ ଉପଲକ୍ଷେ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସତ୍‌ସଙ୍ଗରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଆଜ୍ଞାରେ ପ୍ରଥମଥର ପ୍ରଭୁଙ୍କର ଲୀଳା ପ୍ରସଙ୍ଗ ଦୀର୍ଘ ଏକ ଘଣ୍ଟା ଧରି ଆଲୋଚନା କରାଯାଇଥିଲା । ସତ୍‌ସଙ୍ଗ ଶେଷରେ ଆନନ୍ଦବଜାରରେ ସମସ୍ତେ ପ୍ରସାଦସେବନ କରିଥିଲେ ।

- ତା ୯।୨।୯୪ ରିଖ, ବୁଧବାର ସଂଧ୍ୟାରେ ଗୋବିନ୍ଦପୁର ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ତିରିଶତମ ସତ୍‌ସଙ୍ଗ ଅଧିବେଶନ ଘ୫.୫୫ମି:ରେ ଆରମ୍ଭ ହୋଇ ଘ୧୧.୧୫ମି: ରେ ଶାନ୍ତିଲାଭ କଲାପରେ ସମସ୍ତେ ଆନନ୍ଦବଜାରରେ ପ୍ରସାଦ ସେବନ କରିଥିଲେ ।

- ତା ୨୨।୨।୯୪ ରିଖ, ମଙ୍ଗଳବାର, ସଂଧ୍ୟା ଘ୫.୪୫ ମି: ରେ ଖଇରା ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଏକତ୍ରିଂଶତମ ସତ୍‌ସଙ୍ଗ ଅଧିବେଶନ ମହା ସମାରୋହରେ ଆରମ୍ଭ ହୋଇ ଘ୧୨.୩୦ମି:ରେ ଶାନ୍ତି ଲାଭ ପରେ ସମସ୍ତେ ଆନନ୍ଦ ବଜାର୍‌ରେ ପ୍ରସାଦ ସେବନ କରିଥିଲେ ।

- ତା୨୬।୨।୯୪ରିଖ, ଶନିବାର, ପୂର୍ଣ୍ଣିମା ତିଥିରେ 'ତରଙ୍ଗ' ୧ମ ପୃଷ୍ପର ଦ୍ୱିତୀୟ ପାଖୁଡ଼ା ଅଣ ଆନୁଷ୍ଠାନିକ ଭାବରେ ଶ୍ରୀଶ୍ରୀଶ୍ରୀ ଠାକୁର ଯଥାରୀତି ସ୍ୱହସ୍ତରେ ଉନ୍ମୋଚନ କରିଥିଲେ ।

- ତା ୧୬।୩।୯୪ ରିଖ, ବୁଧବାର ସଂଧ୍ୟା ଘ୫.୫୫ମି:ରେ ଗୁରୁଭ୍ରାତା ଶ୍ରୀ ନୀଳମଣି ବେହେରାଙ୍କ ଉଦ୍ୟମ ତଥା ଅନ୍ୟାନ୍ୟ ଭାଇ/ଭଉଣୀ ମାନଙ୍କ ଅକୁଣ୍ଠ ସହଯୋଗରେ ବଟିରା (ପାଟକୁରା) ଠାରେ ଦ୍ୱାତ୍ରିଂଶ (୩୨) ତମ ସତ୍‌ସଙ୍ଗ ଅଧିବେଶନ ସୁଶୃଙ୍ଖଳ ଭାବରେ ଶୁଭାରମ୍ଭ ହୋଇ ରାତ୍ର ଘ ୧୨.୩୦ମି: ରେ ଶାନ୍ତି ଲାଭ ପରେ ସମସ୍ତ ଗୁରୁଭାଇ/ଭଉଣୀ ତଥା ଉପସ୍ଥିତ ଜନ ସାଧାରଣ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ ।

- ତା୧୭।୩।୯୪ରିଖ, ଶୁକ୍ରବାର ଠାରୁ ତା ୨୧।୩।୯୪ ରିଖ, ରବିବାର ପର୍ଯ୍ୟନ୍ତ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ପରିଷଦ ନିର୍ବାହୀ କର୍ମକର୍ତ୍ତାଗଣ ବାଲେଶ୍ୱର, ବାରିପଦା ଏବଂ କେନ୍ଦୁଝରର ପ୍ରସ୍ତାବିତ ଶାଖାମାନଙ୍କରେ ସତ୍‌ସଙ୍ଗ ଅନୁଷ୍ଠାନରେ ଯୋଗଦେଇ ଠାକୁରଙ୍କ ଭାବଧାରା, ଉନ୍ନୟନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅନୁପ୍ରାଣିତ କରିଥିଲେ ।

- ତା୨୩।୩।୯୪ରିଖ, ବୁଧବାର, ଫଗୁଦଶମୀ ତିଥି; ସଂଧ୍ୟା ଘ.୫.୫୫ମି:ରେ ବେଲରପା ଶାଖାର ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ତ୍ରିତ୍ରିଂଶତମ (୩୩) ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଋତୁରାଜ ବସନ୍ତର ହିଲ୍ଲୋଳରେ ସ୍ନିଗ୍ଧ ମନୋଜ୍ଞ ପରିବେଶ ଅଧିକନ୍ତୁ ପବିତ୍ର ପରିବେଷ୍ଟନୀ ମଧ୍ୟରେ ସତ୍‌ସଙ୍ଗ ଅନୁଷ୍ଠାନ ଘ୧୨.୪୫ମି: ମଧ୍ୟ ରାତ୍ରରେ ଉଦ୍‌ଯାପିତ ହୋଇଥିଲା । ଶାନ୍ତି ଲାଭ ପରେ ଉପସ୍ଥିତ ସକଳ ଦିବ୍ୟାତ୍ମାଗଣ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ ।

- ତା୧୨।୪।୯୪ରିଖ, ମଙ୍ଗଳବାର ଆଶ୍ରମ ପରିସରରେ ଆଶ୍ରମର ବିଭିନ୍ନ ବିଭାଗ/ଅନୁ ବିଭାଗର ଗୃହନିର୍ମାଣ ନିମନ୍ତେ 'ମାଷ୍ଟର ପ୍ଲାନ୍ କମିଟି'ର ବୈଠକ ବସି ଚୂଡାନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ପରମକାରୁଣିକ ଶ୍ରୀଶ୍ରୀ ଠାକୁରଙ୍କ ଅନୁମୋଦନ ନିମନ୍ତେ ପ୍ରଭୁଙ୍କ ପାଦତଳେ ସମର୍ପଣ କରାଗଲା ।

- ତା୧୪।୪।୯୪ରିଖ, ଗୁରୁବାର (ମହାବିଷୁବ ସଂକ୍ରାନ୍ତି) ପୂର୍ବାହ୍ନରେ 'ଠାକୁମା' ସୁକାନ୍ତି ଦେବୀଙ୍କର ଜନ୍ମତିଥି ଉତ୍ସବ ପାଳିତ ହୋଇଥିଲା । ହୋମଯଜ୍ଞାଦି କ୍ରିୟାନୁଷ୍ଠାନ ସହିତ ଉପସ୍ଥିତ ଥିଲେ ମାତୃତ୍ୱର ମୂର୍ତ୍ତିମତୀ ବିଗ୍ରହ ସ୍ୱୟଂ ଠାକୁମା । ଏହି ଉତ୍ସବରେ ସମସ୍ତେ ତାଙ୍କ ପାଦତଳେ ଭକ୍ତିର ପୁଷ୍ପ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଶୁଭ ଅବସରରେ ଶ୍ରୀଶ୍ରୀଶ୍ରୀ ଠାକୁର ମାତାଙ୍କ ଚର୍ଚ୍ଚା କରିଥିଲେ । ଯୁଗକ୍ରମରେ ସୃଷ୍ଟିର ଛଳରୂପରେ ବାଲ୍ୟ ଚପଳତା ଓ ମାତାଙ୍କ ବାତ୍ସଲ୍ୟପ୍ରେମ ସମସ୍ତଙ୍କ ଚକ୍ଷୁକୁ ବାଷ୍ପାକୁଳ କରିଥିଲା । ସୃଷ୍ଟିର ବୈଶିଷ୍ଟ୍ୟ ଓ ସାରବତ୍ତା, ସ୍ନେହର ସୁକୋମଳ ବେଷ୍ଟନୀକୁ ସ୍ରଷ୍ଟା ଯୁଗେ ଯୁଗେ କର୍ମମୟ ଜୀବନରେ ଉପସ୍ଥାପନ କରି ସୃଷ୍ଟିର ଗୁଣଗାନ କରିଥାନ୍ତି ।

- ତା୧୯।୪।୯୪ରିଖ, ମଙ୍ଗଳବାର ସଂଧ୍ୟାରେ ବେଲରମା ଶାଖାର ଗୁରୁଭାଇ ବଂଶୀଧର ଜେନାଙ୍କ ପୁତ୍ରସନ୍ତାନର ଏକୋଇଶା ଓ ନାମକରଣ ଉପଲକ୍ଷେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ସତ୍‌ସଙ୍ଗ ପରେ ଉପସ୍ଥିତ ଭାଇ ଭଉଣୀମାନେ ଆନନ୍ଦବଜାରରେ ପ୍ରସାଦ ସେବନ କରିଥିଲେ ।

- ତା୨୦।୪।୯୪ରିଖ, ବୁଧବାର (ଶ୍ରୀରାମ ନବମୀ) ସଂଧ୍ୟାରେ ଜଗତ୍‌ପୁର, କଟକ ସ୍ଥିତ 'କେଶବ ଭବନ'ର ପ୍ରଥମ ବାର୍ଷିକ ଉତ୍ସବ ଗୁରୁଭାଇ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ଉଦ୍ୟମରେ ଯଥାରୀତି ପାଳିତ ହୋଇଯାଇଛି । ଉତ୍ସବ ଉପଲକ୍ଷେ ସମବେତ ଭାଇ ଭଉଣୀଙ୍କୁ ନେଇ ସତ୍‌ସଙ୍ଗ ଅଧିବେଶନ ହୋଇଥିଲା ଓ ଶାନ୍ତି ଘୋଷଣା ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

- ତା୨୫।୪।୯୪ରିଖ, ସୋମବାର (ଚୈତ୍ରପୂର୍ଣ୍ଣିମା) ପୂର୍ବାହ୍ନ ଘ.୯.୪୫ମି ରେ 'ଠାକୁବା' ଯଦୁନାଥଙ୍କର ଅଷ୍ଟାଦଶତମ (୧୮) ଶ୍ରାଦ୍ଧ ବାର୍ଷିକ ଉତ୍ସବ ଶହ ଶହ ଗୁରୁଭାଇ ଭଉଣୀ ଏବଂ ଦିବ୍ୟାତ୍ମା ଗଣଙ୍କ ଶୁଦ୍ଧପୂତ ପରିବେଷ୍ଟନୀରେ ହୋମ ଯଜ୍ଞାଦି କର୍ମାନୁଷ୍ଠାନ ସହିତ ଯଥାବିଧି ପାଳିତ ହୋଇଥିଲା । ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ଲୌକିକ ମତେ ଯଥାରୀତି ପିଣ୍ଡଦାନ କରିଥିଲେ । ପରେ ପରେ ସମବେତ ଭାଇଭଉଣୀ ଓ ଦିବ୍ୟାତ୍ମାଗଣଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ପରିଶେଷରେ ଆନନ୍ଦବଜାରରେ ସମସ୍ତଙ୍କୁ ଅପ୍ୟାୟିତ କରାଯାଇଥିଲା ।

- ଚୈତ୍ରପୂର୍ଣ୍ଣିମା ରଜନୀରେ ସମସ୍ତେ ମହାଆଡ଼ମ୍ବରରେ ଶୋଭାଯାତ୍ରାରେ ନାନାଦି ବାଦ୍ୟ ଘଣ୍ଟ, ଘଣ୍ଟା, କୀର୍ତ୍ତନ ମଣ୍ଡଳୀ, ବ୍ୟାଣ୍ଡପାର୍ଟି ସହିତ 'ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ' ଉପଲକ୍ଷେ ଘଟୋଉଳନ ନିମନ୍ତେ ଗୁପ୍ତ ଯମୁନା ''ଜରିଆ'' ନଦୀ ଘାଟକୁ ଯାତ୍ରାକରି ଅଧିବାସରେ ପ୍ରାରମ୍ଭିକ କର୍ମ ସମାପନ କଲେ । ନାମଯଜ୍ଞ ସ୍ଥଳୀରେ ଅଧିବାସ ଯଥାରୀତି ଶେଷ ହେବାପରେ ବ୍ରାହ୍ମ ମୁହୂର୍ତ୍ତରୁ ଅଷ୍ଟମ ପ୍ରହର ବ୍ୟାପି ନାମସଂକୀର୍ତ୍ତନ ଯଜ୍ଞର ଶୁଭାରମ୍ଭ ହେଲା ।

- ତା୨୬।୪।୯୪ରିଖ, ମଙ୍ଗଳବାର (ବୈଶାଖ କୃଷ୍ଣ ପ୍ରତିପଦ୍) : ଏହିଦିନ ବହୁ ସାଧୁ, ସନ୍ଥ, ଭକ୍ତ ଓ ଆଗନ୍ତୁକ ମାନଙ୍କ ଉପସ୍ଥିତିରେ କ୍ଷିତିଜ୍ୟୋତିଃ ଆଶ୍ରମ ପରିସର ଲୋକାରଣ୍ୟ ହୋଇ ଉଠିଥିଲା, ନାମ ସଂକୀର୍ତ୍ତନରେ ଗଗନ, ପବନ ମୁଖରିତ ହୋଇଥିଲା । ନାମ, ଯଜ୍ଞସ୍ଥଳୀ ଠାରୁ ଆରମ୍ଭ କରି ଆନନ୍ଦ ବଜାର ପର୍ଯ୍ୟନ୍ତ ପ୍ରତ୍ୟେକ ଅନୁଷ୍ଠାନରେ ଉଚ୍ଚ ଶୃଙ୍ଖଳା ଓ ପରିଚାଳକଗଣଙ୍କର ଉଦ୍ବୋଚିତ ଆମାୟିକ ବ୍ୟବହାର ତଥା ସତ୍କାର ଏକ ଶୁଦ୍ଧପୂତ ବାତାବରଣ ସୃଷ୍ଟି କରିଥିଲା । ଇଚ୍ଛାମୟଙ୍କର ଅପାର କରୁଣା, ନିର୍ଦ୍ଧାରିତ କାର୍ଯ୍ୟକ୍ରମ ନିର୍ବିଘ୍ନରେ ସମାହିତ ହୋଇଥିଲା ।

❑❑❑

ଆମର ଲକ୍ଷ୍ୟ : ଚରମପ୍ରାପ୍ତି